ଅନେକ ଅଭୁଲା ମୁହଁ

ଶ୍ରୀ ଶରତ ଚନ୍ଦ୍ର ସାମନ୍ତ

Digitized by srujanika@gmail.com

ଅନେକ ଅଭୁଲା ମୁହଁ

ଶରତ ଚନ୍ଦ୍ର ସାମନ୍ତ

Digitized by srujanika@gmail.com

ଅନେକ ଅଭୁଲା ମୁହଁ
(ଗଳ୍ପ ସଂକଳନ)

ଲେଖକ:
ଶରତ ଚନ୍ଦ୍ର ସାମନ୍ତ
ଏଲ୍.ଆଇ.ଜି.-୯୯୭, କଳିଙ୍ଗ ବିହାର-୪,
ପାତ୍ରପଡ଼ା, ଭୁବନେଶ୍ୱର-୭୫୧୦୧୯
ଦୂରଭାଷ-୯୩୩୭୫୪୦୯୨୨

ପ୍ରଥମ ପ୍ରକାଶନ:
୧୫ ଅଗଷ୍ଟ ୨୦୧୯(ରାଖୀ ପୂର୍ଣ୍ଣିମା)

ପ୍ରକାଶକ:
ପ୍ରଜ୍ଞା ପାରମିତା ପାଣିଗ୍ରାହୀ
ଏଲ୍.ଆଇ.ଜି.-୯୯୭, କଳିଙ୍ଗ ବିହାର-୪,
ପାତ୍ରପଡ଼ା, ଭୁବନେଶ୍ୱର-୭୫୧୦୧୯

ଅକ୍ଷର ବିନ୍ୟାସ ଓ ମୁଦ୍ରଣ
ଶ୍ରୀନନ୍ଦନ ପ୍ରିଣ୍ଟର୍ସ
ୟୁନିଟ-୪, ଭୁବନେଶ୍ୱର
ମୋ-୯୪୩୭୧୭୮୪୨୪

© *ଲେଖକଙ୍କ ଦ୍ୱାରା ସର୍ବସ୍ୱତ୍ୱ ସଂରକ୍ଷିତ*

ମୂଲ୍ୟ
ଟ.୧୦୦.୦୦
(ଏକଶତ ଟଙ୍କା ମାତ୍ର)

Aneka Abhula Muhan
(Collection of Stories)

Writer :
Sarat Chandra Samanta
LIG-997, Kalinga Vihar-4,
Patrapada, Bhubaneswar
Mob. : 9337540922

1st. Edition :
15th August 2019 (Rakhi Purnima)

Publisher :
Pragyan Paramita Panigrahi
LIG-997, Kalinga Vihar-4,
Patrapada, Bhubaneswar

DTP & Printing :
Srinandan Printers
Unit-4, Bhubaneswar
Mob. : 9437178424

©all rights reserved by the Author

Price
Rs.100/-
(Rupees one hundred only)

Digitized by srujanika@gmail.com

ଉତ୍ସର୍ଗ

ବହୁ ଜନାଦୃତ ପୁସ୍ତକ (ଇଂରାଜୀ ଓ ଓଡ଼ିଆ)ର

ସଫଳ ଅନୁବାଦକ

ବନ୍ଧୁ ଶ୍ରୀ ବସନ୍ତ କୁମାର ପାଳଙ୍କୁ

ଶ୍ରଦ୍ଧାର ସହ......

Digitized by srujanika@gmail.com

ସୂଚୀପତ୍ର

କ୍ର.ସଂ	ବିଷୟ	ପୃଷ୍ଠା
	ଅନୁଭୂତିରୁ ପଦେ	୦୫
	ପାଠକେ ବିଚାର କରିବେ...	୦୭
୦୧.	ଯାଯାବର ପୁତ୍ରର କାହାଣୀ	୦୯
୦୨.	ସାଆନ୍ତେ ଆଜି ଥାଆନ୍ତେ କି	୧୮
୦୩.	ଗୁରୁ ଦକ୍ଷିଣା	୩୩
୦୪.	ମାତାଜୀ ନାନୀ	୪୨
୦୫.	ବନ୍ଧ୍ୟାକରଣ	୫୦
୦୬.	ହଜି ଯାଇଥିବା ସ୍ୱପ୍ନ	୬୦
୦୭.	ସ୍ୱର୍ଗର ସଂଧାନେ	୭୦
୦୮.	ବିଷାଦବୃତ୍ତର କାହାଣୀ	୮୨
୦୯.	ଶୂନ୍ୟ ସଂହିତା	୯୧

Digitized by srujanika@gmail.com

ଅନୁଭୂତିରୁ ପଦେଅଧେ...

ଜଣେ ଅନ୍ତରଙ୍ଗ ବନ୍ଧୁଙ୍କ ଅନୁରୋଧକୁ ଏଡାଇ ନପାରି ଜୀବନର ସାୟାହ୍ନରେ ପୁଣି କଲମ ଧରିଥିଲି । କେଇଟା ଦିନରେ ଦେଖିଲା ବେଳକୁ ଗଳ୍ପ ସଂଖ୍ୟା ଆସି ତେଇଶିରେ ପହଞ୍ଚିଗଲା । ସେଇଠୁ ମୁଣ୍ଡରେ ଜୁଟିଲା – ଏଗୁଡ଼ିକ ନେଇ ଏକ ସଂକଳନ ପ୍ରକାଶ କଲେ କେମିତି ହୁଅନ୍ତା ? କିନ୍ତୁ ପାଠକୀୟ ଆଦୃତି ବିନା ଏକ ବ୍ୟର୍ଥ ପ୍ରକାଶନର ଅର୍ଥ କଣ କଥା ବି ମନକୁ ଆସିଲା । ଶେଷରେ ବହୁ ଭାବିଚିନ୍ତି ଲେଖକଟିଏ ବନିଯିବାର ଲାଳସାକୁ ଏଡାଇନପାରି ତଥା ବନ୍ଧୁ ମାନଙ୍କର ପରାମର୍ଶ କ୍ରମେ ତେଇଶିଟି ଗଳ୍ପ ମଧ୍ୟରୁ କେବଳ ଚଉଦଟି ଗଳ୍ପର ସମାହାରକୁ ନେଇ "ଅପହୃତ ମୁହୂର୍ତ୍ତ" ତିନିବର୍ଷ ପୂର୍ବେ ପ୍ରକାଶିତ ହୋଇଥିଲା । ଭାବିଥିଲି ପାଠକୀୟ ସ୍ୱୀକୃତି ନମିଳିଲେ ଏଇଟିହିଁ ହେବ ମୋର ପ୍ରଥମ ତଥା ଶେଷ ପ୍ରକାଶନ ।

ଶ୍ରୀଯୁକ୍ତ ସୁକେଶ ପଟ୍ଟନାୟକ ଦେଶ ବିଦେଶର ଜଣେ ଖ୍ୟାତନାମା ଯାଦୁଗର । ବହୁ ପ୍ରତିଭାର ଅଧିକାରୀ ଶ୍ରୀ ପଟ୍ଟନାୟକ ଜଣେ ପଠନପ୍ରିୟ ବ୍ୟକ୍ତି ମଧ୍ୟ । ମୁଁ ବହିଟିର ଭବିଷ୍ୟତ ନେଇ ନାନା ଆଶା ଆଶଙ୍କା ମଧ୍ୟରେ ଜର୍ଜରିତ ହେଉଥିବା ବେଳେ ସେ ହିଁ ପ୍ରଥମ ବ୍ୟକ୍ତି ଯିଏ ଆମେରିକାରେ ଥାଇ ବି "ଅପହୃତ ମୁହୂର୍ତ୍ତ" ପଢି ପ୍ରସଂଶାରେ ମୋତେ ପୋତି ପକାଇଥିଲେ । ମୋର ନମସ୍ୟ ଶିକ୍ଷାଗୁରୁ, କଟକ ଆକାଶବାଣୀର ଶିଶୁବିଭାଗର ପୂର୍ବତନ ସଂଯୋଜକ ଶ୍ରୀଯୁକ୍ତ ନଦିଆ ବିହାରୀ ମହାନ୍ତି ଜଣେ ଜନପ୍ରିୟ ବ୍ୟକ୍ତି ତଥା ଖ୍ୟାତନାମା ସାହିତ୍ୟିକ । ମୋର "ଅପହୃତ ମୁହୂର୍ତ୍ତ" ପଠନ ଅନ୍ତେ ତାଙ୍କର ମନ୍ତବ୍ୟ ଥିଲା – ଫକୀର ମୋହନଙ୍କ ଲେଖାଭଳି ଲାଗିଲା । ବହୁ ପୁସ୍ତକ ଅଧ୍ୟୟନରେ ରୁଚି ରଖିଥିବା ଜଣେ ପାଠିକାଙ୍କ ଅଭିବ୍ୟକ୍ତି ତ ମୋତେ ସ୍ତମ୍ଭିଭୂତ କରିଦେଲା– ସେ କୁଆଡେ ଉକ୍ତ ପୁସ୍ତକଟିକୁ ଚାରିଥର ପଢିସାରିଲେଣି । ଆଉଜଣେ ପାଠକଙ୍କ ଅଭିଯୋଗ– ମୁଁ କୁଆଡେ ତାଙ୍କର ସ୍ୱର୍ଗବାସୀ ବୋଉକୁ ଆଣି ଥୋଇ ଦେଇଛି ମୋ ଗଳ୍ପରେ । ଏମିତି ଭାବରେ ଅନେକ ପାଠକ/ପାଠିକା ମାନଙ୍କର ଅଭିମତ ମୋତେ ବେଶ୍ ଚମତ୍କୃତ କରିଛି ।

ଶ୍ରୀଯୁକ୍ତ ବୈଷ୍ଣବ ଚରଣ ମହାନ୍ତି ଜଣେ ଜଣାଶୁଣା ଆଗଧାଡିର ସାହିତ୍ୟିକ

Digitized by srujanika@gmail.com

ଓ ଅନେକ ଜନାଦୃତ ବହିର ସ୍ରଷ୍ଟା । ସେ ମଧ୍ୟ ଜଣେ ଉଚ୍ଚକୋଟୀର ପ୍ରାବନ୍ଧିକ ତଥା ସମାଲୋଚକ । ତାଙ୍କ ଜନାଦୃତ ପୁସ୍ତକ "ପାନ ଓ ପ୍ରିୟତମା" ପାଇଁ ସେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପାଇଛନ୍ତି । ମୋର "ଅପସୃତ ମୁହୂର୍ତ୍ତ" ପଠନାନ୍ତେ ତାଙ୍କର ଅଜସ୍ର ପ୍ରଶଂସା ମତେ ଅଭିଭୂତ କରିଦେଇଥିଲା । ଏତଦ୍‌ବ୍ୟତୀତ ବିଶ୍ୱକପ୍ ହକି ଉପଲକ୍ଷେ ଓଡ଼ିଶାର ବିଶିଷ୍ଟ କବି, ଲେଖକ, ଲେଖିକା ମାନଙ୍କର ଯେଉଁସବୁ ଚିତ୍ରପଟ ତଥା ସେମାନଙ୍କ ପ୍ରଣିତ ପୁସ୍ତକ ଗୁଡିକର ବିବରଣୀ ଭୁବନେଶ୍ୱରର ପ୍ରାଚୀର ମାନଙ୍କରେ ଚିତ୍ରିତ କରାଯାଇଛି, ତନ୍ମଧ୍ୟରେ ମୋ ଲିଖିତ "ଅପସୃତ ମୁହୂର୍ତ୍ତ" ବହିଟି ସ୍ଥାନିତ ହୋଇଥିବା ଦେଖି ସର୍ବପ୍ରଥମେ ସେ ହିଁ ମୋତେ ଜଣାଇଥିଲେ । ପୁନଶ୍ଚ ଚମତ୍କୃତ ହୋଇଥିଲି ତାଙ୍କଠାରୁ ଏ ଖବରଟି ଜାଣି ।

ଏଇସବୁ ପୃଷ୍ଠଭୂମୀକୁ ଆଳକରି ଦ୍ୱିତୀୟ ସଂକଳନ ପାଇଁ ଆଗ୍ରହାନ୍ୱୀତ ହେବା ସ୍ୱାଭାବିକ । ତେଣୁ ଅପ୍ରକାଶିତ ଅବଶିଷ୍ଟ ନଅଟି ଗଳ୍ପର ସଂକଳନ "ଅନେକ ଅଭୁଲା ମୁହଁ"ର ପ୍ରକାଶନ ମୁହୂର୍ତ୍ତରେ ମୁଁ ବିଦଗ୍ଧ ପାଠକ/ପାଠିକା ମାନଙ୍କୁ ମୋର ଅନ୍ତରର କୃତଜ୍ଞତା ଜଣାଉଛି । "ଅପସୃତ ମୁହୂର୍ତ୍ତ" ପରି ଏ ବହିଟି ବି ପାଠକୀୟ ଆଦୃତି ଲାଭ କରିବ ବୋଲି ମୋର ବିଶ୍ୱାସ ।

ସର୍ବଶେଷରେ ସର୍ବଦା କର୍ମବ୍ୟସ୍ତ ଶ୍ରୀଯୁକ୍ତ ବୈଷ୍ଣବ ଚରଣ ମହାନ୍ତି ତାଙ୍କର ମୂଲ୍ୟବାନ ସମୟ ଅପଚୟ କରି ସ୍ୱତଃପ୍ରବୃତ ଭାବରେ "ଅନେକ ଅଭୁଲା ମୁହଁ" ନିମନ୍ତେ ଦେଇଥିବା ସାରଗର୍ଭକ ଅଭିମତଟିକୁ ସ୍ଥାନିତ କଲାବେଳେ ତାଙ୍କ ନିକଟରେ ବିନମ୍ର କୃତଜ୍ଞତା ଜ୍ଞାପନ କରୁଛି ।

ଶରତ ଚନ୍ଦ୍ର ସାମନ୍ତ

• • •

Digitized by srujanika@gmail.com

ବୈଷ୍ଣବ ଚରଣ ମହାନ୍ତି
ଆମ ଘର
୧୨-ମୈତ୍ରୀ ଜନପଦ
ନହରକଣ୍ଟା, ଭୁବନେଶ୍ୱର
ଖୋର୍ଦ୍ଧା-୭୫୨୧୦୧, ଓଡ଼ିଶା
Ph. : 0674-2463363, Mob.: 9437418867
e-mail : mbaishnaba@yahoo.co.in

ପାଠକେ ବିଚାର କରିବେ...

କହିଲେ ହୁଏ କଥା, ଗପିଲେ ହୁଏ ଗପ । ବହୁତ କହିକହି କେତେକ 'କୁହାଳିଆ' ବା ଗପିଗପି 'ଗପୁଡି' ଆଖ୍ୟା ପାଇଥାନ୍ତି ସିନା, କିନ୍ତୁ 'ଗାଳ୍ପିକ' ହୋଇ ପାରିନଥାନ୍ତି । ଗାଳ୍ପିକ ହେବାକୁ ହେଲେ ଗଳ୍ପ ଲେଖିବାକୁ ହୁଏ । ଗାଳ୍ପିକ ହେବାର ଆଶା ନେଇ ଗଳ୍ପ ପାଇଁ କଞ୍ଚାମାଲ ଖୋଜିଖୋଜି କେତେକଙ୍କ ଜୀବନ ବିତିଯାଇଛି ସତ, କିନ୍ତୁ କଞ୍ଚାମାଲ ଅଭାବରୁ ତାଙ୍କ ଦିହାତି ଗପଟିଏ ଲେଖିହୋଇନି ।

ସତ କହିବାକୁ ଗଲେ ଏଠି ଗଳ୍ପପାଇଁ କଞ୍ଚାମାଲର ଏକ ସହଜ ସନ୍ଧାନ ଦେଇଛନ୍ତି "ଅନେକ ଅଭୁଲା ମୁହଁ" ଗଳ୍ପଗ୍ରନ୍ଥର ଗାଳ୍ପିକ ଶ୍ରୀଯୁକ୍ତ ଶରତ ସାମନ୍ତ । ସଂଜ୍ଞା ତାଙ୍କର 'ସାମନ୍ତ' କିନ୍ତୁ ସାହିତ୍ୟ ସାହିକି ଆସିଲାବେଳେ ସେ ସାମନ୍ତିଆ ଶବ୍ଦରେ ନ କହି ସାଧାରଣିଆ ଶବ୍ଦରେ କହିଛନ୍ତି । ସେ କହିଛନ୍ତି, କିନ୍ତୁ କୁହାଳିଆ ହୋଇନାହାନ୍ତି; ଗପିଛନ୍ତି କିନ୍ତୁ ଗପୁଡି ପାଲଟିନାହାନ୍ତି । ଏକ ଅନନ୍ୟ ଶୈଳୀରେ ସେ ଆପଣାର ସ୍ୱରକୁ ଶବ୍ଦକରି କଲମର କାଳିରେ କାଗଜ ଉପରେ ଆଙ୍କିଛନ୍ତି । ଗଳ୍ପଗୁଡିକୁ ପଢିଲେ ଲାଗୁଛି ସତେ ଅବା ସେ ପାଖରେ ବସି ଗପୁଛନ୍ତି, ଅତି ସହଜରେ ଅବଲୀଳାକ୍ରମେ ସେ ପାଠକକୁ ଶ୍ରୋତା କରି ବସେଇ ଗପ ଶୁଣେଇବାର ଅନୁଭବ ଆଣିଦେଇଛନ୍ତି । ପାଖରେ ବସି ଆପଣାର ଲୋକଟି କଥା ଶୁଣିବା ବେଳେ କଥା ମଝିରୁ ଯେପରି ଉଠିଯାଇ ପାରେନି, ପାଠକ ସେମିତି ତାଙ୍କ ଗପ ଅଧାରୁ ପଢା ଛାଡି ଉଠିପାରିବନି ।

ଆଉ ଗୋଟିଏ କଥା ହେଲା ଶ୍ରୀଯୁକ୍ତ ସାମନ୍ତଙ୍କ ଏଇ ଗପ ପଢିଲେ ଧାରଣା ହେବ- ଏ ଜୀବନଟା ପ୍ରକୃତରେ ଗଳ୍ପମୟ । ଆମ ଚାରିପାଖେ ଗପଗୁଡାକ ସତେ ଯେମିତି ଗାଲୁରୁମାଲୁରୁ ହୋଇ ଗେହ୍ଲେଇ ହୋଇ ବୁଲୁଛନ୍ତି, ଆମେ ଖାଲି ଧରିବାର

Digitized by srujanika@gmail.com

ଅଛି । ଆଉ ବି ଧାରଣା ହେବ- ଏ ଦୁନିଆଟା ସତେ ଯେମିତି ଚରିତ୍ରର ଏକ ଚିତ୍ରଶାଳା, ଆମକୁ ଖାଲି ଚରିତ୍ରର ଚିତ୍ରଗୁଡାକୁ ଆଙ୍କିବାର ଅଛି ।

ଆପଣା ଜୀବନର ଚଲାପଥରେ ଚାଲୁଚାଲୁ ସେ ଭେଟିଥିବା ଆଉ ଭୁଲିନଥିବା କେତେକ ମୁହଁର ଚିତ୍ର ଆଙ୍କୁଆଙ୍କୁ ତାହା "ଅନେକ ଅଭୁଲା ମୁହଁ"ର ରୂପ ନେଇଛି ଏବଂ ଏହାଦ୍ୱାରା ଆପଣା ଅଜାଣତରେ ସେ ଗଳ୍ପ ଆଉ ଆତ୍ମଜୀବନୀର ଏକ ସମନ୍ୱିତ ସାରସ୍ୱତ ସନ୍ଧି ସୃଷ୍ଟି କରିବସିଛନ୍ତି । ଜୀବନଟା ଯଦି ଗଳ୍ପମୟ ହୁଏ, ଗୋଟାଏ ଗଳ୍ପମୟ ଜୀବନର ଅଳ୍ପ କିଛି ଗଳ୍ପକୁ ଗୁନ୍ଥିଦେଲେ ତାହା ଆତ୍ମଜୀବନୀର କେତେଟା ଅଧ୍ୟାୟ ନହେବ କାହିଁକି ? ତେବେ ଏହା ଲେଖକଙ୍କ ଗଳ୍ପ ନା ଆତ୍ମଜୀବନୀ ? ଆତ୍ମଜୀବନୀ ନା ଗଳ୍ପ ? - ଏ କଥା ପାଠକେ ବିଚାର କରିବେ...

(ବୈଷ୍ଣବ ଚରଣ ମହାନ୍ତି)

Digitized by srujanika@gmail.com

ଯାଯାବର ପୁତ୍ରର କାହାଣୀ

ତା' ମୋ ଭିତରେ ବୟସର ତାରତମ୍ୟ ବର୍ଷଟିଏ ମାତ୍ର । ସେ ମୋଠାରୁ ବର୍ଷେ ବଡ଼, ଆଉ ମୁଁ ତାଠୁଁ ବର୍ଷେ ସାନ । ଏଇ ବର୍ଷଟିଏ ବଡ଼ର ମହତ୍ତ୍ୱକୁ ସେ ସବୁବେଳେ ଜାହିର କରୁଥିଲା । ତା' କଥା ନ ମାନିଲେ ତା'ହାତ ମୋ ଗାଲ, ପିଠି ଉପରେ କରାମତି ଦେଖେଇବାରେ ତିଳେମାତ୍ର ଡେରି କରୁନଥିଲା । ଅସହାୟ କ୍ରନ୍ଦନ ଛଡ଼ା ମୋର ଆଉ କିଛି କରିବାର ନଥାଏ । ବୟସରେ, ଶରୀର ଗଠନରେ, ଶକ୍ତିରେ ମୁଁ ତାଠୁ ଢେର ଊଣା ଥିଲି । ତେଣୁ ନ୍ୟାୟ ମୋ ସପକ୍ଷରେ ଯାଉଥିଲା; ଯେତେ ରକମ ସଫେଇ ସେ ଦେଉଥିଲେ ବି । ନ୍ୟାୟପତିଙ୍କଠାରୁ ଗାଳି ଛଡ଼ା ବେଳେବେଳେ ଚାପୁଡ଼ା ଦି' ଚାପୁଡ଼ା ତାକୁ ମିଳୁଥିଲା । ଯେହେତୁ ସେ ଦେଖିଲା, ନ୍ୟାୟପତିଙ୍କଠାରୁ ତା' ସପକ୍ଷରେ ନ୍ୟାୟ ମିଳିବା ଏକ ଦୁରୂହ ବ୍ୟାପାର; ଆଉ ଏ ସବୁ ବ୍ୟାପାରରେ ନ ପଶି, ଚଟାପଟ ଗୋଟେ ଦି'ଟା ଗପୁଡା ମୋ ଗାଲ ହେଉ ବା ପିଠି, ସୁବିଧାମତେ ଥୋଇ ଦେଇ ତତ୍‌କ୍ଷଣାତ୍ ସ୍ଥାନ ପରିତ୍ୟାଗ କରି ନିକଟସ୍ଥ ଆମ୍ବ ବଗିଚାରେ ଅନ୍ତର୍ଦ୍ଧାନ ହୋଇଯାଉଥିଲା । ବଳରେ ସିନା ମୁଁ ତାକୁ ପାରିବି ନାହିଁ, ଚତୁରତାରେ ମୁଁ ତା'ଠୁ ଜମା ଊଣା ନଥିଲି । ସେ ତା' ହାତ ଉଠାଇବା ମାତ୍ରେ ମୁଁ ଏମିତି ଚିତ୍କାର ଆରମ୍ଭ କରି ଦେଉଥିଲି ଯେ ତା' ପାପୁଲି ମୋ ପିଠି କିମ୍ବା ଗାଲ ଛୁଇଁଥିବ କି ନାହିଁ, ପଳେଇ ଯିବାକୁ ତାକୁ ତର ସହୁନଥିଲା ।

ଏ ଅସାମଞ୍ଜସ୍ୟ ଲଢ଼େଇକୁ ଦେଖି ବୋଉକୁ କେହି ପଚାରିଲେ ବୋଉର ସଂକ୍ଷିପ୍ତ ଉତ୍ତରଟିଏ - "ଅୟୁଣ୍ଡୁ ପଇଣ୍ଡୁ ଦି'ଜଣ । ଟିକେ ବଡ଼ହେଲେ ବଳେ ବଡ଼ଟା ସୁଧୁରି ଯିବ ।" ତାହା ହିଁ ଘଟିଲା । ନନା ଟିକିଏ ବଡ଼ ହେବାମାତ୍ରେ ଢାଲ ଭଳି ମତେ ଆଡୁଆଳ କରୁଥିଲା ପ୍ରତିପକ୍ଷ କବଳରୁ ।

ବଣ ବିଛୁଆତି ଦୁଇପତ୍ର ବେଳୁ କୁଣ୍ଡେଇ ହେଲା ଭଳି, ନନାର ପିଲାବେଳର ଦୁଷ୍ଟାମି ବଢ଼ିଲା ସିନା, କମିବାର ନାଁ ଗନ୍ଧ ଧରିଲା ନାହିଁ । ଘରୁ ବସ୍ତାନି ଧରି ସ୍କୁଲ ବାହାରିଯିବ, ବାଟରେ ତା'ରି ଭଳି ସାଙ୍ଗଟିଏ ଜୁଟିଗଲେ, ସ୍କୁଲ ନ ଯାଇ ଦି' ଜଣ ଚମ୍ପଟ ମାରିବେ । ଏଣେ ଗୁରୁଜୀ ପଚାରିଲେ ଜର କିମ୍ବା ଝାଡ଼ା ହେଉଛି ବୋଲି କିଛି ଗୋଟାଏ କହିଦେବାକୁ ମୋତେ ନିର୍ଦ୍ଦେଶ ଦେଇଥିବ । ଏଣେ ଗୁରୁଜୀ ତା ଅନୁପସ୍ଥିତିର କାରଣ ପଚାରିଲେ, ନନା ନିର୍ଦ୍ଦେଶମତେ ମୁଁ ଉତ୍ତର ଦେଇଥାଏ । ଗୁରୁଜୀ ମୋ କଥାରେ

Digitized by srujanika@gmail.com

ବିଶ୍ୱାସ କରନ୍ତି । ଏଣେ ଘରକୁ ଫେରି ବୋଉକୁ ସବୁ ସତକଥା କହିଦିଏ । ଆଉ ବୋଉ ମୋର ବଞ୍ଚିଥିଲା ପର୍ଯ୍ୟନ୍ତ କେବେ ତା' ଛୁଆଙ୍କ ଉପରେ ହାତ ଉଠାଏ ନାହିଁ । ନନାକୁ କେବଳ ତାଗିଦ୍ କରେ । ଖାଇବାକୁ ଦେବନାହିଁ ବୋଲି ଧମକାଏ, କିନ୍ତୁ ଖାଇବାକୁ ଦିଏ ଦି'ଗୁଣ ଶ୍ରଦ୍ଧାରେ, ନନାକୁ ଧମକେଇଥିବା ହେତୁ । ବାପା ତ ଘରେ ରୁହନ୍ତି ନାହିଁ । ଆସିଲେ ତାଙ୍କ ଆଗରେ ଫେରାଦ ହୁଏ । ଦଣ୍ଡ ଦେବାକୁ ବସିଲେ ପାଚେରି ଭଳି ଆଗରେ ଠିଆ ହୋଇଯାଏ । ବାପାଙ୍କର ଅନୁପସ୍ଥିତି, ବୋଉର ଅତ୍ୟଧିକ ସ୍ନେହର ସୁଯୋଗ ନେଇ, ନନା ତା' ପଢ଼ାପଢ଼ିରେ ଅତିଶୟ ଅମନଯୋଗୀ ହୋଇ ସପ୍ତମଶ୍ରେଣୀରୁ ପଢାଛାଡ଼ି ଦେଲା । କୁଆଡ଼େ ନାଇଁ କୁଆଡ଼େ ବୁଲିଲା ଶୃଙ୍ଖଳାର ବନ୍ଧନ ଛିଡ଼ାଇ । ସେତେବେଳେ ହରିନାଥଙ୍କର ପାଲା ଗାୟକ ଭାବରେ ଖୁବ୍ ସୁନାମ ଥିଲା । ପାଲା ଗାୟକଟିଏ ହେବବୋଲି ଦିନାକେତେ ତାଙ୍କ ପଛରେ ଗୋଡ଼େଇଲା । କିଛି କିଛି ବି ଶିଖିଲା ତାଙ୍କଠାରୁ । କଣ୍ଠଟି ତା'ର ଭଲ ଥିଲା । ମନେ ବି ରଖିପାରୁଥିଲା ପାଲାର ବିଷୟ ବସ୍ତୁରୁ ଛାନ୍ଦ ପଦ୍ୟସବୁ । ତେଣୁ ଯେତକ ଶିଖିଥିଲା ତାକୁ ପୁଞ୍ଜିକରି ଗାହାଣଟିଏ ହେବାର ନିଷ୍ପତ୍ତି ନେଲା । କିନ୍ତୁ ଦଳଟିଏ ଗଢ଼ିବା ପାଇଁ ପାଳିଆ ମିଳିଲେ ନାହିଁ । ତତ୍କାଳୀନ ସାମାଜିକ ବ୍ୟବସ୍ଥାରେ, ପେଟ ପୋଷିବା ପାଇଁ କୃଷିକାମ ଛାଡ଼ି, ହାତରୁ ଖାଇ ଘୋଡ଼ା ଚଢ଼ିବା ଭଳି କେଉଁ ଟୋକାର ବେଳ ଅଛି ଯେ ପାଳିଆ ହୋଇ ନନା ପଛରେ ଗୋଡ଼େଇବ? ନନା ଢେର ଚେଷ୍ଟା କଲା । କିନ୍ତୁ ଅସଫଳ ହେଲା । ତା' କଣ୍ଠକୁ, ତା' ପାଲା ପରିବେଶଣକୁ ସମସ୍ତେ ତାରିଫ୍ କରୁଥିଲେ । କିନ୍ତୁ ସେ ସବୁ ବ୍ୟର୍ଥଗଲା । ଜୀବନର ପ୍ରଥମ ପ୍ରଚେଷ୍ଟାରେ ସେ ସମ୍ପୂର୍ଣ୍ଣ ଫେଲ୍ ମାରିଲା ।

ଘରେ ଗଣ୍ଡେ ଖାଇବାରେ କିଛି ପ୍ରତିବନ୍ଧକ ନଥିଲା । ଦିନମାନ କୁଆଡ଼େ କୁଆଡ଼େ ବୁଲିବ । ଖାଇବା ବେଳ ହେଲେ ଘରେ ପହଞ୍ଚିଯିବ । ବୋଉ ନ ଖାଇ ଅପେକ୍ଷା କରିଥିବ । ତାକୁ ଖାଇବାକୁ ଦେଇ ବିଞ୍ଚଣା କରୁଥିବା ବେଳେ ଘୋଡ଼ାକୁ ଭାଗବତ ଶୁଣାଇଲା ଭଳି ଢେରଢେର ବୁଝାଇବ । ଖାଇସାରି ସୁନାପିଲାଟିଏ ଭଳି ଶୋଇ ପଡ଼ିବା ପାଇଁ କହିବ । ଖରାରେ ବୁଲି ମୁହଁଟି ତା'ର କଳା ପଡ଼ିଯାଇଥିବା ହେତୁ, ତା' ଲୁଗାକାନିରେ ମୁହଁକୁ ସଯତ୍ନରେ ପୋଛିଦେବ । ତା' ଭଗ୍ନ ସ୍ୱାସ୍ଥ୍ୟଦେଖି ଆଖିରେ ତାର ଲୁହ ଜକେଇ ଆସିବ । ପିଠି ସାଉଁଳାଇ ଦେବ । ଖରାରେ ନ ବୁଲିବା ପାଇଁ ତା' ପାଖରେ ନେହୁରା ହେବ । ତାକୁ ଭଲ ବାଟକୁ ଆଣିବା ପାଇଁ ଗ୍ରାମଦେବତୀ ଐଶାନ୍ୟ ଚଣ୍ଡୀଙ୍କ ପାଖରେ ଗୁହାରି କରିବ । ନନା ଚୁପ୍‌ଚାପ୍ ପେଟେ ଗେଫିଦେଇ ସୁଧାର ପିଲାଟିଏ ଭଳି ସପଖଣ୍ଡିଏ ପାରି ଶୋଇବାର ବାହାନା କରିବ । ଏଣେ ବୋଉ ଶୁଖିଲା ଭାତ, ଉଚ୍ଛିଷ୍ଟ ତରକାରି ଟିକିଏ ଧରି ମହା ଆନନ୍ଦରେ ଖାଇସାରି, ବାସନକୁଶନ ମାଜି, ହାଣ୍ଡିଆଟିକା ଧୋଇ, ଭାତ ପଖାଳି, ରୋଷେଇ

Digitized by srujanika@gmail.com

ଘର ସଫାସୁତୁରା କରିସାରି ଦେଖିଲାବେଳକୁ ଦାଣ୍ଡ ଦୁଆର ବାଟେ ନନା ଚମ୍ପଟ ମାରିସାରିଥିବ । ଦୀର୍ଘ ନିଶ୍ୱାସଟିଏ ଛାଡ଼ି ବୋଉ, ନନା ପାରିଥିବା ସପରେ ଘଡ଼ିଏ ଗଡ଼ପଡ଼ ହେବ ମୋର ସ୍କୁଲ ଫେରିବାକୁ ଅପେକ୍ଷା କରି ।

ଚଢ଼େଇଟିଏ ଭଳି ଦିନମାନ କୁଆଡ଼େ କୁଆଡ଼େ ବୁଲିବୁଲି ରାତିରେ ଘରକୁ ଫେରୁଥିବା ନନା, ଦିନେ ସକାଳୁ ଗଲା ଯେ ଆଉ ଘରକୁ ଲେଉଟିଲା ନାହିଁ । ଦିନ ଯାଇ ରାତି ହେଲା ପୁଣି ରାତିପାହି ସକାଳ ହେଲା, ନନାର ଦେଖାଦର୍ଶନ ମିଳିଲା ନାହିଁ । କେହି ବି ତାର ସନ୍ଧାନ ଦେଇ ପାରିଲେ ନାହିଁ । ବନ୍ଧୁବାନ୍ଧବ ଘର ସବୁଠିକି ଖବର ପଠାଗଲା । ଆମ ଅଞ୍ଚଳର ବହୁ ଲୋକ କଲିକତାରେ ଜୀବିକା ନିର୍ବାହ କରନ୍ତି, କିଏ ପାନ ଦୋକାନ କରି, କିଏ ଚଟ କଳରେ କୁଲିଗିରି କରି, କିମ୍ବା ଗଙ୍ଗା ଘାଟରେ ପୂଜାପୂଜି କରି । ସନ୍ଦେହ କରାଗଲା ଏମାନଙ୍କ ଭିତରୁ କେହି କଲିକତା ବାହୁଡ଼ାଙ୍କ ସହିତ ମିଶି କଲିକତା ଚାଲିଯାଇଥାଇ ପାରେ । ଅନୁସନ୍ଧାନରୁ ଜଣାଗଲା ଯେ ସେ ଅନ୍ତର୍ଦ୍ଧାନ ହେବା ଦିନ କେହି ବି କଲିକତା ଯାଇ ନାହାନ୍ତି ଆମ ଅଞ୍ଚଳରୁ । ଶେଷରେ ନିରାଶ ହୋଇ କାନ୍ଦି ବୋବେଇ ଠାକୁରଙ୍କଠାରେ ଢେର୍ ଢେର୍ ମାନସିକ ରଖି ବୋଉ ଚୁପ ରହିଲା ।

ସମୟର ଗତି ସହିତ ତାଳଦେଇ ମାସପରେ ମାସ ପ୍ରାୟ ଛଅ ମାସ ବିତିଗଲା । ଦିନେ ଦ୍ୱିପ୍ରହର ସମୟରେ ହଠାତ୍ ନନାର ଆବିର୍ଭାବ ହେଲା ଆମ ଗାଆଁରେ; ଭିନ୍ନ ରୂପରେ, ଗେରୁଆ ବସ୍ତ୍ର ପରିହିତ ଏକ ସନ୍ନ୍ୟାସୀ ବେଶରେ । ଗୃହତ୍ୟାଗୀ ସନ୍ନ୍ୟାସୀ ସେ, ଘରକୁ ଫେରିବାର ଗୁରୁଙ୍କର ଆଦେଶ ନାହିଁ । ତେଣୁ ଆମ ଘରକୁ ନ ଆସି, ଗ୍ରାମ ସୀମାରେ ଥିବା ଏକ ସାହାଡା ଗଛତଳେ ଗେରୁଆ ରଙ୍ଗର ମୁଣିଟିଏ ଥୋଇ ପଦ୍ମାସନରେ ବସି ଆଖିବୁଜି ଧ୍ୟାନରେ ନିମଗ୍ନ ରହିଲା । ଏ ଖବର ପ୍ରଚାରିତ ହେଉହେଉ ଗ୍ରାମର ଆବାଳବୃଦ୍ଧବନିତା ତା' ପାଖରେ ରୁଣ୍ଡ ହୋଇଗଲେ । ନନା ଆଖି ଖୋଲି ସମସ୍ତଙ୍କୁ ଦେଖିଲା । ସେ ଏବେ ସନ୍ନ୍ୟାସୀ । ଗୃହ ସହିତ ତାର କୌଣସି ସମ୍ପର୍କ ନାହିଁ । ତେଣୁ ଘରକୁ ଫେରିବାର ପ୍ରଶ୍ନ ନାହିଁ ବୋଲି ଜଣେଇ ଦେଲା ।

ଯଥା ସମୟରେ ଏ କଥା ବୋଉ କାନକୁ ଗଲା । ବୋଉ ସବୁ ଶୁଣିଲା, ଚୁପ୍ ରହିଲା । ନନା ପାଖକୁ ଡାକିବାକୁ ଗଲାନାହିଁ । ମୋତେ ଡାକିନେଇ ଚୁପ୍‌ଚୁପ୍ ପଚାରିଲା, ତୁ ତାକୁ ଦେଖିଲୁଣି ? ମୁଁ ଯାହା ଦେଖିଥିଲି, ଠିକେଠିକେ ସବୁ କହିଦେଲି । ଯାହା ଶୁଣିଥିଲି, ତା'ବି କହିଲି ।

ସଞ୍ଜବେଳ ଗଡ଼ି ଯେତେବେଳେ ରାତି ଘଡ଼ିଏ ହେଲା, ବୋଉ ମୋତେ ପାଖକୁ ଡାକି କହିଲା, ଚାଲ୍‌ଯିବା ତୋ ନନା ପାଖକୁ ।

Digitized by srujanika@gmail.com

ମୁଁ କହିଲି ବୋଉ ! ଏଇ ଅନ୍ଧାରରେ ଯିବା ? ସେ କିଛି ଉତ୍ତର ନଦେଇ ମୋ ହାତ ଧରି ଯାଇ ନନା ପାଖରେ ପହଞ୍ଚିଲା । ସେଇ ଅନ୍ଧାରରେ ନନା ସାହାଡ଼ା ଗଛ ମୂଳରେ ବସିଥାଏ । ତା' ପାଖରେ ଜନଗହଳି ନଥାଏ । କିନ୍ତୁ ଆମ ଗାଁର ତିନି ଚାରି ଜଣ ସମବୟସ୍କ ଟୋକା ତାକୁ ଘେରି ବସିଥାନ୍ତି । ପରସ୍ପର ଭିତରେ କଣ କଥା ସବୁ ହେଉଥାନ୍ତି । ସେଇ ଅନ୍ଧାର ଭିତରେ ବି ନନା ବୋଉକୁ ଚିହ୍ନିପାରି ଉଠିଆସି ଦଣ୍ଡବତ କଲା ।

ସମସ୍ତ ଯନ୍ତ୍ରଣାକୁ ମନଭିତରେ ଚାପିରଖି ବାଷ୍ପରୁଦ୍ଧ କଣ୍ଠରେ ବୋଉ କହିଲା - "ହଉ, ଢେର ହୋଇଗଲା । ଏବେ ବାପା, ଘରକୁ ଚାଲ !" ନନା ଧୀର ଗଳାରେ କହିଲା "ବୋଉ ! ମୁଁ ସନ୍ନ୍ୟାସ ଧର୍ମ ଗ୍ରହଣ କରିଛି । ଗୁରୁଦେବଙ୍କର ଆଦେଶ ନାହିଁ, ଘରେ ରହିବାକୁ ।"

ବୋଉ କିଛି ସମୟ ନିରବ ରହିଲା । ଆଖିରୁ ତା'ର ଲୁହ ଦୁଇଧାର ଗଡ଼ି ଗାଲରେ ବୋହି ସେଇ ଅନ୍ଧାର ଭିତରେ ଚକ୍‌ଚକ୍ କରୁଥାଏ । ଟିକିଏ କ'ଣ ଭାବି ନନାକୁ ପଚାରିଲା - ତେବେ ରାତିରେ ଶୋଇବୁ କେଉଁଠି ? ଏଇ ସାହାଡ଼ା ଗଛ ମୂଳରେ ସାପ ବେଙ୍ଗର ଅଭାବ ନାହିଁ । କାମୁଡ଼ା ଶିଆଳଗୁଡ଼ା ରାତିରେ ହାଉହାଉ ହୁଅନ୍ତି । ଭୂତ, ପ୍ରେତ ତ ରାତି ହେବାକୁ ଅନେଇ ବସିଥାନ୍ତି ।

ନନା କିଛି ଉତ୍ତର ନ ଦେଇ ନିରବ ରହିଲା । ବୋଉ କହିଲା, ଆମ ଦାଣ୍ଡରେ ଠାକୁର ବଙ୍ଗଳା ଅଛି । ପାଖକୁ ଲାଗି ତୁ ତିଆରି କରିଥିବା ଲାଇବ୍ରେରୀ ଘର । ସେଇଠି ଶୋଇ ପଡ଼ିବୁ । ଘରକୁ ନ ଗଲୁ ନାଇଁ । ଆ, ଏବେ ମୋ ସାଙ୍ଗରେ ।

ବୋଉକୁ ସମର୍ଥନ କରି, ଟୋକା ଦଳଟି ଏକ ପ୍ରକାର ନନାକୁ ବାଧ୍ୟ କଲେ ଲାଇବ୍ରେରୀ ଘରେ ଶୋଇବାପାଇଁ । ନନା ସେଇ ଅନ୍ଧାର ଭିତରେ ତା'ର ଗେରୁଆ ମୁଣିଟି ଧରି ବୋଉ ସାଙ୍ଗରେ ଲାଇବ୍ରେରୀ ଘରକୁ ଆସିଲା । ଟୋକା ଦଳଟି ବି ଆସିଲେ ନନା ସଙ୍ଗରେ ।

ଅରୁଆ ଚାଉଳ ଘରେ ନଥିଲା । ବୋଉ ହେମଦସ୍ତାରେ କୁଟି ଅରୁଆ ଚାଉଳ ବାହାରକଲା । ଆଳୁ, ବାଇଗଣ ବଡ଼ି ଝୋଳକଲା । ଆଳୁ ଚକଟା ଟିକିଏ ବି ପ୍ରସ୍ତୁତ କଲା । ଗୋଟିଏ ଥାଳିରେ ଥାଳିଏ ଭାତ ବାଢ଼ି ନିଜ ହାତରେ ସବୁ ଧରି ମୋତେ ପାଣିଡାଳ ଟିଏ ବଢ଼େଇ ଦେଇ ରାତି ଦି'ପ୍ରହର ବେଳକୁ ନନା ପାଖରେ ପହଞ୍ଚିଗଲା । ଦିନଟାମାନ ତା'ର ପେଟକୁ କିଛି ଯାଇନାହିଁ । ସଙ୍ଗରେ ଆଣିଥିବା ଗେରୁଆ ମୁଣି ଭିତରୁ

Digitized by srujanika@gmail.com

କ'ଣ ଦିଟା ବାହାର କରି ପାଟିରେ ପକଉଥିଲା ବୋଲି ମୋ ଠାରୁ ଶୁଣିଥିଲା । ଭୋକରେ ପେଟ ଗର୍ଜନ କରୁଥିବ । ଆଉ ନିଦ ଆସିବ କୁଆଡୁ ? ନନା ଖାଲି ଏପାଖ ସେପାଖ ହେଉଥାଏ । ବୋଉକୁ ଦେଖି ଧଡ଼ପଡ଼ ହୋଇ ଉଠିବସିଲା । ବୋଉ ତା' ଆଗରେ ସବୁତକ ଥୋଇଦେଲା ।

ଖା' ବାପ ! ଖା' ! କାଲେ ଉସୁନା ଖାଇବୁ ନାହିଁ ବୋଲି ତୋ ପାଇଁ ଅରୁଆ କରିଛି । ତୋ ବୋଉ ହାତରନ୍ଧା ଖାଇଲେ ତୋର ବ୍ରହ୍ମ ଅପବିତ୍ର ହେବନାହିଁ । ତୋ ଗୁରୁ ଅନ୍ତତଃ ଏତିକି ବୁଝିଥିବେ । ବୋଉ ଆଉ କଣ କହିବାକୁ ଚାହୁଁଥିଲା । କଣ୍ଠ ତା'ର ବାଷ୍ପରୁଦ୍ଧ ହୋଇ ଆସିଲା । କହି ପାରିଲା ନାହିଁ ।

ନନା ନିରବରେ ଉଠି, ମୋଠୁ ପାଣି ଢାଳଟି ନେଇ, ମୁହଁ ହାତ ଭଲ ଭାବରେ ଧୋଇ ଦେଲା । ତା' ପରେ ଯାଇ ଚେକାପକାଇ ଭାତ ଥାଳି ପାଖରେ ବସିଗଲା । କ'ଣ ସବୁ ଗାଡୁଗାଡୁ କରି ମନ୍ତ୍ରସବୁ ବୋଲିଲା । ତା' ଗୁରୁଙ୍କ ଉଦ୍ଦେଶ୍ୟରେ ଚଳୁ କରିସାରି, ଟାଉଟାଉ କରି ଭାତ ଗୁଣ୍ଡାଗୁଡ଼ାକ ଗିଳିଦେବାକୁ ଲାଗିଲା । (ଖାଇଲା କହିଲେ ଏ କ୍ଷେତ୍ରରେ ଯଥାର୍ଥବୋଧକ ହେବ ନାହିଁ) ବୋଉ ବିଞ୍ଚଣା ଖଣ୍ଡିଏ ଧରି ବିଞ୍ଚି ଦେଉଥାଏ । ସୁକୁସୁକୁ ହୋଇ କାନ୍ଦୁଥାଏ । ନିର୍ବାକ୍ ନନା, ମୁହଁଟେକି ବୋଉକୁ ଚାହିଁବାକୁ ସାହସ ଜୁଟାଇ ପାରୁନଥାଏ ।

ତହିଁ ଆରଦିନ ସକାଳ ହେଉ ନହେଉଣୁ ମୁଁ ଉଠି ପଡ଼ିଲି । ଦେଖିଲି ବୋଉ ଚାଉଳ ବାଟିସାରି ପିଠା କରୁଛି । ମୋତେ ଶୀଘ୍ର ଦାନ୍ତ ଘସି ଆସିବା ପାଇଁ କହିଲା । (ଝାଡ଼ାଯିବା ବାଲୁତ ବୟସରେ ମୋର ନିତ୍ୟକର୍ମରେ ଯୋଗ ହୋଇ ନଥାଏ) । ବୁଝିଲି, ବୋଉ କାହିଁକି ଏତେ ସକାଳୁ ସକାଳୁ କାହାପାଇଁ ପିଠା କରି ବସିଛି । ଆଉ ମଧ୍ୟ ବୁଝିଲି, କାହିଁକି ବୋଉ ସକାଳେ ନିଜେ ପିଠା ନ ନେଇ ମୋ ହାତରେ ପାଣି ଢାଳେ ସହିତ ପଠେଇ ଦେଲା । ସାଇ ପଡ଼ିଶା ଥଟ୍ଟା ତାମସା କରୁଥାନ୍ତି । ନିରୁତ୍ତର ବୋଉ କେବଳ ଲୁହ ଗଡାଉଥାଏ ନିରବରେ, ନିକାଞ୍ଚନରେ ।

ମୁଁ ନନା ପାଖରେ ପହଞ୍ଚିଲା ବେଳକୁ ସୂର୍ଯ୍ୟ ଉଦୟ ହୋଇନଥାନ୍ତି । ନନା ଅନ୍ଧାର ଥାଉଥାଉ ସମସ୍ତଙ୍କ ଅଗୋଚରରେ ନିଜର ନିତ୍ୟକର୍ମ ସାରିଦେଇଥାଏ । ବିନା ବାକ୍ୟବ୍ୟୟରେ ମୋଠୁ ପିଠା ତକ ନେଇ ଖାଇଲା ଏବଂ ଖଣ୍ଡିଏ ଦାଆ, କଟୁରି ଏବଂ କୋଦାଳଟିଏ ଆଣିବା ପାଇଁ ଆଦେଶ ଦେଲା । ସେ ମୋତେ ଆଦେଶ ଦିଏ, ମୋଠୁ ବଡ଼ ଅଧିକାରରେ । ମନେ ପଡ଼ିଲା, ତାର ଏଇ ଅଧିକାରକୁ ମୁଁ ପୂର୍ବରୁ ଅବଜ୍ଞା କରିଥିବାରୁ

Digitized by srujanika@gmail.com

ମୋର ଗାଲ ଏବଂ ପିଠି କିପରି ତା'ର ହାତର ସ୍ପର୍ଶରେ ରଙ୍ଗିନ୍ ହୋଇ ଉଠିଛି । ଏବେ ଅବଜ୍ଞା କରିବାର ପ୍ରଶ୍ନ ନଥିଲା । ଏ ସବୁ ପଦାର୍ଥ ଗୁଡ଼ିକ ସଂଗ୍ରହ କରି ଆଣିବା ମାତ୍ରେ ନନା ମୋତେ ସାଙ୍ଗରେ ଧରି ଆମର ଡିହ ଆଡ଼େ ଚାଲିଲା ।

ଆମର ଏଇ ଇଳିମାଇଲିଆ ଡିହଟିର ଗୋଟିଏ ଅଂଶ ସଫାସୁତୁରା କରାଯାଇ କଦଳୀ, ବାଇଗଣ ଇତ୍ୟାଦି ବାରମାସିଆ ପନିପରିବା ଚାଷ କରାଯାଉଥିଲା । ଅନ୍ୟ ଅଂଶଟି ଲତା, ଗୁଳ୍ମ ଇତ୍ୟାଦି ନାନା ବଣୁଆ ଗଛରେ ପୂର୍ଣ୍ଣ ହୋଇ ଛୋଟିଆ ଜଙ୍ଗଲଟିଏ ପାଲଟିଥାଏ । ଏହି ଜଙ୍ଗଲ ମଝିରେ ଗୋଟିଏ ଗୁଆକୋଳି ଗଛଥାଏ । ଗଛଲତା ତା' ଉପରେ ମାଡ଼ି ଗୋଟିଏ ଚାଳ ଘରର ଛପର ସଦୃଶ ହୋଇଥାଏ । ନନା ଓ ମୁଁ ଅକ୍ଳାନ୍ତ ପରିଶ୍ରମ କରି ତା'ର ଚାରି ପାଖରେ ଥିବା ଅନାବନା ଗଛଗୁଡ଼ିକ କାଟି ସ୍ଥାନଟିକୁ ପରିଷ୍କାର କରିଦେଲୁ । ବର୍ତ୍ତମାନ ଲତାଗୁଳ୍ମ ଆଚ୍ଛାଦିତ ଗୁଆକକୋଳି ଗଛଟି ଗୋଟିଏ ମୁନିଙ୍କର ଆଶ୍ରମ ସଦୃଶ ମନେହେଲା । ଆମ ଘରେ ଗୋଟିଏ ମୃଗ ଛାଲଥିଲା । ମୋ ହାତରେ ମଗେଇ ନେଇ, ତା' ଉପରେ ପଦ୍ମାସନରେ ବସି ନିରବରେ ଆଖିବୁଜି ନନା ତା'ର ସାଧନାରେ ନିମଗ୍ନ ରହିଲା । ମୁଁ ଫେରି ଆସି ବୋଉକୁ ସବୁ କଥା ଜଣେଇ ଦେଲି ।

ଗାଁର ପିଲାମାଇପେ ଦୂରରେ ରହି ସବୁକଥା ଦେଖନ୍ତି । ବୋଉକୁ କେତେ କଥା କହନ୍ତି । ତା' ଆଖି ଆଗରେ ପୁଅଟା ସାଧୁ ସନ୍ନ୍ୟାସୀଟିଏ ବନିଯାଉଛି, ଅଥଚ ବୋଉ ନିରବଦ୍ରଷ୍ଟା ସାଜିଛି ଇତ୍ୟାଦି କହି ବୋଉକୁ ସମାଲୋଚନା କରନ୍ତି । କିଏ ପରାମର୍ଶ ଦିଏ ଅମୁକ ଗୁଣିଆ ପାଖକୁ ଯିବାକୁ । କିଏ ପରାମର୍ଶ ଦିଏ ସମୁକ ଉପାୟ କରିବାକୁ । ବୋଉ ସବୁ ଶୁଣେ । କୌଣସି ପ୍ରତ୍ୟୁତ୍ତର ଦିଏ ନାହିଁ ।

ସପ୍ତାହେ କାଳ ନନାର ଏମନ୍ତ ଲୀଳା ଚାଲୁରହିଲା । ନନାର ଏମନ୍ତ ରୂପରେ ପ୍ରତ୍ୟାବର୍ତ୍ତନର ଖବର ଶୁଣି ବାପା ସପ୍ତାହ ପରେ ଘରେ ପହଞ୍ଚିଲେ । ବୋଉ ତ କିଛି କହିବ ନାହିଁ, ସାଇଭାଇଙ୍କଠାରୁ ସବୁ ଖବର ବୁଝିନେଲେ । ଦିନ ନଅଟା ସରିକି ହେବ ମୋତେ ସାଙ୍ଗରେ ଧରି ନନା ପାଖରେ ଯାଇ ପହଞ୍ଚିଲେ । ବାପା ନନା ପାଖକୁ ଗଲାବେଳେ ବୋଉ ବହୁତ ନେହୁରା ହୋଇ ମାରଧର ନ କରିବା ପାଇଁ ପରାମର୍ଶ ଦେଉଥାଏ । ତା'ର ଭୟ କାଳେ ପୁଅଟା ତା'ର ଘରଛାଡ଼ି ପୁନର୍ବାର ପଳାଇବ ତା'ର ଆଖି ଅନ୍ତରାଳରୁ ।

ବାପା ଖଣ୍ଡେ ଦୂରରେ ରହି ଲକ୍ଷ୍ୟ କଲେ । ନନା ଚୁପ୍ ଚାପ୍ ବସିଥିଲା ଟେକା ପକେଇ । ବାପାଙ୍କୁ ଦେଖି ଗୁଣୁଗୁଣୁ ହୋଇ ଆଖିବୁଜି ଜପ କରିବାକୁ ଲାଗିଲା । ମୁଁ ବାପାଙ୍କ ମୁହଁକୁ ଲକ୍ଷ୍ୟ କରୁଥାଏ । ହଠାତ୍ ତାଙ୍କ ମୁହଁର ରଂଗ ବଦଳିଗଲା । ଶାନ୍ତଶିଷ୍ଟ ମୁହଁ

Digitized by srujanika@gmail.com

ସ୍ଥାନରେ ଗୋଟିଏ ଗୁକ୍ଷ, ଭୟଉଦ୍ରେକକାରୀ ରୂପରେ ପରିବର୍ତ୍ତିତ ହେଲା । ବାପା ଦ୍ରୁତ ପଦରେ ନନା ନିକଟରେ ପହଞ୍ଚି ଦୁଇ ହାତରେ ତା' ଦୁଇଟି କାନକୁ ଧରି ଠିଆ କରାଇଦେଲେ । ବାପାଙ୍କ ରୁଦ୍ର ରୂପକୁ ଦେଖି, ନନା ଡରି ଛାନିଆଁ ହୋଇଗଲା । ତା' ପାଟିରୁ କଥା ସ୍ଫୁରିଲା ନାହିଁ । ବାପାଙ୍କ ନିର୍ଦ୍ଦେଶମତେ ସେ ଚୁପ୍‌ଚାପ୍ ଘରକୁ ଆସିଲା । ନନା ଭାବିଚିନ୍ତି ଯେଉଁ ଲୀଳାଟି କରୁଥିଲା ଆଠଦିନ ଧରି, ତା'ର ଏମନ୍ତ ଏକ ସହଜ ସମାଧାନ ହୋଇଯିବ ବୋଲି ଆମେ କେହି ଆଶା କରିନଥିଲୁ ।

ନନାର ଉଗ୍ରତା ପୂର୍ବାପେକ୍ଷା ଢେର କମିଯାଇଥିଲା । ପୂର୍ବରୁ ବାକୁଡ଼ି ମାଷ୍ଟ୍ରେ ନାମରେ ପରିଚିତ ଜଣେ ଉସ୍ତାଦ ଆମ ଗ୍ରାମରେ ରହି ଟୋକାମାନଙ୍କୁ ମୃଦଙ୍ଗ, ହାରମୋନିଅମ୍ ଇତ୍ୟାଦି ଶିଖାଉଥିଲେ । ନନା ସେମାନଙ୍କ ସହିତ ମିଶି ସଞ୍ଜ ବେଳେ ଗାଉଣା ବାଜଣା କରେ ଲାଇବ୍ରେରୀ ଘରେ । ଏମିତି ଏମିତି ଛଅ ମାସ ବିତି ଗଲା । ଦିନେ ସକାଳୁ ସକାଳୁ ଜାମାକୋଡ଼ ପିନ୍ଧି କାମ ଅଛି ବାହାନାରେ ଘରୁ ବାହାରି ଗଲା ଯେ ଆଉ ଫେରିଲା ନାହିଁ । ଏଥର କିନ୍ତୁ ତା'ର ଖୋଜାଖୋଜି ପାଇଁ ବୋଉ ବେଶିକିଛି ଆଗ୍ରହ ଦେଖେଇଲା ନାହିଁ । ପୂର୍ବ ଅନୁଭୂତି ତାକୁ ଏକ ପ୍ରକାର ବାଧ୍ୟକଲା ଏମିତି ନିସ୍ପୃହ ରହିବାକୁ । ତା'ର ଦୈନ୍ୟନ୍ଦିନ କାର୍ଯ୍ୟ ଶୈଳୀରେ ବି ବିଶେଷ ପରିବର୍ତ୍ତନ ଘଟିଲା ନାହିଁ । ମାତ୍ର ଆଗ ଅପେକ୍ଷା ସେ ଆହୁରି ନିରବ ରହିବାକୁ ଉଚିତ ମନେକଲା । କିନ୍ତୁ ମୁଁ ତାକୁ ଦେଖିଛି, ଅନ୍ଧାର ଭିତରେ ସୁକୁସୁକୁ ହୋଇ କାନ୍ଦୁଥିବାର, ସମସ୍ତଙ୍କ ଅଗୋଚରରେ ।

ସପ୍ତାହେ ଗଲା । ଦି' ସପ୍ତାହ ବି ବିତିଗଲା । ବୋଉକୁ ସାନ୍ତ୍ୱନା ଦେବା ପାଇଁ ବାପା ଘରକୁ ଆସିଥାନ୍ତି । ଏତିକି ବେଳେ ଚିଠି ଖଣ୍ଡିଏ ନନାଠାରୁ ମିଳିଲା । ସେଥିରେ ସେ ଲେଖି ଥିଲା, କୋରାପୁଟର ଆଦିବାସୀ ସ୍କୁଲ୍‌ରେ ସେ ପ୍ରାଇମେରୀ ଶିକ୍ଷକ ପଦବୀରେ ନିଯୁକ୍ତି ପାଇଛି । ଜୟପୁର ସହରଠାରୁ ପଚାଶ ମାଇଲ ଦୂରରେ । ଦୁର୍ଗମ ବଣ ପାହାଡ଼ଘେରା ଅଞ୍ଚଳ । ତେବେ ସେ ଭଲ ଅଛି ସେଠାରେ ।

ଦୁର୍ଗମ ବଣ ପାହାଡ଼ଘେରା ଅଞ୍ଚଳ ! ନାନା ଅର୍ଥ ଅନର୍ଥର ସମ୍ଭାବନା ଦେଖା ଗଲା ସେଥିରେ । ଆଜିଠାରୁ ପଞ୍ଚଷଠୀ ବର୍ଷ ତଳର କୋରାପୁଟ । ଉପକୂଳ ଅଞ୍ଚଳରେ ରହୁଥିବା ମଣିଷଟି, ଯେ କି ଜୀବନରେ କେବେ ବଣଜଙ୍ଗଲ ଦେଖିନାହିଁ, କେବଳ ଆଇମା' ଲୋକ କଥାରେ ଶୁଣିଛି–"ଅଗନା ଅଗନି ବନସ୍ତ, ତଳେ ସୂର୍ଯ୍ୟକିରଣ ପଡ଼େନାହିଁ, ଦିନରେ ବି ଅନ୍ଧକାରର ରାଜତ୍ୱ । ପଣପଣ ବାଘ ଭାଲୁ ସେଠି ସାଲୁବାଲୁ ହୁଅନ୍ତି, ରଜା ପାରିଧିକି ଯାଇ ବାଟ ବଣା ହୁଅନ୍ତି ସେଠାରେ" ଇତ୍ୟାଦି ଇତ୍ୟାଦି । ରୂପକଥାର ଏଇ କାହାଣୀ,

Digitized by srujanika@gmail.com

ଭୟଭୀତ କରି ଆସିଛି ତାକୁ ତା' ଶୈଶବକାଳରୁ । କେରାପୁଟର ବଣ ପାହାଡ଼ ଭିତରେ ରହୁଛି ! ସାଇ ପଡ଼ିଶା ଶୁଣି ଜିଭକାମୁଡ଼ି ପକେଇଲେ । ବାପାଙ୍କର ସାରାଜୀବନ ମୟୂରଭଞ୍ଜ ଜଙ୍ଗଲରେ ବିତିଛି । ତେବେ କୋରାପୁଟର କଥା ସ୍ୱତନ୍ତ୍ର । ଭୟଙ୍କର ବଣ ପାହାଡ଼ ତ ଅଛି । ତା ଛଡ଼ା ମେଲେରିଆପ୍ରବଣ ଅଞ୍ଚଳ । ସେ ଜର ଅତ୍ୟନ୍ତ ଭୟଙ୍କର ବୋଲି ବାପା ବି ଶୁଣିଛନ୍ତି । ବୋଉ ବି ଜିଦ୍ ଧରି ବସିଲା କୋରାପୁଟ୍ ଯାଇ, ତାକୁ ଖୋଜି ଫେରାଇ ଆଣିବାକୁ । ବାପା ବୋଉଙ୍କର ବଡ଼ପୁଅ ସେ । ବୋଉ କୁହେ, ବଡ଼ ମାଛର କଣ୍ଟା ସାର । ବାପାଙ୍କ ମନର ନିଭୃତ କୋଣରେ ବଡ଼ ପୁଅ ପାଇଁ ଏକ ସ୍ୱତନ୍ତ୍ର ମମତା ଛପି ରହିଥିଲା । ବାପା ଅଗତ୍ୟା ଖୋଜିବା ପାଇଁ କୋରାପୁଟ୍ ବାହାରିଗଲେ ।

କାଠ କଣ୍ଟ୍ରାକ୍ଟର ଥିବାରୁ ବଡ଼ବଡ଼ ହାକିମଙ୍କ ସହିତ କିପରି ଯୋଗାଯୋଗ କରାଯାଇପାରିବ ସେ ବିଷୟରେ କିଛି କିଛି ଧାରଣା ଥିଲା । କୋରାପୁଟ୍ କଲେକ୍ଟରଙ୍କ ନିର୍ଦ୍ଦେଶରେ ଜିଲ୍ଲାର ଶିକ୍ଷା ଅଧିକାରୀଙ୍କୁ ସାକ୍ଷାତ୍ କରି ନନାର ପୋଷ୍ଟିଙ୍ଗ୍ ସ୍ଥାନର ଠିକଣା ଯୋଗାଡ଼ କରିନେଲେ ଏବଂ ସେମାନଙ୍କର ସହଯୋଗରେ କଲେକ୍ଟରଙ୍କ ଅଫିସକୁ ଆସିଥିବା ବ୍ଲକ୍ ଜିପ୍‌ରେ ବସି, ଯାଇ ନନା ପାଖରେ ପହଞ୍ଚିଗଲେ । ଦେଖିଲେ ସେ ଯାହା ଅନୁମାନ କରୁଥିଲେ, ତାହା ସଂପୂର୍ଣ୍ଣ ସତ୍ୟ । ଅଞ୍ଚଳଟି ମେଲେରିଆପ୍ରବଣ ଆଦିବାସୀ ବହୁଳ ବଣ ଜଙ୍ଗଲ ଅଧ୍ୟୁସିତ ଗ୍ରାମାଞ୍ଚଳ । କୌଣସିମତେ ସେଠାରେ ରାତିଟିଏ କଟାଇ ତହିଁ ପରଦିନ ନନାକୁ ଧରି ଶିକ୍ଷାଅଧିକାରୀଙ୍କ ନିକଟରେ ଇସ୍ତଫାପତ୍ର ଦାଖଲ କରି ଘରକୁ ଫେରିଆସିଲେ ।

ବୋଉ ଆଶ୍ୱସ୍ତ ହେଲା । ଯମଦୁଆରୁ ତା ପୁଅ ଫେରି ଆସିଛି । ମରଦ ପୁଅ, ଯେଉଁଠି ହେଲେ ପେଟ ପୋଷିବାର ବ୍ୟବସ୍ଥା କରିନେବ ।

ସତକୁ ସତ ଏ ଘଟଣାର ମାସ କେତୋଟି ପରେ ଭଦ୍ରକରେ ଇଲେକ୍ଟ୍ରିସିଆନ ଚାକିରି ପାଇଁ ଲୋକ ଦରକାର ପଡ଼ିବାରୁ ମାସକୁ ପଚିଶଟଙ୍କା ଷ୍ଟାଇପେଣ୍ଡରେ ବର୍ଷଟିଏ ଟ୍ରେନିଂ ନେବା ପାଇଁ ବିଜ୍ଞାପନ ବାହାରିଲା । ମୋର ଜଣେ ସମ୍ପର୍କୀୟ ମାମୁଁ ଓ ନନା ଉଭୟେ ଏହି ଟ୍ରେନିଂ ନେଉଥିଲେ । କିନ୍ତୁ ଖୁଣ୍ଟରେ ଚଢ଼ି ତାର ମରାମତି କାମ କରିବା ଉଭୟଙ୍କ ପାଇଁ ଦୁଃଷ୍କର ହୋଇଉଠିଲା । ଉଭୟେ ଦି'ମାସ ପରେ ଏହି ଟ୍ରେନିଂ ଛାଡ଼ିଦେଲେ; ସମସ୍ତଙ୍କ ପରାମର୍ଶକୁ ଅବଜ୍ଞାକରି ।

ନନା ଗାଁରେ ରହି ଯଥା ପୂର୍ବଂ, ତଥା ପର ନୀତି ଆପଣେଇ ନେଲା । ଏଥର ଗାଁରେ ପ୍ରାୟ ବର୍ଷଟିଏ ହେବ ନିରନ୍ତର ରହଣିପରେ ପୁନଶ୍ଚ ଦିନେ ଭଦ୍ରକରେ ଇଣ୍ଟରଭିଉ

Digitized by srujanika@gmail.com

ଦେବ ବୋଲି କହି ଗଲା ଯେ ଆଉ ଗାଁକୁ ଫେରିଲା ନାହିଁ । ଏଥର କିନ୍ତୁ ତାର ଅନ୍ତର୍ଦ୍ଧାନକୁ କେହି ଆଉ ଗୁରୁତ୍ୱ ଦେଲେନାହିଁ । କେଉଁ ଏକ ଅଦୃଶ୍ୟ ଦୁଷ୍ଟ ଗ୍ରହର କରାମତିରେ ଏ ସବୁ ଘଟୁଛି ବୋଲି ଭାବିନେଇ ସମସ୍ତେ ଚୁପ୍ ରହିଲେ । ବୋଉକୁ କେହି ପଚାରିଲେ ବୋଉ ଉତ୍ତର ଦେଉଥିଲା, ସେ କଣ ଛୁଆଟିଏ ହୋଇଛି ଯେ ମୁଁ ତାକୁ କାନିରେ ବାନ୍ଧି ରଖିବି ? କହୁଥିଲା ସିନା ଅନ୍ୟମାନଙ୍କୁ, କିନ୍ତୁ ଆମର କୁଳ ଜ୍ୟୋତିଷ ପ୍ରଜାପତିକୁ ଡକାଇ ତା'ର ଜାତକ ଦେଖାଇ ତା'ର ପ୍ରତିକାର ଲୋଡୁଥିଲା କିପରି ଦୁଷ୍ଟ ଗ୍ରହଟିକୁ ଶାନ୍ତକରାଯାଇ ପାରିବ ।

କିନ୍ତୁ ତା'ର ଆବଶ୍ୟକତା ପଡ଼ିଲା ନାହିଁ । ନନାଠୁ ଚିଠି ଆସିଲା, ସେ କଟକ କିଶୋର ଟ୍ରାନସ୍‌ପୋର୍ଟ ଅଫିସରେ ସିକୁରିଟି ଗାର୍ଡରେ ନିଯୁକ୍ତି ପାଇଛି । ବୋଉର ଖୁସି କହିଲେ ନସରେ । କିଶୋର ଟ୍ରାନସ୍‌ପୋର୍ଟ ଅଫିସରେ ତା'ର କଟିଗଲା ତିନିବର୍ଷ । ଏଇଠି ରହି ଜୀବନକୁ ସେ ଚିହ୍ନିଲା । ବଞ୍ଚିବା ପାଇଁ କେମିତି ସଂଘର୍ଷ କରିବାକୁ ହୁଏ ଜାଣିଲା । ଚେଷ୍ଟାକରି କଣ୍ଡକ୍ଟର ଲାଇସେନ୍‌ସଟିଏ ହାସଲକରି ଓଡ଼ିଶା ରୋଡ ଟ୍ରାନସ୍‌ପୋର୍ଟ ଡିପାର୍ଟମେଣ୍ଟରେ ବସ୍‌କଣ୍ଡକ୍ଟର ପଦବୀରେ ଲିଭ୍ ଭେକାନ୍‌ସିରେ ନିଯୁକ୍ତି ପାଇଗଲା ।

ସରକାରୀ ବସ୍‌ର କଣ୍ଡକ୍ଟର ଚାକିରି – ଏକ ଲୋଭନୀୟ ଚାକିରିରୂପେ ସଦାସର୍ବଦା ଆଦୃତ ହୋଇ ଆସିଛି । ସୁନ୍ଦର କନିଆଟିଏ ଦେଖି ନନାକୁ ଅଣାଇ ବାହାଘର କରାଗଲା । କନ୍ୟାଟି ପିଲାକନ୍ୟା । ଘରପୋଯୋଗୀ ହୋଇନାହିଁ । ଝିଅଟି ତା' ବାପଘରେ ରହିଲା ।

ବର୍ଷଟିଏ କଟିଗଲା । ପୁନର୍ବିଭାଘରର ଆୟୋଜନ ଚାଲିଛି ଝିଅଟି ଗୃହପୋଯୋଗୀ ହୋଇଥିବାରୁ । ଦୁଃଖଦ, ହୃଦୟ ବିଦାରକ, ଅବିଶ୍ୱାସନୀୟ, ଅବାଞ୍ଛିତ, ଅନାହୂତ ଖବରଟିଏ ପହଞ୍ଚିଲା । ବୋଉର ଯାଯାବର ପୁତ୍ରଟି ଏଥର ହାତ ପାହାନ୍ତାରୁ ଉଡ଼ିଯାଇଛି । ଅନେକ ଅନେକ ଦୂର କେଉଁ ଏକ ଅଜଣା ରାଇଜକୁ, ଯେଉଁଠୁ କେହି କେବେ ବି ଫେରନ୍ତି ନାହିଁ ।

ପୂର୍ବରୁ ଜ୍ୟୋତିଷ ବିଶାରଦ ଆମ ନାହାକ ପୁଅ ପ୍ରଜାପତି କୁଆଡ଼େ ନନାର ଜାତକ ଦେଖି କହିଥିଲା- ଯାଯାବର ଲଗ୍ନରେ ତାର ଜନ୍ମ - ପ୍ରତ୍ୟାବର୍ତ୍ତନର ସମ୍ଭାବନା ସୁଦୂର ପରାହତ !

• • •

Digitized by srujanika@gmail.com

ସାଆନ୍ତେ ଆଜି ଥାଆନ୍ତେ କି !

ସୃଷ୍ଟି ପଛରେ ଥିବା ବିଧାତାଙ୍କ ରହସ୍ୟ ବୁଝିହୁଏ ନାହିଁ । ବେଳେବେଳେ ବୈଷମ୍ୟ ଏତେ ତୀବ୍ରଭାବରେ ଅନୁଭୂତ ହୁଏ ଯେ ଆମେ ହାୟ ହାୟ କରୁ । ଭାବୁ ଆହାଃ ଯଦି ଏମିତି ହୁଅନ୍ତା, ହୋଇଥାନ୍ତା, ତେବେ କେତେ ଭଲ ହୋଇନଥାନ୍ତା ସତେ ! ସତ କି ମିଛ କିଏ ପରଖୁଛି ! ଯାହା ଦୃଶ୍ୟମାନ ତାକୁ ନେଇ ପରଖ କରାଯାଏ । ଏ ନିୟମ ସଚରାଚର ପ୍ରଚଳିତ । କିଏ ଅଣୁବୀକ୍ଷଣ ଯନ୍ତ୍ର ଧରି ବୁଲେନାହିଁ ଯେ ଅଦୃଶ୍ୟକୁ ଦେଖିପାରିବ, ଡାକ୍ତରଟିଏ ଭଳି, ବିଜ୍ଞାନୀଟିଏ ଭଳି ।

ଏମିତି ବୈଷମ୍ୟର ପ୍ରତୀକ ଥିଲେ ସେ । ଏକ ପ୍ରକାର ନିରକ୍ଷର ଥିଲେ ବି ପ୍ରଖର ବୁଦ୍ଧି, ପ୍ରତ୍ୟୁତ୍ପନ୍ନମତିତା, ବାକ୍‌ଚାତୁରୀରେ କେହି ସମକକ୍ଷ ନଥିଲେ ଆମ ଅଞ୍ଚଳରେ । ମୁକୁଟହୀନ ରଜା ଭଳି ସେ ଆଚରଣ କରୁଥିଲେ ଊନବିଂଶ ଶତାବ୍ଦୀର ପଞ୍ଚଦଶକଠାରୁ ଅଷ୍ଟଦଶକ ପର୍ଯ୍ୟନ୍ତ । ଆମ ଅଞ୍ଚଳର ଯେତେ ମାଲିମକଦ୍ଦମା ଚାଲିଥିଲା ବିଭିନ୍ନ କୋର୍ଟ କଚେରୀରେ, ପ୍ରତ୍ୟକ୍ଷରେ ହେଉ ବା ପରୋକ୍ଷରେ, ଉଭୟ ପକ୍ଷ ତାଙ୍କର ପରାମର୍ଶ ନେଉଥିଲେ ବା ନେବା ଛଡ଼ା ତାଙ୍କର ଗତ୍ୟନ୍ତର ନଥିଲା । ଭାଇଭାଇ ଭିତରେ କଳିହେଉ, ଜମିବାଡ଼ି ବଣ୍ଟନ ବିବାଦ ହେଉ ବା ଗ୍ରାମ ଗ୍ରାମ ଭିତରେ ବିବାଦ ହେଉ, ତାଙ୍କ ଅବର୍ତ୍ତମାନରେ ସମାଧାନ ବିଫଳ ହେଉଥିଲା । ଉଭୟ ପକ୍ଷ ତାଙ୍କ ପାଖକୁ ଦୌଡ଼ି ଦୌଡ଼ି ସର୍ବସ୍ୱାନ୍ତ ନହେଲା ପର୍ଯ୍ୟନ୍ତ ତାହା ସମାଧାନ ହେଉନଥିଲା ।

ଏଣୁ ମାଇଲେ ଗୋହତ୍ୟା, ତେଣୁ ମାଇଲେ ବ୍ରହ୍ମହତ୍ୟା ନ୍ୟାୟରେ, ଲୋକେ ସବୁ ଜାଣୁଥିଲେ ବି ତାଙ୍କ ଶରଣ ପଶୁଥିଲେ, ଶରଣ ପଶିବାକୁ ବାଧ ହେଉଥିଲେ, ଦୁଇପକ୍ଷ ସର୍ବସ୍ୱାନ୍ତ ହେଉଥିଲେ । ସମ୍ମୁଖରେ ସମ୍ଭ୍ରମ ଦେଖାଉଥିଲେ, କୁର୍ଣ୍ଣିସ୍ କରୁଥିଲେ ଆଉ ପଛରେ ଅଳଙ୍କାରଟିଏ ଯୋଡ଼ିଦେଉଥିଲେ - ଟାଉଟର । ସେ ଜାଣୁଥିଲେ, ଖୁସି ହେଉଥିଲେ- ଇତରଗୁଡ଼ାକଙ୍କ କଥାରେ କ'ଣ ଅଛି, ସେମାନେ ସମ୍ଭ୍ରମ ପ୍ରଦର୍ଶନ କରୁଛନ୍ତି, ଓଳଗି ହେଉଛନ୍ତି, ସଲାମ ମାରୁଛନ୍ତି । ତାଙ୍କଠୁ ବୁଦ୍ଧି ଖରିଦ କରିବାକୁ ଯଥେଷ୍ଟ ମୂଲ୍ୟ ଦେଉଛନ୍ତି, ଏତକ ଯଥେଷ୍ଟ । ତାଙ୍କ କୁଟିଳ ଚକ୍ରାନ୍ତରେ ଘାଣ୍ଟିଚକଟିହୋଇ ଅସହାୟଟିଏ ତାଙ୍କ ଅମଙ୍ଗଳ କାମନାକରୁଛି, ଗୁହାରୀ କରୁଛି ଈଶ୍ୱରଙ୍କ ନିକଟରେ, ଶୁଣିଲେ ସେ ଫୁଃ କରି ଉଡ଼େଇ ଦିଅନ୍ତି ଅପବାଦଟିକୁ- ଛୁଆବେଳେ ଘରଚଟିଆଟିଏ ଧରି, ଫୁର୍‌କିରି ଉଡ଼େଇ

Digitized by srujanika@gmail.com

ଦେଉଥିଲେ ଯେମିତି । ସଭା, ସମିତି (ରାଜନୈତିକ ବ୍ୟକ୍ତିମାନଙ୍କ ଦ୍ୱାରା ଆହୂତ ନୁହେଁ) ପ୍ରଭୃତିରେ କେହି ବ୍ୟକ୍ତି ଯେତେ ପଦସ୍ଥ ହେଉପଛେ, ତାଙ୍କ ବକ୍ତବ୍ୟ ଖଣ୍ଡନ କରିବାକୁ ଅପଚେଷ୍ଟା କଲେ, ତା' ଚଉଦ ପୁରୁଷର ଗୁମର ଖୋଲିଦିଅନ୍ତି ପ୍ରାଂଜଳ ଭାବରେ । ବୁନିଆଦି ଉପରେ ପ୍ରଶ୍ନ ଉଠାଇ ଚୁପ୍ କରି ଦିଅନ୍ତି । ବ୍ୟକ୍ତିଟି ହୁଏତ ଖୁବ୍ ବେଶିରେ ଦୁଇତିନି ପୁରୁଷର ଇତିହାସ ଜାଣିଥିବ, କିନ୍ତୁ ତାଙ୍କର ଉର୍ବର ମସ୍ତିଷ୍କରେ ତା'ର ଚଉଦ ପୁରୁଷ ଇତିହାସ ଗଚ୍ଛିତ ଥାଏ । କେହି ତାଙ୍କ ସାମ୍ନାରେ ବିରୋଧ କରିବାକୁ ଦୁଃସାହସ କରନ୍ତି ନାହିଁ ।

ବାସ୍ତବ କଥା ହେଲା, ରଜା ମହାରାଜାଙ୍କର ବି ଚଉଦ ପୁରୁଷର ଇତିହାସ ମିଳିବ ନାହିଁ । ଏ ପରି ଯୋଗଜନ୍ମା କେତେ ଜଣଙ୍କୁ ଛାଡ଼ିଦେଲେ, ଉତ୍‌ଥାନପତନ ଭିତର ଦେଇ ହୁଏତ ଜଣେ ଆଜି ପ୍ରତିଷ୍ଠିତ, ଧନ ଦୌଲତରେ ହେଉ ବା ପାଠ ଶାଠରେ ହେଉ । ତା' ବୁନିଆଦି ନେଇ ପ୍ରଶ୍ନ ଉଠାଇଲେ ଲୋକଟି ସର୍ବ ସମ୍ମୁଖରେ ଅପମାନିତ ବୋଧକରେ, ଚୁପ୍ ହୋଇଯାଏ ଆତ୍ମଗ୍ଲାନିରେ । ଏ ଉପାୟଟି ତାଙ୍କୁ ବେଶ୍ ଜଣାଥାଏ । ତାଙ୍କର ମେଧାଶକ୍ତି ବଳରେ, ଆମ ଅଞ୍ଚଳର ପ୍ରାୟ ପ୍ରତ୍ୟେକ ବ୍ୟକ୍ତିର ଖୁବ୍ କମ୍‌ରେ ଦୁଇତିନି ପୁରୁଷର ନାମ, ଧାମଠାରୁ ତା'ର ବୁନିଆଦି ବିଷୟରେ ସମ୍ପୂର୍ଣ୍ଣ ଅବଗତ ଥାନ୍ତି ନିର୍ଭୁଲ ଭାବରେ । ନିଜର ପ୍ରତୀପ୍ରନ୍ନମତିତା ବଳରେ ଆଉ ଦଶପୁରୁଷର କଳ୍ପିତ ଇତିହାସ କହିଦେଲେ ତାକୁ ଯାଞ୍ଚକରି ସତ୍ୟାସତ୍ୟ ଜାଣିବାରେ ତଥ୍ୟ କାହାପାଖରେ ଅଛି ଯେ ସେ ତାଙ୍କ ବକ୍ତବ୍ୟକୁ ଭୁଲ୍ ପ୍ରମାଣିତ କରିବ ?

ଏ ସବୁ ଦେଖି, ଶୁଣି, ଆମେ ଭାବୁ, ଯଦି ପାଠଶାଠ ପଢ଼ି ଓକିଲ କିମ୍ବା ବାରିଷ୍ଟରଟିଏ ହୋଇଥାନ୍ତେ, କେତେ କେତେ ନାମକରା ବଡ଼ବଡ଼ ଓକିଲ, ବାରିଷ୍ଟରଙ୍କୁ ପାଣି ପିଆଇ ଦିଅନ୍ତେ, ବୁଦ୍ଧିରେ, ଅକଲରେ, ପ୍ରତୀପ୍ରନ୍ନମତିତାରେ, କୌଶଳରେ ଆଉ ବୁଦ୍ଧିଦୀପ୍ତ ଯୁକ୍ତିରେ । ଭାରତୀୟ ଦଣ୍ଡ ସଂହିତା ତଥା ଜମି ଜମା ସମ୍ବନ୍ଧୀୟ ଆଇନ୍ ଉପରେ ତାଙ୍କର ବେଶ୍ ଦଖଲ ଥିଲା । ଯଦିଓ ସିଏ ଏକ ପ୍ରକାର ନିରକ୍ଷର ଥିଲେ ।

ତାଙ୍କ ପିଲାବେଳ ଦେଖିଥିବା ବୟସ୍କମାନେ କୁହନ୍ତି, ସେ ଥିଲେ ଅତ୍ୟନ୍ତ ଧୂର୍ତ୍ତ ଆଉ ଚଗଲା । ଚୁଡ଼ାରେ ଲୁଣ ଆବଶ୍ୟକ ପଡୁନଥିଲା । ଏକ କରିଦେଇ କାମ ଚଳେଇ ନେଉଥିଲେ ବାପା, ମାଆ ଗୁରୁଜନମାନଙ୍କର ବାରଣକୁ ଅମାନ୍ୟ କରି । ତାଙ୍କ ଜ୍ୱାଳାରେ ଉତ୍‌ପୀଡ଼ିତ ଅବଧାନ ଦିନେ ତାଙ୍କ ଦଫାଦାର ପିତୃଦେବଙ୍କୁ ଯୋଡହସ୍ତରେ ଜଣେଇ ଦେଲେ ଯେ ତାଙ୍କର ସୁଯୋଗ୍ୟ ପୁତ୍ର ଶିରୋମଣିଙ୍କ ପାଇଁ ତାଙ୍କର ପାଠ ଏବେ ଅକୁଳାଣ

Digitized by srujanika@gmail.com

ହେଉଛି, ତା'ର ଅନ୍ୟତ୍ର ଶିକ୍ଷା ଆବଶ୍ୟକ । ସେଇଠି ପାଠର ଡୋରି ବନ୍ଧାହେଲା । ବାଡ଼ି, ବଗିଚା, ଆଖୁକିଆରୀ, କୁକୁର ଦଳ, ଚଢ଼େଇକୁଳଙ୍କୁ ତ୍ରାହି ଦେଇ ଦିନେ ଏହି ଯୁବକଟି ହଠାତ୍ କାହାକୁ କିଛି ନଜଣାଇ କଲିକତା ଚାଲିଗଲା । ସେଠି କଣ କରୁଥିଲା, କେଉଁଠି ରହୁଥିଲା, କ'ଣ ଖାଉଥିଲା ସେ ତଥ୍ୟ କାହାରି ପାଖରେ ନଥିଲା । ମାତ୍ର ଫେରିଲା ବେଳକୁ ଦେଖାଗଲା, ପୁଳାଏ ଟଙ୍କାଧରି ଫେରିଛି । ନହେଲେ ଅଫିମ ବେପାର ଭଳି ମହାର୍ଘ ବ୍ୟବସାୟଟିଏ ଆରମ୍ଭ କରିଥାନ୍ତେ କେମିତି ?

ଦାରିଦ୍ର୍ୟପ୍ରପୀଡ଼ିତ ଗ୍ରାମ୍ୟ ଜୀବନକୁ ସେତେବେଳେ ଅଫିମ ନିଶା ଖୁବ୍ ଘାରିଥାଏ । ରାତିରେ ନିଦ ହେଉନାହିଁ, ଅଫିମଟିକେ ଖାଇଦିଅ; ଶୂଳ ବେମାରରେ ଛଟପଟ ହେଉଛ, ଟିକିଏ ଅଫିମ ଅଭ୍ୟାସ କରିନିଅ; ଅଭାବ, ଅନାଟନ, ପରିବାର ଚିନ୍ତାରେ ଜର୍ଜରିତ, ଦୁଃଶ୍ଚିନ୍ତାରୁ ମୁକ୍ତି ନିମନ୍ତେ ମହୌଷଧି ଅଫିମ ସେବନ ଇତ୍ୟାଦି ହରେକ ସମସ୍ୟା, ରୋଗ ବୈରାଗ ପାଇଁ ଅବ୍ୟର୍ଥ ଔଷଧ ରୂପେ ଅଫିମର ବହୁଳ ବ୍ୟବହାର ଥିଲା । କିନ୍ତୁ ଦୁର୍ଭାଗ୍ୟକୁ ସେତେବେଳର ବ୍ରିଟିଶରାଜରେ ଅଫିମ ବିକ୍ରିଉପରେ ନାନା କଟକଣା ଥିଲା । କେଉଁଠି ବିକ୍ରି ହେଉଥିବାର ଖବର ମିଳିଲେ, ପୋଲିସ ଆସି ଖାନତଲାସ କରୁଥିଲା ଅଭିଯୁକ୍ତକୁ ବାନ୍ଧି ନେଉଥିଲା ସର୍ବସମ୍ମୁଖରେ । ତେଣୁ ଏପରି ଏକ ବିପଦପୂର୍ଣ୍ଣ ବ୍ୟବସାୟକୁ ସେମିତି ଚତୁର ବ୍ୟକ୍ତିଟିଏ ନହେଲେ, କରିବାକୁ ସାହସ କରୁନଥିଲା । ଯେଉଁମାନେ କରୁଥିଲେ, ଅତ୍ୟନ୍ତ ଚଢ଼ା ଦାମ ନେଉଥିଲେ ବିନିମୟରେ । ଆଉ ମଧ ଥରେ ଜଣେ ଅଫିମ ବ୍ୟବହାରରେ ଅଭ୍ୟସ୍ତ ହୋଇଗଲେ ସେଥିରୁ ମୁକ୍ତି ମିଳିବାର କୌଣସି ଉପାୟ ନଥିଲା ।

କେବଳ ଲାଭ ଆଉ ଲାଭ । ଟ୍ରଙ୍କ, ବାକ୍ସରେ ରଖିବା ନିରାପଦ ନହେବାରୁ, କଲିକତାରୁ ଲୁହାରେ ପ୍ରସ୍ତୁତ ସଶକ୍ତ ଟ୍ରେଜେରିଟିଏ ଅଣାଗଲା । ଘରର ପ୍ରଲମ୍ବିତ ଦାଣ୍ଡ ବଙ୍ଗଳାକୁ ସଂଯୋଗ କରୁଥିବା କୋଠରୀ ଭିତରେ ଉକ୍ତ ଟ୍ରେଜେରିଟି ରଖାଯାଇ ତା ଭିତରେ ଟଙ୍କା, ଅଫିମ ପୁଡ଼ିଆ ରଖାଯାଉଥିଲା । ସଞ୍ଜବତୀ ଲାଗିଲେ ଦାଣ୍ଡଘରଟିରେ ପଡ଼ିଥିବା ଲମ୍ବା ଲମ୍ବା ବେଞ୍ଚଗୁଡ଼ିକ ଗରାଖଙ୍କ ଦ୍ୱାରା ପରିପୂର୍ଣ୍ଣ ହୋଇ ଯାଉଥିଲା । ଚୋର, ତସ୍କର, ଗ୍ରାମବାସୀ, ପଥଚାରୀମାନଙ୍କୁ ଭୟଭୀତ କରିବା ପାଇଁ ଗୋଟାଏ ସୁବୃହତ ଶାଣଦିଆ ଚକ୍‌ଚକ୍ ଖଣ୍ଡା, ଦେଢ଼ହାତ ଲମ୍ବା ପାଲିସ କରାଯାଇ ଲାଲଟହଟହ ବର୍ଣ୍ଣଧାରଣ କରିଥିବା ବାଉଁଶଖଣ୍ଡ ଭିତରେ ରଖାଯାଇଥିବା ଶାଣଦିଆଯାଇ ଖୁର ସଦୃଶ ଧାରଥିବା ଗୁପ୍ତିଟିଏ, ଆଉ ଗଡ଼ଜାତ ଅଞ୍ଚଳରେ କନ୍ଧମାନେ ବ୍ୟବହାର କରୁଥିବା ଗୋଟିଏ ଧାରୁଆ ଫାରସା, ଗୋଟିଏ ଠେଙ୍ଗା ଅଣାଯାଇ ପ୍ରତ୍ୟହ ସେଥିରେ ତେଲ ମରାଯାଇ ଦାଣ୍ଡରେ ମସିଣାଟିଏ

Digitized by srujanika@gmail.com

ପାରି ସେଥିରେ ସଯତ୍ନରେ ଧାଡ଼ିକି ଧାଡ଼ି ସଜାଇ ଖରାରେ ଶୁଖାଯାଉଥିବାର ଦୃଶ୍ୟ ଦର୍ଶକମାନଙ୍କ ମଧ୍ୟରେ ଭୟ ସୃଷ୍ଟିକରୁଥିଲା ।

ପୋଲିସ ସନ୍ଧାନ ନେଇ ଅନେକଥର ଖାନ୍‌ତଲାସ କରିଛି । ରିକ୍ତହସ୍ତରେ ଫେରିଛି । ଅଟ୍ଟହାସ୍ୟକରି ଗରାଖଙ୍କ ଆଗରେ ବଡ଼େଇ କରନ୍ତି ସେ....ଫୁଃ, ଆରେ ପୁଲିସ ନା ଫୁଲିସ । ସେମାନେ ଡାଳେ ଡାଳେ ଗଲେ ମୁଁ ପତ୍ରେ ପତ୍ରେ ଯିବା ଲୋକ । ସତରେ ସେ ମିଛ କହୁନଥିଲେ । ପ୍ରମାଣ କରି ବାରମ୍ବାର ଦେଖେଇ ଦେଉଥିଲେ ନିଜର ଚତୁରପଣିଆ । ସମସ୍ତେ ଆଶ୍ଚର୍ଯ୍ୟ ହେଉଥିଲେ, ଏତେ ମାଲ ! ସବୁ ଗଲା କୁଆଡ଼େ ? ତିଳ ପ୍ରମାଣେ ବି ଅଫିମ ଟିକିଏ ମିଳିଲା ନାହିଁ, ଏତେଟଙ୍କା, ଅସ୍ତ୍ରଶସ୍ତ୍ର ସବୁକୁଆଡ଼େ ଗାଏବ୍ ହୋଇଯାଉଥିଲା ପୋଲିସ ପହଞ୍ଚିଲା ପୂର୍ବରୁ ।

ଅବଶ୍ୟ ଅଫିମର କିଞ୍ଚିତ ଅଂଶର ସଂଧାନ ମୋର ସବାସାନ ସ୍ୱର୍ଗବାସୀ କକା ଥରେ ପାଇଥିଲେ । ଜାମୁକୋଳି ଗଛରେ ଚଢ଼ି କୋଳି ତୋଳୁଥିଲା ବେଳେ ମୁହଁସଞ୍ଜରେ ସେ ଦେଖିଲେ ଯେ ଢାଳଟିଏ ଧରି ଝାଡ଼ା ଯିବା ବାହାନାରେ ବେଣାବୁଦା ମୂଳରେ ବସି କ'ଣ ଗୋଟାଏ ରଖିବାର ସେ ଉପକ୍ରମ କରୁଥିଲେ । ସେ ସେଠାରୁ ଅପସରି ଯାଆନ୍ତେ, ଅନ୍ଧକାରର ସୁଯୋଗ ନେଇ ଅଣ୍ଟାଳି ବସିବାରୁ, ବେଣାବୁଦା ତଳେ ଲୁକ୍କାୟିତ ଡବାଟିଏ ମିଳିଲା । ଖୋଲିବାରୁ ଦେଖାଗଲା ଯେ ତାହା ଅଫିମରେ ପରିପୂର୍ଣ୍ଣ । କେକେ ଜାଣିବାମାତ୍ରେ ପାଟିକଲେ । ଆଉ କାହାକୁ ନ ଜଣାଇ ଯେମିତି ଯେଉଁସ୍ଥାନରେ ଥିଲା, ସେମିତି ରଖିଦେଇ ଆସିଲେ ।

ବହୁତ ଟଙ୍କା ରୋଜଗାରକଲେ ଅଫିମ ବେପାରରୁ । ପ୍ରତିପତ୍ତି ବଢ଼ିଲା । ସମ୍ମାନ ବି ମିଳିଲା । ଦୀର୍ଘବର୍ଷ ଧରି ଅଫିମ ବ୍ୟବସାୟ ଅବଶ୍ୟ କଲେ । ମାତ୍ର ପୋଲିସର ବାରମ୍ବାର ଚଢ଼ଉରେ ଶେଷରେ ବ୍ୟତିବ୍ୟସ୍ତ ହୋଇ ବେପାରଟିକୁ ଛାଡ଼ିଦେଲେ । ସେତେବେଳକୁ ପାଖରେ ଯଥେଷ୍ଟ ପୁଞ୍ଜି ସଞ୍ଚିତ ହୋଇସାରିଥାଏ । ବୁଦ୍ଧିମାନ ବ୍ୟକ୍ତିଟିଏ ସେ । ଆଉ ଅଧିକ ରିସ୍କ ନେବା କି ଦରକାର !

ଘରେ ଚୁପ୍ ହୋଇ ବସିବା ଲୋକ ସେ ନଥିଲେ । ସେତେବେଳେ ସେ ଅଫିମ ବିକୁଥିଲେ, ଏବେ ବିକିଲେ ବୁଦ୍ଧି, କୁଟିଳ ମରାମର୍ଶ । ଲୋକଙ୍କ ଧାଡ଼ି ଲାଗିଲା । ଏ ବେପାର ବି ବେଶ୍ ଚାଲିଲା । ଦଶ, ପଚିଶି ମୌଜାରେ ଗଣ୍ୟମାନ୍ୟ ବ୍ୟକ୍ତିଟିଏ ରୂପରେ ସେ ପରିଗଣିତ ହେଲେ । ସ୍ଥାନୀୟ ମାଇନର ସ୍କୁଲର ପରିଚାଳକ ବୃନ୍ଦ ତାଙ୍କୁ ଡାକିନେଇ ସେକ୍ରେଟାରୀ ପଦବୀରେ ଅଧିଷ୍ଠିତ କରାଇ ଦେଲେ । ହାଟ କମିଟିରେ ସେ ପରାମର୍ଶଦାତା

Digitized by srujanika@gmail.com

ହେଲେ । ଦୋଳ ମେଳନ କମିଟିରେ ସେ ହେଲେ ସର୍ବେସର୍ବା । ଅଂଶୀଦାରମାନଙ୍କଠାରୁ ସଂଗୃହୀତ ଅର୍ଥ ତଥା ଅର୍ଥବଦଳରେ ବ୍ୟବହୃତ କାଠ ଇତ୍ୟାଦି ତଥା ତାଙ୍କ ତତ୍ତ୍ୱାବଧାନରେ ନିର୍ମିତ ସୁବୃହତ ଠାକୁର ବଙ୍ଗଳାଟିକୁ ସେ ତାଙ୍କ ବୈଠକଖାନାରେ ପରିବର୍ତ୍ତିତ କରିଦେଲେ । ନିଜଘରେ ବ୍ୟବହୃତ ପଲଙ୍କଟି ବର୍ତ୍ତମାନ ଠାକୁର ବଙ୍ଗଳାରେ ଶୋଭା ପାଇଲା । ନରମ ଗଦିଟିଏ ଏହା ଉପରେ ପଡ଼ିଲା । ବାଦାଶାହୀ କାଇଦାରେ ଦୁଇଟି ଗୋଲ୍ ତକିଆ ଦୁଇପାଖରେ ରଖାଗଲା । ପାନଛେପ ପକାଇବା ପାଇଁ ପିତଳରେ ନିର୍ମିତ ପିକଦାନୀଟିଏ ପଲଙ୍କ ତଳେ ରଖାଗଲା । ଘରୁ ଭଙ୍ଗାଯାଇ ସୁବାସିତ ପାନଖିଲ ଗୋଟିଏ ରୂପା ନିର୍ମିତ ପାନପାତ୍ରରେ ତାଙ୍କ ପାଖରେ ସଦାସର୍ବଦା ରହିବାର ବ୍ୟବସ୍ଥା ହେଲା । ସରିଗଲେ ସଙ୍ଗେ ସଙ୍ଗେ ପୁଣି ଅଣାଯାଉଥିଲା ।

ଜୀବିକା ଉଦ୍ଦେଶ୍ୟରେ ବ୍ରହ୍ମପୁର ଅଞ୍ଚଳର ଶ୍ରମିକ ଦମ୍ପତିଟିଏ ଆସି ଆମ ଗ୍ରାମରେ ସେତେବେଳେ ବସବାସ କରୁଥିଲେ । ପୁରୁଷଟିର କେଉଁଠି କାମଦାମ ନଥିଲେ ତାଙ୍କର ବୋଲହାକ କରୁଥିଲା । ଅର୍ଦ୍ଧବୟସ୍କା ସ୍ତ୍ରୀଲୋକଟି ଗୋଡ଼ ପାଖରେ ବସି ତାଙ୍କର ଗୋଡ଼ ଦୁଇଟି ମୋଡ଼ାମୋଡ଼ି କରୁଥିଲା । ପାନପିକ ପକାଇଲା ବେଳେ ସ୍ତ୍ରୀଲୋକଟି ତଳୁ ପିକଦାନୀଟି ଉଠାଇ ତାଙ୍କ ପାଟି ପାଖରେ ଟେକିଧରୁଥିଲା ।

ପୂର୍ବର ଲମ୍ବା ବେଞ୍ଚ କେତୋଟି ଯାହା ଗରାଖମାନଙ୍କ ପାଇଁ ବ୍ୟବହୃତ ହେଉଥିଲା ତାହା ଆସି ଏହି ଠାକୁର ବଙ୍ଗଳାରେ ପଡ଼ିଲା ସର୍ବସାଧାରଣଙ୍କ ବ୍ୟବହାର ପାଇଁ । ତେଣୁ ବାଦଶାହୀ କାଇଦାରେ ଦରବାର ଚଳେଇବା ପାଇଁ ଏଠାରେ କୌଣସି ଅସୁବିଧା ନଥିଲା ।

ସେ ଖୁବ୍ ଆମିଷପ୍ରିୟ ଥିବାରୁ ଆମ ଗାଁ ହେଉ ବା ନିକଟସ୍ଥ ଗ୍ରାମ ହେଉ, ଛେଳି କଟାଗଲେ ଦୁଇତିନୋଟି ଭାଗ ନିଶ୍ଚିତ ରୂପେ ତାଙ୍କ ଉଦ୍ଦେଶ୍ୟରେ ଆସୁଥିଲା । ସେତେବେଳେ ଗ୍ରାମମାନଙ୍କରେ ଛେଳିକଟାଗଲେ କେତୋଟି ସମାନ ଭାଗରେ ବିକ୍ରୟ କରାଯାଉଥିଲା ଛେଳିଟିର ମୂଲ୍ୟ ଅନୁସାରେ । ଚମାର ସଂପ୍ରଦାୟର ଲୋକମାନଙ୍କର ଛେଳି କାଟିବା କୌଳିକ ପ୍ରଥାଭାବେ ପ୍ରଚଳିତ ଥିଲା । ଶ୍ରମ ବାବଦରେ ସେ ଛେଳିଟିର ଛାଲ ଏବଂ ମୁଣ୍ଡଟି ପାଉଥିଲା ।

ମୋର ମନେଅଛି, ଥରେ ଆମ ଗ୍ରାମର କୃଷିକର୍ମରେ ରତ ଯୁବକ କେତେଜଣ ଆଖୁବାଡ଼ିରେ ପଶିଯାଇଥିବା ଛେଳିଟିକୁ ଧରି ମାରି ଭୋଜି କରିବା ଉଦ୍ଦେଶ୍ୟରେ ଗ୍ରାମକୁ ନେଇ ଆସିଲେ ତାର ମାଲିକର ଅଗୋଚରରେ । କିନ୍ତୁ ସାହସ ପାଇଲା ନାହିଁ ଏମିତି ଏକ ବିବାଦୀୟ କାର୍ଯ୍ୟଟିଏ କରିବା ପାଇଁ । ସେମାନେ ଆସି ତାଙ୍କର ଶରଣ ପଶିଲେ । ତାଙ୍କର

Digitized by srujanika@gmail.com

ଅଭୟ ପାଇ ସଞ୍ଜ ନ ବୁଡୁଣୁ, କଟାକଟି କାର୍ଯ୍ୟ ସାରିଦେଇ ତରକାରୀ ପ୍ରସ୍ତୁତ କାର୍ଯ୍ୟରେ ଲାଗିଗଲେ ।

ମାଲିକଟି ଅଣ୍ଡାଳି ଅଣ୍ଡାଳି କୌଣସି ସୂତ୍ରରୁ ଖବର ପାଇ ତାଙ୍କ ପାଖରେ ଆସି ଫେରାଦ ହେଲା । ଛେଳି ମାଂସ ପ୍ରସ୍ତୁତିର ବାସ୍ନା ମହମହ ବାସୁଥାଏ, ଲୋକଟିର ନାକରେ ବାଜୁଥାଏ । ବିଚରା ଦରିଦ୍ର ଛେଳିମାଲିକଟିକୁ ଅଭିଯୋଗର ସତ୍ୟତା ନଥିବା କଥା କହି ସେ ଭୁରୁଡେଇ ତଡିଦେଲେ । ବିଚରା ଗାଳି ଖାଇବାର କାରଣ, ତାଙ୍କ ଭଳି ବିଶିଷ୍ଟ ବ୍ୟକ୍ତିଜଣେ ଗ୍ରାମରେ ଥାଉଥାଉ ଏପରି ଅନ୍ୟାୟ କାର୍ଯ୍ୟର ସମ୍ଭାବନା ସଂପର୍କରେ ପ୍ରକାଶ କରିବାରୁ ! ନାକକାନ ଆଉଁସି ଦରିଦ୍ରଟି ଫେରିଯିବା ଛଡ଼ା ଗତ୍ୟନ୍ତର ନଥିଲା ତା' ପାଖରେ ।

ଆଉ ଏକ ଦିନର କଥା । ଉପରୋକ୍ତ ଯୁବକମାନେ ଚାଷକାମରେ ନିୟୋଜିତ ଥିବା ବେଳେ ପ୍ରବଳ ଖରାରେ ଅତିଷ୍ଠ ହୋଇ, ନିକଟସ୍ଥ ଓସ୍ତଗଛ ମୂଳେ ବିଶ୍ରାମ ନେଉଥିଲେ । ଏତିକି ବେଳେ ନିକଟବର୍ତ୍ତୀ ଗ୍ରାମର ଜ୍ୟୋତିଷ ଟୋକା ପୋଥି ବିଡ଼ାଟିଏ କାଖରେ ଯାକି କୌଳିକ ବୃତ୍ତି ଉଦ୍ଦେଶ୍ୟରେ ନିକଟସ୍ଥ ଗ୍ରାମକୁ ଓସ୍ତଗଛ ମୂଳଦେଇ ପଡ଼ିଥିବା ଚଲାରାସ୍ତାରେ ଯାଉଥିଲା । ଯୌବନର ଉଦ୍ଦାମତାରେ କବଳିତ ଏହି ଯୁବକମାନେ ମଜାକରିବାର ଉଦ୍ଦେଶ୍ୟନେଇ ଜ୍ୟୋତିଷ ଟୋକାଟିକୁ ଖଡ଼ି ପକେଇବାକୁ କହିଲେ କାର୍ଯ୍ୟଟିଏ ସିଦ୍ଧିହେବାର ସମ୍ଭାବନାର ଛଳନାକରି । ବିଚରା ସରଳ ପ୍ରକୃତିର ଗଣକଟି ଖଡ଼ି ପକାଇ, ତୁରନ୍ତ କାର୍ଯ୍ୟଟି ସିଦ୍ଧି ହେବ ବୋଲି ପାଠ କହୁଛି; ଜଣାଇ ଦେଲା । କାଳ ବିଳମ୍ବ ନ କରି ଟୋକାଦଳଟି ତା' ଉପରେ କୁଦି ପଡ଼ିଲେ, ଲୁଗାପଟା ଟଣା ଓଟରା କଲେ । ଗଣକଟିର ଜାମାପଟା ଟଣା ଓଟରାରେ ଚିରି ଗଲା । କୌଣସି ପ୍ରକାରେ ମୁକ୍ତିପାଇ, ଗଣକଟି ଆମ ଗ୍ରାମକୁ ଆସି ତାଙ୍କ ଦରବାରରେ ଫେରାଦ ହେଲା । ଆଜି ସଂଧ୍ୟାକୁ ଆସ, କାଲିକି ଆସ, ସେମାନଙ୍କ ଉପସ୍ଥିତିରେ ବିଚାରହେବାର ପ୍ରତିଶ୍ରୁତି ଶୁଣିଶୁଣି ତଥା ବାରମ୍ବାର ଦୌଡ଼ିଦୌଡ଼ି ଶେଷରେ ନିରାଶ ହୋଇ ଗଣକଟି ଆଉ ଆସିବାର ଦେଖାଗଲା ନାହିଁ । ବେଳେବେଳେ ଦରବାରରେ ଉପରୋକ୍ତ କାହାଣୀ ଦୁଇଟି ଶୁଣାଇ ସେ ନିଜେ ଆମୋଦିତ ହେଉଥିଲେ, ଆଉ ଶ୍ରୋତାମାନେ ବି ।

ସେ ଯେ କେତେ ଭୟଙ୍କର ହୋଇ ପାରନ୍ତି ଥରେ ତା'ର ଦୃଷ୍ଟାନ୍ତଟିଏ ଦେଖାଇଦେବା ନିମନ୍ତେ ଏକ ଅଦ୍‌ଭୂତ କାଣ୍ଡ କରିବସିଲେ । ଜହ୍ନରାତି ହୋଇଥାଏ । ରାତି ଅଧିକ ହୋଇ ଯିବାରୁ ଶ୍ରୋତାଗଣ ବିଦାୟ ନେଇସାରିଥାନ୍ତି । କାଚଭଳି ସ୍ୱଚ୍ଛ ଜହ୍ନଆଲୁଅ ଚାରିଆଡ଼େ ବିଛାଡ଼ି ପଡ଼ିଥାଏ । ନିକଟସ୍ଥ ଛାଇ ଛାଇକା ବଉଳଗଛଟି ମୂଳେ

Digitized by srujanika@gmail.com

ଜନ୍ତୁଟିଏ ଧୀର ଗତିରେ ଚଳମାନ ହେଉଥିବାର ଦେଖିଲେ । ବଉଳ ଗଛର ଅଳ୍ପ ଦୂରରେ ଡିହ ଖଣ୍ଡିଏ ଥାଏ । ସେଥିରେ ବାଇଗଣ, ଭେଣ୍ଡି ଇତ୍ୟାଦି ଲଗାଯାଇଥଏ । ବାଡ଼ରେ ମାଡ଼ିଥାଏ ଜହ୍ନି ଓ କାକୁଡ଼ି ଗଛ । ବାଡ଼ିଟି ଫସଲ ଗଛରେ ପରିପୂର୍ଣ୍ଣ ଥିବାରୁ ନାଗ ସାପଟିଏ ଆହାର ଖୋଜୁ ଖୋଜୁ ବଉଳ ଗଛମୂଳରେ ବେଙ୍ଗଟିଏ ଦେଖି ଅତି ସତର୍କତାର ସହିତ ଧୀରେଧୀରେ ତା' ଆଡ଼କୁ ଅଗ୍ରସର ହେଉଥାଏ ଏବଂ ଛାଇ ଆଲୁଅ ଭିତରେ ତା'ର ପ୍ରଲମ୍ବିତ ଶରୀରଟି ଚକ୍‌ଚକ୍ ମାରୁଥାଏ ।

ସେ ନିଶବ୍ଦରେ ଉଠିଆସି ବଙ୍ଗଳାର ଖୁଣ୍ଟମୂଳରେ ଠିଆହୋଇ ସାପଟିଏ ବୋଲି ସ୍ଥିରନିଶ୍ଚିତ ହେଲେ । ଅନ୍ୟ କେହି ହୋଇଥିଲେ ତାକୁ ଫସଲ କିଆରୀ ଭିତରକୁ ଘଉଡ଼ାଇ ଦେଇଥାନ୍ତା କିମ୍ବା ବାଡ଼ିଖଣ୍ଡିଏ ଆଣି ପିଟିପିଟି ମାରିଦେଇଥାନ୍ତା । ସେ କିନ୍ତୁ ଦୌଡ଼ିଯାଇ ଶାଣଦିଆ ଫାରସାଟିରେ ସାପଟିକୁ ଖଣ୍ଡଖଣ୍ଡ କରିଦେଲେ, ପରିବା କାଟିଲା ପରି । ଖଣ୍ଡ ଖଣ୍ଡ ଶରୀରଟି ତାର କିଛି ସମୟ ଛଟପଟ ହୋଇ ଶେଷରେ ନିଶ୍ଚଳ ହୋଇଗଲା । ସେଇ ଜହ୍ନ ରାତିରେ ତୃପ୍ତିରେ କୁଟିଳ ହସଟିଏ ଦେଖାଗଲା ତାଙ୍କ ମୁଖମଣ୍ଡଳରେ ।

ତହିଁପରଦିନ ସକାଳ ହେଉହେଉ ତାଙ୍କ ଚିତ୍କାରରେ ଆବାଳବୃଦ୍ଧ ବନିତା ସମବେତ ହେଲେ ଏ ବିଭତ୍ସ ଦୃଶ୍ୟଟି ଦେଖିବା ନିମନ୍ତେ । ସେ ତାଙ୍କର ବୀରତ୍ୱ ବଖାଣୁଥାନ୍ତି, କିପରି ସାପଟି ତାଙ୍କୁ ଦେଖି ଫଣାଟେକି ଫୁତ୍‌କାର କରି ତାଙ୍କୁ ଚୋଟ ମାରିବା ନିମନ୍ତେ ଗୋଡ଼ାଇଲା ଏବଂ ତିଳେମାତ୍ର ଭୟ ନକରି ଫାରସାରେ ହାଣି ସେ ତାକୁ ଟିକ୍‌ଟିକ୍ କରିଦେଲେ ତା'ର ଏ ଧୃଷ୍ଟତା ପାଇଁ । ଯେମିତି ସେ ସାବଧାନ କରିଦେଉଥିଲେ ମୂକ, ଭୟାତୁର ଜନସମୁଦାୟକୁ, କିପରି ସେ ଭୟଙ୍କର ହୋଇ ପାରନ୍ତି ଯେ କେହି ଧୃଷ୍ଟତା ପ୍ରଦର୍ଶନ କଲେ ।

ବେଳେବେଳେ ଅଙ୍ଗେ ନିଭେଇଥିବା ଭୌତିକ ଘଟଣାଟିଏ କହି ଶ୍ରୋତୃମଣ୍ଡଳିଟିକୁ ଚମତ୍‌କୃତ କରି ଦିଅନ୍ତି ।

ଥରେ ଭାଇଭାଇ ଭିତରେ କଳହର ସମାଧାନ ପାଇଁ ଦୂର ଏକ ଗ୍ରାମକୁ ଯାଇଥାନ୍ତି । ସମାଧାନ ତ କଲେ ନାହିଁ, ବରଂ ମଞ୍ଜିଟିଏ ପୋତିଦେଇ ଆସିଲେ ଉଭୟ ପକ୍ଷର ମସ୍ତିଷ୍କରେ । ତାହା ଦିନେ ଅଙ୍କୁରିତ ହୋଇ ଫୁଲଫୁଟିବ, ଫଳ ବି ଧରିବ, ଉଭୟ ପକ୍ଷ କୋର୍ଟ କଚେରୀକି ଦୌଡ଼ିବେ ଏବଂ ସେ ଏଣେ ଫୁଲ ଶୁଙ୍ଘିଶୁଙ୍ଘି ଆମୋଦିତ ହେଉଥିବେ, ସୁମିଷ୍ଟ ଫଳ ବି ତୋଳି ଖାଉଥିବେ ।

Digitized by srujanika@gmail.com

ଏସବୁ ବୁଦ୍ଧି ଆଉ କୌଶଳର ଖେଳ । ଖେଳ ସରୁସରୁ ଢ଼େର ରାତି ହୋଇଗଲା । ଉଭୟ ପକ୍ଷ ମହା ଆନନ୍ଦରେ ଖାଇଲେ ଏବଂ ବାଧ କରି ଖୁଆଇଲେ ବି ଏହି କରିତ୍କର୍ମା ପୁରୁଷ ପ୍ରବରଙ୍କୁ । ଫଳରେ ଢେର ରାତି ହୋଇଗଲା ।

ରାତିକି ସେ ଭୟକରନ୍ତି ନାହିଁ । ନିରବ ନିଶବ୍ଦ ରାତିରେ ଭୂତ ପ୍ରେତମାନଙ୍କର ଉତ୍ପାତ ସମ୍ପର୍କରେ ଯେଉଁ ଜନଶ୍ରୁତି ବେଳେବେଳେ ଆଲୋଚିତ ହୁଏ, ତାହା ସେ ବିଶ୍ୱାସ କରନ୍ତି ନାହିଁ । ବରଂ ହସିହସି, ଅନ୍ଧଙ୍କର ହାତୀଦେଖା ବୋଲି ଉପଖ୍ୟାନଟିଏ ବର୍ଣ୍ଣନା କରନ୍ତି ସେମାନଙ୍କ ସମ୍ମୁଖରେ ।

ସେଦିନର ପରିଧେୟ ତାଙ୍କର ଥାଏ ତତ୍କାଳୀନ ଜନସମାଜ ଆଦୃତ ଭଦ୍ରଲୋକୀ ବେଶ ଧୋବଫରଫର ଶାନ୍ତିପୁରୀ ଧୋତି ଆଉ ଶିଲ୍କ୍ ପଞ୍ଜାବୀ । ଗୋରା ଦେହକୁ ତାହା ବେଶ୍ ମାନେ ତାଙ୍କୁ ।

ଏସବୁ କାମରେ ଗଲାବେଳେ ଘରୁ ବେଶି ଭଙ୍ଗାପାନ ନିଅନ୍ତି ନାହିଁ । ଯେଉଁ କେତେ ଖଣ୍ଡ ନେଇଥାନ୍ତି, ସେଗୁଡ଼ିକ ପଥଶ୍ରାନ୍ତି ଯୋଗୁ ବାଟରେ ସରିଯାଇଥାଏ । ନିଶାପ କଲାବେଳେ ପକ୍ଷମାନଙ୍କଠାରୁ ପାନ ମିଳିଯାଏ ଆଉ ନିଶାପ ସାରି ଫେରିବା ପୂର୍ବରୁ ସଙ୍ଗରେ ନେଇଥିବା ପାନଡବାଟିକୁ ବଢ଼େଇ ଦିଅନ୍ତି ପକ୍ଷଙ୍କ ହାତକୁ । ତାହା ପାନଖିଲରେ ପରିପୂର୍ଣ୍ଣ ହୋଇ ତାଙ୍କ ପକେଟକୁ ଫେରିଆସେ ।

ସେଦିନ ବି ପକ୍ଷଟି ତାଙ୍କର ଶୂନ୍ୟ ପାନଡ଼ବାକୁ ପରିପୂର୍ଣ୍ଣକରି ଫେରାଇବାରେ କୌଣସି ତ୍ରୁଟି କରିନଥିଲେ । ମହା ଆନନ୍ଦରେ ସେଥିରୁ ଖଣ୍ଡିଏ କାଢ଼ି, କଳରେ ଯାକି, ସର୍ବଦା ବ୍ୟବହାର କରୁଥିବା ସୁଦୃଶ୍ୟ ବଙ୍କୁଲି ବାଡ଼ିଟିକୁ ହାତରେ ଧରି ଗୃହାଭିମୁଖୀ ହେଲେ ।

ଜହ୍ନରାତି । ସଫା ପରିଷ୍କାର ଜହ୍ନ ଆଲୁଅ ଚାରିଆଡ଼େ ବିଛାଡ଼ି ପଡ଼ିଥାଏ । ଦକ୍ଷିଣ ଦିଗରୁ ସୁଲୁସୁଲୁ ପବନ ଖୋଲା ବୋତାମ ଭିତର ଦେଇ ପଶିଯାଇ ତାଙ୍କର ଶରୀରଟିକୁ କୁତୁକୁତୁ କରୁଥାଏ, ଛୋଟ ଛୁଆଟିଏ ଭଳି । ଗୀତ ଗାଇବାକୁ ମନ ହେଉଥାଏ, କିନ୍ତୁ ସେ ଗାଇଲେ ନାହିଁ । କାଳେ କେଉଁ ପଥଚାରୀଟିଏ ଦେଖିଲେ କ'ଣ ଭାବିବ ? ବୁଢ଼ା ବୟସରେ ସେ ଫୁଲେଇ ହେଉଛନ୍ତି- ଏହି ଲୋକାପବାଦ ଭୟରେ । ତେଣୁ ନିଃଶବ୍ଦରେ ଗାଇଲେ - ଗୁଣୁଗୁଣୁ ହୋଇ, ହୃଦୟର ଆନନ୍ଦକୁ ନିଜେ ଉପଭୋଗ କରିକରି । ଏହା ତାଙ୍କର ଚିରନ୍ତନ ଅଭ୍ୟାସ । ଏହା ପଥଶ୍ରାନ୍ତି ଦୂରୀକରଣରେ ସହାୟତା କରେ, କଳରେ ଯାକିଥିବା ଖିଲି ପାନର ମଧୁର ରସ ସହିତ ମିଶି ।

Digitized by srujanika@gmail.com

ସୁବିସ୍ତୃତ ବିଲମାଳ । ଚତୁର୍ଦ୍ଦିଗରେ ନିଶା ଆଉ ନିରବତାର ରାଜତ୍ୱ । ଗ୍ରାମାଞ୍ଚଳ ଅଧ୍ୟୁଷିତ ଏହି ଅଞ୍ଚଳରେ କିଏବା କାହିଁକି ଏତେ ରାତିରେ ଘରୁ ବାହାରିବ କେଉଁ କାମରେ ଅବା ? ବରଂ ସେ ଶ୍ରମଜନିତ କ୍ଳାନ୍ତି ମେଣ୍ଟେଇବା ପାଇଁ, ରାତ୍ରି ଭୋଜନ ଶେଷ କରି ନିଘୋଡ଼ ନିଦରେ ଶୋଇଥିବ, ପ୍ରଶାନ୍ତିରେ ତାର ଘରଣୀ ସହିତ ।

ଏପରି ନିକାଞ୍ଚନ ପଥରେ କାହିଁକି କେଜାଣି ପଥ ସରେନାହିଁ ବୋଲି ମନେହୁଏ । ପୁଣି ମନେହୁଏ ବାଟଟି ଯେମିତି ଲମ୍ବିଲମ୍ବି ଯାଉଛି, ସରିବାର ନାଆଁ ଗନ୍ଧ ଧରୁନାହିଁ । ହଉ, ଲମ୍ବିଥାଉ । ତାଙ୍କୁ କଣ ବୁଝେଇ ଯିବ, ବଳେଇ ଯିବ କି । ଆରେ ତୁ ଯେତେ ଲମ୍ବା ହେଉଥାରେ ପୁଅ ! ସେ ମନକୁ ମନ କହିଲେ । ସୁଲୁ ସୁଲୁ ପବନ ଆଉ ହଳ୍ପରାତି, ତାଙ୍କୁ ଯେମିତି ଆମୋଦିତ କରୁଛି, ପୁଲକିତ ବି କରୁଛି । ପଥଶ୍ରାନ୍ତି ତ ଜଣାପଡୁନାହିଁ ବରଂ ଇଚ୍ଛା ହେଉଛି ଆଉ ଦି'ଘଡ଼ି ବଢି ଯାଆନ୍ତି କି ଏ ରାତିଟା ।

ଥାମ୍ !

ତାଙ୍କର ବିଚକ୍ଷଣ ମସ୍ତିଷ୍କରୁ ଆଦେଶଟିଏ ଶୁଣାଗଲା ଏବଂ ଏ ଆଦେଶକୁ ତାଙ୍କର ଚଳଚଞ୍ଚଳ ଗୋଡ଼ ଦୁଇଟି ତତ୍କ୍ଷଣାତ୍ ପାଳନ କଲେ ବ୍ରେକ୍ କସିବା ଭଳି । ଶରୀରଟି ତାଙ୍କର ଆଟେନ୍‌ସନ୍ ପୋଜିସନରେ ରହି ଗଲା ସ୍ଥିର ହୋଇ । ଅଦୃଶ୍ୟ ଆତଙ୍କଟିଏ ତାଙ୍କ କଳିଜା ଥରାଇ ଦେଲା ସମ୍ମୁଖସ୍ଥ ବିଭତ୍ସ ଦୃଶ୍ୟ ଦୁଇଟି ଦେଖି ।

ଦେଖିଲେ ଖରାଦିନରେ କ୍ଷୀଣସ୍ରୋତା କପାଳୀ ନଦୀର ପାଣିକୁ ଅଟକାଇ ନିକଟସ୍ଥ କୃଷିକ୍ଷେତ୍ରଗୁଡ଼ିକୁରେ ଜଳ ଯୋଗାଣ ନିମନ୍ତେ ସଶକ୍ତ ବନ୍ଧଟିଏ ବନ୍ଧା ଯାଇଛି ଦୁଇ କୂଳକୁ ସଂଯୋଗ କରି । ଉଦ୍‌ବୃତ ଜଳର ନିଷ୍କାସନ ବ୍ୟବସ୍ଥା ମଧ କରାଯାଇଛି । ଏହି ଜଳ ନିଷ୍କାସନ ପଥ ଉପରେ ତାଳ ଗଣ୍ଡିଟିଏ ଥୁଆ ହୋଇଛି ପଥଚାରୀଙ୍କ ଯାତାୟାତ ପାଇଁ । ନଦୀ କୂଳକୁ ଲାଗି ଯେଉଁ କାନକୋଳି କଣ୍ଟା, ବେଣାବୁଦା ଅଧ୍ୟୁଷିତ କ୍ଷୁଦ୍ର ପଡ଼ିଆଟିଏ ଅଛି, ତାହା ମହାମାରୀରେ ମୃତ ଶରୀରଗୁଡ଼ିକୁ ଫିଙ୍ଗି ଦେବାପାଇଁ ବ୍ୟବହୃତ ହୁଏ ବୋଲି ଜାଣନ୍ତି । କାରଣ ଏହି ଶରୀରଗୁଡ଼ିକ ଦାହ କରାଯାଏ ନାହିଁ ପ୍ରଚଳିତ ବିଧି ଅନୁସାରେ ।

ସେତେବେଳେ ମହାମାରୀ ବ୍ୟାପିଥାଏ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରେ । ଦୁଇଟି ମୃତ ଶରୀର, ଗୋଟିଏ ପୁରୁଷର, ଅନ୍ୟଟି ଜଣେ ନାରୀର, ଫିଙ୍ଗି ଦିଆଯାଇଥାଏ ଏହି ଶ୍ମଶାନ ଭୂମି ଉପରେ । ଶୃଗାଳ ଦଳେ ଏହି ଶବଦୁଇଟିକୁ ଖିନ୍‌ଭିନ୍ କରି ଖାଉଥାନ୍ତି ନିଶ୍ଚିନ୍ତ ମନରେ । ହଠାତ୍ ପାଖରେ ମଣିଷଟିଏ ଦେଖି ଚକିତ ନେତ୍ରରେ ଅନାଇ ରହିଲେ, ସତେ ଯେମିତି ପଚାରୁଥିଲେ ପ୍ରଶ୍ନଟିଏ- ହେ, ପଥିକ ପ୍ରବର ! କି ଦରକାର ଥିଲା ତୁମର ଏ ଜନମାନବ ଶୂନ୍ୟ ଶ୍ମଶାନକୁ ଆସି ଆମର ବହୁ ଆକାଂକ୍ଷିତ ସ୍ୱାଦିଷ୍ଟ ଭୋଜନ ସମୟରେ ଉପସ୍ଥିତ ହେବାରେ ?

Digitized by srujanika@gmail.com

ସେମାନଙ୍କୁ ଡରାଇବା ପାଇଁ, ହାତରେ ଧରିଥିବା ବାଡ଼ିଟିକୁ ସଶବ୍ଦରେ ସେ ତଳେ ପିଟିବାକୁ ଲାଗିଲେ । ଭୟାତୁର ଶୃଗାଳ ଦଳଟି ନିକଟସ୍ଥ କିଆବୁଦା ଭିତରେ ଅନ୍ତର୍ଦ୍ଧାନ ହୋଇଗଲେ ।

ଶୂନ୍‌ଶାନ୍ ରାତି । ପାର୍ଶ୍ୱରେ ଖଣ୍ଡ ବିଖଣ୍ଡିତ ବିଭତ୍ସ ଦୁଇଟି ଶବ । ଅଦୂରରେ ଆଖୁକ୍ଷେତ ଗୁଡ଼ିକ ଜଙ୍ଗଲର ଭ୍ରମ ସୃଷ୍ଟିକରୁଛି । ଜନମାନବ ଶୂନ୍ୟ ଏପରି ଏକ ରାତିରେ ସେ ଏକା ଉପସ୍ଥିତ ଏଠାରେ । ସତରେ ଯଦି ଶବଦୁଇଟି ପ୍ରେତ ରୂପ ନେଇ ମାଡ଼ିବସନ୍ତି ତାଙ୍କୁ, କି ଉପାୟ ଅଛି ମୁକ୍ତିର ?

ଯୁଗ ଯୁଗର କୁସଂସ୍କାର, ଭୂତ ପ୍ରେତର ଉପାଖ୍ୟାନଗୁଡ଼ିକ ତାଙ୍କୁ କବଳିତ କରିବାକୁ ଲାଗିଲା । ତାଙ୍କର ସର୍ବାଙ୍ଗ ଥରୁଥାଏ । ଗୋଡ଼ଦୁଇଟି ଅତ୍ୟଧିକ ଭୟ ହେତୁ ଅଚଳ ହୋଇ ଆସୁଥାଏ । ପଇତାଟିକୁ ପଞ୍ଜାବୀ ସନ୍ଧିରୁ ବାହାର କରି ବୁଢ଼ା ଆଙ୍ଗୁଳି ଆଉ ମଧ୍ୟମା ଆଙ୍ଗୁଳି ଦୁଇଟିରେ ଧରି ରାମନାମ ଜପିବାକୁ ଲାଗିଲେ ।

ମନରେ ଟିକେ ଦମ୍ଭ ଆସିଲା । ଜୀବନରେ କେବେ ବି ରାମ ନାମ ଉଚ୍ଚାରଣ କରୁନଥିବା ବ୍ୟକ୍ତିଟି ଦାୟରେ ପଡ଼ି ଆଜି ସାହାଯ୍ୟ, ସହାୟ ଲୋଡ଼ିଲେ,ଏହି ଅଦୃଶ୍ୟ ପୁରୁଷ ଶ୍ରେଷ୍ଠଙ୍କର । ସତରେ ତ ! ଭୟ ଧୀରେଧୀରେ ଅପସରି ଯିବାକୁ ଲାଗିଲା ! ମନରେ ଆସିଲା ଦମ୍ଭ ।

ସେ ଯୋର୍‌ଯୋର୍ ପାହୁଣ୍ଡ ପକାଇ ବନ୍ଧଟିକୁ ଅତିକ୍ରମ କରିଗଲେ । କିଛି ବାଟ ଗଲାପରେ ଯେତେବେଳେ ସେ ସ୍ଥିର ନିଶ୍ଚିନ୍ତ ହେଲେ ଯେ ସେ ବିଭତ୍ସ ଦୃଶ୍ୟ ସମ୍ବଳିତ ପ୍ରେତ ପରିବେଶଟିକୁ ଅନେକ ଦୂରରେ ଛାଡ଼ି ଆସିଲେଣି ନିଶ୍ଚିନ୍ତ ମନରେ ଦୀର୍ଘ ସମୟ ଧରି ଅଟକାଇ ରଖିଥିବା ପରିସ୍ରା ପାଇଁ ଚଲାବାଟ ଧାରରେ ବସି ପଡ଼ିଲେ । ଯେଉଁ ମୁହୂର୍ତ୍ତରେ ସେ ଶବଦୁଇଟିକୁ ହଠାତ୍ ଦେଖିଦେଲେ ସେହି ମୁହୂର୍ତ୍ତରୁ ତାଙ୍କୁ ପରିସ୍ରା ଦେଖାଇ ଆସୁଛି । ପ୍ରାଣପଣେ ସେ ତାକୁ ଅଟକାଇ ରଖିଥିଲେ ଭୟରେ । ଲାଗୁଥିଲା ଯେମିତି ସେହି ମୁହୂର୍ତ୍ତରେ ପରିସ୍ରାଟା ଲୁଗାପଟାରେ ହୋଇଯିବ । ମାତ୍ର ସେ ପଥରଟିଏ ଭଳି ଟାଣ କଲିଜା ପାଇଥିବା ସର୍ବମାନ୍ୟ ଶ୍ରୀଯୁକ୍ତ ଅମ୍ଭୁକେଇ । ଆଜିତାହା ପ୍ରମାଣିତ ହୋଇଗଲା ଯାହା ସାଧାରଣ ପଥିକଟିଏ କରିପାରିନଥାନ୍ତା କଦାପି, କସ୍ମିନ କାଳେ । ତାଙ୍କର ଏ ଧୈର୍ଯ୍ୟପାଇଁ ମନେମନେ ସେ ଆମୋଦିତ ହେଲେ । ରାମନାମକୁ ଭୁଲିଗଲେ ପୁନର୍ବାର । ସେ ସବୁ ମନର ଦୁର୍ବଳତା । ଏମିତି ହୁଏ ଏପରି କ୍ଷେତ୍ରରେ । ନୂଆ କଥା କିଛିନୁହେଁ । ବୁଝାଇଲେ ମନକୁ ।

Digitized by srujanika@gmail.com

ପରିସ୍ରା ନିଷ୍କାସିତ ହୋଇଗଲା । ବେଶ୍ ଆରାମ ଲାଗିଲା । ଚତୁର୍ଦିଗକୁ ଅନାଇ ଜ୍ୟୋତ୍ସ୍ନାପ୍ଲାବିତ ରାତିଟିକୁ ଉପଭୋଗ କରିବାକୁ ଲାଗିଲେ । କିଛି ସମୟ ଠିଆହୋଇ ବିଶ୍ରାମ ନେଲେ । ପୂର୍ବଶକ୍ତି ଫେରିଆସିଲା । ସେ ଅଗ୍ରସର ହେଲେ ପୂର୍ବବତ୍ ଗୃହ ଉଦ୍ଦେଶ୍ୟରେ ।

ଗୋଟିଏ ପାଦ ଆଗକୁ ପକାଇଛନ୍ତିକି ନାହିଁ ଭୂମିରେ, ସୁମିଷ୍ଟ ଶବ୍ଦଟିଏ ଗୁଞ୍ଜରିତ ହୋଇ ଉଠିଲା ତାଙ୍କ ସତର୍କ କାନରେ....ଝୁମ୍ ।

ସେ ଚମକି ପଡ଼ିଲେ । ପୁନଶ୍ଚ ଆଗକୁ ପାଦ ପକାଇଲେ । ପୁନଶ୍ଚ ଝୁମ୍ । ସର୍ବାଙ୍ଗରେ ଶିହରଣଟିଏ ଖେଳିଗଲା । ମନରେ ଭ୍ରାନ୍ତି ବୋଲି ମନେକରି ଯେତେ ପାଦ ସେ ଆଗକୁ ଅଗ୍ରସର ହେଲେ ତାକୁ ତାଳଦେଇ ଗୋଡ଼ରେ ନୂପୁର ପିନ୍ଧି ନାରୀମୂର୍ତିଟିଏ ତାଙ୍କ ପଛରେ ତାଙ୍କୁ ଅନୁସରଣ କରୁଛି ବୋଲି ତାଙ୍କର ମନେହେଲା । ପଛକୁ ଚାହିଁ ସତ୍ୟାସତ୍ୟ ପରଖି ନେବାକୁ ତାଙ୍କର ଇଚ୍ଛାଥିଲା । ମାତ୍ର ତାହା ସେ କଲେନାହିଁ କାରଣ ସୁସ୍ପଷ୍ଟ ।

ଯୌବନରେ ପାଦଥାପୁଥିବା ଅତୃପ୍ତ ଯୁବତୀର ଆତ୍ମା ତାଙ୍କୁ ଅନୁସରଣ କରୁଛି ଡାହାଣୀ ରୂପରେ । ତାର ପ୍ରମାଣ ତ ତାଙ୍କ କାନରେ ବାଜୁଛି । ପାଦରେ ପିନ୍ଧିଥିବା ନୂପୁରର ମଧୁର ରୁଣୁଝୁଣୁ ଶବ୍ଦ ତାଙ୍କ ଚେତନା ଭିତରେ ପ୍ରବେଶକରି ତା'ର ସତ୍ତା ଦର୍ଶାଇ ଦେଉଛି । ଆଉ କଣ ବାକିଅଛି ଜାଣିବାକୁ, ପଛକୁ ଅନାଇବାକୁ, ବିପଦକୁ ବରଣ କରିବାକୁ ପଛକୁ ଅନାଇ ।

ବାପା ତାଙ୍କର ଦଫାଦାର ଥିଲେ । ମଜବୁତ୍ ଚେହେରାର ମଣିଷଟିଏ । ହତ୍ୟା ହେଉ, ମାରପିଟ ହେଉ ବା ଚୋରି, ଥାନାଦାରଙ୍କ ସହିତ ତାଙ୍କୁ ଉପସ୍ଥିତ ହେବାକୁ ପଡୁଥିଲା ଇଲାକା ଭିତରେ ରାତି ହେଉ ବା ଦିନ । ଅନେକ ଥର ନିର୍ଜନ ରାତିରେ ସେ ଫେରୁଫେରୁ ଭୂତ ପ୍ରେତଙ୍କ ସହିତ ସାକ୍ଷାତ ହୁଏ ବୋଲି ସେ କୁହନ୍ତି । ରକ୍ଷାର ଉପାୟ ବି ବତାଇ ଦିଅନ୍ତି । ପଛକୁ ଚାହିଁ ଦେଖିବ ନାହିଁ କେବେ ବି । ଭୂତ ହେଉ ବା ପ୍ରେତ, ତତ୍‌କ୍ଷଣାତ୍ ମାଡ଼ି ବସିବ । ରକ୍ତ ପିଇଯିବ ଚଡ଼ଁଚଡ଼ଁ କରି । ସେ ରକ୍ତ ଛାତିରେ ମୁଣ୍ଡା ଧରିଯିବ । ଲୋକଟା ରକ୍ତ ବାନ୍ତିକରି ମରିଯିବ ଘରକୁ ଫେରି । ଉପାୟ ବି ବତାଇ ଦେଇଥିଲେ ରକ୍ଷାର ।

ଆଉ ପ୍ରାଣରକ୍ଷାର ଗୋଟାଏ ଅବ୍ୟର୍ଥ ମନ୍ତ୍ର, ଗାୟତ୍ରୀ ମନ୍ତ୍ର । ପଇତାଟିକୁ ବୁଢ଼ାଆଙ୍ଗୁଳି ଆଉ ମଧମା ଆଙ୍ଗୁଳିରେ ଧରି ଗାୟତ୍ରୀ ମନ୍ତ୍ର ଜପିବ ଅଷ୍ଟବାର । ଶହେ ଆଠବାର ଜପିବ ଦରକାର ହେଲେ । ତୁମର କିଛି ହେବ ନାହିଁ । କିନ୍ତୁ ଖବରଦାର, ପଛକୁ ଫେରି କେବେ ବି ଚାହିଁବ ନାହିଁଟି । ଗାୟତ୍ରୀ ଜପ ବିଫଳ ହୋଇଯିବ ! ଶୁଣାକଥା ନୁହେଁ । ସେ ନିଜ

Digitized by srujanika@gmail.com

ଆଖିରେ ଦେଖିଛନ୍ତି - ସଦା ବାରିକ କିପରି ମୁଣ୍ଡାମୁଣ୍ଡା ରକ୍ତ ବାନ୍ତିକରି ମଲା ପ୍ରତ୍ୟକ୍ଷ ପ୍ରେତ ଦର୍ଶନରେ । ବାପାଙ୍କ କଥାକୁ ସେଦିନ ବିଶ୍ୱାସ ସେ କରୁନଥିଲେ । ଯୁକ୍ତି ତାଙ୍କୁ ବିଶ୍ୱାସ କରିବାକୁ ବାଟ ଛାଡୁନଥିଲା ।

ଆଉ ଆଜି । ସତରେ ଯଦି ପଛକୁ ଫେରି ଚାହିଁଲେ ଝିଅଟାର ଅତୃପ୍ତ ପ୍ରେତଟା ତାଙ୍କୁ ମାଡ଼ିବସିବ ? ରକ୍ତ ପିଇଯିବ ! ତେବେ !

ନା, କଦାପି ନୁହେଁ । ପଛକୁ ଫେରି ଅନାଇବେ ନାହିଁ । ବିପଦକୁ ବରଣ କରିବେ ନାହିଁ ଜାଣିଶୁଣି । ପିତୃବାକ୍ୟ, ଗୁରୁବାକ୍ୟ ପାଳନ କରିବା ସର୍ବଦା ବିଧେୟ, ଏହା ଶାସ୍ତ୍ରର ବାଣୀ ।

ବାପାଙ୍କଠାରୁ ଶିଖିଥିବା ଗାୟତ୍ରୀ ମନ୍ତ୍ର ମୁଣ୍ଡର କେଉଁ ଏକ ଅଳିଆ ଗଦାକୁ ପେଡ଼ିରେ ପୂରାଇ ଫିଙ୍ଗିଦେଇଥିଲେ ଅନେକ ଦିନରୁ । ଏବେ ସେ ଅଣ୍ଡାଳି ବସିଲେ । ବିଚକ୍ଷଣ ସ୍ମରଣ ଶକ୍ତି ତୁରନ୍ତ ତାଙ୍କୁ ମନେପକାଇ ଦେଲା ଜପଟିକୁ । ସେ ଆବୃତ୍ତି କରିବାକୁ ଲାଗିଲେ ସଶବ୍ଦରେ, ପରିଷ୍କାର କଣ୍ଠରେ । ଆଉ ପଛକୁ ଫେରି ଚାହିଁଲେ ନାହିଁ ।

କଦମ୍ ପକେଇ ପକେଇ ଚାଲିଥାନ୍ତି ଗାୟତ୍ରୀ ଜପ କରିକରି । ଆଠଥର ଆବୃତ୍ତି କରିସାରିଲେ । ମାତ୍ର ତାଙ୍କ ଚାଲି ସହିତ ତାଳଦେଇ ଅନୁସରଣ କରୁଥିବା ଡାହାଣୀର ନୂପୁରରୁ ନିର୍ଗତ ଶବ୍ଦ- ଝୁମ୍...ଝୁମ...ର କିନ୍ତୁ ବିରାମ ନାହିଁ ।

ପ୍ରକୃତରେ ଅନୁସରଣ କରୁଛିକି ନାହିଁ ଜାଣିବା ନିମନ୍ତେ ସେ ଦଣ୍ଡେ ଠିଆହୋଇ ନିରବରେ କାନପାତିଲେ । କିଛି ଶବ୍ଦ ଶୁଣାଗଲା ନାଇଁ । ପୁଣି କଦମ୍ ପକାଇଲା ମାତ୍ରେ କଦମର ତାଳେ ତାଳେ ଝୁମ୍, ଝୁମ୍ ଶବ୍ଦ ଶୁଣାଯାଉଛି ଅର୍ଥାତ୍ ଝିଅଟିର ପ୍ରେତାତ୍ମାଟି ତାଙ୍କୁ ଅନୁସରଣ କରୁଛି ପୂର୍ବବତ୍ ।

ବର୍ତ୍ତମାନ ଗାୟତ୍ରୀ ଶହେ ଆଠଥର ଆବୃତ୍ତି କରିବାର ପାଳି । ଅଗତ୍ୟା ସେ ଆବୃତ୍ତି କରିବାକୁ ଲାଗିଲେ ।

ଏହି ଉନ୍ମାଦନା, ଉତ୍‌କଣ୍ଠା, ଉତ୍‌ପୀଡ଼ନ, ଉଦ୍‌ବିଗ୍ନତା ଭିତରେ ନିମଜ୍ଜିତ ରହି କେତେବେଳେ ଆସି ଆମ ଗ୍ରାମ ସୀମାନ୍ତରେ ପହଞ୍ଚି ଗଲେ, ଜାଣି ଅବାକ୍ ହୋଇଗଲେ । ଗ୍ରାମର ନଡ଼ିଆ ଗଛ ବାହୁଙ୍ଗାରେ ଜହ୍ନ ପଡ଼ି ପତ୍ରଗୁଡ଼ିକ ଚକ୍‌ଚକ୍ କରୁଛି । ଗ୍ରାମଦେବତୀ ଐଶାନ୍ୟ ଚଣ୍ଡୀ ପୂର୍ବ ପାଖରେ ରହି ଗ୍ରାମକୁ ରକ୍ଷା କରନ୍ତି ସବୁ ଅଶୁଭ ଶକ୍ତିରୁ । ତାଙ୍କ ଉଦ୍ଦେଶ୍ୟରେ ହାତଯୋଡ଼ି ପ୍ରଣାମଟିଏ କରି ପରିସ୍ତା କରି ବସିଲେ ।

Digitized by srujanika@gmail.com

ପରିସ୍ରା ସାରି ଉଠି ଠିଆ ହେଲେ । ଅଳସ ଭାଙ୍ଗିଲେ ତୃପ୍ତିରେ । ସେ ପଛକୁ ଫେରି ଚାହିଁନାହାନ୍ତି ବାଟ ସାରା । ଶହେ ଆଠଥର ଗାୟତ୍ରୀ ମନ୍ତ୍ର ବି ଜପି ସାରିଛନ୍ତି ଏ ଭିତରେ । ତାଙ୍କର କିଛି କ୍ଷତି ହେବାର ନାହିଁ । ସେ ଭାବିଲେ ।

ପରିତୃପ୍ତିରେ, ନିର୍ଭୟରେ ସେ ପୁନଶ୍ଚ କଦମ ପକାଇ ଗୃହ ଅଭିମୁଖେ ଅଗ୍ରସର ହେଲେ । ଆଶ୍ଚର୍ଯ୍ୟ ! କାହିଁ ତ, ଆଉ ଝୁମ୍‌ଝୁମ୍ ଶବ୍ଦ ଶୁଣାଯାଉନାହିଁ ପଛରୁ ? ଠିକ୍ କଥା ! ଗାୟତ୍ରୀ ମନ୍ତ୍ରର ପ୍ରଭାବ ତଥା ଐଶାନ୍ୟ ଚଣ୍ଡୀଙ୍କ ଇଲାକା ପଡ଼ିବାରୁ ହୁଏ ତ ଭୟରେ ପଳାଇଲା ତାହାଣୀଟା ।

ସେ ନିଶ୍ଚିନ୍ତ ମନରେ ସବୁ ସତର୍କତା ମନରୁ ପୋଛି ଦେଇ ଦ୍ରୁତ ବେଗରେ ଚାଲିଲେ । ହଠାତ୍ ଗଛର ଛାଇଛାଇକା ଜହ୍ନ ଆଲୁଅରେ ଜାଣିନପାରି ପାଦଟି ତାଙ୍କର ରାସ୍ତାରେ ସୃଷ୍ଟ ଏକ ଖାଲରେ ପଶିଗଲା ଏବଂ ସେ ହାମୁଡ଼େଇ ପଡ଼ିଲେ । ଶକ୍ତ ଆଘାତରୁ ରକ୍ଷା ପାଇଗଲେ ଦୁଇ ହାତକୁ ଭରାଦେଇ ।

ଏଥର ପୁନଶ୍ଚ ସେଇ ଭୀତିପ୍ରଦ ଶବ୍ଦ- 'ଝୁମ୍' ଝଙ୍କୃତ ହୋଇ ଉଠିଲା । ବିକଳରେ ଉଠି ଠିଆ ହେଲାବେଳେ ହଠାତ୍ ହାତ ତାଙ୍କର ପଞ୍ଜାବୀ ପକେଟରେ ବାଜିଗଲା ଏବଂ ଝୁମ୍ କରି ଶବ୍ଦଟିଏ ହେବାର ସେ ପ୍ରତ୍ୟକ୍ଷ କଲେ ।

ତେଣୁ ସତର୍କ ହୋଇ ପକେଟ୍‌ରେ ହାତମାରି ଦେଖନ୍ତି, ଘରୁ ବାହାରିଲା ବେଳେ ଟ୍ରେଜେରୀର ଚାବିଟି ବନ୍ଦକରି କୁଞ୍ଚିକାଠି ପେନ୍ଥାଟିକୁ ସେ ଭୁଲ୍‌ରେ ପକେଟ୍‌ରେ ରଖିଦେଇଥିଲେ, ଗଦିତଳେ ନରଖି ।

ବୁଦ୍ଧିଦୀପ୍ତ ମଗଜଟା ତାଙ୍କର ସକ୍ରିୟ ହୋଇ ଉଠିଲା । ଘଟଣାଟିକୁ ସେ ବେଶ୍ ବୁଝି ପାରିଲେ ବର୍ତ୍ତମାନ ।

ଭୟରେ ଜଡ଼ସଡ଼ ମନ ଓ ଶରୀରଟି ତାଙ୍କର କୌଣସି ବାସ୍ତବତାକୁ ଦେଖିବାର ପ୍ରବୃତ୍ତି ହରାଇ ସାରିଥିଲା, ହଠାତ୍ ବିଭତ୍ସ ଶବ ଦୁଇଟିର ଦର୍ଶନରେ । ପରିବେଶ ବି ଥିଲା ଭୌତିକ ନିର୍ଜନ ନିଥର ରାତିରେ । ତେଣୁ ଘଟଣା ସ୍ଥଳରୁ ଅପସରି ଗଲା ପରେ ଭୟରୁ ସୃଷ୍ଟ ପରିସ୍ରାର ତଳବକୁ ଅଟକାଇ ଅଟକାଇ ଅତିଷ୍ଠ ହୋଇ ଯେତେବେଳେ ସେ ଯାକି ଯୁକି ହୋଇ ପରିସ୍ରା ବସିଲେ ଏବଂ ପରିସ୍ରା ଅଟକାଇଥିବା କ୍ଳାନ୍ତିରୁ ମୁକ୍ତି ପାଇଲେ, ଠିଆହୋଇ ଅଳସ ଭାଙ୍ଗିଥିଲେ ସେ । ସେହି ଦୁଇହାତ ମେଲାଇ ଅଳସ ଭାଙ୍ଗିବାଜନାତ ଅବସ୍ଥାରେ କୁଞ୍ଚି ପେନ୍ଥାଟି ସ୍ଥାନଚ୍ୟୁତ ହୋଇ ସେ ଚାଲିଲା ବେଳେ ଝୁମ୍‌ଝୁମ୍ ଶବ୍ଦଟିଏ

Digitized by srujanika@gmail.com

ସୃଷ୍ଟି କରୁଥିଲା ପ୍ରତି ପଦକ୍ଷେପ ସହିତ ତାଳ ଦେଇ । ପ୍ରେତର ଭୟ ଜାବୁଡ଼ି ଧରି ଥିଲା ମନ, ଚୈତନ୍ୟକୁ କବଳିତ କରି । ସେଥିରୁ ସୃଷ୍ଟ ଶବ୍ଦ କଳ୍ପିତ ମୃତ ଯୁବତୀଟିର ପାଉଁଜି ବା ନୂପୁରର ଶବ୍ଦ ରୂପେ ତାଙ୍କୁ ପ୍ରତୀୟମାନ ହେଲା । ରହସ୍ୟ ଖୋଲିଗଲା । ସେ ଆଶ୍ୱସ୍ତ ହେଲେ । ଭ୍ରାନ୍ତି କିପରି ସୃଷ୍ଟି ହୁଏ, ଏ ଥିଲା ତା'ର ଏକ ନମୁନା ବୋଲି ସେ ଜାଣିଲେ ।

ଦେଖିଲେ ସମଗ୍ର ଗ୍ରାମ ଜନତା ସୁପ୍ତ । ରାତ୍ରୀର ଏଇ ନିଶିଦ୍ଧ ପ୍ରହରରେ ଅନାହୂତ ପ୍ରବେଶକୁ ବିରୋଧ କରି ସତର୍କ କୁକୁର ଦଳ ଚିତ୍କାର କରି ଉଠିଲେ । ପୁଣି ଚୁପ୍ ହୋଇଗଲେ ଚିହ୍ନିପାରି । ଦାଣ୍ଡ ବଙ୍ଗଳାରେ ପଡ଼ିଥିବା ପଲଙ୍କ ଉପରର ନରମ ଗଦି ତାଙ୍କୁ ଶୋଇବା ପାଇଁ ଆହ୍ୱାନ କରୁଥିଲା । ଏତେ ରାତିରେ ଘରେ ଡାକମାରି ଅନ୍ୟମାନଙ୍କ ନିଦ୍ରାରେ ବାଧାସୃଷ୍ଟି କରିବାକୁ ସେ ଉଚିତ ମଣିଲେ ନାହିଁ । ସଦାସର୍ବଦା ମାଠିଆଟିଏ ଜଳପୂର୍ଣ୍ଣ କରାଯାଇ ରଖାଯାଇଥାଏ, ରାତ୍ରିରେ ବ୍ୟବହାର ନିମନ୍ତେ । ସେଥିରୁ ଗଡ଼ାଇ ସେ ଗୋଡ଼ହାତ ଧୋଇ ନେଲେ । ପଞ୍ଜାବୀଟି ଓହ୍ଲାଇ ପଲଙ୍କ ବାଡ଼ରେ ଟାଙ୍ଗିଦେଲେ । ପୂରା ଗ୍ଲାସେ ପାଣି ପିଇଦେଇ ପରିତୃପ୍ତିରେ ଶୋଇଗଲେ ପଲଙ୍କ ଉପରେ ।

ବିଚକ୍ଷଣ ବୁଦ୍ଧି, ବାକ୍‌ପଟୁତା, ଚତୁରତାର ଅଧିକାରୀ ଏହି ପୁରୁଷ ପୁଙ୍ଗବଙ୍କର ଶେଷ ଜୀବନ କଟିଥିଲା ଅତ୍ୟନ୍ତ ଦୁଃଖ, ନୈରାଶ୍ୟ, ଯନ୍ତ୍ରଣା ତଥା ନିସ୍ୱତା ମଧ୍ୟରେ । ପଞ୍ଚାୟତିରାଜ ପ୍ରଚଳନ, ରାଜନୈତିକ ପ୍ରଭାବ ବୃଦ୍ଧି ଗ୍ରାମାଞ୍ଚଳ ପରିବେଶକୁ ଓଲଟ ପାଲଟ କରିଦେଲା ଏବଂ ମାମଲାଗୁଡ଼ିକ ସରପଞ୍ଚଙ୍କ ବିଚାରାଧୀନ ହୋଇଗଲା । ଗ୍ରାମ୍ୟ ଭଦ୍ରଲୋକୀର ଆଉ କୌଣସି ଆବଶ୍ୟକତା ପଡ଼ିଲା ନାହିଁ । ପୁରୁଷପୁଙ୍ଗବ ଅଲୋଡ଼ା ରହିଗଲେ ଦିନକୁ ଦିନ । ରାଜନୈତିକ ଦଳରେ ସାମିଲ ହୋଇ ନିଜର ବିଚକ୍ଷଣ ବୁଦ୍ଧି, ବାକ୍‌ପୁଟୁତାର ପରାକାଷ୍ଠା ଦେଖାଇବାର ବୟସ କିମ୍ବା ଶକ୍ତି ତାଙ୍କ ପାଖରେ ନଥିଲା । ଯେଉଁ ମେଞ୍ଚଡ଼ ଟୋକା ଭରସି କରି ତାଙ୍କ ଆଗରେ ଠିଆ ହେବାକୁ ଭୟକରୁଥିଲେ ପରିବର୍ତ୍ତିତ ପରିସ୍ଥିତିରେ ନେତା ବନିଗଲେ କେହିକେହି ସେମାନଙ୍କ ମଧ୍ୟରୁ । ଗ୍ରାମାଞ୍ଚଳର ଚାବିକାଠି-ଇନ୍ଦିରା ଆବାସ, କଂଟ୍ରୋଲ ଦୋକାନ, ମାଗଣା ଚାଉଳ ଇତ୍ୟାଦି ଅନେକଅନେକ ସୁବିଧା ସେମାନଙ୍କ ପାଖରେ ରହିଲା । ସ୍ୱାର୍ଥ ସର୍ବସ୍ୱ ଗ୍ରାମ୍ୟ ଜନତା ତାଙ୍କ ପଛରେ ଗୋଡ଼ାଇଲେ ।

ଏଣେ ବୃଦ୍ଧ, ଅସହାୟ, ଶାରୀରିକ ଅସମର୍ଥ ହୋଇ ଏକଦା ପୁରୁଷପୁଙ୍ଗବ ବୋଲାଉଥିବା ମଣିଷଟି ବାର୍ଦ୍ଧକ୍ୟ ଯନ୍ତ୍ରଣାରେ ଛଟପଟ ହୋଇ ନିଜର ଅହଙ୍କାର ତଥା ବଡ଼ ପଣିଆକୁ ଜାହିରି କରିବାର ଅପଚେଷ୍ଟା କରି ସଞ୍ଚିତ ଅର୍ଥକୁ ଆଡମ୍ବରପୂର୍ଣ୍ଣ ଝିଅ ପୁଅ

Digitized by srujanika@gmail.com

ବାହାଘର, ଏକ ସୁବୃହତ ଏକାନ୍ନବର୍ତ୍ତୀ ପରିବାରର ଦାୟିତ୍ୱ ତୁଲାଉ ତୁଲାଉ ନିସ୍ୱ ହୋଇଗଲେ । ଅର୍ଜିତ ସମ୍ପତ୍ତି ବିକ୍ରି କରିବାକୁ ଲାଗିଲେ । ସାନଭାଇ ପରିବାର ଅଲଗା ହୋଇଗଲା ତା'ର ହକ୍ ଭାଗନେଇ । ଏକଦା ଯେଉଁ ଚାଟୁକାରମାନେ ତାଙ୍କ ପାଖ ଛାଡୁନଥିଲେ, ଧର୍ମ କର୍ମ ସମ୍ବନ୍ଧ ସ୍ଥାପନ କରିଥିଲେ, ବାଡ଼ିରେ ଉତ୍ପନ୍ନ ଫଳ ମୂଳ, ପୋଖରୀରୁ ମାଛ ଇତ୍ୟାଦି ଧରି ଯାତାୟତ କରୁଥିଲେ ଅହରହ, ସେମାନଙ୍କ ଦେଖା ମିଳିଲା ନାହିଁ । ଧନ ସଂପତ୍ତି, ଅହଙ୍କାର, ଗର୍ବରେ ମତ୍ତହୋଇ ନିଜର ଏକମାତ୍ର ପୁତ୍ରକୁ ପାଠ ପଢ଼ାଇ ଯୋଗ୍ୟ କରିବାର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଲେ ନାହିଁ । ଫଳରେ ପିଲାଟି ମଣିଷ ହେଲାନାହିଁ । ନିଜର କୃତକର୍ମ ପାଇଁ ଅନୁଶୋଚନା କରୁକରୁ ଗୁରୁତର ରୋଗରେ ଦୀର୍ଘ ଦିନଧରି ପୀଡ଼ିତ ହୋଇ, ଉପଯୁକ୍ତ ଚିକିତ୍ସା ନପାଇ ଏହି କୀର୍ତ୍ତିମାନ ବ୍ୟକ୍ତିଟି ନିଜର ଅନ୍ତର୍ବେଦନାରେ ଜଳିଜଳି ନିଶେଷ ହୋଇଗଲେ ।

ଆଜି ଗ୍ରାମରେ ମେଳନଟିଏ ହେଲେ, ନିମନ୍ତ୍ରିତ ବିମାନ ସବୁ ବସିବା ପାଇଁ ସ୍ଥାନର ଅଭାବ ପଡୁଛି । ସର୍ବସାଧାରଣ ଦାଣ୍ଡ, ରାସ୍ତା, ନାଳ ବ୍ୟକ୍ତିବିଶେଷଙ୍କ ଦ୍ୱାରା ଅଧିକୃତ । ଗ୍ରାମକୁ ରାସ୍ତାଟିଏ କରାଯାଇ ପାରୁନାହିଁ ବ୍ୟକ୍ତି ବିଶେଷଙ୍କ ଜବର ଦଖଲ ଯୋଗୁ । ସର୍ବସାଧାରଣଙ୍କ ପାଇଁ ଉଦ୍ଦିଷ୍ଟ ଦାଣ୍ଡ ଗୁଡ଼ିକରେ ଖୁଣ୍ଟ ପୋତାଯାଇ ସେମାନଙ୍କର ଗାଈଗୋରୁ ବାନ୍ଧିବା କାର୍ଯ୍ୟରେ ବ୍ୟବହୃତ ହେଉଛି । ଦାଣ୍ଡଦେଇ ଗାଡ଼ିଟିଏ ଯିବା ଦୁଷ୍କର ମନେହେଉଛି । ଏ ସବୁ ଅବ୍ୟବସ୍ଥା ଦେଖି, ଲୋକେ ବେଳେବେଳେ ମନେ ପକାନ୍ତି ସେହି କିର୍ତ୍ତିମାନ ବ୍ୟକ୍ତିଟିକୁ, ପଛରେ ତାଙ୍କର ହଜାରେ ଅପକର୍ମ ଥିଲେ ବି- ସାଆନ୍ତେ ଆଜି ଥାଆନ୍ତେ କି ?

ଠିକ୍ ଯେମିତି ଆଜି ବୁଢ଼ାବୁଢ଼ୀ ଲୋକେ ମନେ ପକାନ୍ତି ବ୍ରିଟିଶ ଶାସନକୁ, ବର୍ତ୍ତମାନର ଅବକ୍ଷୟମାଣ ଶାସନ ବ୍ୟବସ୍ଥା, ଦୁର୍ନୀତି, ଦୁରାଚାର, ଭ୍ରଷ୍ଟାଚାର, କୁଶାସନ, ଅବକ୍ଷୟମାଣ ସମାଜ ବ୍ୟବସ୍ଥାକୁ ତୁଳନାକରି ସେତେବେଳର ବିଟ୍ରିଶ ଶାସନ ବ୍ୟବସ୍ଥା ସହିତ ।

• • •

Digitized by srujanika@gmail.com

ଗୁରୁ ଦକ୍ଷିଣା

ଖର୍ବକାୟ, ଗୋରା ତକତକ, ବଳିଲାବଳିଲା ଗଢ଼ଣ, ଜ୍ଞାନଦୀପ୍ତ ଚେହେରାଟି ତାଙ୍କର । ପରିଧାନ ଧୋବ ଫରଫର ଧୋତି ଓ ସୁନାଭଳି ଚକ୍‌ଚକ୍ କରୁଥିବା ବୋତାମଲଗା ପଞ୍ଜାବୀ । ଲମ୍ବା କୁଞ୍ଚିଟିକୁ ପଞ୍ଜାବୀ ପକେଟରେ ଖୋସିଦିଅନ୍ତି । ଚପଲ ପିନ୍ଧି ଚାଲିଲା ବେଳେ ସଂଭ୍ରମରେ ବାଟଛାଡ଼ି ଦିଅନ୍ତି ସମସ୍ତେ ।

ଟରଟର ହୋଇ କ୍ଲାସକୁ ପଶି ଆସନ୍ତି । ହାତରେ ଧରିଥିବା ବେତଖଣ୍ଡିକ ଟେବୁଲ ଉପରେ ଥୋଇ ଦେଇ ତୀକ୍ଷ୍ଣ ଦୃଷ୍ଟିରେ ସମସ୍ତ ଛାତ୍ରଙ୍କ ଉପର ଥରେ ଦୃଷ୍ଟି ବୁଲେଇ ନିଅନ୍ତି । କୌଣସି ପିଲା ଅନୁପସ୍ଥିତ ଥିଲେ, ତତ୍‌କ୍ଷଣାତ ପିଲାଟିର ନିକଟତମ ଗ୍ରାମର ପିଲାଦୁଇଟିଙ୍କୁ ପଠେଇ ଦିଅନ୍ତି ଧରିଆଣିବାପାଇଁ । ଏହା ହିଁ ଥିଲା ତତ୍‌କାଳୀନ ସ୍କୁଲଗୁଡ଼ିକର ବ୍ୟବସ୍ଥା ।

ପୂର୍ବଦିନର ସେ ପଢ଼େଇଥିବା ବିଷୟଗୁଡ଼ିକୁ ପିଲାମାନେ ପଢ଼ିଛନ୍ତି କି ନାହିଁ ଜାଣିବା ନିମନ୍ତେ ଜଣଜଣ କରି ପଚାରି ବସନ୍ତି । ଆଉ ଠିକ୍‌ଠିକ୍ ଉତ୍ତର ନ ଦେଇ ପାରିଲେ ପିଲାଟିକୁ ଦଣ୍ଡ ଭୋଗିବାକୁ ପଡ଼େ । ସେ କାନଧରି ଠିଆହୁଏ ବେଞ୍ଚ ଉପରେ । ଆଉ ବାରମ୍ବାର ଖିଲାପ କଲେ ହୁଏତ ସହିବାକୁ ପଡ଼େ ବେତ୍ରାଘାତ କିମ୍ବା କାନଧରି ଏକ ଗୋଡ଼ିକିଆ ଠିଆହେବାକୁ ପଡ଼େ ସାରା ପିରିଅଡ଼ଟା । ସେଥିରେ ନ ସୁଧୁରିଲେ ତା'ର ବାପାକୁ ଡକାଇ ପଠାନ୍ତି କିମ୍ବା ନିଜେ ଯାଇ ତା ବାପାଙ୍କ ସାମ୍ନାରେ ପିଲାଟିକୁ ଡକାଇ ତା'ର ଅବହେଳା ବିଷୟରେ ଅଭିଯୋଗ କରନ୍ତି । ଧମକ୍ ବି ଦିଅନ୍ତି ପିଲାଟିର ନାଆଁ କାଟିଦେବାକୁ ସ୍କୁଲରୁ । ପିଲାଟି କେମିତି ସୁଧୁରିବ, ସେଥିପାଇଁ ଚେଷ୍ଟା ଅବ୍ୟାହତ ରଖିଥାନ୍ତି ।

ତା' ପରେ ସେ କ୍ଲାସ ଆରମ୍ଭକରି ବସନ୍ତି ପଢ଼େଇବାକୁ ନୂତନ ବିଷୟଟିଏ । ଆମେ ସବୁ, ତତ୍‌କ୍ଷଣାତ୍ ବସ୍ତାନି ଖୋଲି ବହିଟିମାନ ବାହାରକରି ନୂତନ ବିଷୟଟିକୁ ଅଣ୍ଡାଳି ବସୁ । ସେ ପୃଷ୍ଠା ବତେଇ ଦିଅନ୍ତି ସୁବିଧା ହେବ ବୋଲି । ମଝିରେମଝିରେ ପରଖି ନିଅନ୍ତି ସତର୍କ ଦୃଷ୍ଟିରେ, ଆମେ ସମସ୍ତେ ମନଦେଇ ଶୁଣୁଛୁ କି ନାହିଁ ।

ଏମିତି ସୂତ୍ରରେ ସେ ଇତିହାସ ପଢ଼ାନ୍ତି ।

ଆଉ ତାଙ୍କର ଇଂରାଜୀ ପଢ଼ାଇବାର ଧାରା ଥିଲା ସଂପୂର୍ଣ୍ଣ ଅଲଗା । ପ୍ରଥମେ ସେ ଟେନସ୍ ଜ୍ଞାନ ସମ୍ପର୍କରେ ଜଣଜଣ କରି ପରୀକ୍ଷା କରିବସନ୍ତି କେତେଗୁଡ଼ିଏ ପ୍ରଶ୍ନ ପଚାରି । ପିଲାମାନଙ୍କର ଏ ବିଷୟରେ ଥିବା ଦୁର୍ବଳତାକୁ ସେ ଭଲ ଭାବରେ ଜାଣିଥାନ୍ତି । ଉତ୍ତର ଦେଇ ନ ପାରିଲେ ବିରକ୍ତ ନହୋଇ ପୁଣିଥରେ ସୂତ୍ରଗୁଡ଼ିକ ବତେଇ ଦିଅନ୍ତି । ସେ

Digitized by srujanika@gmail.com

ଭଲଭାବରେ ଉପଲବ୍ଧି କରିଥାନ୍ତି, ନୂତନ ଭାଷାଟିଏ ଆୟତ୍ତ କରିବା ଛାତ୍ରଟିଏ ପକ୍ଷରେ କେତେ କଷ୍ଟକର ବ୍ୟାପାର ।

ତାପରେ ସେ ଆସନ୍ତି ବିଷୟବସ୍ତୁ ଉପରକୁ । ନାନାଦି ଉପଲକ୍ଷ୍ୟ ଦେଇ ସୁନ୍ଦରଭାବରେ ବିଷୟଟିକୁ ପଢ଼ାନ୍ତି । ବିଷୟଟିକୁ ପଢ଼ାଇ ସାରିବା ପରେ, ଭଲ ଭାବରେ ଘରେ ପଢ଼ି ଆସିବା ପାଇଁ କୁହନ୍ତି । ପରଦିନ ପାଇଁ ଘରେ କରିଆଣିବା ନିମନ୍ତେ ଟ୍ରାନସ୍‌ଲେସନ୍ ଡାକନ୍ତି । ଆଉ ପୂର୍ବରୁ ଦେଇଥିବା ଟ୍ରାନସ୍‌ଲେସନ ଖାତାଟିକୁ ଦେଖିବା ପାଇଁ ନିଅନ୍ତି ପ୍ରତ୍ୟେକ ପିଲାଙ୍କଠାରୁ । ସ୍କୁଲଛୁଟି ପୂର୍ବରୁ ପୁଣି ଫେରେଇ ଦିଅନ୍ତି ସଂଶୋଧନ କରି ।

କେବଳ ନିଜେ ସେ ପଢ଼ାନ୍ତି ନାହିଁ, ଅନାନ୍ୟ ଶିକ୍ଷକମାନେ ଠିକ୍‌ଠିକ୍ ପଢ଼ାଉଛନ୍ତି କି ନାହିଁ, ଚୁପ୍‌ଚାପ୍ ଶ୍ରେଣୀ ବାହାରେ ଠିଆହୋଇ ତଦାରଖ କରନ୍ତି ।

ଏମିତି ଥିଲେ ଆମର ପ୍ରଧାନ ଶିକ୍ଷକ ଶ୍ରୀଯୁକ୍ତ ଶଶିଭୂଷଣ ପାଣିଗ୍ରାହୀ । ଅର୍ଥାତ୍ ହେଡ୍‌ସାର ଆଉ ତାଙ୍କର ପଢ଼ାଇବାର ପଦ୍ଧତି, ଅନୁଶାସନର ପଦ୍ଧତି, ଶୃଙ୍ଖଳାରକ୍ଷାର ପଦ୍ଧତି ।

ଖାଲି କେବଳ ପାଠ ପଢ଼ାପଢ଼ି ନୁହେଁ, ତାଙ୍କଦ୍ୱାରା ପରିଚାଳିତ ସ୍କୁଲଟି କିପରି ଏକ ଆଦର୍ଶ ସ୍କୁଲଭାବେ ପରିଗଣିତ ହେବ, ସେଥିପାଇଁ ସେ ଅହରହ ଉଦ୍ୟମ କରୁଥିଲେ । ଏକଦା ଖାଲ ଖମାରେ ପରିପୂର୍ଣ୍ଣ ପରିତ୍ୟକ୍ତ ସ୍କୁଲର ପରିସରଟିକୁ ବଗିଚାକାମ ପାଇଁ ଉଦ୍ଦିଷ୍ଟ ପିରିଅଡ଼ରେ ପିଲାମାନଙ୍କ ଦ୍ୱାରା ସମତଳ କରାଇ, ମଲ୍ଲି, କରବୀର, ଟଗର, ତରାଟ ଆଦି ବିଭିନ୍ନ ଫୁଲସବୁ ଫୁଟିବା ପାଇଁ ସେ ବ୍ୟବସ୍ଥା କରିଥିଲେ । ଏହା ଛଡ଼ା ଶୀତଦିନେ ପ୍ରଚୁର ଗେଣ୍ଡୁଫୁଲ ସବୁ ଫୁଟି ଶୋଭା ବର୍ଦ୍ଧନ ନିମନ୍ତେ ସେ ପିଲାଙ୍କଦ୍ୱାରା ଗେଣ୍ଡୁଫୁଲ ଚାରା ସବୁ ଲଗାଇ ଦେଉଥିଲେ । ମଝିରେ ପଟାଳି କାଟି ପିଲାମାନଙ୍କ ଦ୍ୱାରା ବିଭିନ୍ନ ପନିପରିବା ଚାଷର ବ୍ୟବସ୍ଥା ମଧ୍ୟ କରିଥିଲେ । ଦୂରଦୂରାନ୍ତର ପିଲାମାନଙ୍କ ରହିବା ପାଇଁ ହଷ୍ଟେଲଟିଏ ଥାଏ । ଏହି ହଷ୍ଟେଲର ପିଲାମାନେ ସ୍କୁଲ ଛୁଟି ପରେ ଗଛପତ୍ରଗୁଡ଼ିକରେ ପାଣି ଦିଅନ୍ତି । ଉତ୍ପାଦିତ ଫଳ ତାଙ୍କ ପାଇଁ ବ୍ୟବହୃତ ହୁଏ ହଷ୍ଟେଲରେ । ଫଳରେ ହଷ୍ଟେଲ ଦେୟ କମ୍ ପଡ଼େ । ଫୁଲଗଛ ହେଉ ଅଥବା ପନିପରିବା ଚାଷ, ସେ ସବୁର ଉତ୍ତମ ବୃଦ୍ଧିନିମନ୍ତେ ସ୍କୁଲବାହାରେ ଥିବା ବିସ୍ତୃତ ପଡ଼ିଆ ଯେଉଁଠି ଖରାଦିନେ ଦଳଦଳ ଘୁସୁରି ଚରିବୁଲନ୍ତି ସେମାନଙ୍କର ଶୁଖିଲା ମଳ ପିଲାମାନଙ୍କ ଦ୍ୱାରା ବଗିଚା ପିରିଅଡ଼ରେ ସଂଗ୍ରହ କରାଯାଇ ଗଛମୂଳରେ ଦିଆଯାଏ ।

ପରିବେଶକୁ ଦେଖିଲେ ଯେ କେହି ଭାବିବ, ଏହା ତପୋବନଟିଏ, ଗୁରୁକୁଳ ଆଶ୍ରମଟିଏ କେଉଁ ତପସ୍ୱୀଙ୍କର, ଗୁରୁଶ୍ରେଷ୍ଠ ଆଚାର୍ଯ୍ୟଙ୍କର ।

ବର୍ତ୍ତମାନର ମେଟ୍ରିକ୍ ପରୀକ୍ଷା ପରି, ଆମ ସମୟରେ ସପ୍ତମଶ୍ରେଣୀର ପିଲାମାନଙ୍କୁ

Digitized by srujanika@gmail.com

ସେଣ୍ଟର ପରୀକ୍ଷା ଦେବାକୁ ପଡୁଥିଲା । ସେଥିପାଇଁ ପ୍ରସ୍ତୁତି ନିମନ୍ତେ ସମସ୍ତ ସପ୍ତମ ଶ୍ରେଣୀ ପିଲାଙ୍କୁ ହଷ୍ଟେଲରେ ରହିବା ବାଧ୍ୟତାମୂଳକ ଥିଲା । ସ୍କୁଲ ଛୁଟିପରେ, ଛୁଟିଦିନମାନଙ୍କରେ ସମସ୍ତ ଶିକ୍ଷକ ବିନାଦେୟରେ ଅର୍ଥାତ୍ କୌଣସି ଫିସ୍ ନନେଇ ପାଠ ପଢ଼ାଉଥିଲେ ସପ୍ତମଶ୍ରେଣୀ ପିଲାଙ୍କୁ ସେଣ୍ଟର ପରୀକ୍ଷାରେ ଉତ୍ତମ ନମ୍ବର ରଖି ସ୍କୁଲଟିର ସୁନାମ ଆଣିବା ନିମନ୍ତେ ।

ସୂର୍ଯ୍ୟାସ୍ତ ଅନ୍ତେ ଆମେ ସବୁ ହଷ୍ଟେଲ ପିଲା, ନିତ୍ୟକର୍ମ ସାରି ଲଣ୍ଠଣଟିମାନ (ଲାଣ୍ଟେରନ୍)ଜାଳି ପରସ୍ପର ମଧ୍ୟରେ ବେଶ୍ କିଛି ଦୂରତା ରକ୍ଷାକରି ଖାଲି ପଡ଼ିଥିବା ସ୍କୁଲ କ୍ଲାସରୁମ୍ ଗୁଡ଼ିକର ବେଞ୍ଚଉପରେ ବସି ପଢ଼ାପଢ଼ିରେ ଲାଗିଯାଉଥିଲୁ ସେଣ୍ଟର ପରୀକ୍ଷାର ପ୍ରସ୍ତୁତି ନିମନ୍ତେ । ଆଉ ଆମ ହେଡ୍‌ସାର ହାତରେ ବେତ ଖଣ୍ଡିଏ ଧରି ନିଃଶବ୍ଦରେ, ଆମ ଅଗୋଚରରେ ରହି ଦେଖୁଥିଲେ, ଆମେ ପ୍ରକୃତରେ ପାଠ ପଢୁଛୁ କି ଢୁଳାଉଛୁ, ପାଠ ପଢ଼ିବା ବାହାନାରେ ।

ମୋର ସହପାଠୀ ବଂଶୀଧର, ମୋଠାରୁ ଟିକିଏ ଦୂରରେ ବସି ପାଠ ପଢ଼େ । ତା'ର ଆଖି ଦୁଇଟି ସାମାନ୍ୟ ଛୋଟ । ତଳକୁ ମୁହଁ ପୋତି ପଢ଼ିବା ବେଳେ ଦୂରକୁ ଢୁଳାଇଲା ଭଳି ଲାଗେ । ହେଡ୍‌ସାର କେତେବେଳେ ନିଶବ୍ଦରେ ଆସି ତା ପଛରେ ଠିଆହୋଇ ତାକୁ ଲକ୍ଷ୍ୟକରୁଥାନ୍ତି ଏବଂ ସେ ଢୁଳାଉଥିବାର ଭାବି ଚାଉଁ କରି ବେତ ପାହାରଟିଏ କସି ଦିଅନ୍ତି ତା ପିଠିରେ । ସେ ବିଲ୍‌ବିଲେଇ ଉଠି ଠିଆହୋଇ ପଡ଼େ । ପଛକୁ ଚାହିଁ ଦେଖେ, ସାକ୍ଷାତ୍ ଯମରୂପୀ ହେଡ୍‌ସାରଙ୍କୁ । କୈଫିୟତ୍ ଦେବାକୁ ଚେଷ୍ଟାକରେ । ହେଡ୍‌ସାର ଧମକଟାଏ ଦେଇ, ଆଉ ସେ ରୁମ୍‌ରେ ନରହି ଅନ୍ୟ ରୁମ୍‌ଗୁଡ଼ିକର ତଲାସି ପାଇଁ ଚାଲିଯାନ୍ତି । ବଂଶୀର ବିଲ୍‌ବିଲେଇବା ଶୁଣି ହସସବୁ କୁରୁଳି ଉଠେ ପେଟରୁ । କିନ୍ତୁ ହସି ପାରୁନା ଡରରେ । ବଂଶୀ ମୋର ଅନ୍ତରଙ୍ଗ ବନ୍ଧୁ । ଏବେ ସେ ସେଲଟ୍ୟାକସ ଅଫିସର ପଦବୀରୁ ଅବସର ନେଇ, ବେଶ୍ ଖୁସିରେ ଅବସର ଜୀବନ ବିତାଉଛି, ପିଲାମାନଙ୍କ ସହିତ ଭୁବନେଶ୍ୱରରେ ରହି ।

ଆମ ସପ୍ତମଶ୍ରେଣୀ ପିଲାମାନଙ୍କ ପାଇଁ ହଷ୍ଟେଲରେ ବଡ଼ ହଲ୍‌ଟିଏ ଛାଡ଼ି ଦିଆଯାଇଥାଏ ରହିବା ପାଇଁ । ଆମର ସମସ୍ତ ବ୍ୟବହାର୍ଯ୍ୟ ଜିନିଷ ଗୋଟିଏ ଗୋଟିଏ ଟ୍ରଙ୍କ୍‌ରେ ପୂରାଇ ଧାଡ଼ିଧାଡ଼ି କରି କାନ୍ଥ ପାଖକୁ ଲଗାଇ ରଖିଦେଇଥାଉ । ମଝିଟା ଖାଲିଥାଏ ଶୋଇବା ପାଇଁ । ରାତିରେ ଖାଇପିଇ ସାରି ପ୍ରତ୍ୟେକ ପିଲା ନିଜନିଜ ଟ୍ରଙ୍କ୍ ପାଖରେ ବିଛଣା ମେଲେଇ ଦିଅନ୍ତି ଶୋଇବା ପାଇଁ । ଲଣ୍ଠନଗୁଡ଼ିକୁ କମାଇ ଦିଆଯାଏ ମିଞ୍ଜି ମିଞ୍ଜି ଜଳିବା ନିମନ୍ତେ । ଆଖି ବୁଜି ଶୋଇବା ପାଇଁ ଉଦ୍ୟମ କରୁ । ଆଖିରେ ଛାଇନିଦ ଲାଗିଥିବକି ନାହିଁ, ବାଇପେଟିଆ ବିଷ୍ଣୁ ସଶବ୍ଦରେ ଦୁଃବାୟୁ ନିର୍ଗମନ କରି ବସିବ, ଆଉ ତାପା ହାସ୍ୟରୋଳ ସାରାଘରଟାକୁ ଆବୋରି ବସିବ । ତା'ପରେ ଦୁର୍ଗନ୍ଧରୁ ରକ୍ଷାନିମନ୍ତେ ନିଶ୍ୱାସ

Digitized by srujanika@gmail.com

ତ୍ୟାଗ କରିବାର ଅହରହ ଅପଚେଷ୍ଟା ଶୁଣାଯିବ । ପାର୍ଶ୍ୱଘରକୁ ଲାଗି ଶୋଇଥିବା ହଷ୍ଟେଲ ସୁପରିଟେଣ୍ଡେଣ୍ଟଙ୍କର ଗମ୍ଭୀର କଣ୍ଠର ତାଗିଦା ଶୁଣି ସମସ୍ତେ ଚଞ୍ଚଳଚଞ୍ଚଳ ଚୁପ୍‌ଚାପ୍ ଶୋଇ ପଡ଼ିବେ ଅତର୍କ୍କାରେ ।

ବର୍ଷକରେ ଥରେ, ସ୍କୁଲ ଗୃହଗୁଡ଼ିକର ଛାଉଣି କରାଯାଏ । ଶିକ୍ଷକମାନେ ପିଲାମାନଙ୍କୁ ଧରି କେତୋଟି ଦଳରେ ବିଭକ୍ତ ହୋଇ ଗ୍ରାମକୁ ଗ୍ରାମ, ଘରକୁ ଘର ବୁଲି ବାଉଁଶ ଆଉ ନଡ଼ା (ସ୍ଥାନୀୟ ଭାଷାରେ ଛଣ) ସଂଗ୍ରହ କରନ୍ତି ଏବଂ ନିଜ କାନ୍ଧରେ ବୋହି ବିଦ୍ୟାଳୟକୁ ନେଇ ଆସନ୍ତି । ସମସ୍ତ ଆବଶ୍ୟକ ପଦାର୍ଥ ସଂଗ୍ରହ କରାଯାଇ ସାରିଲେ, ସ୍ୱଳ୍ପ ମଜୁରିରେ ଅଭିଜ୍ଞ ମୂଲିଆମାନେ ଘରଛପର କରିଦିଅନ୍ତି ।

ଆମ ଘରଠାରୁ ସଡ଼କ ପଥରେ ଗଲେ ସ୍କୁଲର ଦୂରତା ପ୍ରାୟ ଏକ ମାଇଲ ହେବ । ପୁଣି ସ୍କୁଲଠାରୁ ସଡ଼କ ପଥରେ ମଙ୍ଗଳପୁରର ଦୂରତା ପ୍ରାୟ ଦୁଇମାଇଲ । ବର୍ଷରେ ଥରେ ଖରାଦିନରେ ଏହି ଗ୍ରାମ ସନ୍ନିକଟ ପଡ଼ିଆରେ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକର ସହାୟତାରେ ଅଷ୍ଟପ୍ରହରୀ କୀର୍ତ୍ତନ ଆୟୋଜନ କରାଯାଏ । ସ୍ଥାନଟି ଭାରି ରମଣୀୟ । କେତୋଟି ବର ଆଉ ଓସ୍ତଗଛ ସ୍ଥାନଟିର ଶୋଭା ବର୍ଦ୍ଧନ କରୁଥାଏ । ନିକଟରେ ଚିରସ୍ରୋତା କପାଳୀ ନଦୀଟି ପରିବେଶଟିକୁ ବେଶ୍ ଥଣ୍ଡା ରଖିଥାଏ । ପଡ଼ିଆଟି ମଙ୍ଗଳପୁର ଗ୍ରାମ ସୀମାନ୍ତରେ ଥିବାରୁ ଏବଂ ଅନ୍ୟପାଖ ସମ୍ପୂର୍ଣ୍ଣ ଉନ୍ମୁକ୍ତ ଥିବାରୁ ଦକ୍ଷିଣା ପବନ ନଈ ଉପର ଦେଇ ପ୍ରବାହିତ ହୋଇ ସମବେତ ଜନତାଙ୍କ କ୍ଲାନ୍ତି ଦୂରୀକରଣରେ ସହାୟକ ହୁଏ । ଆଉ ଅଷ୍ଟପ୍ରହରୀ କୀର୍ତ୍ତନର ଉଦ୍‌ଯାପନ ଅନ୍ତେ, ତିନିଦିନବ୍ୟାପୀ ବାଦୀ ଅପେରା (ଯାତ୍ରା)ଅନୁଷ୍ଠିତ ହୁଏ ରାତ୍ରରେ । ସେତେବେଳର ପ୍ରମୁଖ ଯାତ୍ରା ଦଳ ପଣ୍ଡାପାର୍ଟି (ରଘୁନାଥ ପଣ୍ଡା), ନଗଶପୁର, ବେଣିରାମପୁର, ସାରୁଅ ମଧ୍ୟରୁ ଯେକୌଣସି ଦୁଇଟି ଦଳକୁ ଉକ୍ତ ସ୍ଥାନକୁ ନିମନ୍ତ୍ରଣ କରାଯାଏ । ବିଜୟୀ ପାର୍ଟିକୁ ପୁରସ୍କୃତ କରାଯାଏ । ଏହି ମହାର୍ଘ ଲଢ଼େଇ ଯାତ୍ରା ଦେଖିବା ପାଇଁ ବିପୁଳ ଜନତା ସମବେତ ହୁଅନ୍ତି । ସତେ ଯେମିତି ସୁବିସ୍ତୃତ ପଡ଼ିଆଟି ସମସ୍ତଙ୍କୁ କୋଳେଇ ନେବାକୁ ପ୍ରସ୍ତୁତ ହୋଇ ରହିଥାଏ । ସନ୍ଧ୍ୟା ସାତଟାରୁ ଯାତ୍ରା ଆରମ୍ଭ ହୁଏ ଏବଂ ଦୁଇଟି ଦଳ ସେମାନଙ୍କର ଅଭିନୟ ଶେଷକଲା ବେଳକୁ ସକାଳ ହୋଇଯାଏ । ଯାତ୍ରା ଶେଷ ପର୍ଯ୍ୟନ୍ତ ବିପୁଳ ଜନସମାଜ ବିମୋହିତ ହୋଇ ଅଭିନୟ ଦେଖୁଥାନ୍ତି । କେତେବେଳେ ସକାଳ ହୋଇଯାଏ ଜଣାପଡ଼େ ନାହିଁ । ମୁଁ ଅନେକଥର ଆମ ଗାଁ ଟୋକାଙ୍କ ମେଳରେ କିମ୍ବା ଘରୁ ଲୁଚି ରାତିରେ ବିଲମାଳ ମଧ୍ୟ ଦେଇ ତାରକା ଖଚିତ ଆକାଶ ତଳେ ସୃଷ୍ଟି ହେଉଥିବା ଛାୟାଲୋକ ସାହାଯ୍ୟରେ ଡରଭୟକୁ ଖାତିର ନକରି ଏକାଏକା ଯାତ୍ରା ଦେଖି ସୂର୍ଯ୍ୟୋଦୟ ପୂର୍ବରୁ ଫେରି ଆସିଛି ବାପା, ବୋଉଙ୍କ ଅଜାଣତରେ । ବାଳୁତ ବୟସରେ ସେ ସବୁର ଦିଗ୍‌ବିଜୟ କାହାଣୀ କୌଣସି ଗୁଣରେ କାହ୍ନୁ ଅଭିଯାନଠାରୁ ଊଣା ନଥିଲା ସେତେବେଳର ଉଦ୍ଦୀପନାକୁ ବିଚାର କଲେ ।

Digitized by srujanika@gmail.com

ଥରେ ବେଣିରାମପୁର ଆଉ ସାରୁଅ ପାର୍ଟିମଧ୍ୟରେ ଲଢ଼େଇ ଯାତ୍ରା ଅନୁଷ୍ଠିତ ହେଉଥାଏ । ପ୍ରଥମରେ ବେଣିରାମପୁର ତା'ର ଯାତ୍ରା ଅଭିନୟ ପ୍ରଦର୍ଶନ କରୁଥାଏ ଭରପୂର ଜନସମୁଦ୍ର ମଝିରେ ତିଆରି ହୋଇଥିବା ପେଣ୍ଡାଲ ଉପରେ । ସେତେବେଳେ ଇଲେକ୍ଟ୍ରି ଆଲୁଅ ଗାଁଗହଳିକୁ ଯାଇ ନଥାଏ । କିରୋସିନୀ ତେଲରେ ଜଳୁଥିବା ବଡ଼ବଡ଼ ଡ଼େ ଲାଇଟ୍ ଚାରୋଟି ପେଣ୍ଡାଲର ଚାରିକୋଣରେ ଟଙ୍ଗାଇ ଦିଆଯାଇଥାଏ । ତା'ର ଉଜ୍ଜ୍ୱଳ ଆଲୋକରେ ପେଣ୍ଡାଲଟି ସମ୍ପୂର୍ଣ୍ଣ ଆଲୋକିତ ହୋଇଥାଏ । ପେଣ୍ଡାଲକୁ ଦଶଫୁଟ ଛାଡ଼ି ତିନୋଟି ପାଖ ବାରିକେଟଦ୍ୱାରା ଆବଦ୍ଧ କରାଯାଇଥାଏ ଜନତାଙ୍କ ଅନୁପ୍ରବେଶ ରୋକିବା ନିମନ୍ତେ । ସାମ୍ନା ପଟରେ ଦରିପଡ଼ିଥାଏ କନ୍‌ଶର୍ଟ ପାର୍ଟିପାଇଁ ଆଉ ନିମନ୍ତ୍ରିତ ଭଦ୍ରବ୍ୟକ୍ତିଙ୍କ ନିମନ୍ତେ । ଆମ ବିଦ୍ୟାଳୟର ସମସ୍ତ ଶିକ୍ଷକ ନିମନ୍ତ୍ରିତ ହୋଇ ହେଡ଼ସାରଙ୍କ ସହ ଆସି ଅଭିନୟ ଦେଖୁଥାନ୍ତି । ସେତେବେଳେ ଝିଅମାନେ ଯାତ୍ରା ଦଳରେ ଅଭିନୟ କରୁନଥିଲେ । କିଶୋର ବୟସର ସୁନ୍ଦର, ସୁଠାମ ଗଢ଼ଣର ପୁଅପିଲାମାନେ ଝିଅପିଲାର ଅଭିନୟ କରୁଥିଲେ । ଅଭିଜ୍ଞ ଯାତ୍ରା ପାର୍ଟିର ଚିତ୍ରକର ସେମାନଙ୍କୁ ଏମିତି କୁଶଳ ଭାବରେ ସଜାଇ ଦିଅନ୍ତି ଯେ କେହି ବି ପୁଅଟିଏ ବୋଲି ସେମାନଙ୍କୁ ସନ୍ଦେହ କରିବ ନାହିଁ । କିଶୋର ବୟସର ଚପଳ କଣ୍ଠସ୍ୱର ଠିକ୍ ଝିଅ ପିଲାର ସ୍ୱର ସହିତ ମିଳିଯାଇଥାଏ । ସେମାନଙ୍କର ନାରୀ ଚରିତ୍ରର ଅଭିନୟ କଳା ଏତେ ଚମତ୍କାର ହୁଏ ଯେ ଦର୍ଶକ ବିମୋହିତ ହୋଇଯାଏ ।

ଯାତ୍ରାର ଦୁଇଟି ଅଙ୍କର ସମାପ୍ତି ଅନ୍ତେ ଦର୍ଶକମାନଙ୍କ ଭାରାକ୍ରାନ୍ତ ମନ ଯାହା ଚରିତ୍ରଗୁଡ଼ିକର ହସ, କାନ୍ଦ ଭିତରେ ବିଜଡିତ ହୋଇଯାଇଥାଏ, ତାକୁ ହାଲୁକା କରିବା ନିମନ୍ତେ ଗୋଟିଏ ପୁଅ ଆଉ ଗୋଟିଏ ଝିଅ ବେଶରେ ଆସି ଡୁଏଟ ଦେବାକୁ ଲାଗିଲେ ପେଣ୍ଡାଲ ଉପରେ । ଆମ ହେଡ଼ସାର୍ ସେମାନଙ୍କର ଡୁଏଟ ଡ୍ୟାନସ୍‌ରେ ଉଲ୍ଲସିତ ହୋଇ ହଠାତ ଉଚ୍ଚସ୍ୱରରେ କହି ପକାଇଲେ, 'ଇନ୍‌କୋର' । ଅର୍ଥାତ୍ ଅତି ଚମତ୍କାର ।

ଦର୍ଶକ ମଣ୍ଡଳୀ ଭିତରୁ ପ୍ରତିବାଦର ସ୍ୱରଟିଏ ତତ୍‌କ୍ଷଣାତ ଶୁଣାଗଲା – ନୋ ମୋର । ଅର୍ଥାତ୍ ପସନ୍ଦ ଯୋଗ୍ୟନୁହେଁ ଡୁଏଟ୍‌ଟି । ତେଣୁ ବନ୍ଦକରାଯାଉ ତତ୍‌କ୍ଷଣାତ୍ ।

ହଠାତ୍ ଉତ୍‌କ୍ଷିପ୍ତ ଜନତା ଚମକି ଗଲା ପ୍ରତିବାଦର ସ୍ୱର ଦିଗକୁ । ଏପରି ପ୍ରତିବାଦ ପୁଣି ହେଡ଼ସାରଙ୍କ କଥାରେ ? ଯିଏ ତାଙ୍କର ନିଷ୍ଠାଦ୍ୱାରା ଅଞ୍ଚଳଟିରେ ଜ୍ଞାନର ପ୍ରଦୀପଟିଏ ଜଳାଉଛନ୍ତି ଆଉ କେତେକେତେ ପିଲା ଦିପ୍ତୀମନ୍ତ ସେଇ ଜ୍ଞାନର ପ୍ରଦୀପଦ୍ୱାରା, ତାଙ୍କ କଥା ଉପରେ ଯେଉଁ ବ୍ୟକ୍ତି ଜଣକ ପ୍ରତିବାଦ କରିଛନ୍ତି ସେ ତ ଅକ୍ଷମଣୀୟ ଜନତାଙ୍କ ଆଖିରେ ।

ପ୍ରତିବାଦର ସ୍ୱର ଟୋଳିଥିବା ବ୍ୟକ୍ତି ଜଣକ ନିକଟବର୍ତ୍ତୀ ଗ୍ରାମର । ଲୋକଟି ବୟସ୍କ । ମାଟ୍ରିକ୍ ପାସ ପରେ ବମ୍ବେରେ ରହୁଛି ଦୀର୍ଘଦିନ ଧରି । ଭଲ ରୋଜଗାର କରେ ସେଠାରେ ।

Digitized by srujanika@gmail.com

ଅନୁଷ୍ଠାନଟିକୁ ତାର ଦାନ କମ୍ ନଥିଲା କିଛି । ତଥାପି ଜନତା ତାକୁ କ୍ଷମା କରିନଥିଲା । ବାଧ୍ୟ ହୋଇ ଲୋକଟି ନତମସ୍ତକରେ କ୍ଷମା ମାଗିଥିଲା ହେଡ୍‌ସାରଙ୍କୁ ସର୍ବ ସମ୍ମୁଖରେ । ଶିକ୍ଷକମାନଙ୍କ, ତାଙ୍କର କର୍ତ୍ତବ୍ୟ ନିଷ୍ଠା, ଛାତ୍ରମାନଙ୍କ ପ୍ରତି ପ୍ରତିବଦ୍ଧତା, ସେମାନଙ୍କର ଜ୍ଞାନ ଇତ୍ୟାଦି ସଦ୍‌ଗୁଣକୁ ଦେଖି, ଆଖପାଖର ଜନତା କେତେ ଶ୍ରଦ୍ଧା କରୁଥିଲେ ତା'ର ଏକ ନିଛକ ଛବିଥିଲା ଏହି ଘଟଣାଟି ।

ହେଡ୍‌ସାର ଏକଦା କ୍ଲାସରେ ପଢ଼ାଉଥିବା ବେଳେ ଦେଇଥିବା ଉପଦେଶଟିଏ ଏବେ ବି ମୋତେ ପଥ ପ୍ରଦର୍ଶନ କରି ଚାଲିଛି । ଦିନେ ସେ କ୍ଲାସରେ ପଢ଼ାଉଥିବା ବେଳେ ପଚାରିଲେ କେଉଁ ଆନନ୍ଦଟି ସର୍ବଶ୍ରେଷ୍ଠ ଆନନ୍ଦରୂପେ ଗଣ୍ୟକରାଯିବା ଚାହି ? ସରଳ ଭାବରେ ବୁଝାଇ ଦେଲେ, ଆନନ୍ଦ ଆହରଣର ଅନେକ ମାର୍ଗଅଛି । କିଏ ଫୁଟବଲ ଖେଳି ଆନନ୍ଦ ପାଉଛି, କିଏ ମାଛ ଧରି ପାଉଛି ଅପାର ଆନନ୍ଦ । ଏମିତି ଭାବରେ ଦେଖିଲେ ଏଗୁଡ଼ିକ ଆନନ୍ଦର ଉତ୍ସରୂପେ ପରିଗଣିତ ହୁଏ ନିଜର ନିଜର ଦୃଷ୍ଟିକୋଣରୁ । ଆନନ୍ଦ ଅବଶ୍ୟ ମିଳେ କିନ୍ତୁ ନିରାନନ୍ଦ ବି ମିଳେ ତା ସହିତ ବେଳେବେଳେ । ଫୁଟ୍‌ବଲ ଖେଳରେ ଜିଣିଲେ ଯେତିକି ଆନନ୍ଦ ହାରିଲେ ସେତିକି ବା ତାଠୁଁ ଅଧିକ ନିରାନନ୍ଦ ମିଳେ ନାହିଁ କି ? ମାଛଧରି, ଶିକାର କରି ଜନ୍ତୁଜୁନ୍ତା ଅରଣ୍ୟମଧ୍ୟରେ ଯେଉଁ ଆନନ୍ଦମିଳେ ତାହା ଏକ ତରଫା, ମିଳେ ଜୀବଟିର ହତ୍ୟାରେ । ବିଚାର କଲେ ମନରେ ଦୁଃଖ ଆସେ ନାହିଁକି ? ତେଣୁ ଜୀବହତ୍ୟା ଦ୍ୱାରା ଯେଉଁ ଆନନ୍ଦ ମିଳେ ତାହାକୁ ନିର୍ମଳ ଆନନ୍ଦ ଭାବରେ ବିଚାର କରାଯାଇ ପାରିବ ନାହିଁ । ପୁଣି ଯୁକ୍ତିରେ ପ୍ରତିପକ୍ଷକୁ ପରାଜିତ କଲେ ଯେତିକି ଆନନ୍ଦ ମିଳେ ତାହା ମୂଲ୍ୟହୀନ ଜଣା ପଡ଼େ ନିଜେ ପରାଜିତ ହେଲେ । ଏମିତି ଦେଖିବାକୁ ଗଲେ ଯେତେଯେତେ ଆନନ୍ଦର ମାର୍ଗଅଛି, ତା ପଛରେ ନିରାନନ୍ଦର ଉତ୍ସ ସେମିତି ନିହିତ ଥାଏ ।

ତା ପରେ ସେ କହନ୍ତି ତୁମମାନଙ୍କ ପାଇଁ ଗୋଟିଏ ନିର୍ମଳ ଆନନ୍ଦର ପଥ ପ୍ରସାରିତ ଏବଂ ଅପେକ୍ଷମାଣ । ତାହା ହେଉଛି ବିଭିନ୍ନ ଭଲଭଲ ପୁସ୍ତକ ପଠନ ନିଜନିଜ ରୁଚି ଅନୁସାରେ । ତାହା ତୁମକୁ ଦେବ ଦିବ୍ୟ ଆନନ୍ଦ କାହାରି ଅନିଷ୍ଟନକରି, କାହାର ସମୟ ଅପଚୟ ନକରି କିମ୍ବା କାହା ମନରେ ଏଥିପାଇଁ ଦୁଃଖ ନଦେଇ । ପୁସ୍ତକ ପଠନ ଦ୍ୱାରା ତୁମେ ଆନନ୍ଦ ଲାଭ କରିବା ସହିତ ତୁମର ବି ଜ୍ଞାନ ବୃଦ୍ଧି ହେବ । ଅନେକ ନୂଆନୂଆ କଥା, ଅନୁଭୂତି ସହିତ ପରିଚିତ ହେବ ଏହି ପୁସ୍ତକଗୁଡ଼ିକ ମାଧ୍ୟମରେ । ନୂଆନୂଆ ଶବ୍ଦ ଶିଖିବ ତା'ର ବ୍ୟବହାର ବି ଜାଣିବ ସେଥିରୁ ।

ହେଡ୍‌ସାରଙ୍କ କଥାରେ ଅନୁପ୍ରାଣିତ ହୋଇ ମାଇନର ପାସ୍ କଲାବେଳକୁ ନିକଟସ୍ଥ ଦୁଇତିନୋଟି ଗ୍ରାମର ଲାଇବ୍ରେରୀରୁ ଢେରଢେର ବହି ଆଣି ମୁଁ ପଢ଼ିସାରିଥିଲି ମୋର ରୁଚି ଅନୁସାରେ । ତେଣୁ କଟକରେ ଯେତେବେଳେ ମୁଁ ଅଷ୍ଟମ ଶ୍ରେଣୀରେ ଆସି ପଢ଼ିଲି, ସାହିତ୍ୟ କ୍ଲାସରେ ସାର ଯେଉଁ ଶବ୍ଦ ଗୁଡ଼ିକର ଅର୍ଥ ପଚାରୁଥିଲେ ମୁଁ ତତ୍‌କ୍ଷଣାତ୍ ଉଠି କହି

Digitized by srujanika@gmail.com

ଦେଉଥିଲି ଅନ୍ୟକୁ ସୁଯୋଗ ନଦେଇ । ସାହିତ୍ୟ ସାର ଚମତ୍କୃତ ହେଉଥିଲେ ମୋର ଶବ୍ଦ ଜ୍ଞାନଦେଖି ସେ ଦିନର ସେହି କୈଶୋର କାଳରେ । ଆଜି ବି ଭଲ ବହିଟିଏ ପାଇଲେ ତତ୍‌କ୍ଷଣାତ ତାହାକୁ ମୁଁ ପଢ଼ିପକାଏ । ଏହା ମୂଳରେ ସେଦିନର ହେଡ୍‌ସାରଙ୍କ ଉପଦେଶଟି ମୋ ଅଗୋଚରରେ ପ୍ରେରଣା ଯୋଗାଇଥାଏ ମନରେ ।

ଏ ଘଟଣାର ଅନେକ ଦିନପରେ, ଦିନେ ମୁଁ ଗାଁକୁ ଯାଇଥାଏ । ସମୟ ବୈଶାଖ ମାସ ସଂକ୍ରାନ୍ତି । ଆମ ଗ୍ରାମଠାରୁ ଅନତି ଦୂରରେ ଦଳିତ ସଂପ୍ରଦାୟର ପଛୁଆ ବର୍ଗର ଲୋକମାନେ ଶିବଙ୍କୁ ଆରାଧନା କରି ଦେହରେ ବିଭିନ୍ନ ଆକୃତିର ବିଶେଷ କରି ସର୍ପ ଆକୃତିର କଣ୍ଟାସବୁ ସାରା ଦେହ ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଫୋଡ଼ାଇ ଗ୍ରାମଗ୍ରାମ ବୁଲି କିଛି କିଛି ଚାନ୍ଦା ଆଦାୟ କରନ୍ତି ଗୃହସ୍ଥଙ୍କଠାରୁ । ଏହି ଉପଲକ୍ଷେ ସେଠାରେ ଅବସ୍ଥାନ କରୁଥିବା ଠାକୁରାଣୀଙ୍କ ନିକଟରେ ମେଳାଟିଏ ଅନୁଷ୍ଠିତ ହୁଏ । ନାନା ପ୍ରକାର ଖେଳନା, ତାଳପତ୍ରରେ ତିଆରି ବିଞ୍ଚଣା, ଆସନ ଇତ୍ୟାଦି ଗୃହୋପୋକରଣ ସହିତ ପ୍ରଚୁର ତାଳସଜ ମିଳେ ଏହି ମେଳାରେ । ଏସବୁ ଉପଭୋଗ କରିବାର ବୟସ ମୋର ଅନେକ ଦିନରୁ ଅତିକ୍ରାନ୍ତ କରିସାରିଥାଏ ବିଶେଷ କରି ସହରରେ ରହୁଥିବାରୁ । ତଥାପି ଅନେକ ଦିନ ପରେ ଉପରୋକ୍ତ ଉତ୍ସବ ସମୟରେ ଯେତେବେଳେ ମୁଁ ଗ୍ରାମରେ ଉପସ୍ଥିତ ଅଛି, ଥରେ ବୁଲିଆସିବାର ଲୋଭ ସମ୍ବରଣ କରିନପାରି ସାନଭାଇ ସହିତ ମେଳାକୁ ଗଲି । ଦେଖିଲି, ପୂର୍ବର ଅର୍ଥାତ୍ ଆମ ଛୁଆ ବେଳର ଲୋକ ଗହଳି, ଉନ୍ମାଦନା, ଉଦ୍ଦୀପନା ଆଉ ପ୍ରାୟ ନାହିଁ ଏହି ମେଳାଟିରେ । ତଥାପି ଅତୀତ ବଞ୍ଚିରହିଛି ମୁମୂର୍ଷୁ ଅବସ୍ଥାରେ ହେଉପଛେ ।

ମେଳାଟିକୁ ବୁଲି ଦେଖିବି କଣ, ଆମ ଗ୍ରାମର ଯୁବକଟିଏ ନିକଟରେ ଯେଉଁ ତେଜରାତି ଦୋକାନଟିଏ କରିଥିଲା କେତୋଟି ବର୍ଷ ପୂର୍ବରୁ, ସେଠାରେ ଯାଇଁ ପହଞ୍ଚିଲି ତା ସହିତ ଦିପଦ କଥା ହେବି ବୋଲି । ଦୋକାନ ମାଲିକ ବିଦ୍ଧୁ, ଚଟେଇଟିଏ ପକେଇ ଦେଲା ତା ନିକଟରେ ବସିବା ପାଇଁ । ହଠାତ୍ ଚମକି ପଡ଼ିଲି ଯେତେବେଳେ ସେ ସଉଦା ଦେବବୋଲି କାଗଜ ଚିରିବାକୁ ଉପକ୍ରମ କଲା ଖଣ୍ଡିଏ ମୋଟା ବହିରୁ । ଦେଖିଲି ବହିଟିର ଉପରେ ଷ୍ଟାମ୍ପଟିଏ ମରାଯାଇଛି ଆଉ ଷ୍ଟାମ୍ପଟି ଭିତରେ ଉଲେଖ ଅଛି ବ୍ରଜମୋହନ ପାଠାଗାର ବୋଲି ।

ମୁଁ ମୋର ବଡ଼ଭାଇ ତଥା ସମ୍ପର୍କରେ କକା ମାଇନର ପଢୁଥିଲା ବେଳେ ଲାଇବ୍ରେରୀଟିଏ ସ୍ଥାପନ କରିଥିଲୁ ଗ୍ରାମରେ । ସରକାରୀ ଗ୍ରାଣ୍ଟ ବି ମିଳିଥିଲା କିଛି । ପ୍ରାୟ ପାଞ୍ଚଶହରୁ ଊର୍ଦ୍ଧ୍ୱ ବହି କିଣିକରି ହେଉ ବା ସଂଗ୍ରହ କରି ବହିଗୁଡ଼ିକର ପ୍ରତି ପୃଷ୍ଠାରେ ଷ୍ଟାମ୍ପମାରିଥିଲୁ ଶିଶୁ ସୁଲଭ ଚପଳତାର ବଶବର୍ତ୍ତୀ ହୋଇ । କାଠ ଆଲମିରାଟିଏ ବି କିଣିଥିଲୁ ଗ୍ରାଣ୍ଟ ଟଙ୍କାରେ ବହିଗୁଡ଼ିକ ରଖିବା ପାଇଁ । ରାତି ଦିନ ଲାଗି ରେଜିଷ୍ଟରରେ ସମସ୍ତ ପୁସ୍ତକ ମୁଁ ଲିପିବଦ୍ଧ କରିଥିଲି କ୍ରମାଙ୍କ ଅନୁସାରେ । ଆମେ ତିନିଜଣ ଯେତେବେଳେ ଗ୍ରାମ

Digitized by srujanika@gmail.com

ଛାଡ଼ିଲୁ, ଗଙ୍ଗାଦାଦା ନାମରେ ଡ଼ାକୁଥିବା ଜଣେ ଯୁବକ ଯେକି ସବୁଦିନେ ଆସି ବସାଉଠା କରେ ଲାଇବ୍ରେରୀରେ, ତାକୁ ଦାୟିତ୍ୱ ହସ୍ତାନ୍ତର କରିଦେଇ ଆସିଥିଲୁ । ପରେ ସେ ଆମ କୁଟୁମ୍ବର ବିଶ୍ୱରଂଜନ ଯେକି ସ୍ଥାନୀୟ ହାଇସ୍କୁଲର ହେଡ୍‌ମାଷ୍ଟର, ତାକୁ ସେ ଲାଇବେରୀ ଦାୟିତ୍ୱଟି ହସ୍ତାନ୍ତର କରିଥିଲା । ଆଉ ହେଡ୍‌ମାଷ୍ଟର ମହୋଦୟ ପୁସ୍ତକ ଗୁଡ଼ିକୁ ଠୁଙ୍ଗା ଦରରେ ବିକିଦେଇଥିଲେ ଆଉ ଆଲମିରାଟିକୁ ନେଇ ଯାଇଥିଲେ ନିଜର ବ୍ୟବହାର ନିମନ୍ତେ । ଦୋକାନୀ ବିଦୁ ନିର୍ବିଚାରରେ, କେତେଖଣ୍ଡି ବହି କିଣିନେଇଥିଲା ତାଙ୍କଠୁ ଠୁଙ୍ଗା ଦାମରେ ନିଜଦୋକାନରେ ସୌଦା ବିକ୍ରୟ ନିମନ୍ତେ ।

ବିଦୁଠୁ ସମସ୍ତ ବିବରଣୀ ଶୁଣି, ତାଠୁ ବହିଟି ଆଣି ଦେଖିଲି ତାହା କାହ୍ନୁଚରଣ ମହାନ୍ତିଙ୍କର କାଳଜୟୀ ଉପନ୍ୟାସ ହା-ଅନ୍ନ । ମୂଳରୁ କେତୋଟି ପୃଷ୍ଠା ସେ ଚିରି ସୌଦା ବିକ୍ରୟ କରିଛି ପୂର୍ବରୁ । ତା' ଉପରେ ବହେ ରାଗିଲି । ସେ ମୂର୍ଖ ନଥିଲା । ମେଟ୍ରିକ ପର୍ଯ୍ୟନ୍ତ ପାଠପଢ଼ିଥିଲା । ଯେ ବହି ନ ପଢ଼େ ତା' ପାଇଁ ବହିଗୁଡ଼ିକ ଠୁଙ୍ଗା ସଦୃଶ । ଶିକ୍ଷା ଆଉ ବିଦ୍ୟାମଧରେ ଏହା ହିଁ ତଫାତ୍ । ଉଭୟ ବିଶ୍ୱରଂଜନ ଆଉ ବିଦୁ ଶିକ୍ଷାଲାଭ କରିଥିଲେ ଉଣା ଅଧିକେ, ବିଦ୍ୟା ସେମାନଙ୍କ ପାଖରେ ନଥିଲା ବହିଗୁଡ଼ିକର ମୂଲ୍ୟାଙ୍କନ ନିମନ୍ତେ । ହତାଶ ହେଲି ମନେମନେ । ହେଡ୍‌ସାରଙ୍କ କଥା ମନେପଡିଲା । ହତଭାଗାମାନେ ପଠନର ମୂଲ୍ୟ ଜାଣନ୍ତି ନାହିଁ । ତେଣୁ ବହିଗୁଡ଼ିକର ଏପରି ପରିଣତି । ତା'ଠାରୁ ହା-ଅନ୍ନ ବହିଟି ନେଇ ଆସିଲି । ପଇସା ନେଲାନାହିଁ । ଆଉ ସବୁ ବହିଗୁଡ଼ିକର ତଥ୍ୟ ଜଣାନାହିଁ ବୋଲି ଜଣେଇ ଦେଲା । ତା' ପାଖରେ ବି ଆଉ କିଛି ବହି ନାହିଁ ବୋଲି କହିଲା । ସତ ହେଉ କି ମିଛ, ମୋର କିଛି କରିବାର ନଥିଲା । ଘର ପୋଡ଼ିରୁ ମୋତେ ମିଳିଲା ଛିନ୍ନପୃଷ୍ଠା ହା-ଅନ୍ନ ବହିଟି । ତାହା ବି ଜାଣି ପାରିନଥାନ୍ତି ସେଦିନ ପିଲାଳିଆମି ଯୋଗୁ ପ୍ରତିପୃଷ୍ଠାରେ ଷ୍ଟାମ୍ପ ମାରି ନଥିଲେ ।

ଆଉ ଗୋଟିଏ ଅଭୁଲା ଅନୁଭୂତି ନ କହିଲେ ହେଡ୍‌ସାରଙ୍କ କଥା ଅପୂର୍ଣ୍ଣ ରହିଯିବ । ସପ୍ତମ ଶ୍ରେଣୀରେ ହଷ୍ଟେଲରେ ରହି ପଢୁଥାଏ ସେଣ୍ଟର ପରୀକ୍ଷା ନିମନ୍ତେ ପ୍ରସ୍ତୁତି ପାଇଁ । ଆମେ କେତେଦୂର ଇତିହାସରେ ପାରଙ୍ଗମ, ଜାଣିବା ନିମନ୍ତେ ଦିନେ ହେଡ୍‌ସାର ମୋଗଲ ସାମ୍ରାଜ୍ୟ ସଂପର୍କରେ କେତେଗୁଡ଼ିଏ ପ୍ରଶ୍ନ ପଚାରିଲେ । ମୁଁ କିନ୍ତୁ କେତେଗୁଡ଼ିଏ ପ୍ରଶ୍ନର ସନ୍ତୋଷଜନକ ଉତ୍ତର ଦେଇ ପାରିଲି ନାହିଁ । ହେଡ୍‌ସାର ବିରକ୍ତ ହୋଇ ଆଦେଶ କଲେ, ପ୍ରତିଦିନ ସଂଧ୍ୟା ସମୟରେ, ଯେତେବେଳେ ସିଏ ସପ ଖଣ୍ଡିଏ ପାରି ଅଫିସ ବାରଣ୍ଡାରେ ଗଡ଼ପଡ଼ ହୁଅନ୍ତି ଦିନର କ୍ଳାନ୍ତି ମେଣ୍ଟାଇବା ନିମନ୍ତେ, ମୁଁ ଯାଇ ତାଙ୍କ ଗୋଡ଼ ମୋଡ଼ିବାକୁ ।

ଅଦ୍ଭୁତ ଦଣ୍ଡ ଛାତ୍ରକୁ । ଆଜିକାର କଥା ହୋଇଥିଲେ, ହୁଏତ ହେଡ୍‌ସାରଙ୍କୁ ଚାକିରି ହରେଇବାକୁ ପଡ଼ିଥାନ୍ତା ପ୍ରଚଳିତ ବ୍ୟବସ୍ଥା ଅନୁସାରେ ।

Digitized by srujanika@gmail.com

ମୁଁ କିନ୍ତୁ ନତମସ୍ତକରେ ତାଙ୍କକଥା ମାନି ନେଇଥିଲି ସେଦିନ । ପ୍ରତିବାଦର ପ୍ରଶ୍ନ ନ ଥିଲା ମୋଠାରୁ କିମ୍ବା ମୋର ପରିବାରଠାରୁ । କେବଳ ମୋ କ୍ଷେତ୍ରରେ କାହିଁକି, ସମସ୍ତ ଜନସମାଜର ମାନସିକତା ଏହି ପ୍ରକାର ଥିଲା । ଶିକ୍ଷକ ଗୁରୁ, ପିତୃତୁଲ୍ୟ । ଛାତ୍ର ମାନଙ୍କୁ ସୁନାଗରିକ କରି ଗଢ଼ିବା ତାଙ୍କର ଦାୟିତ୍ୱ । ତେଣୁ ସେଥିପାଇଁ ଆବଶ୍ୟକ ଦଣ୍ଡ ବିଧାନ ତାଙ୍କର ଅଧିକାରଭୁକ୍ତ ।

ହେଡ୍‌ସାର ପ୍ରଚୁର ତେଲ ଲଗାଇ ଗାଧୁଆପାଧୁଆ କରନ୍ତି ସ୍ୱଚ୍ଛ ଜଳରେ । ତାଙ୍କର ଥଣ୍ଡାଦୋଷ ଥିବାରୁ ବେଶି ସମୟ ଗାଧୁଆପାଧୁଆ କରନ୍ତି ନାହିଁ । ପ୍ରଚୁର ତେଲ ଲଗାଉଥିବାରୁ, ଦେହରେ ମଳି ବସିଯାଏ । ସଂଧ୍ୟାସମୟରେ ଅଫିସ ବାରଣ୍ଡାରେ ଗଡ଼ପଡ଼ ହେଉଥିଲା ବେଳେ, ଆଦେଶ ମୁତାବକ ମୁଁ ଯାଇ ତାଙ୍କ ଗୋଡ଼, ହାତ ଘଷିଦିଏ । ପିଠିରୁ ଘଷିଘଷି ମଳିଛଡ଼ାଇ ଦିଏ । ଏହି ସମୟରେ ହେଡ୍‌ସାର ଇତିହାସର ପ୍ରଶ୍ନସବୁ ପଚାରି ବସନ୍ତି । ମୁଁ ଯଥା ସମ୍ଭବ ପ୍ରସ୍ତୁତ ହୋଇଯାଇଥାଏ ତାଙ୍କ ନିକଟକୁ । ନକହି ପାରିଲେ ବତାଇ ଦିଅନ୍ତି ।

ସପ୍ତମ ଶ୍ରେଣୀର ସେଣ୍ଟର ପରୀକ୍ଷା ଯଥା ସମୟରେ ଅନୁଷ୍ଠିତ ହେଲା । ଆମ ଗ୍ରାମଠାରୁ ପ୍ରାୟ ଚାରି ପାଞ୍ଚ ମାଇଲ ଦୂରରେ ଥିବା ଦୋଳସାହି ହାଇସ୍କୁଲରେ । ବେଡ଼ିଂ ପତ୍ର ଧରି ଆମେ ସମସ୍ତେ ସପ୍ତମ ଶ୍ରେଣୀ ପିଲା ସେଠାରେ ଆଠଦିନ ରହି ପରୀକ୍ଷା ଦେଇଥିଲୁ ।

ସପ୍ତମ ଶ୍ରେଣୀ ପରୀକ୍ଷା ଫଳ ବାହାରିଲା । ଉତ୍ତମ ନମ୍ବର ରଖି ମୁଁ ପାସ୍ କରିଥିଲି । ଆଉ ସମସ୍ତଙ୍କୁ ଚମତ୍କୃତ କରି, ଇତିହାସରେ ମୁଁ ସର୍ବୋଚ୍ଚ ନମ୍ବର ରଖିଥିଲି ଆମ ସେଣ୍ଟରରେ ସମସ୍ତ ପରୀକ୍ଷାର୍ଥୀଙ୍କଠାରୁ ।

ବାପା ଆନନ୍ଦ ଆତିଶଯ୍ୟରେ ଯେତେବେଳେ ଶିକ୍ଷକମାନଙ୍କ ନିକଟରେ ନିଜର କୃତଜ୍ଞତା ଜଣାଇବାକୁ ଗଲେ, ହେଡ୍‌ସାର ବିନୟ ସହକାରେ ତାଙ୍କର ମତାମତଟିଏ ରଖିଥିଲେ ସର୍ବ ସମ୍ମୁଖରେ- ପ୍ରଯତ୍ନ ପାଳିତ ବୃକ୍ଷଟି ଯେତେବେଳେ ପ୍ରସ୍ଫୁଟିତ ହୋଇ ଫଳଧରେ, ସବୁଠାରୁ ଖୁସି ହୁଏ ତା'ର ପାଳକ । ସେମିତି ଛାତ୍ରଟିଏ ଯେତେବେଳେ ପରୀକ୍ଷାରେ କୃତକାର୍ଯ୍ୟ ହୁଏ ଭଲ ନମ୍ବର ରଖି ତା'ର ଶିକ୍ଷକ ମାନେ ବି ତଦ୍ରୂପ ଖୁସି ହୁଅନ୍ତି ନିଜ ଛାତ୍ରଟିର କୃତକାର୍ଯ୍ୟ ଯୋଗୁ । ଶିକ୍ଷକଟିଏ ପାଇଁ ଏହାଠାରୁ ଉତ୍ତମ ଗୁରୁ ଦକ୍ଷିଣା ଆଉ କଣ ଅଛି ଦୁନିଆରେ !

• • •

Digitized by srujanika@gmail.com

ମାତାଜୀ ନାନୀ

ଯାହାର ହାତଧରି ସେ ସଂସାର କରିଥିଲା ପ୍ରତିଶ୍ରୁତିଟିଏ ପାଇ, ସାରା ଜୀବନ ତା' ସହିତ କଟାଇବେ ବୋଲି; ଦୁଃଖରେ, ସୁଖରେ, ସମସ୍ତ ପଥରେ ହାତଧରି ଚାଲିବେ ବୋଲି, କେବେଠୁ ସେ ତାକୁ ଅଧାବାଟରୁ ହାତଛାଡ଼ି ଚାଲିଗଲେଣି । ସେ ଅବା କ'ଣ କରିଥାନ୍ତେ ! ବଞ୍ଚିବା ପାଇଁ ଢେର ସଂଘର୍ଷ କରିଥିଲେ । ଶେଷରେ ହାରିଗଲେ । ବିଧାତା ତାଙ୍କୁ ପ୍ରତିଶ୍ରୁତି ପୂରଣ କରିବା ପାଇଁ ସୁଯୋଗ ଦେଲାନାହିଁ ।

ଦାମ୍ପତ୍ୟ ଜୀବନର ସନ୍ତକ ସ୍ୱରୂପ ସେ ଛାଡ଼ି ଯାଇଥିଲେ ଦୁଇଟି ପୁଅ । ଗରିବ ଚାଷୀ ପରିବାର । ଚାଷ ନକଲେ ପେଟ ପୂରିବ ନାହିଁ । ସେଥିରେ ପୁଣି ବର୍ଷକୁ ବର୍ଷ ବନ୍ୟାର ପ୍ରାଦୁର୍ଭାବ । ତା'ର କରାଳ ପ୍ରକୋପରୁ ଯେତିକି ବଞ୍ଚିବ, ସେତକ ହିଁ ଭରସା । ସେଇ ଅନିଶ୍ଚିତ ସମ୍ବଳକୁ ପାଥେୟ କରି ପିଲା ଦୁଇଟି ବଞ୍ଚିବେ କେମିତି !

କିନ୍ତୁ ବଞ୍ଚିଲେ ସେମାନେ । ପ୍ରମାଣ କରି ଦେଲେ ଯେ, କାହା ଅଭାବରେ ସଂସାର ଅଧାବାଟରେ ଅଟକି ଯାଏ ନାହିଁ । ଜୀବନର ଧାରା ଚାଲିଛି,ଏମିତି ବି ଚାଲିଥିବ, ହୁଏତ ଅନନ୍ତ ଯୁଗଧରି । ହୁଏତ ଲକ୍ଷ୍ୟ ବଦଳିବ, ଉଦ୍ଦେଶ୍ୟ ବଦଳିବ, ନୂତନନୂତନ ଉପାୟ ସେ ଖୋଜି ବସିବ, ରାହାଟିଏ ଧରି ବଞ୍ଚିବା ପାଇଁ । ଆଉ ଏମିତି ଖୋଜୁଖୋଜୁ ମିଳିଯିବ ନୂତନ ରାହାଟିଏ, ଯେମିତି ଦିନେ ବିଧବା ବୋହୂଟି ନିଜକୁ ମାତାଜୀଟିଏ ବୋଲି ଆବିଷ୍କାର କରି ବସିଲା ।

ପିଲା ଦୁଇଟି ଭିତରୁ ଗୋଟିଏ ବଡ଼ ହୋଇ ସାରିଥିଲା । ଅନ୍ୟଟି କିଶୋର ସମୟ ଅତିବାହିତ କରିବାକୁ ପ୍ରସ୍ତୁତ ହେଉଥିଲା । ଏମିତି ଏକ ଘଡ଼ିସନ୍ଧି ମୁହୂର୍ତ୍ତରେ ବିଧବା ବୋହୂଟି ହୋଇଗଲା ମାତାଜୀ ।

ଅବଶ୍ୟ ବହୁ ଭାବିଚିନ୍ତି ସେ ନେଇଥିଲା ଏମିତି ଏକ ବିଚକ୍ଷଣ ନିଷ୍ପତ୍ତି । ବଡ଼ ପୁଅଟା ବିହାର ଯାଇ ଅଫିମ ଆଣି ଯୋଗାଉଥିଲା ସ୍ଥାନୀୟ ଜଣେ ଅଫିମ ବ୍ୟବସାୟୀକୁ । ଏଥିରୁ ବେଶ୍ ଦି' ପଇସା ମିଳୁଥିଲା । କିନ୍ତୁ ସଦାସର୍ବଦା ପୋଲିସର ଭୟ ଲାଗିରହୁଥିଲା । ଯଦି କେବେ ଧରା ପଡ଼ିଯାଏ ! କିଏ ଉଦ୍ଧାର କରିବ ତାକୁ ? ଘରେ କୁଳ ଭୂଆସୁଣୀଟିଏ ହୋଇ ବସିରହିଲେତ ଚଳିବ ନାହିଁ ? ଅବାଧ ପୁଅଟାକୁ ଯେତେ ବୁଝାଇଲେ ବି କାମଟି ଛାଡ଼ିବାକୁ ଅମଙ୍ଗ ହେଉଛି । ବିପଦ ସିନା ଟିକେ ଅଛି । କିନ୍ତୁ ପଇସା ମିଳୁଛି ସେମିତି

Digitized by srujanika@gmail.com

ଅଧିକା । ସତକଥା । ଉପାୟ ଖୋଜୁ ଖୋଜୁ, ସମ୍ପର୍କଟିଏ ଦରକାର ପଡ଼ିଲା ପୋଲିସ ବାବୁମାନଙ୍କ ସହ । କିନ୍ତୁ କେମିତି ସମ୍ଭବ ହେବ ସମ୍ପର୍କଟିଏ ଯୋଡ଼ିବାକୁ !

ହେବ, ଅବଶ୍ୟ ହେବ । ତା' ଚିନ୍ତା ରାଜ୍ୟରେ ଦେଖା ଦେଲା ଉପାୟଟିଏ । ଦୁନିଆରେ ଏମିତି କାର୍ଯ୍ୟ ନାହିଁ ଯାହା ନହୋଇପାରିବ । ସେଇଥିପାଇଁ ନେପୋଲିଅନ କହିଥିଲେ, ଅସମ୍ଭବ ବୋଲି ଶବ୍ଦ ତାଙ୍କ ଅଭିଧାନରେ ଲେଖାନାହିଁ । ବୋହୂଟି ଅବଶ୍ୟ ନେପୋଲିଅନ କିଏ ଜାଣେନାହିଁ । ପାଠ ବି ପଢ଼ିନାହିଁ କିଛି । କିନ୍ତୁ ତା ଚିନ୍ତା ରାଜ୍ୟଟି ଥିଲା ଖୁବ୍ ସୂକ୍ଷ୍ମ । ଯଦି ଭଗବାନ ଶିବଙ୍କ ଭଳି ମହାଜ୍ଞାନୀ, ସୂକ୍ଷ୍ମଦର୍ଶୀ ଅମୃତ ତୁଲ୍ୟ ଗଞ୍ଜେଇ ଦି ସୁଟ୍‌କା ଟାଣି ଦେଇ ଭୋଳାନାଥରେ ରୂପାନ୍ତରିତ ହୋଇ ପାରୁଛନ୍ତି, ତା ହେଲେ ଛାର ଚୌକିଆ ଆଉ ସିପେଇଗଣ ପ୍ରସାଦରୂପୀ ଗଞ୍ଜେଇ ସମର୍ପଣରେ ବୁଦ୍ଧୁ ବନାଯାଇ ପାରିବାକୁ କେତେ ସମୟ ଲାଗିବ ? ବୋହୂଟି ମନରେ ଏପରି ଏକ ଉର୍ବର ଚିନ୍ତା ପଛରେ ଥିଲା ସଂକ୍ଷିପ୍ତ କାହାଣୀଟିଏ-

ଦିନେ ନିଧୂମ ଖରାବେଳ, ଯେତେ ବେଳେକି କୁଆ, କୋଇଲି ବି ବସାରୁ ବାହାରୁ ନାହାନ୍ତି, ଗାଈ, ଗୋରୁ ସବୁ ଗଛଛାଇ, ଘର ଉହାଡ଼ରେ ଶୋଇ ପାକୁଳି କରୁଛନ୍ତି, କୁକୁରମାନେ ଓଳିତଳେ ଶୋଇ, ଜିଭଟାମାନ ବାହାର କରି ଧକ୍କାଉଛନ୍ତି, ଚଷାଘର ବୋହୂଟି ଘରର ଯାବତୀୟ କାମ ଶେଷକରି, ମସିଣାଟିଏ ପାରି ଶୋଇବାକୁ ବାହାରିଛି, ଦାଣ୍ଡ ଦୁଆରୁ କ୍ଳାନ୍ତ କଣ୍ଠର ଆକୁଳ ନିବେଦନଟିଏ - ମାଆ, କିଛି ଦାନଦକ୍ଷିଣା ମିଳିବ !

ବୋହୂଟି କାନପାରି ଶୁଣିଲା, ଚକିତ ବି ହେଲା, ଏପରି ଏକ ନିଛାଟିଆ ଖରାବେଳରେ ଅଜ୍ଞାତ କଣ୍ଠସ୍ୱରଟିଏ ଶୁଣି । ସାରା ସଂସାରଟା ଯେତେବେଳେ ବିଶ୍ରାମରତ, ଖରାରେ ସିଝି ସିଝି ଦାଣ୍ଡଦୁଆରେ ମାଗୁଛି କିଏ- ଭିକାରିଟିଏ ନୁହେଁତ ?

ଭୟ, ଭ୍ରାନ୍ତି, ସନ୍ଦେହର ଊର୍ଦ୍ଧ୍ୱକୁ ଉଠି, ଦୟାରେ ବିଗଳିତ ଚଷାଘର ବୋହୂଟି ଦୁଆର ଖୋଲିଲା । ଦେଖିଲା ପିଣ୍ଡାତଳ ଛାଇରେ କ୍ଳାନ୍ତ, ଅବସନ୍ନ, ଶ୍ମଶ୍ରୁବନ୍ତ ବ୍ୟକ୍ତିଟିଏ , କପାଳରେ ତିଳକ, କାନ୍ଧରେ ଝୁଲାମୁଣି, ହାତରେ ତା'ର କମଣ୍ଡଳୁଟିଏ ।

ବୋହୂଟିକୁ ଦେଖି, ସନ୍ନ୍ୟାସୀ ଜଣକ ଆଶ୍ରୀର୍ବାଦ ଦେଲେ । କହିଲେ 'ମା ! ମୁଁ ଭିକାରି ନୁହେଁ । ଭିକ ମାଗିବା ମୋର ଉଦ୍ଦେଶ୍ୟ ନୁହେଁ । ପରମ ତୀର୍ଥାଚାର୍ଯ୍ୟ ଗୁରୁଦେବ ଶ୍ରୀ ଶ୍ରୀ ଭୃଗୁଦେବଙ୍କର ମୁଁ ଜଣେ ଶିଷ୍ୟମାତ୍ର । କୁଁ ବାବାଜି ନାମରେ ସର୍ବତ୍ର ପରିଚିତ । ଖପରପଦା ପସିରେ ଥିବା ତାଙ୍କର ଆଶ୍ରମରେ ଆସନ୍ତା ପୂର୍ଣ୍ଣିମା ତିଥିରେ ଏକ ସର୍ବଶାନ୍ତି ଯଜ୍ଞ ଅନୁଷ୍ଠିତ ହେବ ସାତଦିନ ଧରି । ଶେଷ ଦିନଟିରେ ପୂର୍ଣ୍ଣାହୂତି ଦିଆଯିବ । ତୁମକୁ

Digitized by srujanika@gmail.com

ନିମନ୍ତ୍ରଣ ରହିଲା ମା । ତୁମେ ସେ ଦିନ ଉପସ୍ଥିତ ରହି ପୂଜ୍ୟ ଗୁରୁଦେବଙ୍କର ଆଶ୍ରୀର୍ବାଦ ନେଲେ ତୁମର ମନୋବାଞ୍ଛା ପୂର୍ଣ୍ଣ ହେବ ।

ମନୋବାଞ୍ଛା ପୂର୍ଣ୍ଣ ହେବ! ଶୁଣି ଚମକୁତ ହେଲା ବୋହୂଟି । ଯଜ୍ଞ ବିଷୟରେ ପୂର୍ବରୁ ଶୁଣିଥିଲା ଗାଁ ଲୋକଙ୍କଠାରୁ । ସନ୍ନ୍ୟାସୀଙ୍କଠାରୁ ନିମନ୍ତ୍ରଣଟିଏ ପାଇ ଏହାକୁ ଏକ ସୁଯୋଗ ବୋଲି ମନେକଲା । ସନ୍ନ୍ୟାସୀଙ୍କୁ ପ୍ରଣିପାତ ପୂର୍ବକ ନିଜର ସଂଶୟ ଦୂରୀକରଣ ପାଇଁ ପଚାରିଲା – 'ଶହ ଶହ ଝିଅବୋହୂ ଯଜ୍ଞଦେଖିବାକୁ ଯିବେ । ମୋତେ ସେଠି ଚିହ୍ନିବ କିଏ ? ଏତେ ଭିଡ଼ ଭିତରେ ମୁଁ କିପରି ଗୁରୁଦେବଙ୍କ ଆଶୀର୍ବାଦ ନେଇ ପାରିବି ତାଙ୍କର ଦର୍ଶନ କରି ?'

ଶିଷ୍ୟ ଜଣକ ଅଭୟ ଦେଲେ, 'ପୂର୍ଣ୍ଣାହୁତି ଦିନ ମୁଁ ଯଜ୍ଞ ସ୍ଥଳରେ ଉପସ୍ଥିତ ଥିବି । ତୁମେ ସେଇଠି ମୋତେ ଦେଖିବ । ମୁଁ ତୁମକୁ ନେଇ ଗୁରୁଦେବଙ୍କର ଦର୍ଶନ କରାଇ ଦେବି ।' ଚଷାଘର ବୋହୁଟି ସେଦିନ ପରମ ଆନନ୍ଦରେ ଶିଷ୍ୟଟିର ଝୁଲାମୁଣିଟିକୁ ଭରି ଦେଇଥିଲା ତଣ୍ଡୁଳରେ ଆଉ ଅନେକ ଦିନରୁ ସଞ୍ଚିତ ଅର୍ଥରୁ ଦୁଇଟି ଟଙ୍କା ଆଣି ଦେଇଥିଲା ଶିଷ୍ୟଟିର ହାତରେ ।

ଏହା ପରେ ଆମ ଚଷାଘର ବୋହୂଟି ନିର୍ଦ୍ଦିଷ୍ଟ ଦିନରେ (ପୂର୍ଣ୍ଣାହୁତି ଦିନ) ଯଜ୍ଞସ୍ଥଳ ପରିଦର୍ଶନରେ ଯାଇ ଗୁରୁଦେବଙ୍କର କେବଳମାତ୍ର ଆଶୀର୍ବାଦ ନେଲାନାହିଁ, ତାଙ୍କର ପରମା ଶିଷ୍ୟାଟିଏ ବନିଗଲା । ବୈଧବ୍ୟପରେ ମୁଣ୍ଡରୁ ପୋଛିଦେଇଥିବା ସିନ୍ଦୂର ସ୍ଥାନରେ ତିଳକ ଲଗାଇଲା । ଧଳାଶାଢ଼ି ବଦଳରେ ସେ ପିନ୍ଧିଲା ଗେରୁଆ ରଙ୍ଗର ଶାଢ଼ି । କାନ୍ଧରେ ଝୁଲାଇଲା ଗେରୁଆ ରଙ୍ଗର ଝୁଲାମୁଣିଟିଏ । ଚାଷବାସ କାମ ସାନପୁଅ ହାତରେ ସମର୍ପି ଦେଇ, ଗାଁକୁ ଗାଁ ବୁଲି ସେ ଦାନ ସଂଗ୍ରହ କଲା । ଗଞ୍ଜେଇ ଚିଲମଟିଏ ସଦାସର୍ବଦା ଗଞ୍ଜେଇରେ ଭର୍ତ୍ତିହୋଇ ତା ଝୁଲାମୁଣିରେ ଥାଏ । ବେଳକାଳ ଉଣ୍ଡି, ଚୌକିଦାର, ସିପାଇମାନଙ୍କ ସହିତ ପରିଚିତ ହେଲା । ହାବୁଡ଼େ ପଡ଼ିଲେ, ସେମାନେ ମାତାଜୀ ନାନୀକୁ ବେଢ଼ି ଯାଉଥିଲେ । ଆଉ ଗଞ୍ଜେଇର ଧୂମ୍ ଲାଗିଯାଉଥିଲା ନିରୋଳା ସ୍ଥାନଟିଏ ଦେଖି, ଗଛ ଛାଇରେ, ପୋଖରୀ ହୁଡ଼ାରେ ନ ହେଲେ କେଉଁ ଦେବମନ୍ଦିର ବେଢ଼ାରେ । ଏମିତି ଭାବରେ ବିଧବା କୁଳବଧୂଟି ତା ପରିଧିଭିତରୁ ବାହାରିଯାଇ ଘୂରି ବୁଲିଲା ଏ ଗାଁକୁ ସେ ଗାଁ ଆଉ ତା'ର ପୂର୍ବ ପରିଚୟ ବି ଲୁଚିଗଲା ଅତୀତର ବିସ୍ମୃତି ଭିତରେ । ଆଉ ସାଆଁବାଳୁଆ ଭଳି କୋଷାଟି ଭିତରୁ ବାହାରି ଆସି, ତା'ର ନୂତନ ପରିଚୟଟିଏ ସୃଷ୍ଟିହେଲା –ମାତାଜୀ ନାନୀ । ସର୍ବତ୍ର ସେ ଏଇ ନାମରେ ପରିଚିତ ହେଲା ।

Digitized by srujanika@gmail.com

ଯେତେବେଳେ ଗାଁ ଗହଳରେ ସଞ୍ଜବତୀ ଲାଗେ, ବିଲକାମରେ କ୍ଳାନ୍ତ ଶ୍ରାନ୍ତ ଗ୍ରାମ୍ୟ ଜନତା ନାଳ, ପୋଖରୀରେ ଧୁଆଧୋଇ ହୋଇ ନିଜ ଘରକୁ ଫେରିଆସନ୍ତି, ଆମ ମାତାଜୀ ନାନୀ ଘରେ ଗଞ୍ଜେଇର ଧୂମ୍ ଆରମ୍ଭ ହୋଇଯାଏ । ଯୁବକ ଦଳଟି ସମବେତ ହୁଅନ୍ତି ମାତାଜୀ ନାନୀ ଘରେ । ସୁଟ୍‌କାଏ, ସୁଟ୍‌କାଏ ଟାଣିଦେଇ, ଖୋଳ କରତାଳ ପିଟନ୍ତି ଆଉ ଭଜନ ସାଗରରେ ନିମଜ୍ଜିତ ହୋଇଯାନ୍ତି ସଭିଏଁ । ଆଖି ସବୁ ଆସ୍ତେଆସ୍ତେ ଲାଲ ଧରେ । ଚାଖଣ୍ଡେ ଲମ୍ବର ଚିଲମରୁ ନିଆଁ ବି ହୁତ୍‌ହୁତ୍ ଜଳି ଧୀରେଧୀରେ ଲିଭିଯାଏ । ସଞ୍ଜ ଯାଇ ରାତିହୁଏ । ଧୀରେଧୀରେ ଗହଳି ଭାଙ୍ଗେ । ମାତାଜୀ ନାନୀଟି ଦିନରୁ ରୋଷେଇକାମ ସାରିଦେଇଥାଏ । ମାଆ ପୁଅ ଖାଇଦେଇ ଶୋଇ ପଡ଼ନ୍ତି ନିଶ୍ଚିନ୍ତରେ ।

ଆମ ଗ୍ରାମରେ ପୂର୍ବରୁ ବାବା ଆଉ ମାତାଙ୍କର ସଂସ୍କାର ନଥିଲା କାହା ପାଖରେ । ବର୍ତ୍ତମାନ ନୂତନ ସଂସ୍କାରଟିଏ ସୃଷ୍ଟିହେଲା । ବିଶେଷ କରି ଯୁବ ଗୋଷ୍ଠୀ ଏଥିରେ ଅଗ୍ରଣୀ ଭୂମିକାରେ ରହିଲେ । ଆଗରୁ କେବେ କେମିତି ମିଳିଲେ, ଖଜୁରୀ ଗଛରେ ଠେକ ବସାଇ, ତାଡ଼ି ଟିକିଏ ପିଇ ଦେଉଥିଲେ ବିନା ପଇସାରେ । ଏବେ ମାତାଜୀ ନାନୀର ସୌଜନ୍ୟରୁ ନୂତନ ସଂସ୍କାରଟିଏ ଉତ୍ପନ୍ନ ହେଲା - ଗଞ୍ଜେଇ ସେବନ । ଶିବଙ୍କ ପ୍ରସାଦ, ଦୋଷ ନାହିଁ ସେଥିରେ । ମାତାଜୀ ନାନୀ ବୁଝେଇ ଦିଏ ।

ପୂର୍ବରୁ ସେ ନିଜ ପିଲା, ଛୁଆ, ଘର, ସଂସାର ଭିତରେ ବୁଡ଼ି ରହୁଥିଲା ଚାରିକାନ୍ଥ ଭିତରେ । ତା'ର ସଂସାର ବ୍ୟତୀତ ଆଉ ଏକ ବିଶାଳ ସଂସାର ରହିଛି, ଭଳି କି ଭଳି ରୂପ ଆଉ ରଂଗରେ ସମୁଜ୍ଜ୍ୱଳ ହୋଇ, ସେ ତାହା ଜାଣିନଥିଲା । ବିଭିନ୍ନ ବାବାଜୀ, ମାତାଜୀ, ଧାର୍ମିକ ସଂପ୍ରଦାୟଙ୍କର ସଂସ୍ପର୍ଶରେ ଆସି ଢେର ଢେର କଥା ଶିଖିଲା । ଇହଲୋକ, ପରଲୋକ, ଆତ୍ମା, ପରମାତ୍ମା, ପାପ, ପୁଣ୍ୟ, ଜନ୍ମ, ଜନ୍ମାନ୍ତର ଇତ୍ୟାଦି ବହୁବିଷୟ ଶୁଣିଲା । ଯେତିକି ବି ମନେରଖିପାରିଲା ତା ପାକଲା ବାଳରେ, ସେତକକୁ ପୁଞ୍ଜିକରି ବେଶ୍ ଚକିତ କରିଦେଇ ପାରିଲା ଗ୍ରାମୀଣ ଜନତା-ଜନତାଜନାର୍ଦ୍ଦନଙ୍କୁ । ସୁଖ୍ୟାତି ବଢ଼ିଲା । ଆୟ ବି ବଢ଼ିଲା ତଦନୁଯାୟୀ ।

ଘରର ଥାଟ ବଦଳି ଗଲା । ପୂର୍ବରୁ ଭଙ୍ଗା ଘରକୁ ଭାଙ୍ଗିଦେଇ ନୂଆ ଭାବରେ ସେ ଗଢ଼ିଲା ଘରଟିଏ । ପୁନେଇ ପରବ ବେଶ୍ ଧୁମ୍ ଧାମ୍‌ରେ ପାଳନ କରାଗଲା । ବର୍ଷରେ ଦି, ଚାରିଥର ବାଳଭୋଜନ ଆୟୋଜନ କରାଇଲା । ଆମେ ବାଳୁତ ସବୁ ଚାତକ ପରି ମାତାଜୀ ନାନୀ ଭୋଜିକୁ ଅପେକ୍ଷା କରିଥାଉ । ଖିରୁଡ଼ି, ବୋଇତାଳୁ ଘାଣ୍ଟ, ଗୁଡ଼, ନଡ଼ିଆ ଦିଆ ଖିରୀ ଅମୃତ ତୁଲ୍ୟ ଲାଗେ ପିଲାପାଟିକୁ । ଖାଇସାରି ଉଠିଲା ବେଳେ ମାତାଜୀ ନାନୀର ଜୟଧ୍ୱନି କରି ଗାଁ କମ୍ପାଇ ଦେଉ ।

Digitized by srujanika@gmail.com

ବଡ଼ ପୁଅଟି ତା'ର ଅଫିମ ଆଣିବାକୁ ମାସରେ ଥରେ ଦୁଇଥର ବାହାରକୁ ଯିବାକୁ ପଡୁଥିଲା । ଅନ୍ୟ ସମୟତକ ଏକ ଚାଉଳ କଳରେ ଚାଉଳ ପେଷିବା କାମ କରେ । ଥରେ ଅଫିମ ଧରି ଫେରୁଥିବା ବେଳେ ସେ ପୋଲିସ ହାବୁଡ଼ରେ ପ୍ରାୟ ଧରାପଡ଼ିଯାଇଥିଲା । ନିଜର ଚତୁରପଣିଆ ଯୋଗୁ ନିଜର ଜଣେ ସହଯାତ୍ରୀଙ୍କ ଲଗେଜ ଭିତରେ ଲୁଚେଇ ଦେଇ ରକ୍ଷା ପାଇଗଲା । ପ୍ରଥମରେ ସେ ଭାବିଥିଲା ପାଇଖାନା ଭିତରେ ଫିଙ୍ଗିଦେବ । କିନ୍ତୁ ଯାହାଙ୍କୁ ଆଣି ସେ ମାଲ ଯୋଗାଉଥିଲା, ସେ ସହଜ ବ୍ୟକ୍ତି ନଥିଲେ । ସେ କେବେ ବି ବିଶ୍ୱାସ କରିନଥାନ୍ତେ ବିପଦରେ ପଡ଼ି ଏମିତି କାମଟିଏ ସିଏ କରିଛି ବୋଲି । କଡା ଗଣ୍ଡାକରି ସେ ଅଫିମର ଦାମ୍ ଅସୁଲ୍ କରିଥାନ୍ତେ ତା'ଠାରୁ । ହୁଏତ ତାକୁ ସର୍ବସ୍ୱ ବିକିବାକୁ ପଡ଼ିଥାନ୍ତ ଏ କ୍ଷେତ୍ରରେ । ତେଣୁ ଈଶ୍ୱରଙ୍କୁ ଶତ ଶତ ଧନ୍ୟବାଦ ଦେଇ, ଆଉ ଅଫିମ ଆଣିଦେବ ନାହିଁ ବୋଲି ପ୍ରତିଜ୍ଞା କଲା । ମାତାଜୀ ନାନୀ ବି ଖୁସି ହେଲା ତା ନିଷ୍ପତ୍ତିରେ ।

ଯୋଗକୁ ଆମ ଗ୍ରାମଠାରୁ ଦୁଇମାଇଲ ଦୂରରେ ଏକ ଚାଉଳ କଳରେ ଭଲ ଦରମାରେ ତାକୁ ଚାଉଳ ପେଷିବା କାମଟିଏ ମିଳିଗଲା । ସେଇଠି କାମ କରୁଥିଲା ବେଳେ ଗୋଟିଏ ସୁନ୍ଦର ଝିଅ ସହିତ ତା'ର ବାହାଘର ଠିକ୍ ହୋଇଗଲା ସେହି ଗ୍ରାମରେ । ଅତିଶୀଘ୍ର ବାହାଘର ବି ହେଲା ଆଉ ମାତାଜୀ ନାନୀର ଘରକୁ ବୋହୂଟି ଆସିଲା ଘରକରଣା ସମ୍ଭାଳିବା ନିମନ୍ତେ । ମାତାଜୀ ନାନୀ ହୋଇଗଲା ସମ୍ପୂର୍ଣ୍ଣ ମୁକ୍ତ, ଘରକରଣା ସମର୍ପି ଦେଇ ବୋହୂଟି ହାତରେ । ଏବେ ସେ ନିଶ୍ଚିନ୍ତରେ ଗାଁକୁ ଗାଁ, ସାଇକୁ ସାଇ, ଘରକୁ ଘର ବୁଲିଲା ଆଉ ତା ସୁଖ୍ୟାତି ବି ବ୍ୟାପିଗଲା ଆମ ଅଞ୍ଚଳ ସାରା ।

ପୂର୍ବରୁ ତା' ଘରଟି ସବୁବେଳେ ସମସ୍ତଙ୍କ ପାଇଁ ଖୋଲା ଥିଲା । ଏବେ ବୋହୂ ଆସିବାରୁ ସମସ୍ୟା ଦେଖାଗଲା ସଦା ସର୍ବଦା ଉନ୍ମୁକ୍ତ ରଖିବାକୁ ତା ଘରଟିକୁ । ଗ୍ରାମ ନିକଟବର୍ତ୍ତୀ ସୁମିତ୍ରା ପୋଖରୀର ବିସ୍ତୃତ ଇଲାକାରେ ତାର ଖଣ୍ଡିଏ ଡିହଥିଲା । ତା'ରି ଉପରେ ଆଶ୍ରମ ତଥା ମଠଟିଏ ନିର୍ମାଣ କରିବା ପାଇଁ ସେ ଚିନ୍ତାକଲା । ଏହାଦ୍ୱାରା ତାର ଦୁଇଟି ଉଦ୍ଦେଶ୍ୟ ସାଧିତ ହେବ । ପ୍ରଥମତଃ ତା'ର ଘରଟିକୁ ଅବାଧ ପ୍ରବେଶରୁ ମୁକ୍ତ ରଖାଯାଇ ପାରିବ । ଦ୍ୱିତୀୟତଃ ଡିହରେ ମଠଟିଏ ତିଆରି ହେଲେ ତା ଚତୁର୍ପାଶ୍ୱରେ ଚାଷବାସ କରାଯାଇ ପାରିବ, ବିଭିନ୍ନ ପନିପରିବା ହେବ । ମଠକୁ ସଦାସର୍ବଦା ଲୋକମାନେ ଯିବା ଆସିବା କରିବାରୁ ଫସଲ ଚୋରୀର ଭୟ ରହିବ ନାହିଁ । ଦେଖାଚାହାଁ କରିବା ନିମନ୍ତେ ତା ସାନପୁଅଟିକୁ ନେଇ ପାଖରେ ରଖାଯାଇପାରିବ ।

ପଇସା, ମଠତିଆରି ସାମଗ୍ରୀର ଅଭାବ ରହିଲା ନାହିଁ । ଆଖ ପାଖ ଗାଁରୁ ଏ ଗୁଡ଼ିକ ସହଜରେ ସଂଗ୍ରହ କରାଯାଇ ପାରିଲା । ଅଳ୍ପଦିନ ଭିତରେ ଗୋଲେଇ ଆକାରର

Digitized by srujanika@gmail.com

ମଠଟିଏ ତିଆରି ହୋଇଗଲା ପାର୍ଶ୍ୱରେ ରୋଷେଇ ଘରଟିଏ ଥାଇ । ମଠର ଚତୁର୍ପାଶ୍ୱ ବି ଫୁଲଫଳରେ ପରିପୂର୍ଣ୍ଣ ହୋଇଉଠିଲା, ସାନପୁଅର ଅକ୍ଳାନ୍ତ ପରିଶ୍ରମରେ । ଏଣେ ମାତାଜୀ ନାନୀର ସଂସାର ବି ଆନନ୍ଦରେ ପରିପୂର୍ଣ୍ଣ ହେଲା ନାତି ନାତୁଣୀଙ୍କ କୋଳାହଳରେ । ଜନ୍ମନେଲେ ଦୁଇଟି ନାତି ଆଉ ନାତୁଣୀଟିଏ ।

ସଂସାରରେ ସୁଖର ସମୟ ବେଶିଦିନ ରହେନାହିଁ କାହାରି ପାଖରେ । ତୁଳନାତ୍ମକ ଭାବରେ ସୁଖ ସମୟଠାରୁ ଦୁଃଖର ଅବଧି ବେଶି । ହଠାତ୍ ହଇଜାରେ ବଡ଼ପୁଅଟି ତା'ର ମରିଗଲା ବିଧବା ବୋହୂ ଆଉ ପିଲା ତିନୋଟିକୁ ଛାଡ଼ି । ମାତାଜୀ ନାନୀଟି ଗୃହଚର୍ଯ୍ୟାରେ ଅଧିକ ସମୟ ବିତାଇଲା ଛୁଆ ତିନୋଟିକୁ କୋଳରେ ଧରି । ଯେଉଁ ମିଛ-ମାୟା ସଂସାର ଦୂରରେ ରହିବା ନିମନ୍ତେ ସେ ଗାଁ, ଗାଁ ବୁଲି ବୁଝାଉଥିଲା ଦୁଃଖର ଅବସାନ ପାଇଁ, ଏବେ ନିୟତିର ତାଡନାରେ ସେ ନିଜେ ଜଡିତ ହୋଇ ପଡ଼ିଲା ସଂସାର ସହିତ । ଭକ୍ତମାନେ ମାତାଜୀ ନାନୀକୁ ଆଉ ମଠରେ ବେଶି ସମୟ ଦେଖିବାକୁ ପାଇଲେ ନାହିଁ । କୋଳାହଳ ପୂର୍ଣ୍ଣ ମଠଟି ଅଳ୍ପଦିନ ଭିତରେ ଏକ ନିରବ ନିଃଶବ୍ଦ ଇଲାକାରେ ପରିଣତ ହେଲା ।

ଚତୁରୀ ମାତାଜୀ ନାନୀଟି ଜାଣେ, ସେ କାହିଁକି, କେଉଁଥିପାଇଁ ମାତାଜୀ ହୋଇଥିଲା । ଉପୁଜୁଥିବା ନୂତନ ପରିସ୍ଥିତିକୁ ସେ ସମ୍ଭାଳି ନେବାକୁ ଉଦ୍ୟମ କଲା । ଏଭିତରେ ସେ ପ୍ରଚୁର ଅଭିଜ୍ଞତା ହାସଲ କରିସାରିଥାଏ ଲୋକ ଚରିତ୍ର ସମ୍ପର୍କରେ । ତେଣୁ ଲୋକେ ତା ସମ୍ପର୍କରେ ଯେଉଁ ପ୍ରତିକୂଳ ମନ୍ତବ୍ୟ ଦେଉଥିଲେ, ତାକୁ ଅନୁକୂଳରେ ରୂପାନ୍ତରିତ କରିବା ନିମନ୍ତେ ଉପାୟଟିଏ ବାହାର କରିବା ପାଇଁ ତାକୁ ବେଶି ସମୟ ଲାଗିଲା ନାହିଁ ।

କାର୍ତ୍ତିକ ମାସଟି ଧର୍ମମାସ ହିସାବରେ ଗାଁଗହଳି ସର୍ବତ୍ର ପାଳିତ ହୁଏ । ମାତାଜୀ ନାନୀଟି ଆମର କାର୍ତ୍ତିକିଆ ଦଳଟିଏ ଧରି ପାହାନ୍ତା ପହରୁ ଉଠି ଗାଁ ସାରା ବୁଲି ପ୍ରତ୍ୟେକ ସକାଳ ସନ୍ଧ୍ୟାରେ କୀର୍ତ୍ତନ କଲା । ଗାଁ ପରିଭ୍ରମଣ ସମୟରେ ପିଲା, ଛୁଆ, ଟୋକା, ବୁଢ଼ା ସମସ୍ତେ ଯୋଗ ଦେଲେ । ଗାଁ ପରିଭ୍ରମଣ ସରୁ ସରୁ ସୁବୃହତ ଦଳଟିଏ ସୃଷ୍ଟି ହୋଇ ସାରିଥାଏ । କିଏବା ଧର୍ମ ଅର୍ଜନର ଏପରି ଗୋଟିଏ ମହତ୍ ପରିକଳ୍ପନାରୁ ନିଜକୁ ଦୂରେଇ ରଖିବାକୁ ଉଚିତ ମଣିବ ! ହରିବୋଲ, ହୁଳହୁଳି, ଶଙ୍ଖନାଦ, ମୃଦଙ୍ଗ ତଥା କରତାଳ ଧ୍ୱନିମଧ୍ୟରେ ଉଦ୍‌ବୁଦ୍ଧ ଜନତା ନିକଟସ୍ଥ ନଦୀ ଘାଟରେ ବୁଡ଼ଟିଏମାନ ପକାଇ ଅର୍ଜିତ ଧର୍ମକୁ କାନିରେ ଗଣ୍ଠି ପକାଇ ସାଇତିରଖିଲେ ମୃତ୍ୟୁପରେ ଯମଯନ୍ତ୍ରଣାରୁ ମୁକ୍ତି ନିମନ୍ତେ ।

ଖାଲି ନିଜ ଗାଁରେ ନୁହେଁ, ପାଖଆଖ ଗାଁମାନଙ୍କରେ ତା'ରି ପ୍ରେରଣାରେ ପ୍ରତ୍ୟେକ

Digitized by srujanika@gmail.com

ଦିନ ସକାଳୁ ସାରାକାର୍ତ୍ତିକ ମାସଟା ଗାଁର ଏମୁଣ୍ଡରୁ ସେମୁଣ୍ଡ ବୁଲି ନଗର କୀର୍ତ୍ତନ କଲେ ଏବଂ ବୁଡଟିଏମାନ ପକେଇଲେ ପୋଖରୀ କିମ୍ବା ନଦୀ ଘାଟରେ । ଆଉ ପ୍ରତିକ୍ଷିତ କାର୍ତ୍ତିକ ପୂର୍ଣ୍ଣମୀ ଦିନ ଏହା ଉଦ୍‌ଯାପିତ ହେଲା ବୁଡଟିଏମାନ ପକାଇ ଏକାନ୍ତ ପ୍ରତ୍ୟୁଷରୁ । ଆଉ ମାତାଜୀ ନାନୀ ଆନୁକୂଲ୍ୟରେ ଭୋଜିଟିଏ ମଧ୍ୟ ଆୟୋଜିତ ହୋଇଥିଲା ମଠ ପରିସର ମଧ୍ୟରେ । ଏ ପ୍ରକାର ଏକ ଧାର୍ମିକ କାର୍ଯ୍ୟପାଇଁ ଯେତିକି ଅର୍ଥ ଆଉ ସାମଗ୍ରୀ ମାତାଜୀ ନାନୀର ହସ୍ତଗତ ହୋଇଥିଲା, ଖର୍ଚ୍ଚ ପରେ ବି ଅନ୍ତତଃ ଛମାସ ପାଇଁ ତା ଘର ଚଳେଇବାରେ କୌଣସି ଅସୁବିଧା ନଥିଲା ।

ସେଇ ବାଳୁତ ବୟସର ଘଟଣା । ସେ ଦିନର କଥା ଗୋଟି ଗୋଟି ମୋର ମନେଅଛି । ସେ ସମୟରେ କାର୍ତ୍ତିକ ମାସରେ ପ୍ରବଳ ଜାଡ ପଡ଼େ । ପାହାନ୍ତା ପ୍ରହରରେ ପୁଣି ଶୀତର ମାତ୍ରା ବଢ଼ିଯାଏ । ଖୋଳ କରତାଳ ଶବ୍ଦ ଶୁଣି ନିଦ ଭାଙ୍ଗିଯାଏ । ପୂରା ସକାଳ ହୋଇନଥାଏ । ନଗରକୀର୍ତ୍ତନ ସହିତ ବୁଲିବାର ମଜା ଛାଡ଼ିନପାରି ମୁଁ ଏବଂ ମୋର ନନା (ଏବେ ସେ ସ୍ୱର୍ଗବାସରେ ଅନେକ ଦିନରୁ) ଥୁରୁଥୁରୁ ଶୀତରେ ଆସି ଯୋଗଦେଉ ଦଳ ସହିତ । ଶୀତରେ ଦାନ୍ତକୁ ଦାନ୍ତ ବାଜୁଥାଏ । ଉତ୍ତରା ପବନ ପିଟୁଥାଏ । ଚାରିଆଡେ କେମିତି ଏକ ଧୂଆଁଳିଆ ପରିବେଶ । ହାଣ୍ଡିରେ ପାଣି ଫୁଟିଲେ ଯେମିତି ବାମ୍ପ ବାହାରେ, ସେଇମିତି ପରିପୂର୍ଣ୍ଣ ନଦୀଟିରୁ ଧୂଆଁ ବାହାରୁ ଥାଏ ଜଳରାଶି ଉପରି ଭାଗରେ । ଆଖି କାନ ବୁଜି, ନିଶ୍ୱାସ ବନ୍ଦକରି, ଦେହକୁ ଢିଳିଦେଇ ଡେଇଁପଡୁ ଆମେ ନଦୀଗର୍ଭକୁ । ଶୀତ କ୍ଷଣକ ପାଇଁ ଛାଡ଼ିଯାଏ । ପୁଣି ପାଣି ସରସର ହୋଇ ନଦୀଗର୍ଭରୁ କୂଳକୁ ଉଠି ଆସିଲେ ଉତ୍ତରା ପବନ ବାଜି ସର୍ବାଙ୍ଗ ଥରିଯାଏ । ଏଣେ ଦାନ୍ତକୁ ଦାନ୍ତ ବାଜୁଥାଏ । ସେଇ ଅବସ୍ଥାରେ ଦୌଡ଼ୁ ଆମେ ଘରକୁ । ବୋଉ ତତ୍‌କ୍ଷଣାତ୍ ଶୁଖିଲା ଗାମୁଛାରେ ପୋଛିଦିଏ ଆମ ଦି ଭାଇଙ୍କୁ । ଶୁଖିଲା ପେଣ୍ଟଟିଏ ଦିଏ ପିନ୍ଧିବା ନିମନ୍ତେ । ଲୁଗା ଖଣ୍ଡେଖଣ୍ଡେ ଚଉତ କରି ଘୋଡ଼େଇ ଦିଏ ।

କାର୍ତ୍ତିକ ମାସର ଧୂମ୍ ସରିଗଲା ସକାଳ ଗାଧୁଆ ଆଉ କୀର୍ତ୍ତନର କୋଳାହଳ ମଧ୍ୟରେ । ଏ ଭିତରେ ମାତାଜୀ ନାନୀଟିର କେତେ କ'ଣ ପରିବର୍ତ୍ତନ ଘଟି ସାରିଥିଲା ତା ମନରେ, ଦେହରେ ଆଉ ସେ ଗଢ଼ିଥିବା ସଂସାରଟି ଭିତରେ । ବଡ଼ ପୁଅଟି ଜୁଆନ ଅବସ୍ଥାରେ ତାକୁ, ତା ପରିବାରକୁ ଛାଡି ଆରପୁରକୁ ଚାଲିଗଲା, ତା'ର ଦମ୍ଭ ଆଉ ଭରସାକୁ ଚୁର୍‌ମାର କରିଦେଇ । ଅନ୍ତର ତା'ର ବାହୁନୁଥିଲା ସଦାସର୍ବଦା ତା' ହୃଦୟର ସମ୍ପତ୍ତିଟିର ଅବର୍ତ୍ତମାନରେ । କିନ୍ତୁ ପରଦା ଭିତରେ ଏସବୁ କରିବାକୁ ପଡୁଥିଲା

Digitized by srujanika@gmail.com

ଅନ୍ୟମାନଙ୍କର ଅଗୋଚରରେ । ବାହାରକୁ ଦେଖେଇବାକୁ ପଡୁଥିଲା, ସେ ଅନାସକ୍ତ ଜଣେ ମାତାଜୀ ବୋଲି । ଏମିତି ଏକ ଦୋଛକିରେ କେତେଦିନ ସେ ବଞ୍ଚିପାରିବ ଛଳନାର ଆବରଣ ତଳେ ବିଭିନ୍ନ ଫନ୍ଦି ଫିକର କରି ! ଚିନ୍ତାଗ୍ରସ୍ତ ମନ ଆସ୍ତେଆସ୍ତେ ତା ଶରୀରକୁ କବଳିତ କରିବାକୁ ଲାଗିଲା । କେଇଟା ଦିନ ଭିତରେ ତା ବାଳ ସଂପୂର୍ଣ୍ଣ ଧଳା ପଡ଼ି ଆସିଲା । ବାର୍ଦ୍ଧକ୍ୟର ଏକ କରୁଣ ଚିତ୍ର ଆଙ୍କିହୋଇ ଗଲା ତା ଚର୍ମରେ, ଶିରା-ପ୍ରଶିରାରେ ।

କାର୍ତ୍ତିକ ମାସଟା ଧରି ସକାଳ ସ୍ନାନ ତା ଦେହରେ ଗଲାନାହିଁ । ଶର୍ଦ୍ଦି, କାଶ, ଜରରେ ସେ ପୀଡ଼ିତ ହେଲା । ଚେରମୂଳିକା, ତୁଟୁକାତୁଟିକି, ହାତ ପାହାନ୍ତାରେ ମିଳୁଥିବା ସୀମିତ ଡାକ୍ତରୀ ଚିକିତ୍ସା ତାହା ପୁଣି ଅନଭିଜ୍ଞ ଗ୍ରାମ୍ୟ ଡାକ୍ତରଙ୍କ ଦ୍ୱାରା, ତାକୁ ଆରୋଗ୍ୟ କରିପାରିଲା ନାହିଁ । ଦିନେ ପାହାନ୍ତା ପ୍ରହରରେ ନିମୋନିଆରେ ଘଡ଼ଘଡ଼ ହୋଇ ସେ ଆଖି ବୁଜିଦେଲା ସବୁଦିନପାଇଁ ।

କାଳର ଗତିରେ ତା ହାତ ତିଆରି ପ୍ରିୟ ମଠଟି କେବେଠୁଁ ମାଟିରେ ମିଶିଗଲାଣି । ସ୍ମୃତିକୁ ସାଇତି ରଖିଛି କେବଳ ମାଟି କୁଦଟିଏ । ଏଇଟି ବି ଦିନେ ନିଶ୍ଚିହ୍ନ ହୋଇଯିବ ।

ସେଇ ବାଟଦେଇ କେବେ କେମିତି ଗଲାବେଳେ ବିସ୍ମୃତି ଭିତରୁ ସ୍ମୃତିଟିଏ ତା'ର ଗଜୁରି ଉଠେ ମୋ ମଗଜ ଭିତରେ ଆଉ ମନଭିତରଟା ଶୁନ୍‌ଶାନ ଲାଗେ ତା ଅବର୍ତ୍ତମାନରେ । ଦୀର୍ଘ ନିଶ୍ୱାସଟିଏ ବାହାରି ଆସେ ଛାତି ଫଟେଇ । ମନଟା କେମିତି ଓଦାଓଦା ଲାଗେ । ତା'ର ହସ, ତାର କଥା ସବୁଯେମିତି ଗୁଞ୍ଜରିତ ହୋଇ ଉଠେ ମୋର କାନ ଦୁଇଟିରେ । ତରତର ହୋଇ ପାହୁଣ୍ଡ ପକେଇପକେଇ ମୁଁ ଦୂରେଇ ଯାଏ ମାଟି କୁଦଟିକୁ ପଛରେ ପକାଇ । ମନେହୁଏ, ମାତାଜୀ ନାନୀଟି ଯେମିତି ମୋତେ ଅନୁସରଣ କରୁଛି । ତାର ନୀରବ ପଦଶବ୍ଦ ମୁଁ ଅନୁଭବ କରେ ପ୍ରତିମୁହୂର୍ତ୍ତରେ ପ୍ରତି ପଦକ୍ଷେପରେ । ଭରସିକରି ପଛକୁ ଚାହିଁ ପାରେନାହିଁ । ଯୁଗ ଯୁଗର କୁସଂସ୍କାର ପାଚେରୀଟିଏ ଭଳି ମୋତେ ଆବୋରି ବସେ ଆଉ ନିବୃତ କରେ ପଛକୁ ଥରେ ଚାହିଁ ଦେବାକୁ । ଭୟ- କାଳେ ତା'ର ଅଶରୀରୀ ସତ୍ତା ସବାର ହୋଇଯିବ ମୋ ଉପରେ ।

• • •

Digitized by srujanika@gmail.com

ବନ୍ଧ୍ୟାକରଣ

ତ୍ରେତୟା ଯୁଗରେ ଭଗୀରଥ ସାଗରବଂଶ ଉଦ୍ଧାର ନିମନ୍ତେ ସ୍ୱର୍ଗରେ ପ୍ରବାହିତା ପବିତ୍ର ଗଙ୍ଗାନଦୀକୁ ମର୍ତ୍ତ୍ୟରେ ଆଣି ବୁହାଇଥିଲେ । ଉପାଖ୍ୟାନଟି ସତହେଉ ବା ମିଛ, ବାସ୍ତବ ହେଉ ବା ଅବାସ୍ତବ, ଚଳମାନ ଏହି କଳିଯୁଗରେ କିନ୍ତୁ ଭାସ୍କର ଭାଇ ତାଙ୍କର ଦରିଦ୍ର ପିତା, ଦାରିଦ୍ର୍ୟର କଷାଘାତରେ ବନ୍ଧା ପକେଇ ଦେଇଥିବା ସମସ୍ତ ଭୂସମ୍ପତ୍ତି ଉଦ୍ଧାର କରିଥିଲେ ନିଜର ଅଦମ୍ୟ ନିଷ୍ଠା ଆଉ ପରିଶ୍ରମ ବଳରେ ।

ଛୁଆଟି ବେଳୁ ସେ କଲିକତା ପଳେଇଥିଲେ ଅନ୍ନ ସନ୍ଧାନରେ । ନିଜର ସଦ୍‌ଚରିତ୍ର, କର୍ମନିଷ୍ଠା ଯୋଗୁ ଜଣେ ସହୃଦୟ ବିଖ୍ୟାତ ଡାକ୍ତରଙ୍କ କ୍ଲିନିକରେ ରହି, ପଢ଼ାପଢ଼ି କରି ଡାକ୍ତର ପାଠଭଳି କଠିନ ବିଷୟଟିକୁ ସେ ଆୟତ୍ତ କରିପାରିଥିଲେ ବହୁଳାଂଶ ସହୃଦୟ ସେହି ପ୍ରଖ୍ୟାତ ଡାକ୍ତରଙ୍କ ସୌଜନ୍ୟରୁ । ସ୍ୱାଧୀନତାର ପରବର୍ତ୍ତୀ ଅବସ୍ଥାରେ ଯେତେବେଳେ ଡାକ୍ତରଖାନା ସବୁ ଖୋଲିଲା, ଓଡ଼ିଶାରେ ଡାକ୍ତର, କମ୍ପାଉଣ୍ଡରଙ୍କ ଅଭାବ ପରିଲକ୍ଷିତ ହେଲା; ଅଭାବ ଦୂରୀକରଣ ନିମନ୍ତେ ଶିକ୍ଷାଗତ ଯୋଗ୍ୟତା ହାସଲ କରିଥିବା କମ୍ପାଉଣ୍ଡରଙ୍କ ବଦଳରେ କୌଣସି ବିଶିଷ୍ଟ ଡାକ୍ତରଙ୍କ ନିକଟରେ ରହି ଅଭିଜ୍ଞତା ହାସଲ କରିଥିବା ଏବଂ ବଙ୍ଗଳା ସରକାର ଏ ବିଷୟରେ ଖୋଲିଥିବା ସଂକ୍ଷିପ୍ତ କମ୍ପାଉଣ୍ଡର କୋର୍ଷରୁ ପାସ୍‌କରି ସାର୍ଟିଫିକେଟ ଅର୍ଜନ କରିଥିବା ବ୍ୟକ୍ତିଙ୍କୁ ଯେତେବେଳେ ନିଯୁକ୍ତି ଦିଆଗଲା, ଭାସ୍କର ଭାଇଙ୍କର ଉପରୋକ୍ତ ଯୋଗ୍ୟତା ଥିବାରୁ, ସେ ଓଡ଼ିଶା ସରକାରଙ୍କ ଅଧୀନରେ କମ୍ପାଉଣ୍ଡର ଚାକିରିରେ ନିଯୁକ୍ତି ପାଇଗଲେ ।

କେବଳ ପାଇଗଲେ କହିଲେ ଯଥେଷ୍ଟ ହେବ ନାହିଁ, ତାଙ୍କର ପ୍ରଥମ ନିଯୁକ୍ତି କାଳରେ, ଡାକ୍ତରଙ୍କ ଅଭାବରେ ଏକୁଟିଆ ଏକ ଅଗମ୍ୟ ଅଞ୍ଚଳରେ ଅବସ୍ଥାପିତ ହୋଇ, ଚିକିତ୍ସା କ୍ଷେତ୍ରରେ ଯେଉଁ ପାରଦର୍ଶିତା, ରୋଗୀମାନଙ୍କ ପ୍ରତି ତାଙ୍କର ସହୃଦୟତା ତଥା କର୍ତ୍ତବ୍ୟନିଷ୍ଠା ପ୍ରଦର୍ଶନ କଲେ ତାହା ସମସ୍ତଙ୍କୁ ଚମତ୍କୃତ କରିଦେଲା । ବହୁ ଜଟିଳ ରୋଗର ଚିକିତ୍ସା କରି ରୋଗୀମାନଙ୍କୁ ଆରୋଗ୍ୟ କରିବାରେ ସଫଳ ହେଲେ । ଲୋକମାନେ ସେ ଅଗମ୍ୟ ଅଞ୍ଚଳରେ ଡାକ୍ତରଙ୍କ ଅଭାବ ଅନୁଭବ କରିପାରିଲେ ନାହିଁ ।

ଏଠାରେ ନିଜର ସ୍ୱଳ୍ପକାଳ ଚାକିରି ମଧ୍ୟରେ ନିଜର ଭୂସଂପତ୍ତିକୁ ଉଦ୍ଧାର କରି ଭାଙ୍ଗିଯାଇଥିବା ନୁଆଁଣିଆ ଚାଳଘରଟି ସ୍ଥାନରେ ଭଲ ଘରଟିଏ ତୋଳିଲେ । କିଛି ଜମିବାଡ଼ି

Digitized by srujanika@gmail.com

ମଧ୍ୟ କିଣିଲେ । ନିଜେ ତ ଡାକ୍ତରଟିଏ ହେବାର ସୁଯୋଗ ପାଇଲେ ନାହିଁ, ଯାହା ତାଙ୍କ କ୍ଷେତ୍ରରେ ଥିଲା ସାତ ସପନର କଥା, ନିଜର ଏକ ମାତ୍ର ସାନଭାଇଟିକୁ ପାଠ ପଢ଼େଇ, ଡାକ୍ତରଟିଏ କରିବାର ବଜ୍ରଶପଥ ସେ ନେଇଥିଲେ ଏବଂ କାର୍ଯ୍ୟକାରୀ ବି କରିଥିଲେ ନିଜର ଜୀବିତ ଅବସ୍ଥାରେ ।

ରାମ-ଲକ୍ଷ୍ମଣ ତୁଲ୍ୟ ଦୁଇ ଭାଇ, ଭାସ୍କର ଆଉ ସୁଧା । ସୁଧା ଯେତେବେଳେ ତାଙ୍କ ସ୍ୱପ୍ନକୁ ସାର୍ଥକ କରି ବୁର୍ଲା ମେଡ଼ିକେଲ କଲେଜରେ ଛାତ୍ରଟିଏ ଭାବରେ ଆଡ଼ମିସନ ପାଇଲା, ଖୁସିରେ ସେ କାନ୍ଦି ପକାଇଥିଲେ । ଲକ୍ଷ୍ୟ ତାଙ୍କର ଆଉ ବେଶି ଦୂରନୁହେଁ, ଏହି ଖୁସିରେ ।

ଈଶ୍ୱର ସୁଧାକୁ ଏକ ଦୁର୍ଲଭ ଗୁଣର ଅଧିକାରୀ କରାଇଥିଲେ । ସାଧାରଣ କଥାରେ ଅନାୟାସରେ ସେ ଅନ୍ୟକୁ ହସେଇ ପାରୁଥିଲା । ବଂଧୁ ମେଳରେ ଥିଲାବେଳେ ସମସ୍ତଙ୍କ ମନ ସରସ କରିଦିଏ ହସାଇ ହସାଇ । ତେଣୁ ଅଳ୍ପ ଦିନ ଭିତରେ ସେ ସମସ୍ତଙ୍କର ପ୍ରିୟପାତ୍ର ହୋଇଉଠିଲା ।

ମୋର ସମ୍ପର୍କୀୟ ଜଣେ ଖୁଡୁତା ହୃଦାନନ୍ଦ । ଯଦିଓ ଆମେ ଦୁଇଜଣ ବୟସରେ ପ୍ରାୟ ପାଖାପାଖି, ତାର ମଧ୍ୟ ସେହିବର୍ଷ ବୁର୍ଲାମେଡିକଲ କଲେଜରେ ଆଡ଼ମିସନ୍ ହେଲା । ଉଭୟ ସହପାଠୀ ଥିଲେ ବି, ପରସ୍ପର ବିପରୀତ ଦିଗରେ ଥିବା ଦୁଇଟି ବ୍ଲକରେ ରୁମ୍ ପାଇଲେ । ହୃଦାନନ୍ଦକକା ଭଲ ଚାହା ଆଉ କଫି ବନେଇ ପାରେ । ଭଲ ମାଂସ ବି ରାନ୍ଧି ପାରେ ଆଉ ଆବଶ୍ୟକ ସ୍ଥଳେ ଅନ୍ୟାନ୍ୟ ରୋଷେଇ ବି କରିପାରେ । ସୁଧାର ଏହି ହସେଇ ପାରୁଥିବା ଗୁଣ ଯୋଗୁ ସେ ତାକୁ ତାର ଚାଲିଚଳନକୁ, କଥାବାର୍ତ୍ତାକୁ ଆଉ ତା'ର ଖୋଲା ସ୍ୱଭାବକୁ ଖୁବ୍ ପସନ୍ଦ କରେ । ତାରୁଣ୍ୟର ଏହି ନମନୀୟ ବୟସରେ ଛନ୍ଦ, କପଟ, ସ୍ୱାର୍ଥ ଇତ୍ୟାଦି ସାଂସାରିକ ବଦ୍‌ଗୁଣ ଗୁଡ଼ିକ ସ୍ପର୍ଶ କରିନଥାଏ, ତେଣୁ ଜୀବନଟି ଥାଏ ସ୍ୱଚ୍ଛ ଆଉ ପବିତ୍ର । ଅନାୟାସରେ ବନ୍ଧୁତା ଗଢ଼ି ଉଠେ, ଦିଆ ନିଆ ମାପ-କାଠିରେ ତଉଲ ହୁଏ ନାହିଁ ।

ସକାଳେ ଉଠୁଉଠୁ ଅପରପାର୍ଶ୍ୱସ୍ଥ ବ୍ଲକର ବାରଣ୍ଡାରେ ଠିଆ ହୋଇ ସୁଧା ଡ଼ାକ ଛାଡ଼େ- ହୃଦାନନ୍ଦ ବାବୁ ! ଆଜିକା ସକାଳର ସ୍ପେଶାଲ ଆଇଟମଟା କଣ ଟିକେ କହିବେ କି ?

"ଏଠିକି ଆସ, ଜାଣିବ ।" ହୃଦାନନ୍ଦ କକା ଉତ୍ତର ଦିଏ । ସୁଧା ବାଟ ଚାହିଁ କକା ବସିଥାଏ । ସେ ନ ଆସିଲେ ଜମିବ ନାହିଁ । ମଜା ମଜା କଥା ଶୁଣି ହସ, କୌତୂକର

Digitized by srujanika@gmail.com

ଲୋଭ ସମ୍ବରଣ କରିପାରେ ନାହିଁ ସିଏ । ଅବିଳମ୍ବେ ସୁଧା ଆସି ପହଞ୍ଚିଯାଏ । ତା କଥା ଆଉ ଠାଣିରେ ନ ହସି ରହି ପାରେ ନାହିଁ କକା ।

ପହଞ୍ଚୁ ପହଞ୍ଚୁ ସୁଧା ନାକଟେକି ଶୁଙ୍ଘିବାର ପ୍ରୟାସ କରେ, କହେ ଆଃ କି ଚମତ୍କାର ବାସ୍ନା । କଫି ନା ଚାହା ? ସ୍ଥୁଳ ମସ୍ତିଷ୍କଟା ମୋର ଧରି ପାରୁନାହିଁ । ଆଗେ କପ୍‌ଟାଏ ମିଳିଯାଉ ! ହସର ଫୁଆରା ଖେଳି ଯାଏ ରୁମଟି ଭିତରେ ।

ହସିହସି କକା କୁହେ, ଆଗ ବସ । ତା ପରେ ଦୁଇଟି କପ୍‌ରେ କଫି ହେଉକି ଚାହା ଢାଳି ଗୋଟିଏ କପ୍ ବଢେଇ ଦିଏ ସୁଧା ହାତକୁ । ଚାହା ପିଇଲା ବେଳେ ସେ ତାରିଫ୍ କରୁଥାଏ କକାକୁ । କହେ, ଆଃ, କି ଚମତ୍କାର ସ୍ୱାଦ ! ତମକୁ ମାନିବାକୁ ପଡ଼ିବ । ଏମିତି ସୁଆଦିଆ କଫି, ଚାହା ହୋଇଥିଲେ ଚାହା, ପୂର୍ବରୁ କେବେ ପିଇନଥିଲି ।

କକା ହସିହସି କହେ, ଠିକ୍ ଏଇ କଥାତ କାଲି କହୁଥିଲ ?

କିନ୍ତୁ କାଲିଥିଲା ସୋମବାର, ଆଜି ହେଉଛି ମଙ୍ଗଳବାର । ସୋମବାର ଦିନଟି ଯେମିତି ମଙ୍ଗଳବାର ନୁହେଁ, କାଲିକା ଚାହା ବା କଫି ଆଜିର ଚାହା କିମ୍ବା କଫି ସହିତ ସମାନ ହୋଇନପାରେ । ଟେବୁଲ ଉପରେ ମିକ୍ସର ଆଉ ବିସ୍କୁଟ ଥୁଆ ହୋଇଥିବ । ସୁଧା ଜାର୍‌ର ଢାଙ୍କୁଣି ଖୋଲି ପ୍ରଥମେ ମିକ୍ସର ନେଇ ପାଟିରେ ପକାଇବ । ଆଉ କହୁଥିବ, କେଉଁଠୁ ଆଣୁଛନ୍ତି ଏମିତି ସୁସ୍ୱାଦୁ ମିକ୍ସର । ମୁଁ ଖୋଜି ଖୋଜି ଆକ୍ରାନ୍ତ ହେଲିଣି । ବୁର୍ଲା ବଜାରରେ କେଉଁଠି ମିଳୁନାହିଁ ।

କକା ତତ୍‌କ୍ଷଣାତ୍ ହସିହସି ଉତ୍ତର ଦିଏ, କାହିଁକି ! ଏ ମିକ୍ସରତ ସୁଦାମ ଦୋକାନରେ ମିଳୁଛି । ମୁଁ ସୁଦାମଠୁଁ କିଣିଛି ଏ ମିକ୍ସର ।

ସୁଧା ତତ୍‌କ୍ଷଣାତ୍ ଉତ୍ତର ଦିଏ, ମୁଁ ତ ଆଣୁଛି ସୁଦାମଠୁଁ ମିକସର । କିନ୍ତୁ ସେ ତମକୁ ଦେଉଥିବା ମିକ୍ସର ମୋତେ ଦେଉନାହିଁ । ମୋତେ ସେ ପାସଙ୍ଗରେ ପକାଉନାହିଁ । କଣ କରିବି, ମୋର କପାଳଟା ଖରାପ ।

ଆଉ ବିସ୍‌କୁଟ ଖାଇଲା ବେଳେ ବି ସେମିତି କହିବ । କକା ହସି ହସି ବେଦମ୍ ହେଉଥିବ ତା'ର କଥାର ଠାଣି ଦେଖି । ସେଇଥି ପାଇଁତ ସେ ସୁଧାକୁ ଅପେକ୍ଷା କରିଥାଏ ପ୍ରତ୍ୟେକ ଦିନ ।

କକା ପିଲାଟି ଦିନରୁ ବାପା-ମାଆ ଛେଉଣ୍ଡ । ମାତ୍ର ତାର ବାପା ନିଜର ଅଧ୍ୟବସାୟ ବଳରେ ଏକ ଛୋଟିଆ ବ୍ୟବସାୟକୁ ବୃହତ୍‌ରେ ପରିଣତ କରିଥିବାରୁ ତଥା କକା

Digitized by srujanika@gmail.com

ଡାକ୍ତରଭଳି ଏକ ସମ୍ମାନୀୟ ପାଠ ପଢୁଥିବାରୁ ଘରର ସମସ୍ତ ସଦସ୍ୟ ତାକୁ ଖୁବ୍ ଶ୍ରଦ୍ଧା କରୁଥିଲେ । ତା ବାପାଙ୍କର ବଡ଼ଭାଇର ପୁଅଟିଏ ନଥିବାରୁ ଛୁଆଟିବେଳୁ ସେ ତାକୁ ପୁତ୍ରରୂପେ ଆବୋରି ନେଇଥିଲେ । ସେ ଗାଁରେ ଚାଷବାସ ବ୍ୟବସ୍ଥା ବୁଝୁଥିଲେ ଆଉ ଅନ୍ୟ ତିନିଭାଇ କଲିକତାରେ ରହି ବ୍ୟବସାୟ ଚଳାଉଥିଲେ । ବଡ଼ଭାଇ ଅର୍ଥାତ୍ କକାର ପାଳିତ ପିତା, ସ୍ୱଭାବତଃ ଥିଲେ ଅତ୍ୟନ୍ତ ମିତବ୍ୟୟୀ । ତେଣୁ କେବେ କେମିତି ରୋଗ, ବେମାର ହେଲେ ଔଷଧ କିଣି ଖାଇବାକୁ ସେ ପସନ୍ଦ କରୁ ନଥିଲେ । ଏପରି କକା କଲେଜ ଛୁଟିବେଳେ ଘରକୁ ଆସିଲେ କିଛି କିଛି ଔଷଧ ଘରକୁ ଆଣିଥାଏ । କେଉଁ ରୋଗ ପାଇଁ କେଉଁ ଔଷଧ, ତା' ବ୍ୟବହାର ବିଧି ପ୍ରତ୍ୟେକ ଔଷଧ ଉପରେ ଲେଖିଦିଏ । ସେ କିନ୍ତୁ ସେସବୁ ନ ଖାଇ, ଗାଁ ଲୋକକୁ ବିକିଦିଅନ୍ତି ।

ଧନର ପ୍ରାଚୁର୍ଯ୍ୟ, ଉଚ୍ଚ କୁଳରେ ଜନ୍ମ ଇତ୍ୟାଦି ଗ୍ରାମୀଣ ସଂସ୍କାରରେ ପ୍ରତିପାଳିତ ହୋଇଥିବାରୁ, ଏକ ଦରିଦ୍ର କୃଷକ ପରିବାରରେ ଜନ୍ମିତ ସୁଧା ତାଙ୍କ ପୁଅ ସହିତ ଡାକ୍ତରି ପଢିବ, ଏକଥାଟାକୁ ସେ ସହଜରେ ହଜମ କରି ପାରୁନଥିଲେ । ସମ୍ପର୍କୀୟ ନାତିଟୋକା ଚିଡ଼େଇବା ଉଦ୍ଦେଶ୍ୟରେ କୁହେ, ବୁଝିଲେ ଠାକୁରବାପା, ସୁଧା କୁଆଡେ ପାଗଳା କକା (ତାଙ୍କ ପୁଅର ଗ୍ରାମୀଣ ଡାକ ନାଆଁ) ସହିତ ବୁର୍ଲାରେ ଡାକ୍ତରୀ ପଢୁଛି ?

ସେ ଚିହିଁକି ଉଠନ୍ତି, ଆବେ ଯାଃ ଯାଃ । ସେଇଟା ପୁଣି କୁଆଡ଼େ ଡାକ୍ତରୀ ପଢିବ । ଡାକ୍ତରୀ ପାଠ ଯାଇତାଇ ପାଠ ନୁହେଁ । ସେଥିପାଇଁ ମୁଣ୍ଡ ଦରକାର । ଚାଷକାମ ନୁହେଁ ଯେ ଲଙ୍ଗଳ ନେଇ ହଳକରି ପକେଇବ ।

ତାଙ୍କ ପୁତୁରା କହେ, ତୁମେ ଜାଣିନ ବଡ଼ବାପା । ସୁଧା ବି ବୁର୍ଲାରେ ରହି ପାଗଳା ନନା ସାଥିରେ ମେଡ଼ିକେଲ ପାଠ ପଢୁଛି ।

ଖିଙ୍କାରି ଉଠି ସେ କହନ୍ତି ତୁ କିଛି ଜାଣିନୁ । ପଢୁ, କଣଟା ସେଇଠୁ ହୋଇଗଲା । ଭଲ ଭଲ ମାଷ୍ଟ୍ରମାନେ ମୋ ପୁଅକୁ ପଢ଼ାନ୍ତି । ସୁଧାଟା ସେ ପାଠ ବୁଝି ପାରିଲେତ ? ତା ଭାଇ କେବଳ ବେକାରରେ ଟଙ୍କା ଶ୍ରାଦ୍ଧ କରୁଛି । କି ଡାକ୍ତରଟାଏ ସେ ହେବ ? ଚଷାଟା ମୁଣ୍ଡର ବୁଦ୍ଧି କେତେ ଯେ ସେ ପୁଣି ଡାକ୍ତରଟାଏ ହେବ ? ହାତ ମୁଠାକରି, ବୁଢ଼ା-ଆଙ୍ଗୁଳିକୁ ହଲାଇ ହଲାଇ ତାହା କଦାପି ସମ୍ଭବ ନୁହେଁ ବୋଲି ସଙ୍କେତ ଦିଅନ୍ତି । ସେତେବେଳେ ବୁଢାଙ୍କର ମୁହଁକୁ ଲକ୍ଷ୍ୟକଲେ ଦେଖାଯିବ, ବିଦ୍ରୂପର କ୍ଷୀଣ ହସଟିଏ ଉଛୁଳି ଉଠୁଛି ଦୁଇ ଓଠ ସନ୍ଧିରେ ।

Digitized by srujanika@gmail.com

ଥରେ ବୁଢ଼ାଙ୍କର ଦେହ ଲଗାତର ଖରାପ ହେବାରୁ କକା ଛୁଟିରେ ଆସିଥିବା ବେଳେ ଗଲା ସମୟରେ ତାଙ୍କୁ ସଙ୍ଗରେ ନେଇଗଲା ଚିକିତ୍ସା ନିମନ୍ତେ । ବୁର୍ଲାରେ ରହି ଚିକିତ୍ସିତ ହେଉଥିବା ବେଳେ ପ୍ରତ୍ୟେହ ସୁଧାର ମାଗଣା ଚାହା, କଫିପିଆ, ବିସ୍କୁଟଖିଆ, ମିକ୍‌ଶ୍ଚରଖିଆ ଏବଂ ପାଗଳାକକା ସହିତ ଥଟ୍ଟା ତାମସା ତାଙ୍କୁ ଅସହ୍ୟ ଲାଗେ । ପୁଅକୁ ଡରି ସାମ୍ନାରେ କିଛି କହିପାରନ୍ତି ନାହିଁ କିନ୍ତୁ ମନେମନେ ରକ୍ତଚାଉଳ ଚୋବାଉଥାନ୍ତି । ତାଙ୍କର ବିକୃତ ମୁଖ ଭଙ୍ଗିରୁ ସେସବୁକଥା ବେଶ୍ ବୁଝିପାରେ ସୁଧା । ବୁଢ଼ାଙ୍କୁ ଚିଡ଼େଇବା ଉଦ୍ଦେଶ୍ୟରେ ବେଳେବେଳେ ସେ ପାଗଳାକକା ଖଟରେ ଶୋଇଯାଏ । କହେ, ଆଃ କି ନରମ ଲାଗୁଚି ବିଛଣାଟା । ବେଳେବେଳେ ଆସି ଦୁଲ୍ କରି ଶେଯରେ ବସିପଡ଼େ । ଗଦିଟା ତଳ ଉପର ହୋଇ ନାଚିଉଠେ । ସୁଧା ଗଲାପରେ ବୁଢ଼ା ଅନୁଚ୍ଚ ସ୍ୱରରେ ଗାଳି ଆରମ୍ଭ କରି ଦିଅନ୍ତି । ତା ଚଉଦ ପୁରୁଷ ଉଝାଳି ଦିଅନ୍ତି । ପୁଅକୁ ବି ତାଗିଦ କରିବାକୁ ଭୁଲନ୍ତି ନାହିଁ ସୁଧାକୁ ଅଯଥା ପ୍ରଶ୍ରୟ ଦେଉଥିବାରୁ ।

କଲେଜ ଛୁଟିଥାଏ । ଉଭୟ ସୁଧା ଆଉ ପାଗଳା କକା ଘରକୁ ଆସିଥାନ୍ତି । ଦିନେ ସୁଧା ହୃଦାନନ୍ଦ ବାବୁ, ହୃଦାନନ୍ଦ ବାବୁ ଡାକିଡାକି ପାଗଳ କକା ଘରକୁ ପସି ଆସିଲା । ଦାଣ୍ଡଘରେ ଉଭୟ ପାଗଳା କକା ଆଉ ସୁଧା ବସି ଖୁସିଗପ କରୁଥାନ୍ତି । ସୁଧାର ପାଟିଶୁଣି ଅସହିଷ୍ଣୁ ବୁଢ଼ା ବାରମ୍ବାର ଦାଣ୍ଡଘର ଦେଇ ଯିବା ଆସିବା କରୁଥାନ୍ତି ଏବଂ ଅସହିଷ୍ଣୁ ନେତ୍ରରେ ଚାହିଁ ଦେଉଥାନ୍ତି ସୁଧାକୁ । ସୁଧା ସବୁ ଜାଣୁଥାଏ ଏବଂ କୌତୁକିଆ କଥା କହି ହସାଉଥାଏ କକାକୁ । କକାର ବରାଦ ଅନୁସାରେ ଚାହାଡିଆରି ହୋଇ ସୁଦୃଶ୍ୟ କପ୍ ପ୍ଲେଟରେ ଆସିଲା । କକା ଗୋଟିଏ କପ୍ ନିଜେ ଧରି ଅନ୍ୟକପ୍‌ଟିକୁ ବଢ଼େଇ ଦେଲା ସୁଧା ହାତକୁ । ସୁଧା ଥଟ୍ଟା କରି କହୁଥାଏ, ଏତେ ବଡ଼ ନାଆଁ ଡାକ ଆଉ ମିଳିଲା ବେଳକୁ କେବଳ କପେ ଚାହା । ହେବନାହିଁ, ହେବନାହିଁ ହୃଦାନନ୍ଦ ବାବୁ! ଚାହା କପ୍‌ରେ ଚଳିବ ନାହିଁ । କଲିକତି ସନ୍ଦେଶ ଫନ୍ଦେଶ କଲିକତାରୁ ଆସିଥିବ, ବିଚରା ଚଷା ପୁଅଟା ପାଇଁ ମିଳିଯାଉ ସେଥିରୁ କିଛି !

କକା ସୁଧାର ଆକ୍ଷେପ ଶୁଣି ମୁରୁକି ହସୁଥାଏ ଆଉ ବୁଢ଼ା ଦାଣ୍ଡ ବାରଣ୍ଡାରେ ଠିଆ ହୋଇ ସବୁ ଶୁଣୁଥାନ୍ତି । ତାଙ୍କ ଦେହରେ ସତେକି ଛୁରୀ ଚାଲିଯାଉଥାଏ । ସୁଧା ଚା କପ୍‌ଟି ନେଇ ତିନିଚାରି ଢ଼ୋକ ପିଇଛି, ଜାଣିଜାଣି ଉଭୟ ପ୍ଲେଟ ଆଉ କପ୍‌କୁ ଛାଡ଼ିଦେଲା ହାତରୁ । ନିମିଷେକେ ତଳେ ପଡ଼ି ଖଣ୍ଡଖଣ୍ଡ ହୋଇ ବିଛୁଡ଼ି ପଡ଼ିଲା । ଭାଙ୍ଗିଯିବା ଶବ୍ଦ ଶୁଣି ବୁଢ଼ା ଦୌଡ଼ି ଆସିଲେ ଦାଣ୍ଡ ଘରକୁ । ରୋଷପୂର୍ଣ୍ଣ ନୟନରେ ପ୍ରଥମ ଖଣ୍ଡ ବିଖଣ୍ଡିତ କପ୍‌ପ୍ଲେଟିକୁ ଏବଂ ତତ୍‌ପରେ ସୁଧାକୁ ଚାହିଁବାକୁ ଲାଗିଲେ ।

Digitized by srujanika@gmail.com

ସୁଧା କଟା ଘା'ରେ ଚୂନ ଦେଲାଭଳି ଛିଗୁଲେଇ କହୁଥାଏ, ଚଷାଘର ପୁଅଟାଏ ମୁଁ। କଂସାରେ ଚାହା ପିଇବା ଅଭ୍ୟାସ। ଦାମିକା କପ୍‌ପ୍ଲେଟ ଧରିବାରୁ ହାତଥରିଲା। ଦି'ଢୋକ ଚାହା ବି ଢାଳି ହୋଇଗଲା ପାଦରେ। ଛାନିଆରେ ଖସିପଡ଼ିଲା ହାତରୁ କପ୍, ପ୍ଲେଟ ଦୁଇଟିଯାକ। ବୁଢ଼ା ପୁଅ ସାମ୍ନାରେ କିଛି କହିନପାରି ରାଗରେ ଥରିଥରି ଘରୁ ନିଷ୍କ୍ରାନ୍ତ ହୋଇଗଲେ।

ସମୟ କ୍ରମେ ଉଭୟ ଡାକ୍ତରୀ ପାସ୍ କଲେ। ପୋଷ୍ଟିଂ ବି ମିଳିଗଲା ସରକାରୀ ଡାକ୍ତରଖାନାରେ। ପୂର୍ବରୁ ଭାସ୍କର ଭାଇ ମଂଜୁରିରୋଡ଼ ସରକାରୀ ଡାକ୍ତରଖାନାରେ କମ୍ପାଉଣ୍ଡର ପଦବୀରେ କାମକରି ଆସୁଥିଲେ। ଡାକ୍ତର ପଦବୀଟି ଖାଲିଥିଲା। ସୁଧା, ଡାକ୍ତର ଭାବରେ ନିଯୁକ୍ତି ପାଇଲା ଏହି ମଂଜୁରିରୋଡ଼ ଡାକ୍ତରଖାନାରେ।

ସୁଧା ସହିତ ମୋର ସମ୍ପର୍କ ପିଲାଟି ଦିନରୁ। ଖାଲି କେବଳ ସୁଧା ସହିତ ନୁହେଁ, ତା'ର ପରିବାର ସହିତ ମଧ୍ୟ ସମ୍ପର୍କ ଅତ୍ୟନ୍ତ ଗଭୀର। ସୁଧାର ବଡ଼ଭାଇ ମୋତେ ଅତ୍ୟନ୍ତ ଶ୍ରଦ୍ଧା କରନ୍ତି। ମୁଁ ତାଙ୍କୁ ଯେମିତି ବଡ଼ଭାଇର ମାନ୍ୟତା ଦିଏ ସୁଧା ବି ସେମିତି ମୋତେ ନନା ବୋଲି ଡାକେ, ବଡ଼ଭାଇର ମର୍ଯ୍ୟାଦା ଦେବାକୁ ତିଳେ ବି ଊଣା କରେନାହିଁ। ମାଇନର ପଢ଼ିଲା ବେଳେ, ଛୁଟିଦିନମାନଙ୍କରେ ଐଶାନ୍ୟ ଚଣ୍ଡିଙ୍କ ନିକଟରେ ସୁଧା, ପିତାମ୍ବର, ରାଧା ଇତ୍ୟାଦି ବଂଧୁମାନେ ଖରାବେଳେ ଏକତ୍ରିତ ହେଉ, ତାସ୍ ଖେଳଚାଲେ। ସୁଧା ଉପସ୍ଥିତ ନଥିଲେ କିଛି ଜମେ ନାହିଁ। ମଜାମଜା କଥା କହି ଆମ ସମସ୍ତଙ୍କ ମନକୁ ସେ ସରସ ରଖୁଥାଏ। ମୁଁ ମାଇନର ପାସକଲା ପରେ, ବିଦେଶରେ (କଟକ,ଭୁବନେଶ୍ୱର) ରହି ପଢ଼ାପଢ଼ି କଲି। ଖରାଛୁଟିରେ ଘରକୁ ଆସିଲେ ପ୍ରତ୍ୟେହ ଐଶାନ୍ୟ ଚଣ୍ଡିଙ୍କ ନିକଟରେ ଏକତ୍ରିତ ହେଉ। ସେଠାରେ ନୂଆ ନୂଆ ପୋଷ୍ଟ ଅଫିସଟିଏ ଖୋଲିଥାଏ। ଆମେ ବଂଧୁମାନେ ସେଠାରେ ଡାକ ଆସିବାକୁ ଅପେକ୍ଷା କରିଥାଉ। ଖବର କାଗଜ ବୋଇଲେ ସେତେବେଳେ ସମାଜକୁ ବୁଝାଏ। ଡାକରେ ଏହା ଆସେ। ବଂଧୁମାନଙ୍କ ମେଳରେ ଏହା ପଢ଼ାଯାଏ, ଆଲୋଚିତ ହୁଏ, ଆଉ ସୁଧା ମଜାମଜା କଥା କହି ଆମକୁ ହସାଉଥାଏ। ସକାଳ ଓଳି ଜଳଖିଆ ଖାଇଦେଇ, ଅଧିକାଂଶ ବେଳେ ମୁଁ ସୁଧା ଘରକୁ ଚାଲିଯାଏ। ଛୁଟିଦିନ କେମିତି ସରିଯାଏ, ଜଣା ପଡେ ନାହିଁ।

ସେତେବେଳେ ଭୁବନେଶ୍ୱରରୁ ଭଦ୍ରକ ଆସିବାକୁ ହେଲେ, ଟ୍ରେନ୍ ହିଁ ଏକମାତ୍ର ଯିବା ଆସିବା କରିବାର ମାଧ୍ୟମ। ଭଦ୍ରକ ଷ୍ଟେସନ ପୂର୍ବରୁ ମଂଜୁରୀରୋଡ଼ ଷ୍ଟେସନ ପଡ଼େ। ମଂଜୁରୀରୋଡ଼ ଡ଼ାକ୍ତରଖାନାରେ ଉଭୟ ସୁଧା ଆଉ ଭାସ୍କର ଭାଇ ପୋଷ୍ଟିଙ୍ଗ ହେବାରୁ,

Digitized by srujanika@gmail.com

ସେ ଦୁଇଜଣ ସେଠାରେ ଥିଲା ପର୍ଯ୍ୟନ୍ତ, କେବେ ବି ମୁଁ ଭଦ୍ରକ ଆସିଲାବେଳେ ମଂଙ୍ଗୁରୀରୋଡ୍ ଷ୍ଟେସନରେ ଓହ୍ଲାଇ ସୁଧା ପାଖରେ ଦିନଟାଏ ରହିବାକୁ ଭୁଲେ ନାହିଁ। ସେ ଦୁଇ ଜଣଙ୍କ ନିକଟରେ ରହିଲା ବେଳେ ସେମାନେ ମୋର ଏତେ ଆଦର ଯତ୍ନ ନିଅନ୍ତି ଯେ ବଞ୍ଚିଥିଲା ପର୍ଯ୍ୟନ୍ତ ମୁଁ କେବେ ବି ଭୁଲି ପାରିବି ନାହିଁ। କେବଳ ମଂଙ୍ଗୁରୀରୋଡ୍ କାହିଁକି, ଯେତେବେଳେ ବି ସେମାନଙ୍କ ପାଖକୁ ଯାଇଛି ସ୍ନେହ, ସମ୍ମାନ ଦେବାରେ କେବେ ବି ସେ ତ୍ରୁଟି କରନ୍ତି ନାହିଁ। ମୋ ସ୍ମୃତିରେ ସେ ସବୁ ଅଲେଖା ଗାର ହୋଇ ରହିଯାଇଛି।

ସୁଧା ପ୍ରତି ମୋର ଥିବା ଦୁର୍ବଳତା ଯୋଗୁ ମୁଁ ତାକୁ ପ୍ରଶଂସା କରୁନାହିଁ, ପ୍ରକୃତରେ ସେଥିଲା ଏକ ଭିନ୍ନ ଶ୍ରେଣୀର ଡାକ୍ତର। ରୋଗୀଙ୍କ ପ୍ରତି ଥିଲା ତାର ଢେର ଅନୁକମ୍ପା ଯାହା ଡାକ୍ତରଙ୍କ ନିକଟରେ ପ୍ରାୟ ବିରଳ କହିଲେ ଅତ୍ୟୁକ୍ତି ହେବନାହିଁ। ତା ଛଡ଼ା ଅନ୍ୟକୁ ହସାଇ ପାରିବାର ଯେଉଁ ବିରଳ ପ୍ରତିଭା ତାଠାରେ ଈଶ୍ୱର ଦେଇଥିଲେ, ତଦ୍ୱାରା ରୋଗୀଟିଏକୁ ହସାଇହସାଇ ତାର ଆରୋଗ୍ୟର ରାସ୍ତା ସେ ସୁଗମ କରିଦେଉଥିଲା। ତା ଛଡ଼ା ରୋଗୀଟିଠାରୁ କେତେ ଫିସ୍ ମିଳୁଛି ବା ନ ମିଳୁଛି ସେଥିପ୍ରତି ତାର କୌଣସି ଲୋଭ ନଥିଲା, ସ୍ୱତନ୍ତ୍ର ବିଚାର ନଥିଲା। ଯିଏ ଯାହା ଦେଲା, ସେଇଥିରେ ସେ ସନ୍ତୁଷ୍ଟ ରହୁଥିଲା। ଯେଉଁ ସାମ୍ପଲ ମେଡ଼ିସିନ୍ (ନମୂନା ଔଷଧ) ତାକୁ ମିଳୁଥିଲା ସେସବୁ ରୋଗୀଙ୍କ ମଧ୍ୟରେ ବଣ୍ଟନ କରିଦେଉଥିଲା। ଥରେ ମୋତେ ଅଣ୍ଟା ଧରିଲା ଯେ ଭଲ ହେଲାନାହିଁ। ନମୂନା ଔଷଧ ଅଣ୍ଟାଳିଲା ବେଳକୁ ମିଳିଲା ନାହିଁ। ନିକଟସ୍ଥ ଔଷଧ ଦୋକାନରୁ ଆଣି ମୋତେ ନେବାକୁ ବାଧ୍ୟ କଲା। ଔଷଧ ଦୋକାନୀଟି ମୋଠୁଁ ତ ଦାମନେଲା ନାହିଁ, ସୁଧା ଠାରୁ ମଧ୍ୟ ଦାମ ନେବାକୁ କୁଣ୍ଠିତ ହେଲା। ତା'ର ଯୁକ୍ତି, ଦୋକାନୀଟିର କେତେକେତେ ଆତ୍ମୀୟଙ୍କୁ ବିନା ଫିସ୍‌ରେ ସୁଧା ଆରୋଗ୍ୟ କରିଛି। ତେଣୁ ଦାମ୍ ନେଇ ସେ ଅକୃତଜ୍ଞ ହେବନାହିଁ।

ଦିନକର ଘଟଣା ମୋତେ ଚମତ୍କୃତ କରିଦେଲା। ମଂଙ୍ଗୁରୀରୋଡ୍ ଡାକ୍ତରଖାନାରେ ସୁଧାର ନିଯୁକ୍ତି ସମୟର ଘଟଣା। ସୁଧା ବହିର୍ବିଭାଗରେ ରୋଗୀ ଦେଖୁଥାଏ। ମୁଁ ତା ସାମ୍ନାରେ ବସି ଉପଭୋଗ କରୁଥାଏ, ରୋଗୀମାନଙ୍କୁ ମଜାମଜା କଥା କହି, କିପରି କୌଶଳରେ ସେ ରୋଗୀଟିର ରୋଗର ବିବରଣୀ ସଂଗ୍ରହ କରୁଥାଏ। ତତ୍କାଳୀନ ରକ୍ଷଣଶୀଳ ଗ୍ରାମୀଣ ସମାଜରେ ମହିଳାମାନେ ଥିଲେ ଅତ୍ୟନ୍ତ ଲାଜକୁଳୀ। ସେମାନେ ନିଜ ନିଜର ରୋଗ ସମ୍ପର୍କରେ କୌଣସି ବିବରଣୀ ଦେବାକୁ ଲାଜ କରୁଥିଲେ। ସାଧାରଣତଃ ସାଙ୍ଗରେ ଆସିଥିବା ଶାଶୂ, ବୋହୂର ରୋଗ ବିଷୟରେ କହୁଥିଲା, ଯେଉଁ ବିବରଣୀ

Digitized by srujanika@gmail.com

ଗୁଡ଼ିକ ଥିଲା ପ୍ରାୟ ଅସମ୍ପୂର୍ଣ୍ଣ । ବୋହୂଟି ମଧ୍ୟ ଶାଶୂ ଆଗରେ ରୋଗ ବିଷୟରେ କହିବାକୁ କୁଣ୍ଠିତ ହେଉଥିଲା, ନିଜର ଭୟ ହେତୁ କିମ୍ବା ସମ୍ଭ୍ରମ ଯୋଗୁ । ସୁଧା ମଜାଳିଆ କଥା, ଥଟ୍ଟା, ପରିହାସ ଦ୍ୱାରା ଉଭୟ ଶାଶୂ ଏବଂ ବୋହୂ କିମ୍ବା ଗ୍ରାମୀଣ ମହିଳା କି ଝିଅଟିଏ ହେଉ ନିଜର ବାକ୍‌ଚତୁରୀ ବଳରେ ଏମିତି ମଜାଇ ରଖୁଥିଲା ଯେ ସେମାନେ ରୋଗର ବିବରଣୀ ସବୁ ଦେଇଦେଉଥିଲେ ନିଜର ଲାଜ ଭୁଲିଯାଇ ।

ଥରେ ଅଧା ବୟସର ଲୋକଟିଏ ପରିବାର ନିୟନ୍ତ୍ରଣ ଅସ୍ତ୍ରପୋଚାର ହେବାକୁ ଆସିଥାଏ । ସୁଧା ମୋତେ ଏପରି ଅସ୍ତ୍ରପୋଚାର ଦେଖିନଥିବାରୁ, ଦେଖିବା ପାଇଁ ଅପରେସନ ଗୃହକୁ ନେଇଗଲା । ପୁରୁଷ କର୍ମଚାରୀଟିଏ ପ୍ରଥମେ ରୋଗୀର ଅଣ୍ଡକୋଷରେ ଥିବା ଲୋମତକ ସଫା କରିଦେଲା । ସୁଧା ହାତ ପାପୁଲିରେ ଚକିଏ ଆୟୋଡ଼ିନ୍ ନେଇ ସଂକ୍ରମଣ ନହେବା ନିମନ୍ତେ ତା ଅଣ୍ଡକୋଷରେ ବୋଳିବା ବେଳେ, ହଠାତ୍ ତା ଅଣ୍ଡକୋଷଟିକୁ ସତର୍କତା ସହ ପରୀକ୍ଷା କରିବାକୁ ଲାଗିଲା । ମୋତେ ଚକିତ କରି, ହଠାତ୍ ସେ ରୋଗୀଟିର ଦୁଇ କାନକୁ ଧରି ଶୋଇଥିବା ଅବସ୍ଥାରୁ ଉଠାଇ ଅପରେସନ ଟେବୁଲ ଉପରେ ବସାଇ ଦେଲା ।

ସୁଧାର ଏପରି ବ୍ୟବହାର ଦେଖି ପ୍ରଥମେ ମୁଁ କିଛି ବୁଝି ପାରିଲି ନାହିଁ । ସୁଧା ତାକୁ ଧମକ ଦେଇ ପଚାରୁଥାଏ, ସତ କହ, ପୂର୍ବରୁ ଥରେ ତୁ ପରିବାର ନିୟନ୍ତ୍ରଣ ଅସ୍ତ୍ରପୋଚାର ହୋଇଥିଲୁ ? ସରକାରଙ୍କଠୁଁ କେତେଟଙ୍କା ପାଇଥିଲୁ ? ଆଉ ମୋତେ ଏବେ ଗଧଟାଏ ଭାବିଲୁ, ନୁହେଁ? ଭାବିଲୁ, ଏଗୁଡ଼ାକ କୁଣ୍ଡାଖାଇ ପାଠ ପଢ଼ିଛନ୍ତି, କିଛି ଜାଣିପାରିବେ ନାହିଁ? ଆଉଥରେ ସରକାରଙ୍କୁ ଟଙ୍କା ପାଇଯିବୁ ମୋତେ ଠକି ଦେଇ ? ରହ, ରହ, ପୁରା କାଟି ଉଡାଇ ଦେବି ? ଅଣ୍ଡକୋଷ ଥିବ ନା ସରକାରଙ୍କୁ ଠକି ଟଙ୍କା ନେବୁ ? ଆବେ ଗଣିଆ ! ଆଣିଲୁ ଛୁରିଟା । ମୁଁ କାଟି, ଉଡ଼େଇ ଦିଏ ସବୁ ! ଗଣିଆ, ମେଲ ନର୍ସଟିର ଡାକନାମ ।

ଲୋକଟା ଥରୁଥାଏ । ଗଣିଆ ଯେମିତି, ଛୁରିଟାକୁ ସୁଧା ହାତକୁ ବଢ଼େଇ ଦେଇଛି, ଲୋକଟା ଧଡ଼କରି ଅପରେସନ ଟେବୁଲ ଉପରୁ ଓହ୍ଲାଇ ପଡ଼ିଲା । ଦୁଇହାତ ଯୋଡି ବିକଳହୋଇ କହୁଥାଏ, ଗରିବ ଲୋକ ଆଜ୍ଞା, ମରିଯିବି । ମୋ ପିଲାଛୁଆ ଅନାଥ ହୋଇଯିବେ । ଏମିତି ଆଉ କେବେ ବି କରିବି ନାହିଁ ।

ସୁଧା ଆଖି ତରାଟି, ଛୁରିଟାକୁ ଡାହାଣ ହାତରେ ମୁଠାଇ, ଲୋକଟା ଆଡ଼କୁ ମାଡ଼ିଯାଉଥାଏ ଆଉ କହୁଥାଏ, ଛାଡି ଦେବି, ନୁହେଁ ! ତୁ ପୁଣି ଡାକ୍ତରକୁ ଠକିବୁ ?

Digitized by srujanika@gmail.com

ସରକାରକୁ ଠକିବୁ ? ଆଉ ଟଙ୍କା ନେଇଯିବୁ ? ଭୟରେ ଲୋକଟା ପାଟିରୁ ଆଉ କଥା ବାହାରୁ ନଥାଏ । ସେ କେବଳ ଥରୁଥାଏ, କମ୍ପ ଆସିଲା ଭଳି ମେଲେରିଆ ରୋଗୀର ।

ତାର ଏ ଅବସ୍ଥା ଦେଖି, କଣ୍ଠଟିକେ ନରମ କରି ସୁଧା କହିଲା, ହଉ ଠିକ୍ ଅଛି । କାଟିବି ନାହିଁ । କିନ୍ତୁ ପୋଲିସ ଡାକି ଧରେଇଦେବି । ଘଣା ପେଲୁଥିବୁ ଜେଲ୍ ଯାଇ । କ'ଣ କହୁଛୁ ? ତା ପରେ ଛୁରିଟାକୁ ସେ ମେଲନର୍ସ ହାତକୁ ବଢ଼େଇ ଦେଲା । ଲୋକଟାର ଜୀଅନ୍ତା ଶବରେ ପ୍ରାଣ ପଶିଲା ସତେକି । ମନେମନେ ହୁଏତ ଭାବୁଥାଏ, ଜେଲ୍ ପଛେ ଯିବି, ଅଣ୍ଡକୋଷଟା କାଟି ଉଡ଼େଇ ଦେବାରୁ ମୁକ୍ତି ତ ମିଳିଲା !

ସୁଧା ତା କାନଟାକୁ ଖପ୍‌କରି ଧରି ଟାଣିଟାଣି ବହିର୍ବିଭାଗ ରୁମ୍‌କୁ ନେଇଗଲା । ଧମକେଇ କହିଲା, ବସ୍ ସେ କଣକୁ ! କାମ ସାରେ । ତୋ କଥା ବୁଝାଯିବ । ଲୋକଟା ଚୁପ୍‌ଚାପ୍ ଯାଇ କଣମୁଣ୍ଡିଆ ଆଉଜି ବସିପଡିଲା । ମୁହଁ ତଳକୁ କରି ଆଗତ ବିପଦରୁ ମୁକ୍ତି ନିମନ୍ତେ ହୁଏତ ରାମ ନାମ ଜପ କରୁଥିବ । ଦୁଇ, ତିନିଜଣ ରୋଗୀ ଅପେକ୍ଷା କରିଥିଲେ । ଚିରାଚରିତ ଢଙ୍ଗରେ ସୁଧା ସେମାନଙ୍କ ସହ ମଜାମଜା କଥା, ଥଟ୍ଟା, ତାମସା କରି ଔଷଧ ଲେଖି ବିଦାକରିଦେଲା । ସେତେବେଳକୁ ଦୁଇଟା ବାଜି ସାରିଥାଏ । ଆଉ କୌଣସି ରୋଗୀ ନଥାନ୍ତି କି ଆସିବାର ସମ୍ଭାବନା ନଥାଏ । କର୍ମଚାରୀ ଜଣକ ଡାକ୍ତରଖାନାର ଅନ୍ୟାନ୍ୟ ରୁମ୍‌ରେ ତାଲାଦେଇ, ଅପେକ୍ଷା କରିଥାଏ ଡାକ୍ତର ବାବୁଙ୍କୁ ।

ସୁଧାକୁ ମୁଁ ପିଲାଟି ଦିନରୁ ଜାଣେ । ସେ କେବେ ବି ଲୋକଟା ପ୍ରତି ନିଷ୍ଠୁର ହେବ ନାହିଁ, ଏ ବିଶ୍ୱାସ ମୋର ଥାଏ । ସେ ଯାହା କହୁଥାଏ ଲୋକଟାକୁ, ତାହା ଯେ ତାକୁ ଡରାଇବା ପାଇଁ, ଏହା ମୁଁ ଅନୁମାନ କରୁଥାଏ । ମୁଁ କେବଳ ନିରବରେ ବସିଥାଏ ଏବଂ ଲକ୍ଷ୍ୟକରୁଥାଏ । ବେଳେବେଳେ ସୁଧାର କଥାବାର୍ତ୍ତା, ଲୋକଟାର ଅତର୍ଛାପଣ ଦେଖି ମୋତେ ହସଲାଗୁଥାଏ, କିନ୍ତୁ ଚାପି ରଖିଥାଏ ହସକୁ । କାଳେ କଥାଟା ପାଣିଚିଆ ହୋଇଯିବ, ଏହି ଆଶଙ୍କାରେ ।

ସୁଧା ଉଠି ଠିଆ ହେଲା ଏବଂ ଲୋକଟା ପାଖକୁ ଗଲା । ଧମକେଇଲା ସ୍ୱରରେ କହିଲା, ଆବେ ଉଠି ଠିଆ ହ ଲୋକଟା ଅବିଳମ୍ୱେ ଉଠି ଠିଆ ହେଲା ଆଦେଶ ପାଳନ କରି ।

ସୁଧା ପଚାରିଲା କ'ଣ ! ଜେଲ୍‌ଯିବୁ ?

ଲୋକଟା ନିରୁତ୍ତର । କି ଉତ୍ତର ସେ ଦେବ ? କିଏ ଭଲ ପାଏ ଜେଲ୍ ଯିବାକୁ ? କିଏ ଭଲ ପାଏ ଥାନାକୁ ଯିବାକୁ ? ଏ ସବୁ ତ ଯମାଳୟ ସହିତ ସମାନ । ଦୁର୍ଭାଗ୍ୟ ନ

Digitized by srujanika@gmail.com

ପଡ଼ିଲେ ଲୋକ ଥାନା ଦୂଆର ମାଡ଼େ ନାହିଁ । ଜେଲ୍‌ଯିବା ତ ଦୂରର କଥା । ଅବଶ୍ୟ କ୍ରିମିନାଲ ମାନଙ୍କ କଥା ଅଲଗା । ଏ ସ୍ଥାନ ଗୁଡିକ ସେମାନଙ୍କପାଇଁ ଶ୍ୱଶୁରାଳୟ ସଦୃଶ୍ୟ ।

ମୋତେ ବିସ୍ମିତକରି, ସୁଧା ପକେଟରୁ ଶହେଟଙ୍କା କାଢି, ଲୋକଟା ଆଡକୁ ବଢେଇ କହିଲା, ଆବେ ଅନେଇଛୁ କଣ ବୋକାଟା ଭଳି ? ଧର ଏ ଶହେଟଙ୍କା । ମାଗୁଣି ହୋଟେଲରୁ କେବଳ ପଚିଶି ଟଙ୍କାଦେଇ ସାଧା ମିଲ୍‌ଟାଏ ଖାଇବୁ । ବାକିତକ ଟଙ୍କାରେ ପରିଆ ଦୋକାନରୁ ଚାଉଳ କିଣି ଘରକୁ ନେଇଯିବୁ । କର୍ମକୋଢି କେଉଁଠିକାର ! ମୂଳଲାଗି ପେଟ ପୋଷିବାକୁ କଷ୍ଟ ଲାଗୁଛି ? ସରକାରଙ୍କୁ ଠକି ପଇସା ଲୁଟିନେବାକୁ ବସିଛୁ, ନୁହେଁ ?

ଆଉ ଶୁଣ, ଯଦି ଏଟଙ୍କାରେ ଚାଉଳ ନକିଣି ମାଲ୍ ଖାଇଥିବୁ, ସିଧା ତୋ ନାଆଁରେ ଏତଲା ଦେଇଦେବି ପୋଲିସ୍‌ରେ । ତୋତେ ନ ଜାଣିଛି କିଏ ଏ ଅଞ୍ଚଳରେ ? କର୍ମକୋଢି କାହାଁକା !

ସୁଧା ଲୋକଟାକୁ ଭୟ ଦେଖେଇବା ପାଇଁ ଚୌକିଦାରକୁ ଡାକି କହିଲା, ଲୋକଟା ହୋଟେଲରେ କେତେଟଙ୍କା ଦେଇ ଖାଇଲା, କେତେ ଚାଉଳ କିଣି ଘରକୁ ନେଲା ବା ଆଉ କଣ କଲା, ସବୁ ବୁଝି ମୋତେ ଟିକିନିଖି ଜଣାଇବୁ ଓପରଓଳି ।

ନ କରିଥିବୁ ଯଦି ଏ ସବୁ, ସିଧା ପୋଲିସ ପଠେଇ ଧରିଆଣିବି । ଆବେ ସବୁ ଶୁଣୁଛୁକି ନାହିଁ !

ଲୋକଟା ତଳକୁ ମୁହଁ ପୋତି, ସୁଧା ଦେଇଥିବା ଶହେଟଙ୍କା ଅଣ୍ଟିରେ ଖୋସି ସଯତ୍ନରେ, ଧୀରେ ଧୀରେ ବଜାର ଆଡ଼େ ଅଗ୍ରସର ହେଲା ।

ସେ ଗଲା ପରେ ସୁଧା ମୋତେ ଚାହିଁ କହିଲା, ନନା, ମୋତେ ଭୁଲ୍ ଭାବିଥିବ ପ୍ରଥମରେ । ବେଳେ ବେଳେ ଏମିତି କୃତ୍ରିମତା ପ୍ରକାଶ କରିବାକୁ ହୁଏ । ଗରିବ ଲୋକଟା । ଜାଣେ, ତାର କୌଣସି ମଦପାଣି ଅଭ୍ୟାସ ନାହିଁ । ଭୟ ଦେଖେଇବା ପାଇଁ ଏତେଗୁଡେ କଥା ତାକୁ କହିଲି ।

ଅଭାବରେ ପଡି ହୁଏତ ହାତେଇବାକୁ ବସିଥିଲା ସରକାରୀ ସାହାଯ୍ୟ, କଟାକଟି ଯନ୍ତ୍ରଣା ସହିବାକୁ ପଡୁପଛେ ।

• • •

Digitized by srujanika@gmail.com

ହଜି ଯାଇଥିବା ସ୍ୱପ୍ନ

ସବୁ ବଡ଼ ବଡ଼ ଅଫିସ୍‌ରେ ପ୍ରାୟ ଚାରି ଶ୍ରେଣୀର କର୍ମଚାରୀ ଦେଖାଯାନ୍ତି । ପ୍ରଥମ ଦଳଟି କଥା ବନେଇଚୁନେଇ କହିବାରେ ଅତ୍ୟନ୍ତ ଧୂରୀଣ ଯାହାକୁ କହନ୍ତି କଥାରେ ସରପକେଇ କହିବା । ନିଜର କାମତକ, ସଠିକ୍ ସମୟରେ କରନ୍ତି ନାହିଁ । ଏମିତି ବାହାନା ଦେଖାନ୍ତି ଯେ ଉପରିସ୍ଥ କର୍ମଚାରୀ ବିଶ୍ୱାସ କରିଯାଏ । ଏହା ଛଡ଼ା ଏମାନେ ଉପରିସ୍ଥ କର୍ମଚାରୀଙ୍କ ଘରେ, ବାହାରେ ବେଶ୍ ସମ୍ପର୍କ ରଖିଥାନ୍ତି । ଯଦି ଗୋଟିଏ ପଟେ କିଛି ଅସୁବିଧା ହୁଏ, ଅନ୍ୟ ପଟଟି ସମ୍ଭାଳିନିଏ ।

ଦ୍ୱିତୀୟ ଦଳଟି କଇଁଚପିଠିଆ । ଏ କାନରେ ଶୁଣି ସେ କାନରେ ଗାଳିଗୁଡ଼ା ବାହାର କରି ଦିଅନ୍ତି । ଅଫିସର ଯେଉଁ ଫାଇଲଟି ମାଗିଥିବେ, ସେ ଫାଇଲଟିକୁ ନ ଦେଇ, ଅନ୍ୟ ଗୋଟିଏ ଫାଇଲ ନେଇ ଥୋଇ ଦିଅନ୍ତି ଆଗରେ । ଅଫିସର ମାଗିଥିବା ଫାଇଲଟି ନ ଆଣିଥିବାରୁ ସେ ଚିହିଁକି ଉଠନ୍ତି । କାଳ ବିଳମ୍ବ ନ କରି ପୁନଶ୍ଚ ଆଉ ଗୋଟିଏ ଫାଇଲ ଆଣି ଥୋଇ ଦିଅନ୍ତି ସାମ୍ନାରେ । ଏମିତି ଦିଚାରି ଥର କଲାପରେ ବିଚରା ଅଫିସରଟି ଧୈର୍ଯ୍ୟହରା ହୋଇ ନିଜେ ସିଟ୍‌ରୁ ଯାଇ ଫାଇଲଟିକୁ ଖୋଜିନେଇ ଆସନ୍ତି । ଏମିତି ହଇରାଣ ହେବା ଅପେକ୍ଷା ବରଂ କୌଣସି କାମ ବା ଦାୟିତ୍ୱ ଏମାନଙ୍କୁ ଦେବାରୁ ନିବୃତ୍ତ ରହନ୍ତି । ଅମାନିଆ ବଳଦକୁ ହଳ ଯୋଖିଲେ ସେ ଯେମିତି ବାରମ୍ବାର କାନ୍ଧରୁ ହଳ ଖସେଇ ଦିଏ, ଯେତେ ଲାଙ୍ଗୁଡ଼ ମୋଡ଼ି ହା ଡିହିଡିହି କଲେ ବି ଉଙ୍କେ ନାହିଁକି ଚଙ୍କେ ନାହିଁ, ଏବଂ ଶେଷରେ ଅତିଷ୍ଠ ହୋଇ ବିଚରା ହଳିଆଟି ତାକୁ ନେଇ କେଉଁ ଏକ ହାଟରେ ବିକିଦେଇ ଆସେ, ଠିକ୍ ସେମିତି ଏଇ ଦ୍ୱିତୀୟ ଦଳର କର୍ମଚାରୀମାନେ ବାରମ୍ବାର ଏ ସେକ୍‌ସନ୍‌ରୁ ସେ ସେକ୍‌ସନ ବଦଳି ହେଉଥାନ୍ତି ।

ଆଉ ଏଇ ତୃତୀୟ ଦଳଟି ଭାର ବୋହିବାରେ ଗଧକୁ ବଳିଯିବେ । ଯେତେ କାମର ବୋଝ ଲଦିଲେ ବି ଟିକେ ଉହୁଁଚୁହୁଁ ହେବେ ସିନା ବୋହିବା ପାଇଁ ଅମଙ୍ଗ ହୁଅନ୍ତି ନାହିଁ । ପୂର୍ବ ଦୁଇ ଫାଙ୍କିବାଜି ଦଳର ଯେତେ ସବୁ ଜରୁରୀ କାମ ଏମାନଙ୍କୁ ଧରାଇ ଦିଆଯାଏ । ଗୁଡ଼ାଏ କାମ ମୁଣ୍ଡେଇ ଧରିଥିବାରୁ, ବେଳେବେଳେ ଭୁଲଭଟକା ହୁଏ, ଗାଳି ଖାଆନ୍ତି କିନ୍ତୁ, ପ୍ରତ୍ୟୁତ୍ତର ଦିଅନ୍ତି ନାହିଁ । କେହିକେହି କଡ଼ା, ନିଷ୍ଠୁର ହୃଦୟ ହାକିମଙ୍କ ନିକଟରେ ସାମାନ୍ୟତମ ଭୁଲ ପାଇଁ ଢେରଢେର ଅପଦସ୍ତ ହୁଅନ୍ତି, କୈଫିୟତ୍ ବି ମଗାଯାଏ

Digitized by srujanika@gmail.com

ସେମାନଙ୍କୁ । ଚାକିରିକୁ ଏମାନଙ୍କର ଭାରି ଭୟ । ଯେତେବେଳେ ଦେଖିବ, ମୁଣ୍ଡଟିମାନ ତଳକୁ କରି କଣ ଲେଖୁଥିବେ ନ ହେଲେ ଅସ୍ତବ୍ୟସ୍ତ ହୋଇ କେଉଁ ଫାଇଲ୍ ଦରାଣ୍ଡୁଥିବେ । ଘରର ଭଲମନ୍ଦ ବୁଝିବାକୁ ଏମାନଙ୍କ ପାଖରେ ସମୟ ନଥାଏ । ପିଲାମାନେ ଯଦି ସେମାନଙ୍କର ମେଧାବୀ ହୋଇଥାଆନ୍ତି, କିମ୍ବା ଘରଣୀଟିମାନ ଦାୟିତ୍ୱ ସମ୍ପନ୍ନ ହୋଇଥାନ୍ତି ପିଲାମାନଙ୍କର ଦାୟିତ୍ୱ ନେବାକୁ, ଘର ଚଳେଇବାକୁ, ତେବେ ସବୁକିଛି ଭଲରେ ଭଲରେ ଚଳିଯାଏ, ନହେଲେ ସବୁ କିଛି ଗଣ୍ଡଗୋଳିଆ ଧରେ । ପିଲାମାନେ ମନଦେଇ ପଢ଼ନ୍ତି ନାହିଁ । ଘରଣୀର ଉତ୍‌ପାତ ସହିବାକୁ ପଡ଼େ ସେମାନଙ୍କୁ ବିଳମ୍ବ ରାତିରେ ଅଫିସଛାଡ଼ୁ ଥିବାରୁ । ହାଟରେ ଭଲ ପରିବା ପତ୍ର ମିଳେନାହିଁ । ପୋକା, ଫଟା ଯାହା ମିଳେ ତାକୁ ନେଇ ଘରେ ଥୋଇ ଦେବାରୁ ପ୍ରାଣପ୍ରୀୟା ଠାରୁ ଭର୍ତ୍ସନା ଶୁଣିବା କେବଳ ସାର ହୁଏ ସେମାନଙ୍କର ।

ସବାଶେଷ ଶ୍ରେଣୀଟି ଅତ୍ୟନ୍ତ ଚତୁର । ସଦାସର୍ବଦା ନିଜ ସିଟ୍‌କୁ ଜଗି ବସିଥାନ୍ତି । ହାକିମଙ୍କ କଥାକୁ ଅନେଇଥାନ୍ତି । ତାଙ୍କର ସୁନଜରରେ ଥିବାରୁ ମନ ପସନ୍ଦର ସିଟ୍‌ରେ ପୋଷ୍ଟିଙ୍ଗ ହୁଅନ୍ତି ଏବଂ ତା'ର ପୁରା ଫାଇଦା ନିଅନ୍ତି । ସହକର୍ମୀ ମାନଙ୍କ ପ୍ରତି ଏମାନଙ୍କର କୌଣସି ସମ୍ବେଦନା ନଥାଏ । କେହିକେବେ ସେମାନଙ୍କ ମଧ୍ୟରେ ହାକିମଙ୍କର ଆକ୍ରୋଶର ଶିକାର ହେଲେ ସାହାଯ୍ୟ ବଦଳରେ ନେପଥ୍ୟରେ ଥାଇ ହାକିମଙ୍କ ପକ୍ଷଧରି ସହକର୍ମୀଟିକୁ ଯାବତୀୟ ହଇରାଣ ହରକତ କରନ୍ତି । କାନକୁହା ବ୍ୟାପାରରେ ଏମାନେ ଅତ୍ୟନ୍ତ ଧୁରନ୍ଧର । ହାକିମଙ୍କ ମନଜାଣି ଚଳୁଥିବାରୁ ଏମାନଙ୍କର ଚରିତ୍ର ପଞ୍ଜିକାରେ ଖୁବ୍ ଭଲ ଏଣ୍ଟ୍ରିମିଳେ ଯାହା ତୁରନ୍ତ ପଦୋନ୍ନତି ହେଉ କିମ୍ବା ପ୍ରଶାସନିକ ସେବାକୁ ନିର୍ବାଚନ ପାଇଁ ସାହାଯ୍ୟ କରେ ।

କିନ୍ତୁ ଅମ୍ବିକା ଥିଲା ଏ ସବୁର ଏକ ବ୍ୟତିକ୍ରମ । ବିଶେଷ କରି ଟାଇପିଷ୍ଟ ଚାକିରିରେ ଏତେ କିଛି ଜଞ୍ଜାଳ ନଥାଏ । ଦିନକୁ ଦଶଥର ଅଫିସର ପାଖକୁ ଯିବାକୁ ପଡ଼େନାହିଁ, ଫାଇଲ ଖୋଜିବାକୁ ପଡ଼େନାହିଁ, ରେକର୍ଡ ଘାଣ୍ଟିବାକୁ ପଡ଼େ ନାହିଁ କି ଫାଇଲ ପଛରେ ଦୌଡ଼ିବାକୁ ପଡ଼େନାହିଁ । ଯେତିକି କାମ ଟାଇପ୍ ପାଇଁ ଆସିଥାଏ ବଡ଼ବାବୁ ତାକୁ ଟାଇପିଷ୍ଟମାନଙ୍କ ମଧ୍ୟରେ ବାଣ୍ଟି ଦିଅନ୍ତି । ସେତକ କାମ ସାରିଦେଲେ ଛୁଟି, ତେଣିକି ବୁଲୁଥା କି ଗପୁଥା କିଛି ଯାଏଆସେ ନାହିଁ । ଅମ୍ବିକାର ହାତ ଥିଲା ଭାରି ଚଞ୍ଚଳ । ସେ ଦ୍ରୁତବେଗରେ ଟାଇପ୍ କରିପାରୁଥିଲା । ନିର୍ଦ୍ଧାରିତ ସମୟ ପୂର୍ବରୁ ତାକୁ ଦିଆଯାଉଥିବା କାମତକ ନିର୍ଭୁଲ ଭାବରେ ଟାଇପ କରିଦେଇ ଆବଶ୍ୟକ ପଡ଼ିଲେ ଅନ୍ୟମାନଙ୍କୁ ସାହାଯ୍ୟ କରୁଥିଲା । ଏଥିପାଇଁ ସମସ୍ତେ ତାକୁ ଶ୍ରଦ୍ଧା କରୁଥିଲେ ।

Digitized by srujanika@gmail.com

ଟାଇପିଷ୍ଟ ଚାକିରି ପାଇଁ ଟାଇପ ଜ୍ଞାନ ସହିତ ମେଟ୍ରିକୁଲେସନ ପାସ ଯୋଗ୍ୟତା ନିର୍ଦ୍ଧାରିତ ସ୍ଥଳେ ଅମ୍ବିକାର ଯୋଗ୍ୟତା ଥିଲା ଏହାଠାରୁ ଯଥେଷ୍ଟ ଉର୍ଦ୍ଧ୍ୱରେ । ସେ ଏମ୍.ଏ. ପାସ କରିଥିଲା । ଏକ ସମ୍ପନ୍ନ ପରିବାରରେ ତାର ଜନ୍ମ । ପିଲାଟି ବେଳୁ ସେ ଥିଲା ଖୁବ୍ ଉଚ୍ଚମନା । ପାଠପଢ଼ି ହାକିମ କିମ୍ବା ତଦ୍ରୂପ କିଛି ହେବବୋଲି ପଚାରିଲେ ସେ ଉତ୍ତର ଦେଉଥିଲା । ଏମ୍.ଏ. ପାସ୍ ପରେ ଓଡ଼ିଶା ପ୍ରଶାସନିକ ସେବା, ଭାରତ ପ୍ରଶାସନିକ ସେବା ଇତ୍ୟାଦି ପାଇଁ ଯେତେଯେତେ ପରୀକ୍ଷାର ବ୍ୟବସ୍ଥା ଅଛି, ସେ ସବୁ ପାଇଁ ସେ ପ୍ରସ୍ତୁତି କରିଛି, ପରୀକ୍ଷା ବି ଦେଇଛି କିନ୍ତୁ ଭାଗ୍ୟ ତାକୁ ସହାୟ ହୋଇନାହିଁ । ବୟସ ଅତିକ୍ରାନ୍ତ କରି ଯିବାରୁ ବାଧ୍ୟବାଧକତାରେ ସେ ଶେଷରେ ଟାଇପିଷ୍ଟ ପଦବୀରେ ନିଯୁକ୍ତିଟିକୁ ଆପଣେଇ ନେଇଛି ।

ଅଫିସର ପଦବି ସିନା ପାଇଲା ନାହିଁ, ଈଶ୍ୱର ତାକୁ କିନ୍ତୁ ରାଜକୁମାର ଭଳି ଚେହେରାଟିଏ ଦେଇଥିଲେ । ଗୋରା ତକତକ ନହକାନହକା ଚେହେରାର ଯୁବକଟି ଯେତେବେଳେ ଦାମୀ ପେଣ୍ଟ ଶାର୍ଟ, ଯୋତା ପିନ୍ଧି ଅଫିସ ଆସେ ନ ଜାଣିବା ଲୋକେ ଆଡ଼େଇ ଯାଆନ୍ତି ବଡ଼ ଅଫିସରଟିଏ ଭାବି । ଅମ୍ବିକାର ମନ କୁରୁଳି ଉଠେ, ପରମୁହୂର୍ତ୍ତରେ ବିଷାଦରେ ଭରିଯାଏ ମନଟି ତାର, ନିଜର ପ୍ରକୃତ ସ୍ଥିତି କଥା ମନେ ପକାଇ ।

ଧନୀ ଘରର ପିଲା । ଉଚ୍ଚ ଶିକ୍ଷିତ, ସୁନ୍ଦର, ସ୍ୱାସ୍ଥ୍ୟବାନ । ସୁନ୍ଦରୀ ଶିକ୍ଷିତା ଝିଅର ଅଭାବ କେଉଁଠୁ ହୁଅନ୍ତା ତାକୁ ? ତାର ବାହାଘର ସରିଥିଲା । ତାକୁ ସିନା ଭାଗ୍ୟ ସହାୟ କଲାନାହିଁ, ସ୍ତ୍ରୀଟି କିନ୍ତୁ ତାର ଥିଲା ଏକ ବେସରକାରୀ ସ୍କୁଲରେ ହେଡ୍ ମିଷ୍ଟ୍ରେସ୍ ପଦବୀରେ । ପର୍ବ ପର୍ବାଣିରେ, ଖୁସିବାସିରେ ଉଭୟେ ବେଳେବେଳେ ଲୁଗାପଟା ଇତ୍ୟାଦି କିଣିବା ପାଇଁ ଗଲେ ସ୍ତ୍ରୀଟି ତାର ମନପସନ୍ଦର ଶାଢ଼ିଟିଏ ବାଛିନିଏ ଦାମ୍ ପ୍ରତି ଦୃଷ୍ଟିନଦେଇ । ଅମ୍ବିକା ପାଇଁ ବି ଦାମୀ ଦାମୀ ପେଣ୍ଟ୍ ଶାର୍ଟ ବାଛିଦିଏ ଆଉ ବିଲ୍ ଦେଲା ବେଳକୁ ଅମ୍ବିକା ହତାଶ ହୋଇଯାଏ ନିଜର ପର୍ସର ଅବସ୍ଥା ଦେଖି । ସ୍ତ୍ରୀଟି ତାର ହସିଦିଏ । ତାକୁ ବାଧ୍ୟକରେ ପର୍ସଟିକୁ ପୁନଶ୍ଚ ପକେଟରେ ରଖିଦେବାକୁ । ନିଜର ଭେନିଟ୍ ବେଗ୍ ଭିତରୁ ଟଙ୍କାର ବିଡ଼ା ବାହାର କରି ଦାମଦେଇ ଦିଏ ହସି ହସି ।

ଅମ୍ବିକାର ମନେହୁଏ, ସ୍ତ୍ରୀଟି ତାର ହସୁନାହିଁ । ସ୍ୱାମୀଟିକୁ ସହଯୋଗ କରୁଥିବାରୁ ବରଂ ତା ଭିତରେ ଲୁଚି ରହିଛି ତାଚ୍ଛଲ୍ୟର ସୂକ୍ଷ୍ମ ବାର୍ତ୍ତାଟିଏ । ତାହା ତାର ଛୋଟିଆ ଚାକିରି ଯୋଗୁ ହୋଇପାରେ । ହୋଇପାରେ ବି ତାର ବିଫଳତା ଜୀବନ ସଂଗ୍ରାମରେ । ନିଶାର୍ଦ୍ଧର ନିଭୃତ ମୁହୂର୍ତ୍ତରେ ସ୍ତ୍ରୀଟି ତା'ର ଯେତେବେଳେ ପରାମର୍ଶ ଦିଏ, ତୁମେ ଆଇନ୍ ପାଠ ପଢ଼ି

Digitized by srujanika@gmail.com

ଓକିଲଟିଏ ହେଉନାହଁ କାହିଁକି ବୋଲି, ହଠାତ ତା'ର ହାତର ବନ୍ଧନ ଶିଥିଳ ହୋଇଯାଏ ଆପେଆପେ । ପୌରୁଷ ତା'ର ବିଦ୍ରୋହ କରିଉଠେ । ସେ ଉଠି ବସେ । ସମସ୍ତ ଉତ୍ତେଜନା ଲୋପ ପାଇଯାଏ ମୁହୂର୍ତ୍ତକ ମଧ୍ୟରେ । ଅତୃପ୍ତା ସ୍ତ୍ରୀଟି ତାର ପଚାରିବସେ, କଣ ହେଲା କି ? ଅନ୍ଧାର ରାଜୁତି କରୁଥାଏ ଘରସାରା, ବାହାରରେ ବି । ଅମ୍ବିକା କିଛି ଉତ୍ତର ଦିଏ ନାହିଁ । ତାର ମନେହୁଏ, ସେଇ ନିବିଡ଼ ଅନ୍ଧକାର ଭିତରେ ବି ତା'ଠୁ ଉଚ୍ଚ ପଦବୀରେ ଆସୀନା, ମୋଟା ବେତନ ପାଉଥିବା ସ୍ତ୍ରୀଟି ତା'ର ଅସହାୟତାକୁ ବେଶ୍ ଦେଖି ପାରୁଛି । ତା ଚାକିରିକୁ ବିଦ୍ରୁପ କରୁଛି । ନ ହେଲେ ଓକିଲଟିଏ ହେବାକୁ କାହିଁକି କହୁଛି ?

ଅଫିସରେ ସବୁକିଛି ଠିକ୍‌ଠାକ୍ ଚାଲିଥିଲା । ଅମ୍ବିକା ନିୟମିତ ଅଫିସ ଆସେ । ଟାଇପ୍ କରେ ବିନା ପ୍ରତିବାଦରେ ଯେତେ କାମ ହେଲେ ବି । ସେମିତି ଦାମୀ ପୋଷାକ ପିନ୍ଧେ । ତା ଦାମିକା ଜୋତାରୁ ବି ସେମିତି ମଚ୍‌ମଚ୍ ଶବ୍ଦ ଶୁଣାଯାଏ ସେ ଅଫିସ ପଶିଲା ବେଳେ ।

କିନ୍ତୁ କିଛିଦିନ ଅନ୍ତେ ଦେଖାଗଲା ସେ ଭାରି ବିମର୍ଷ ରହୁଛି । ଆଗ ଭଳି ତା' ମୁହଁରେ ହସ ଉଛୁଳି ଉଠୁନାହିଁ । କାମ ନ ଥିଲାବେଳେ କୁଆଡ଼େ ବୁଲିବାକୁ ନ ଯାଇ ନିଜ ସିଟ୍‌ରେ ବସିରହୁଛି, କ'ଣଟାଏ ଭାବି ବିବ୍ରତ ହେଉଛି । ଗୁଣୁ ଗୁଣୁ ହେଉଛି ବେଳେବେଳେ । ପ୍ରଥମେ ସେକ୍‌ସନର ସହକର୍ମୀମାନେ ଭାବୁଥିଲେ ବୋଧହୁଏ କେଉଁ ମନପସନ୍ଦ ଗୀତଟିଏର ସ୍ୱର ସେ ଆବୃତି କରୁଛି । ପରେ ଜଣାଗଲା ଅସଂଲଗ୍ନ କଥାଗୁଡ଼ିଏ ସେ ଗପୁଛି ଗୁଣୁ ଗୁଣୁ ହୋଇ । ବେଳେବେଳେ ମୁହଁରେ ତାର ଉତ୍ତେଜନା, କେତେବେଳେ ବ୍ୟସ୍ତତା, କେତେବେଳେ କାହାକୁ କଣ ନିର୍ଦ୍ଦେଶ ଦେଉଥିବାର ଅଙ୍ଗଭଙ୍ଗି ଫୁଟି ଉଠୁଛି ତାର ମୁହଁରୁ ଆଉ ହାତରୁ । ପଚାରିଲେ କିଛି ଉତ୍ତର ଦେଉନାହିଁ । ହଠାତ୍ ସଚେତନ ହୋଇ ଯାଉଛି । ସ୍ୱାଭାବିକ ହୋଇ ଯାଉଛି କିଛିକ୍ଷଣ ନିମନ୍ତେ ।

ଏମିତି ପ୍ରାୟ ମାସଟିଏ କଟିଗଲା । ତା'ର ଏମିତି ଅବସ୍ଥା ଦେହ ସୁହା ହୋଇଗଲା ସହକର୍ମୀ ମାନଙ୍କର ।

ଦିନେ ତାର ଅଦ୍ଭୁତ କାଣ୍ଡ କାରଖାନା ଦେଖି ସାରା ଅଫିସଟା ଚକିତ ହୋଇଗଲା । ପ୍ରଥମେ ସେ ମଚ୍‌ମଚ୍ ଶବ୍ଦକରି ଟାଇପ୍ ସେକ୍‌ସନକୁ ପଶିଆସିଲା । ବଡ଼ବାବୁ ତଳକୁ ମୁହଁପୋତି କାମ କରୁଥାନ୍ତି । ଅମ୍ବିକାକୁ ସାମ୍ନାରେ ଠିଆ ହୋଇଥିବାର ଦେଖିଲେ ବି କିଛି ନ କହି ନିଜ କାମରେ ଲାଗିଥାନ୍ତି । ହଠାତ୍ ଅମ୍ବିକା ଅଫିସରିଆ ଢଙ୍ଗରେ ଟିକେ ଉଚ୍ଚ ଗଳାରେ କହିଲା, ବଡ଼ବାବୁ ! ଆପଣ କଣ ସମ୍ଭ୍ରମ ଭୁଲି ଗଲେଣିକି ? ମୁଁ ଠିଆ ହୋଇଛି ଆପଣଙ୍କ ସାମ୍ନାରେ । ଅଥଚ ଆପଣ ବସିରହିଛନ୍ତି ଠିଆ ନହୋଇ । ଏମିତି ଅଭଦ୍ରତା

Digitized by srujanika@gmail.com

ଆପଣଙ୍କଠୁ ମୁଁ ଆଶା କରିନଥିଲି । ବୁଢ଼ାଟିଏ ହେଲେଣି । ନିଜ ଉପରିସ୍ଥ ଅଫିସରଙ୍କୁ କିପରି ବ୍ୟବହାର କରାଯାଏ ଶିଖିଲେ ନାହିଁ ଏ ପର୍ଯ୍ୟନ୍ତ ?

ସହକର୍ମୀମାନେ ହତ୍‌ବାକ୍ ହୋଇ ଚାହିଁ ରହିଥାନ୍ତି । ବଡ଼ ବାବୁ ଚକିତ ହୋଇ ଅମ୍ବିକାକୁ ଚାହିଁଲେ । କେହି କିଛି ବୁଝିପାରୁନଥାନ୍ତି । ଅମ୍ବିକାଭଳି ଶିଷ୍ଟ ଆଉ ଭଦ୍ର ପିଲାଟାର ଏପରି ପରିବର୍ତ୍ତନ ପଛରେ ରହସ୍ୟଟିକୁ ଖୋଜୁଥାନ୍ତି । ଅବଶ୍ୟ ମାସେ ହେବ, ସେ ଚୁପ୍‌ଚାପ୍ ରହୁଥିଲା, ମନେମନେ କଣ ସବୁ ଗପୁଥିଲା ଗୁଣୁଗୁଣୁ ହୋଇ । ସେଗୁଡ଼ିକ କଣ ପାଗଳାମିର ପୂର୍ବାଭାସ ? ଏବେ କଣ ସିଏ ପାଗଳ ହୋଇଗଲାକି ? ଏମିତି ଦ୍ୱନ୍ଦ୍ୱ ଏବଂ ସଂଦେହ ଭିତରେ ସମସ୍ତେ ସନ୍ତୁଳି ହେଉଥିବା ବେଳେ, ଅମ୍ବିକା ସେକ୍‌ସନ୍ ଛାଡ଼ି ଚାଲିଗଲା । ତା ନାଆଁ ଡାକି ଅଟକାଇବାର ଚେଷ୍ଟା କରିବାରୁ, ହଠାତ୍ ଠିଆ ହୋଇଯାଇ, ପଛକୁ ଚାହିଁ ଏମିତି ଢ଼ଙ୍ଗ ପ୍ରକାଶ କଲା ସତେ ଯେମିତି ତା ନାଆଁଧରି ଡାକିବାକୁ ସେ ଆଦୌ ପସନ୍ଦ କରୁନାହିଁ ।

ତା ପରେ ସେ ବୁଲିପଡ଼ି, ନିକଟରେ ଥିବା ଆକାଉଣ୍ଟ ସେକ୍‌ସନ୍ ଆଡ଼େ ଚାଲିଗଲା । ଚାଲିରେ ତା'ର ଫୁଟି ଉଠୁଥିଲା ଦାମ୍ଭିକତା, ନିର୍ଭିକତା ତଥା ସଚେତନତା ନିଜର କର୍ତ୍ତବ୍ୟ ସମ୍ପର୍କରେ । ସେ ଯାଇ ସିଧା ପହଞ୍ଚିଗଲା ବିଲ୍‌କ୍ଲର୍କ ନିକଟରେ । ଆଦେଶ ଦେବା ଭଙ୍ଗିରେ କହିଲା, ବିଲ୍ କାମ ସବୁ ତୁରନ୍ତ ସାରିଦେବାକୁ, ଯେମିତି ପଚିସି ତାରିଖ ସୁଦ୍ଧା ତାହା ତା' ପାଖରେ ଦାଖଲ ହେବ । କେହି କିଛି ବୁଝି ନ ପାରି ବିସ୍ମୟରେ ଚାହିଁଲେ ତାକୁ । ମନରେ ପ୍ରଶ୍ନ-ଅମ୍ବିକାର ଏବେ କଣ ହୋଇଛିକି ?

ତା ପରେ ଦ୍ରୁତ ପଦରେ ସେ ସେଠାରୁ ଫେରି ଆସିଲା । ସେତେବେଳକୁ ସହକର୍ମୀମାନେ ସଚେତନ ହୋଇଯାଇଥାନ୍ତି । ଏହା ଯେ ପାଗଳାମିର ଲକ୍ଷଣ ଏ କଥାରେ ସମସ୍ତେ ପ୍ରାୟ ଏକମତ ହୋଇ ଯାଇଥାନ୍ତି । ଯେଉଁ ଅମ୍ବିକା ଏତେ ନମ୍ର, ଆଉ ଭଦ୍ର, ବଡ଼ ବାବୁ ତ ତା'ପାଖରେ ଜଣେ ଅତ୍ୟନ୍ତ ସମ୍ମାନୀୟ ବ୍ୟକ୍ତି, ଯାହାଙ୍କୁ ସେ ବିନମ୍ର ନମସ୍କାର କରେ ସେକ୍‌ସନକୁ ପଶୁ ପଶୁ ପ୍ରତ୍ୟେକ ଦିନ, ତାଙ୍କ ଆଗରେ ଠିଆ ହୋଇ ନମସ୍କାର ନକରି ତାଙ୍କୁ ପୁଣି ସମ୍ମାନ ଦେବା ପାଇଁ ନିର୍ଦ୍ଦେଶ ଦେବା ପାଗଳାମି ନୁହେଁ ତ ଆଉ କ'ଣ ହୋଇପାରେ ?

ସମସ୍ତେ ଘେରିଗଲେ ତାକୁ । ଆଉ ଆଗକୁ ବଢ଼ିବାକୁ ଦେଲେ ନାହିଁ । ସେତେବେଳକୁ ସେ ବିଭାଗର ମୁଖ୍ୟ ହଲ୍‌କୁ ଯିବାକୁ ଉପକ୍ରମ କରୁଥାଏ । ଏହି ହଲରେ ଶାସନ ସଚିବ, ଅତିରିକ୍ତ ସଚିବ ପ୍ରଭୃତି ଉଚ୍ଚ ପଦସ୍ଥ ଅଧିକାରୀମାନେ ବସନ୍ତି । କିଏ

Digitized by srujanika@gmail.com

ଜାଣେ, ଅମ୍ବିକା ହୁଏତ ସେମାନଙ୍କ ପ୍ରକୋଷ୍ଠକୁ ପଶି କିଛି ଅପ୍ରୀତିକର କାଣ୍ଡ ଭିଆଇ ବସିବ ?

ହଠାତ୍ ଏତେଗୁଡ଼ିଏ କର୍ମଚାରୀ ତାର ପଥରୋଧ କରିବାର ଦେଖି, କ୍ରୋଧରେ ଫାଟିପଡ଼ିଲା ସେ । ମନେମନେ ହୁଏତ ଭାବିଲା ଏମାନଙ୍କର ଏପରି ବିଶୃଙ୍ଖଳିତ ଆଚରଣ ଅକ୍ଷମଣୀୟ । ଅସହିଷ୍ଣୁ କଣ୍ଠରେ ଇଂରାଜୀରେ ଆଦେଶ ଦେଲା ତା ସାମ୍ନାରୁ ହଟିଯବାକୁ । ନ ହେଲେ ସେ ସମସ୍ତଙ୍କୁ ସସ୍‌ପେଣ୍ଡ କରିବ, ନତୁବା ଡିସମିସ୍ କରିବ ଚାକିରିରୁ । ଆସ୍ତେଆସ୍ତେ ତା ପାଖରେ କର୍ମଚାରୀଙ୍କର ଗହଳି ବଢୁଥାଏ । ଅଧିକାଂଶ କର୍ମଚାରୀ ପ୍ରକୃତ କଥା ଜାଣିନଥାନ୍ତି । ଉତ୍ସୁକତାର ସହିତ କଣ ଗୋଟାଏ ହେଉଛି ବୋଲି ଦେଖୁଥାନ୍ତି, କେହିକେହି ପାଖଲୋକଙ୍କୁ ପଚାରି କାରଣ ଅନୁସନ୍ଧାନ କରୁଥାନ୍ତି । ସହକର୍ମୀ କେତେଜଣ ତାକୁ ଜବରଦସ୍ତ ଧରିନେଇ ଟାଇପ୍ ସେକ୍‌ସନ୍‌ରେ ବସାଇ ଦେଲେ । ସେ ସେତେବେଳକୁ ଥକି ପଡ଼ିଥାଏ । ନିମ୍ନ ସ୍ୱରରେ ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବ ବୋଲି ଧମକାଉଥାଏ ।

ଅଫିସ୍ ପରିସରରେ ଗୋଟିଏ ଫାଷ୍ଟଏଡ୍ ସେଣ୍ଟର ଥାଏ । କେପିଟାଲ ହସ୍‌ପିଟାଲରୁ ଜଣେ ଡାକ୍ତର ସବୁଦିନେ ଏଠାକୁ ଆସିଥାନ୍ତି । ଅମ୍ବିକାକୁ ନେଇ ତାଙ୍କୁ ଦେଖେଇବାକୁ କେତେଜଣ ପରାମର୍ଶ ଦେଲେ । ଅନ୍ୟ କେତେଜଣ ଆପତ୍ତି ଉଠାଇଲେ । ତାଙ୍କ ଆପତ୍ତିର ବକ୍ତବ୍ୟଥିଲା, ଡାକ୍ତର ଜଣକ ପାଗଳାମୀ ପାଇଁ ଉଦ୍ଦିଷ୍ଟ ଡାକ୍ତର ନ ହୋଇଥିବାରୁ ସେ କି ଚିକିତ୍ସା କରିପାରିବେ ? ବରଂ ତାକୁ ନେଇ ତା' ଘରେ ପହଞ୍ଚାଇ ଦେଲେ, ତା'ର ଆତ୍ମୀୟମାନେ ଯାହା ଉଚିତ ମଣିବେ ତାହା କରିବେ । ତଦନୁଯାୟୀ ଅଫିସ ଗାଡ଼ିରେ ତାକୁ ନେଇ ତା ଘରେ ଛାଡ଼ିଦେଇ ଆସିଲେ ସମସ୍ତ ବିଷୟ ଜଣେଇ ଦେଇ ।

ପ୍ରାୟ ତିନି ଚାରି ସପ୍ତାହ ଧରି ଅମ୍ବିକା ଛୁଟିରେ ରହିଲା । ତା ପରେ ସେ ଆସି ତା କାମରେ ଯୋଗଦେଲା । ତା'ର ଅସୁସ୍ଥତା ଯୋଗୁ ତାକୁ କୌଣସି କାମ ଦିଆଗଲା ନାହିଁ । କାହାକୁ କିଛି ନ କହି ସେ ଚୁପ୍‌ଚାପ୍ ସିଟ୍‌ରେ ବସିଥାଏ । କେହି କିଛି ପଚାରିଲେ କିଛି ଉତ୍ତର ଦେଉନଥାଏ । କାହା ସହିତ କଥା ବି ହେଉନଥାଏ । ଏମିତି ପନ୍ଦର କୋଡ଼ିଏ ଦିନ କଟିଗଲା । ଦିନେ ପୂର୍ବର ସେଇ ପାଗଳାମି ବାହାରିଲା । ପକେଟରେ ହାତ ପୂରେଇ ଅଫିସରିଆ ଠାଣିରେ ସେ ଅଫିସ ଭିତରେ ବୁଲିଲା । ସମସ୍ତେ ବସି କାମ କରୁଛନ୍ତି ନା ନାହିଁ ଦେଖିବା ଥିଲା ତାର ଉଦ୍ଦେଶ୍ୟ । ବଡ଼ବାବୁମାନଙ୍କୁ ଅଧିକ ତତ୍ପରତାର ସହିତ ଅଧସ୍ତନ ମାନଙ୍କର କାର୍ଯ୍ୟ ତଦାରଖ କରିବା ପାଇଁ ପରାମର୍ଶ ଦେଲା । ଦିନଟା ତମାମ୍ ଅଫିସ ସବୁ

Digitized by srujanika@gmail.com

ବୁଲି ନିଜକୁ ଜଣେ ପଦସ୍ଥ ଅଫିସରଟିଏ ମନେକରି କର୍ମଚାରୀମାନଙ୍କ କାମ ତଦାରଖ କରିବା ତାର ପ୍ରଥମ କର୍ତ୍ତବ୍ୟ ବୋଲି ଭାବୁଥାଏ, ଆବଶ୍ୟକସ୍ଥଳେ ପରାମର୍ଶ ବି ଦେଉଥାଏ । ସାରା ଅଫିସ୍ ଅମ୍ବିକାର ମାନସିକ ବିକୃତି ସମ୍ବନ୍ଧରେ ଜାଣିସାରିଥାନ୍ତି । ତେଣୁ କେହି କିଛି କହନ୍ତି ନାହିଁ କି ପ୍ରତିବାଦ କରନ୍ତି ନାହିଁ ତା କାମରେ ।

ଏହି ଉଚ୍ଚ ଶିକ୍ଷିତ ଯୁବକଟିର ବ୍ୟର୍ଥତା, ତାକୁ ଆଣି ଏମିତି ଏକ ବିକଳ ସ୍ଥିତିରେ ପହଞ୍ଚାଇଛି ବୋଲି ଆମେ ସବୁ ଜାଣିଥାଉ । ସବୁ ଅଫିସର ବି ଜାଣିଥାନ୍ତି ଏ କଥାଟିକୁ ।

ବେଳେବେଳେ ସେ ଧସେଇ ପଶିଯାଏ ସେକ୍ରେଟାରୀଙ୍କ ରୁମ୍‌କୁ । ଦୂରରେ ଠିଆହୋଇ ବିନମ୍ରତାର ସହିତ ଅଭିଯୋଗ କରେ ଯେ ତାକୁ ବସିବା ପାଇଁ ରୁମ୍‌ଟିଏ ଦିଆଯାଉ ନାହିଁ ଅନ୍ୟ ଅଫିସରମାନଙ୍କ ଭଳି । ଶାସନ ସଚିବ ଜାଣିଥାନ୍ତି ତାର ମସ୍ତିଷ୍କ ବିକୃତି ସମ୍ପର୍କରେ । ସେ ବୁଝେଇ ଦିଅନ୍ତି, ଏବେ ରୁମ ଖାଲିନଥିବାରୁ ତାକୁ ଦିଆଯାଇ ପାରୁନାହିଁ । ଭବିଷ୍ୟତରେ ଖାଲି ହେଲେ ତାକୁ ଦିଆଯିବ । ଅମ୍ବିକା କୌଣସି ପ୍ରତିବାଦ ନ କରି ଫେରିଆସେ ।

ବେଳେ ବେଳେ ପୁଣି ସେ ସେକ୍ରେଟାରୀଙ୍କ ପାଖରେ ଅଭିଯୋଗ କରେ ପିଅନଟିଏ ପାଇଁ, ଷ୍ଟେନୋଟିଏ ପାଇଁ ଯାହା ଅନ୍ୟ ଅଫିସରଙ୍କୁ ଦିଆଯାଇଛି । ସଚିବ ହସି ହସି ବୁଝେଇ ଦିଅନ୍ତି, ରୁମ୍‌ଟିଏ ଖାଲି ହେଲେ, ତାକୁ ତାହା ପ୍ରଥମେ ଦିଆଯିବ । ପରେ ପିଅନ ଆଉ ଷ୍ଟେନୋ ଦିଆଯିବ । ଅମ୍ବିକା ବୁଝିଯାଏ ।

ଏମିତି ପ୍ରାୟ ବର୍ଷଟିଏ ବିତିଗଲା । ଅମ୍ବିକାର ପାଗଳାମି ଦିହ ସୁହା ହୋଇଗଲା ସମସ୍ତଙ୍କର । ତାର ପାଗଳାମିର ବିଶେଷତ୍ୱ ହେଉଛି, ସେ ସାଧାରଣ ପାଗଳଭଳି ବକାବକି କରେନାହିଁ, କାହାକୁ ଦୁର୍ବ୍ୟବହାର ବି କରେନାହିଁ ଯାହା ସଚରାଚର ପାଗଳଟିଏ କ୍ଷେତ୍ରରେ ଦେଖାଯାଏ । କେବଳ ଅଫିସର ଠାଣିରେ ବୁଲୁଥାଏ ନିଜକୁ ପଦସ୍ଥ ଅଫିସରଟିଏ ମନେକରି ।

ଆମ ବିଭାଗର ଅତିରିକ୍ତ ଶାସନ ସଚିବ ଥିଲେ ଜଣେ ମାର୍ଜିତ ସ୍ୱଭାବର ବ୍ୟକ୍ତି । ଅହଙ୍କାର ତାଙ୍କୁ ସ୍ପର୍ଶ କରିନଥିଲା ଯାହା ସଚରାଚର ପଦସ୍ଥ ଅଧିକାରୀଙ୍କ ପାଖରେ ଦେଖାଯାଏ । ଅଧସ୍ତନ ମାନଙ୍କୁ ସେ ଖୁବ୍ ଭଲ ବ୍ୟବହାର କରନ୍ତି, କେବେ ବି ବିରକ୍ତ ହୁଅନ୍ତି ନାହିଁ କାହା ଉପରେ । ଫାଇଲ ଧରି ଅଯଥାରେ ଅଧସ୍ତନମାନଙ୍କୁ ତାଙ୍କ ସାମ୍ନାରେ ଠିଆ ହେବାକୁ ଦିଅନ୍ତି ନାହିଁ । ମୋତେ ଦେଖି ବସିବା ପାଇଁ କହିଲେ ।

ମୁଁ ତାଙ୍କ ସାମ୍ନାରେ ବସି ଫାଇଲଟି ଖୋଲି ତାଙ୍କୁ ଦେଖେଇବା ପାଇଁ ଉପକ୍ରମ କରୁଛି, ସେ ମୋତେ ପଚାରିଲେ - ଆପଣ ଏଇ ଯୁବକଟିକୁ ଜାଣନ୍ତି ? ମୁଁ ଜାଣିଛି ବୋଲି କହିଲି ଏବଂ ଯାହା ଜାଣିଥିଲି ସଂକ୍ଷିପ୍ତରେ ସମସ୍ତ ଜଣେଇଦେଲି ।

Digitized by srujanika@gmail.com

ମୋଠାରୁ ସମ୍ପୂର୍ଣ୍ଣ ଘଟଣାଟି ଶୁଣି ସେ କିଛି ସମୟ ନିରବ ରହିଲେ । ମୋତେ ହଠାତ୍ ପଚାରି ଦେଲେ, ଆଚ୍ଛା କୁହନ୍ତୁତ, ସଚିବାଳୟରେ କେତେ ପରସେଣ୍ଟ କର୍ମଚାରୀ କାମ କରନ୍ତି ଆଉ କେତେ ଫାଙ୍କିମାରି ବୁଲୁଥାନ୍ତି ?

ମୁଁ ଟିକେ ଚିନ୍ତାକରି କହିଲି - ଆନୁମାନିକ ଷାଠିଏ ପରସେଣ୍ଟ କର୍ମଚାରୀ ସେମାନଙ୍କ ଦାୟିତ୍ୱ ତୁଲାନ୍ତି ଏବଂ ବାକିତକ ଭାଗ ଠିକ୍‌ଠିକ୍ କାମ ନ କରି ବିଭିନ୍ନ ଆଳ ଦେଖାନ୍ତି ।

ମୋ ସହିତ ସେ ଏକମତ ହେଲେ । କହିଲେ- ମୋର ବି ଅନୁମାନ ସେଇଆ । ଏ କଥାଟି କେବଳ ସଚିବାଳୟ କାହିଁକି, ଅନାନ୍ୟ ଅଫିସରରେ ବି ଦେଖୁଛି ଠିକ୍ ଏଇ ଅବସ୍ଥା ।

ତାଙ୍କର ଦ୍ୱିତୀୟ ପ୍ରଶ୍ନଟି ଥିଲା - ଆଚ୍ଛା କହିଲେ, ଆମ ସମାଜ ଭିତରେ ସବୁଠୁଁ ଅଧିକ ଦୟାର ପାତ୍ରକିଏ ?

ମୁଁ ଠିକ୍ ରୂପେ ଧରି ନ ପାରି କଥାଟିର ସୂତ୍ରଟିକୁ, ତାଙ୍କ ମୁହଁକୁ ଚାହିଁ ରହିଲି । ସେ ବୁଝାଇ ଦେଲେ - ଏଇ ଧରନ୍ତୁ ଅନ୍ଧଟିଏ, ଛୋଟାଟିଏ, କଣାଟିଏ, ସଂପୂର୍ଣ୍ଣ ଶାରୀରିକ ଅକ୍ଷମ ରୋଗୀଟିଏ । ଏଇ ସବୁ ଲୋକମାନଙ୍କୁ ଦେଖିଲେ ଆମ ମନରେ ଦୟାଆସେ । ଏମିତି ସମାଜର ଅନେକ ବର୍ଗର ଲୋକ ଅଛନ୍ତି ଯେଉଁମାନଙ୍କ ପ୍ରତି ଆମ ଅନ୍ତରରେ ଦୟାର ଭାବ ଉଦ୍ରେକ ହୁଏ । ନା କଣ କହୁଛନ୍ତି ?

ମୁଁ ଗଭୀର ଭାବରେ ଚିନ୍ତାକଲି । ଏଇସବୁ ଅସହାୟ ଲୋକଙ୍କୁ ପରସ୍ପର ସହିତ ତୁଳନା କଲି । କିନ୍ତୁ କିଏ ଏମାନଙ୍କ ଭିତରେ ସବୁଠୁ ଅଧିକ ଦୟାର ପାତ୍ର -ନିର୍ଣ୍ଣୟ କରି ପାରିଲି ନାହିଁ । ଗୋଟିଏ ସମୟରେ ଅନ୍ଧଟିଏକୁ ମୁଁ ଭାବିଲି ସବୁଠୁ ଅଧିକ ବୋଲି । କିନ୍ତୁ ଦ୍ୱନ୍ଦ୍ୱରେ ପଡ଼ିଲି ସମ୍ପୂର୍ଣ୍ଣ ଶାରୀରିକ ଅକ୍ଷମ ଲୋକଟିଏର କଥା ମନେ ପକେଇ ।

ସେଇଠୁ ସେ ହସିଦେଇ କହିଲେ, ଛାଡ଼ନ୍ତୁ ସେ କଥା । ଆପଣଙ୍କଠୁ ତ ଅମ୍ବିକାର ସମସ୍ତ ବିବରଣୀ ଶୁଣିଲି । ଅନ୍ୟ ମାନଙ୍କଠୁ ବି ଠିକ୍ ଏଇ କଥା ଶୁଣୁଛି । ଦେଖୁଛି ବି ନିଜ ଆଖିରେ । କିନ୍ତୁ ସମସ୍ୟା ହେଉଛି, ତାକୁ ବିନା କାମରେ ବସେଇ, ଦରମା ଦେବାକୁ ଆଉ ଅଫିସ ପ୍ରସ୍ତୁତ ନୁହେଁ । ପାଗଳାଟାକୁ ଅଫିସରେ ରଖି ଆଉ ସମସ୍ୟା ବଢ଼େଇବାକୁ ଅଫିସ ଚାହେଁ ନାହିଁ । ତେଣୁ ତାକୁ ଅଫିସରୁ ବିଦାକରି ଦେବା ପାଇଁ ଆସିଥିବା ପ୍ରସ୍ତାବଟି ଏଇ ଥୁଆ ହୋଇଛି ମୋ ସାମ୍ନାରେ । ଅର୍ଥାତ୍ ତା ଚାକିରି ଟର୍ମିନେସନ ପାଇଁ ଅଫିସ୍ ପ୍ରସ୍ତାବ ଦେଇଛି । କିଛି ସମୟ ନୀରବ ହୋଇ ସେ କହିଲେ - କିନ୍ତୁ ମୁଁ ଏକମତ ହୋଇ ପାରୁନାହିଁ ଅଫିସ ପ୍ରସ୍ତାବରେ । କାହିଁକି ଜାଣନ୍ତି - କେବଳ ଦୁଇଟି କାରଣ ଯୋଗୁ ।

Digitized by srujanika@gmail.com

ମୁଁ ହତବାକ୍ ହୋଇ ଚାହିଁ ରହିଲି ତାଙ୍କ ମୁହଁକୁ । ସେ କହିଲେ ଆପଣଙ୍କୁ ପ୍ରଶ୍ନଟିଏ ପଚାରିଥିଲି, ଆପଣ ଦ୍ୱନ୍ଦ୍ୱରେ ପଡ଼ିଲେ- କେଉଁ ହତଭାଗ୍ୟଟି ଅଧିକ ଦୟାର ପାତ୍ରହେବ ବୋଲି । ପାଗଳଟିଏକୁ ଦେଖନ୍ତୁ । ଅମ୍ବିକାକୁ ବି ଦୃଷ୍ଟାନ୍ତରୂପେ ନିଆଯାଇ ପାରେ । ଗୋଡ଼, ହାତ, କାନ, ନାକ, ସବୁ କିଛି ଅଛି । ଶାରୀରିକ ଭାବରେ ସମ୍ପୂର୍ଣ୍ଣ ସୁସ୍ଥ ବ୍ୟକ୍ତିଟିଏ । କିନ୍ତୁ ପ୍ରଧାନ ଅଙ୍ଗ ମୁଣ୍ଡଟି ତା ଆୟତ୍ତରେ ନାହିଁ । ଦେଖି ପାରୁଛି, ଖାଇପାରୁଛି, ଶୋଇ ପାରୁଛି, ଚାଲି ପାରୁଛି କିନ୍ତୁ ବିଚାରକଲେ ସମ୍ପୂର୍ଣ୍ଣ ଅକ୍ଷମ ବ୍ୟକ୍ତିଟିଏ ସେ । କେଉଁ କାମରେ ଲାଗିବ ସେ ? ସବୁଥାଇ ବି କିଛି ନଥିଲା ପରି । ଅନ୍ଧଟିଏର ଆଖି ନଥିଲେ ବି ଅନ୍ୟାନ୍ୟ ଅଙ୍ଗ ସକ୍ରିୟ । ଅନ୍ୟମାନଙ୍କ କ୍ଷେତ୍ରରେ ବି ଠିକ୍ ସେଇକଥା । ଅମ୍ବିକା ଏତେ ପାଠ ପଢ଼ିଛି, କି କାମରେ ଲାଗିବ ସେ ସବୁ ? ଏଇଥି ପାଇଁ ମୋ ବିଚାରରେ, ସେ ସବୁଠୁଁ ଅଧିକ ଦୟାର ପାତ୍ରଟିଏ ।

ଦ୍ୱିତୀୟ କାରଣଟି ହେଲା, ଯଦି ଏତେ ସଂଖ୍ୟକ ସକ୍ଷମ କର୍ମଚାରୀ ଫାଙ୍କିମାରି ବୁଲୁଛନ୍ତି କାମ ନକରି ବିଭିନ୍ନ ବାହାନାରେ ଏବଂ ଆମେ ତାହା ଜାଣି ମଧ୍ୟ ସେମାନଙ୍କୁ ଚଳାଇ ନେଉଛୁ ଚାକିରିରୁ ବିଦା ନକରି ଏବଂ ସେମାନଙ୍କ କାମକୁ ଅନ୍ୟାନ୍ୟ ସହକର୍ମୀମାନେ କରିଦେଉଛନ୍ତି, ତେବେ ପାଗଳା ଅମ୍ବିକାର କାମକୁ ଅନ୍ୟ ସହକର୍ମୀମାନେ କରି ନ ପାରିବାର କେଉଁଠି ଯଥାର୍ଥତା ଅଛି ? ଯେଉଁମାନେ ଆଦୌ ଦୟାର ପାତ୍ର ନୁହଁନ୍ତି, ସେମାନଙ୍କ ପ୍ରତି ଆମର ଆଭିମୁଖ୍ୟ କୋହଳ ହେବା ସ୍ଥଳେ ଅମ୍ବିକା କ୍ଷେତ୍ରରେ କଠୋରତା ଦେଖାଇବାର ଯୁକ୍ତି କେଉଁଠି ଅଛି ? ବରଂ କାହାକୁ ଯଦି ଦୟା ଦେଖାଇବାର କଥା, ପାଗଳଟିଏ ପ୍ରଥମରେ ଆସିବ ।

ସେ ଥିଲା ପର୍ଯ୍ୟନ୍ତ ଅମ୍ବିକାର ଚାକିରି ଅକ୍ଷୁର୍ଣ୍ଣ ଥିଲା । ତାଙ୍କର ବଦଳି ହେବାର କିଛି ଦିନ ପରେ ଅମ୍ବିକାକୁ ଚାକିରିରୁ ବିଦା କରିଦିଆଗଲା ।

ସବୁ ହାକିମ ଏହି ଅତିରିକ୍ତ ଶାସନ ସଚିବଙ୍କ ଭଳି ସମ୍ବେଦନଶୀଳ ନୁହନ୍ତି । ବିଷୟଟିଏକୁ ବିଚାର କଲାବେଳେ ଯେଉଁ ଅନ୍ତର୍ଦୃଷ୍ଟି ଆବଶ୍ୟକ ତାହା କ୍ୱଚିତ୍ ହାକିମଙ୍କ ପାଖରେ ଥାଏ ।

ଅମ୍ବିକାର ଏନ୍‌ଟ୍ରିପାସଟିକୁ ପୋଲିସ୍ ଜବତ କରିନେଲା । ଦିନାକେତେ ସେ ଗେଟ୍ ବାହାରେ ବୁଲାବୁଲି କଲା ଭିତରକୁ ଯାଇନପାରି । ନିରାଶ ହୋଇ ଶେଷରେ ଆଉ ଆସିଲା ନାହିଁ । ଏ ଘଟଣାର କିଛିଦିନ ପରେ ମୁଁ ଶୁଣିଲି, ଦିନେ କୁଆଡ଼େ ରାତିରେ ନିରୁଦ୍ଦିଷ୍ଟ

Digitized by srujanika@gmail.com

ବ୍ୟକ୍ତିଟିଏ ଭଳି ଲକ୍ଷ୍ୟହୀନ ଭାବରେ ସେ ରାସ୍ତାରେ ବୁଲୁଥିଲା । ସଂଦେହରେ ତାକୁ ପୋଲିସ ରାସ୍ତାରୁ ଧରିନେଲା । ବୁଲିବାର ନିର୍ଦ୍ଦିଷ୍ଟ କାରଣ କହି ନ ପାରିବାରୁ, ତାକୁ କୋର୍ଟ ଫରଓ୍ୱାର୍ଡ କରିଦିଆଗଲା । ସେ ଜେଲରେ ଥିବାର ଖବର ପାଇ କେତେଜଣ ବଂଧୁଙ୍କ ଅନୁରୋଧରେ, ଭୁବନେଶ୍ୱର ଜେଲ୍‌କୁ ଯାଇଥିଲି । ଜେଲ ଅଧୀକ୍ଷକ ଜଣେ ଖୁବ୍ ଭଦ୍ରଲୋକ ଥିଲେ । ତାଙ୍କଠାରୁ ଅନୁମତି ନେଇ ମୁଁ ଅମ୍ବିକାକୁ ଦେଖାକଲି । ସେ ହାତରେ ପିନ୍ଧିଥିବା ଦୁଇଟି ସୁନାମୁଦିକୁ ଏ ମଧ୍ୟରେ କିଏ କାଢ଼ି ନେଇଥାଏ ତା ହାତରୁ । କେତେବେଳେ ସେ ପୋଲିସ ନାଆଁ କହୁଥାଏ ତ, କେତେବେଳେ ଜେଲ ଓ୍ୱାର୍ଡରଙ୍କୁ ଦାୟୀ କରୁଥାଏ । ପାଗଳଟାଏର କଥାକୁ କିଏବା କାହିଁକି ବିଶ୍ୱାସ କରିବ ? ତା ବିରୁଦ୍ଧରେ ସେମିତି କୌଣସି ଗୁରୁତର ଅଭିଯୋଗ ନଥିବାରୁ ଶୀଘ୍ର ଖଲାସ ହୋଇଯବ ବୋଲି ଜେଲ୍ ଅଧୀକ୍ଷକ ମୋତେ ଆଶ୍ୱାସନା ଦେଲେ ।

ଏ ଭିତରେ ଅନେକ ବର୍ଷ ବିତିଗଲାଣି । ହତଭାଗ୍ୟ ଅମ୍ବିକାର କଣହେଲା- କାହାକୁ ବି ଜଣାନହିଁ । କିଏବା କାହିଁକି ଖବର ରଖିବାକୁ ଯିବ ଏଇ ହତଭାଗାଟିର ? ଦୁନିଆର ଏତେ ବଡ଼ବଡ଼ ସବୁ ଖବର - ପ୍ରେମ, ପ୍ରତାରଣା, ଧର୍ଷଣ, ନକ୍‌ସଲ, ଖଣିଚୋରୀ, ରାଜନୀତି ଇତ୍ୟାଦି ଥାଉଥାଉ, କାହାର ଗରଜ ଅଛି ଯେ ସେ ଅମ୍ବିକାର ଖବର ରଖିବାକୁ ଯିବ ?

• • •

ଦ୍ରଷ୍ଟବ୍ୟ - ସେତେବେଳର ଅତିରିକ୍ତ ଶାସନ ସଚିବ ଶ୍ରୀ ତରୁଣକାନ୍ତି ମିଶ୍ର ମୁଖ୍ୟ ସଚିବ (ଚିଫ୍ ସେକ୍ରେଟରୀ) ପଦବୀରୁ ଅବସର ପରେ ମୁଖ୍ୟ ନିର୍ବାଚନ ଅଧିକାରୀ ପଦବୀରେ ଅଧିଷ୍ଠିତ ହୋଇଥିଲେ ।

Digitized by srujanika@gmail.com

ସ୍ୱର୍ଗର ସନ୍ଧାନେ

ଜନ୍ମ ଜନ୍ମାନ୍ତର କଥା ଯଦି ସତ, ଜଗନ୍ନାଥ ଓ ମୋ ମଧ୍ୟରେ ଥିବା ବଂଧୁତ୍ୱର ଗଭୀରତା ମାପି ବସିଲେ, ମନେହୁଏ ଆମର ଏଇ ବଂଧୁତା ଏ ଜନ୍ମରେ ସିମୀତ ନୁହେଁ, ତାହା ଜନ୍ମ ଜନ୍ମାନ୍ତରର ହୋଇଥିବା ସମ୍ଭାବନା, ନହେଲେ ଏଇ କେଇଟା ଦିନର ସମ୍ପର୍କ ଏତେ ନିବିଡ଼ରୁ ନିବିଡ଼ତର ହେଲା କେମିତି ?

ମୁଁ ଥିଲି କ୍ୟାପିଟାଲ ହାଇସ୍କୁଲରୁ ପାସ୍ କରିଥିବା ଛାତ୍ରଟିଏ ଆଉ ସେ ଥିଲା ଗଡ଼ମଧୁପୁର ହାଇସ୍କୁଲରୁ ପାସ୍ କରିଥିବା ଛାତ୍ର । ଆମେ ପରସ୍ପରକୁ ଆଗରୁ ଜାଣିନଥିଲୁ । ବି.ଜେ.ବି. କଲେଜରେ ତା ସହିତ ପ୍ରଥମ ପରିଚୟ । ଏହି ପରିଚୟରୁ ବଂଧୁତା ଆଉ ଏଇ ବଂଧୁତା ପୁଣି ନିବିଡ଼ରୁ ନିବିଡ଼ତର ହୋଇଗଲା କେଇଟା ଦିନରେ ।

ହାଇସ୍କୁଲରେ ପଢ଼ିଲା ବେଳେ ଗୋବିନ୍ଦ ମୋର ସହପାଠୀ ଥିଲା । ସେ ବି ଥିଲା ମୋର ଅନ୍ତରଙ୍ଗ । ହାଇସ୍କୁଲରେ ପାଖାପାଖି ବସୁଥିଲୁ । କଲେଜରେ ବି ପାଖାପାଖି ବସିଲୁ । ନୂତନ ଆଗନ୍ତୁକ ଜଗନ୍ନାଥ ଯେଉଁ ଦିନ ପ୍ରଥମେ କଲେଜ ଆସିଲା, କେଉଁ ଏକ ମହାଶକ୍ତିର ଆକର୍ଷଣରେ ଆକର୍ଷିତ ହୋଇ ସେ ବି ଆମ ସହିତ ଯୋଡ଼ି ହୋଇଗଲା ସେଇ ପ୍ରଥମ ଦିନରୁ । ପ୍ରଥମେ ତା ସହିତ ପରିଚୟ, ତତ୍‌ପରେ ବନ୍ଧୁତା ଏବଂ ବଢ଼ିବଢ଼ି ନିବିଡତାରେ ପଦାର୍ପଣ କଲା । ଆଉ ଏବେ ଭାବୁଛି ଏଇ ସୁଦୀର୍ଘ ଜୀବନକାଳ ଭିତରେ, ଆଉ କାହା ସହ ଏମିତି ନିବିଡ଼, ଅନ୍ତରଙ୍ଗ ବନ୍ଧୁତା ଗଢ଼ି ନ ଉଠିଲା କାହିଁକି ? ରହସ୍ୟଟା ଅତ୍ୟନ୍ତ ସରଳ । ତରୁଣ ବୟସରେ ଜୀବନ ଯେତେବେଳେ ଅଲେଖା କାଗଜଟିଏ, ଆକାଶ ଭଳି ଉନ୍ମୁକ୍ତ, ଛନ୍ଦ କପଟ ତାକୁ ସ୍ପର୍ଶ କରି ନଥାଏ ସେତେବେଳେ ନା ଥାଏ ସ୍ୱାର୍ଥ, ନା ଥାଏ ସଙ୍କୀର୍ଣ୍ଣତା ତା ଭିତରେ । ପ୍ରଜାପତିଟିଏ ଭଳି ବୁଲିବାକୁ ଇଚ୍ଛାହୁଏ । ଟିକିଏ ଫୁରୁସତ ମିଳିଲେ ଆମେ ତିନିହେଁ କମନ ରୁମ୍‌ରେ ହାଜର ହୋଇଯାଉ । ସେ ଦୁଇ ଜଣଙ୍କର ରୁଚି ଚେସ୍ ଖେଳରେ, ମୋର କ୍ୟାରମରେ । ଅବଶ୍ୟ ସେ ଦୁଇଜଣ ବେଳେବେଳେ ମୋ ସହିତ କ୍ୟାରମ ଖେଳନ୍ତି । କିନ୍ତୁ ଭିନ୍ନ ରୁଚିସତ୍ତ୍ୱେ ତାହା କେବେ ଆମ ବଂଧୁତାରେ ପ୍ରତିବନ୍ଧକ ଆଣିନାହିଁ । ଖେଳୁଖେଳୁ ବେଳେବେଳେ କ୍ଲାସ୍ ଆରମ୍ଭ ହୋଇଯାଏ, ଖେଳ ନିଶାରେ ମାତିଥିବାରୁ ସମୟ ଜଣାପଡ଼େ ନାହିଁ ।

ହଠାତ୍ ସଚେତନ ହୋଇ ଦୌଡ଼ୁ କ୍ଲାସ ରୁମ୍‌କୁ । ଛପି ଛପି ଯାଇ, ପଛ ବେଞ୍ଚରେ

Digitized by srujanika@gmail.com

ବସିପଡୁ । ତା ପରେ ବେଳ କାଳ ଉଣ୍ଡି, ଅଧ୍ୟାପକଙ୍କ ଦୃଷ୍ଟି ଅନ୍ତରାଳରେ ଆମ ପୂର୍ବସ୍ଥାନରେ ଯାଇ ବସିଯାଉ । ସହପାଠୀମାନେ ଆମର ଏ କରିସ୍ମା ଦେଖି ଠରାଠରି ହୁଅନ୍ତି । ମୃଦୁ ହସର ଲହରିଟିଏ ଖେଳି ଯାଏ ଶ୍ରେଣୀ ଗୃହରେ । ବେଳେବେଳେ ଅଧ୍ୟାପକଙ୍କ ଦୃଷ୍ଟିରେ ପଡ଼ିଯାଏ, ଏ ଚପଳତା । ସେ ସତର୍କ କରାଇ ଦିଅନ୍ତି ।

ଦିନେ ଜଣେ ମଧ୍ୟ ବୟସ୍କା ଅଧ୍ୟାପିକା ଆମକୁ କେମିଷ୍ଟ୍ରି ପଢ଼ାଉଥାନ୍ତି । ନାଆଁଟା ଏବେ ମନେନାହିଁ । ଏହି ଅଧ୍ୟାପିକା ଜଣକ ବେଶ୍ ରୁଚି ସମ୍ପନ୍ନ ପୋଷାକ ପିନ୍ଧି କ୍ଲାସକୁ ଆସନ୍ତି । ସେ କ୍ଲାସକୁ ଆସିଲେ ଶ୍ରେଣୀ ଗୃହଟା ଅତର ବାସ୍ନାରେ ମହକି ଉଠେ । ଯୁବ ବୟସ ଆମର । ଆମେ ସେ ଅପୂର୍ବ ବାସ୍ନାରେ ଆମୋଦିତ ହେବା ସ୍ୱାଭାବିକ । କିନ୍ତୁ କଡ଼ା ସ୍ୱଭାବର ଏହି ଅଧ୍ୟାପିକା ଜଣକ, କୌଣସି ପ୍ରକାର ବିଶୃଙ୍ଖଳାକୁ ପ୍ରଶ୍ରୟ ଦିଅନ୍ତି ନାହିଁ । କ୍ଲାସକୁ ଆସିବାର ପ୍ରଥମ ଦିନରୁ ହିଁ ସେ ଆମକୁ ସତର୍କ କରାଇ ଦେଇଥାନ୍ତି । ସେଦିନ କ୍ଲାସରେ, ସେ ବିଭିନ୍ନ ପଦାର୍ଥର ଗଠନର ଅଭିବ୍ୟକ୍ତି ବ୍ଲାକ୍‌ବୋର୍ଡରେ ଉଲ୍ଲେଖ କରୁଥାନ୍ତି ! ଏହି ସମୟରେ ଜଗନ୍ନାଥକୁ ଛିଙ୍କ ଲାଗିଲା । ଛିଙ୍କିଲେ କାଳେ ଅଧ୍ୟାପିକା ଜଣକ ଭିନ୍ନ ଦୃଷ୍ଟିରେ ନେବେ, ଏହି ଭୟରେ ସେ ଚାପିବାକୁ ଚେଷ୍ଟାକଲା-ମୁହଁରେ ହାତଦେଇ । କିନ୍ତୁ ପାରିଲା ନାହିଁ । ବରଂ ଦି'ଗୁଣ ବେଗରେ ଛିଙ୍କଟି ବିସ୍ଫୋରିତ ହେଲା- ହାଁ...ଛିଉଁ.....ବିରାଟ ଶବ୍ଦରେ । ଜଗନ୍ନାଥ ଏତେ ଜୋରରେ ଛିଙ୍କିଲା ଯେ ଅସତର୍କ ଅଧ୍ୟାପିକାଙ୍କ ହାତରୁ ଚକ୍ ଖଣ୍ଡିକ ଖସି ପଡ଼ିଲା । ତା ପରେ ଚାପା ହାସ୍ୟରୋଳଟିଏ ଖେଳିଗଲା ଶ୍ରେଣୀଗୃହ ମଧ୍ୟରେ ।

ଅଧ୍ୟାପିକା ଜଣକ ଶ୍ରେଣୀକୁ ପଛକରି ଠିଆହୋଇ ଲେଖୁଥିଲେ । କିଏ ପ୍ରକୃତରେ ଛିଙ୍କିଲା, ସେ ଠଉରାଇ ପାରିଲେ ନାହିଁ । କେହି ପିଲା ବି କାହା ନାଆଁ ବତେଇଲେ ନାହିଁ । ଅପମାନିତା ଅଧ୍ୟାପିକା ଜଣକ ସେଦିନ କ୍ଲାସଛାଡି ଚାଲି ଯାଇଥିଲେ । ବାସ୍ତବରେ ଅଧ୍ୟାପିକା ଜଣଙ୍କୁ ଅପମାନିତ କରିବାର ଇଚ୍ଛା ନେଇ ଜଗନ୍ନାଥ ଛିଙ୍କି ନଥିଲା ସେଦିନ । ବରଂ ତାକୁ ଚାପିରଖିବାକୁ ଚେଷ୍ଟା କରିବାରୁ ଛିଙ୍କ ଶବ୍ଦ ଏତେ ପ୍ରଚଣ୍ଡ ହେଲା । ଆଉ ଯୁବ ସୁଲଭ ଚପଳତାର ବଶବର୍ତ୍ତୀ ହୋଇ ଜଗନ୍ନାଥ ନିଜେ ଛିଙ୍କିଛି ବୋଲି କହିପାରିଲା ନା ଅନ୍ୟକେହି ଜଣେ ସତକଥା କହିବାକୁ ଭରସି ପାରିଲେ । କେବଳ ଛିଙ୍କନୁହେଁ, ହେକୁଟି ମାରିବାରେ ଜଗନ୍ନାଥ ବି ଥିଲା ଅନନ୍ୟ । ହେକୁଟି କେବେ କେମିତି ମାରିଲେ, ତା ପରେ ହେଉଟି ଉଚ୍ଚାରଣ କରିବା ଥିଲା ତାର ଏକ ଅଭ୍ୟାସ । ଏଇ ମଫସଲି ଟୋକାଟାର ଏତାଦୃଶ ଅଭ୍ୟାସ ଗୁଡ଼ିକ କ୍ଲାସରେ ହାସ୍ୟରସ ସୃଷ୍ଟିକରୁଥିଲା । ଖୋଲା ମନ, ଉଚ୍ଛୁଳା ହୃଦୟ, ଯୁବ ସୁଲଭ ଚପଳତା ହସଖୁସିକୁ ଆମନ୍ତ୍ରଣ କରୁଥିଲା ସଦାସର୍ବଦା ।

Digitized by srujanika@gmail.com

ନୂଆ ନୂଆ କ୍ଲାସ ଆରମ୍ଭ ହେଉଥାଏ । ଦିନେ ଅଧାରୁ କ୍ଲାସ ସସ୍‌ପେଣ୍ଡ ହୋଇଗଲା । କ୍ଲାସ୍ ସବୁ ବାତିଲ ମାନେ ମଜା କରିବା ପାଇଁ ସମୟ ମିଳିଗଲା । ବିଜେବି କଲେଜଠାରୁ ଅନତି ଦୂର ଏକ ନୟରରେ ଜଗନ୍ନାଥ ରହେ । ତା ସମ୍ପର୍କୀୟ ଘନ ଭାଇନା ଘରେ ସେ ରୁହେ । ତାର ଆଉଜଣେ ସମ୍ପର୍କୀୟ ବୈକୁଣ୍ଠ ଭାଇନା ମଧ୍ୟ ଦୁଇ ତିନିଟା କ୍ୱାଟର ଛଡ଼ାରେ ରହନ୍ତି । ପିଲାଛୁଆ ତାଙ୍କର ଘରକୁ ଯାଇଥାନ୍ତି ଆଉ ବୈକୁଣ୍ଠ ଭାଇନା ଅଫିସକୁ । ନିରୋଳାରେ ବସି ପଢ଼ିବା ପାଇଁ ଜଗନ୍ନାଥକୁ ସେ ଘର ଚାବିଟି ଦେଇଥାନ୍ତି । ତାଙ୍କ ବାଡ଼ିରେ ଗୋଟିଏ ବରକୋଳି ଗଛଥାଏ । ତାହା ଦେଶୀ କୋଳି ନୁହେଁ, ନଡ଼ିଆ କୋଳି । ଗେଟ୍‌ରେ ତାଲା ପଡ଼େ । ତେଣୁ ଅନ୍ୟ କେହି ବାଡ଼ିରେ ପଶି କୋଳି ତୋଳିବାର ଉପାୟ ନଥାଏ । ଜଗନ୍ନାଥର ପ୍ରସ୍ତାବରେ ଆମେ ତିନିଜଣ କୋଳି ଖାଇବା ପାଇଁ ବାହାରିଲୁ । ସାଙ୍ଗରେ ଆଉଜଣେ ସହପାଠୀ 'କୁରୁପା' ଆମ ସହିତ ବାହାରିଲା ।

କୁରୁପାଟା ଦେଖିବାକୁ କଳା ଭୁଷୁଣ୍ଡାଟାଏ । ତେଣୁ ଏଇ ଅଳ୍ପ କେଇଦିନର ବନ୍ଧୁତା ଭିତରେ ଆମେ ତାହାସହ ଥଟ୍ଟାମଜା କରୁଥିଲୁ । ସେ ଜଣେକୁ ଆମେ ତିନିଜଣ । ତେଣୁ ସହିଯାଏ । ହାତ ପାହାନ୍ତାରେ ପାଚିଲା କୋଳି ନଥାଏ । କୁରୁପା ମାଙ୍କଡ଼ଟିଏ ଭଳି କୋଳି ଗଛକୁ ଏକା ଖେପାକେ ଚଢ଼ିଗଲା । ଜଗନ୍ନାଥ ଅବଶ୍ୟ ଚଢ଼ିବା ପାଇଁ ଚେଷ୍ଟାକଲା, ପାରିଲା ନାହିଁ । କୁରୁପା, ମନଇଚ୍ଛା କୋଳିସବୁ ତୋଳି ଖାଉଥାଏ, ପକେଟରେ ରଖୁଥାଏ । ଆମେ ତିନିହେଁ ବିକଳହୋଇ ତାକୁ କୋଳି ତଳକୁ ପକେଇବା ପାଇଁ କହୁଥାଉ । କେତେବେଳେ ଇଚ୍ଛାହେଲେ, ଦି, ଚାରିଟା ପକେଇ ଦେଉଥାଏ ନଇଲେ ନାଇଁ ।

ପେଟେ କୋଳି ଖାଇ ସାରିଲା ପରେ ଯାଇ ଦିଚାରିଟା ଡ଼ାଳ ଜୋରରେ ହଲାଇ ଦେଲା । ପାଚିଲା, ଦରପାଚିଲା କୋଳିଗୁଡ଼ାଏ ତଳକୁ ଗଳି ପଡିଲା । ଆମେ ଗୋଟାଇ ଖାଇବାକୁ ଲାଗିଲୁ । କୁରୁପା ବି ଗଛରୁ ଓହ୍ଲାଇ ଆସି ଆମ ସହିତ ଯୋଗ ଦେଲା । ସେତେବେଳକୁ ତାକୁ ପାନେ ଦେବା ପାଇଁ ମନେମନେ ଆମେ ଯୋଜନା କରୁଥାଉ । ଗୁଡ଼ାଏ କୋଳି ଖାଇଦେବା ଫଳରେ କୁରୁପାକୁ ଝାଡ଼ା ଲାଗିଲା । ଝାଡ଼ା ଯିବା ପାଇଁ ସେ ବ୍ୟସ୍ତ ହେଲା, ବ୍ୟସ୍ତ ତ ନୁହେଁ ଯାହା କହନ୍ତି ଅତରଛିଆ । ପାଇଖାନା କ୍ୱାଟରଭିତରେ । ଆଉ ଚାବି ଜଗନ୍ନାଥ ପାଖରେ । ସେ ବିକଳ ହେଉଥାଏ ଚାବି ଖୋଲିଦେବା ପାଇଁ । କାଳେ ବୈକୁଣ୍ଠଭାଇନାଙ୍କ ବାଡ଼ିରେ ହଗିଦେବ, ଏଇ ଆଶଙ୍କାରେ ଆମ ଅନୁରୋଧରେ ଜଗନ୍ନାଥ କବାଟ ଖୋଲିଦେଲା । ଆଉ ଏକା ନିଶ୍ୱାସକେ କୁରୁପା ଦୌଡ଼ିଲା ପାଇଖାନାକୁ ।

Digitized by srujanika@gmail.com

ତାର ଅବର୍ତ୍ତମାନରେ, ତା ବିରୋଧରେ ଯୋଜନାଟିଏ ଠିକ୍ ହୋଇଗଲା ଆମ ଭିତରେ । କୋଳିଗୁଡ଼ାଏ ଖାଇଦେଇ ଥିବାରୁ ପେଟ କାଟି ଝାଡ଼ା ଲାଗୁଥିଲା ତାକୁ । ବର୍ତ୍ତମାନ ପେଟ ସଫା ହୋଇଯିବାରୁ ସ୍ୱସ୍ତିରେ ନିଶ୍ୱାସ ନେଇ ପେଣ୍ଟର ବୋତାମଗୁଡ଼ିକ ଦେଉଥାଏ । ହଠାତ୍ ଜଗନ୍ନାଥ ଯାଇ ତାର ଦୁଇ ହାତକୁ ପଛକୁ ନେଇ ଭିଡି ଧରିଲା । ଗୋବିନ୍ଦ କୁରୁପା ବନ୍ଦ କରିଥିବା ବୋତାମଗୁଡ଼ିକୁ ଖୋଲିବାକୁ ଲାଗିଲା ।

କୁରୁପା ଡ଼ରିଯାଇ ପଚାରିଲା, ଏ କଣ ହେଉଛି ? ମନରେ ତାର ଛନକା ପଶିଲା ଆମ ଉଦ୍ଦେଶ୍ୟକୁ ନେଇ । "ତୋତେ ଲଙ୍ଗଳା ହୋଇ ଆମ ସାମ୍ନାରେ ନାଚିବାକୁ ପଡ଼ିବ", ଗୋବିନ୍ଦ କହିଲା । କୁରୁପାଟା ବଳୁଆଟାଏ । ଗୋଟେ ଝିଙ୍କାରେ ସେ ହାତ ଛଡ଼େଇ ଆଣି ଗୋବିନ୍ଦକୁ ପ୍ରତିରୋଧ କରିବାକୁ ଲାଗିଲା । ମୁଁ ବି ଗୋବିନ୍ଦକୁ ସାହାଯ୍ୟ କରୁଥାଏ । ତଥାପି ଆମେ ଦୁଇଜଣ ପାରୁନଥାଉ । ଅଗଣାରେ ପନିକଟିଏ ଥୁଆ ହୋଇଥିଲା । ଜଗନ୍ନାଥ ତାକୁ ଉଞ୍ଚାଇ ଧରି ହାଣିଦେବ ବୋଲି ଧମକ ଦେଲା । ସେ ଏମିତି ସୁନ୍ଦର ଅଭିନୟ କଲାଯେ, କୁରୁପା ଡରିଗଲା । କାନ୍ଦି କାନ୍ଦି ସେ କହୁଥାଏ, ପାଟିକରି ସମସ୍ତଙ୍କୁ ଡାକିବି । ତମେ ସବୁ ଖରାପ ପିଲା । ଜାଣିଥିଲେ ଆସିନଥାନ୍ତି ଜମାରୁ । ଉଁଉ...ଉଉଁ.....ଉଉଁଉଁ.... । ସେ କାନ୍ଦୁଥାଏ ।

କଣ କହିଲୁ, ଡାକିବୁ ! ତା ଆଖିରୁ ଧାର ଧାର ଲୁହ ଗଡ଼ି ପଡୁଥାଏ । ଡରିଯାଇ ଭୟରେ ଆସ୍ତେ ଆସ୍ତେ କାନ୍ଦୁଥାଏ...ଉଁଉଁଉଁ..ଉଉଁଉ.... ।

ଗୋବିନ୍ଦ କହିଲା, କାହିଁ ମାଙ୍କଡ଼ଟାଏ ଭଳି ଗଛକୁ ଚଢ଼ି କୋଳି ଖାଇଲା ବେଳେ ଆମ କଥାତ ଭାବୁନଥିଲୁ ? ଆମେ କୋକିଶିଆଳ ଭଳି ତଳେ ଠିଆ ହୋଇଥାଉ । ଏବେ ତୋତେ ଆମେ ଦୟା ଦେଖେଇବୁ କାହିଁକି ? ତୁ ଅଲବତ୍ ନାଚିବୁ । ଲଙ୍ଗଳା ହୋଇ ନାଚିବୁ । ତୋର ଗୋଟାଏ ଫଟ ନିଆଯିବ ତୁ ନାଚିଲା ବେଳେ । ଆରେ ଜଗା ! ବୈକୁଣ୍ଠ ଭାଇନା ଘରୁ କ୍ୟାମେରାଟା ଆଣିଲୁ ?

କୁରୁପା ବିକଳ ହୋଇ କହିଲା, ଏବେ ନଉନୁ ସବୁ କୋଳି ! ପେଣ୍ଟ ପକେଟ ଦୁଇଟିକୁ ସେ ଦେଖେଇ ଦେଲା ଗୋବିନ୍ଦ ଆଡ଼କୁ । ଦି ପକେଟରେ ସେ କୋଳି ସବୁ ଭର୍ତ୍ତି କରିଥାଏ । ଗୋବିନ୍ଦ ଓ ମୁଁ ମିଶି ତା ପକେଟ ଦୁଇଟିରୁ କୋଳିସବୁ ବାହାର କଲୁ । ପ୍ରାୟ ଦୁଇ ଆଞ୍ଜୁଳା କୋଳି । ପାଚିଲା ପାଚିଲା କୋଳି ସବୁତକ । ଶଳା ଆମକୁ କଞ୍ଚା ତକ ଦେଇ ପାଚିଲା ଖାଉଥିଲା- ଗୋବିନ୍ଦ କହିଲା । କାଲେ କୁରୁପା ଚିଲେଇବ, ପାଖ

Digitized by srujanika@gmail.com

ସାଇପଡ଼ିଶା ସବୁକଥା ଜାଣିବେ ଏହି ଭୟରେ ତୁରନ୍ତ କୁରୁପାକୁ ମୁକ୍ତ କରି ଦିଆଗଲା । ମୁକ୍ତି ମାତ୍ରେକେ ସେ ଆମ ସାଙ୍ଗ ଛାଡ଼ି ପଳାଇଲା । କଲେଜରେ ଦେଖା ହେଲେ ବି ସେ ଆମକୁ କରଛଡ଼ା ଦେଲା ଅନେକ ଦିନ ପର୍ଯ୍ୟନ୍ତ । କେମିତି ବିଶ୍ୱାସକୁ ନେଇଥାନ୍ତା ଆମକୁ ? କୋଳିତକ ତାଠୁ ଛଡ଼େଇ ଖାଇଲୁ । ପୁଣି କାଳିଆ ଭୂଆଟାକୁ ଲଙ୍ଗଳା କରି ନଚାଇ ଥାନ୍ତୁ ଆମ ଆଗରେ । ମନେମନେ ସେ ଭାବିଥିବ, ଏ ଗୁଡ଼ାକଠୁ ଦୂରେଇ ରହିବା ମଙ୍ଗଳ । ସଇତାନଗୁଡ଼ାକ !

ଏ ଘଟଣାରେ ଅନେକ ଦିନ ପରେ, ଥରେ କୁରୁପା ସହିତ ମୋର ଦେଖା ହୋଇଥିଲା ଏକ ନମ୍ବର ହାଟରେ । ସଙ୍ଗରେ ଥିଲା ତାର ସ୍ତ୍ରୀ – ସୁନ୍ଦରୀ, ସୁଦର୍ଶନା ମଧ୍ୟବୟସ୍କା ନାରୀଟିଏ । ଏବେ ଭୁବନେଶ୍ୱରରେ ଇଂଜିନିଅର ଭାବରେ ପୋଷ୍ଟିଂ ହୋଇଛି ବୋଲି ମୋତେ କହିଲା । କନ୍ୟାର ପିତାମାତା ବରର ରୂପ ଦେଖନ୍ତି ନାହିଁ, ଦେଖନ୍ତି ପ୍ରତିଷ୍ଠା । ତେଣୁ କୁରୁପାର ଘରଣୀଟି ସୁନ୍ଦରୀ ରୂପବତୀ ହୋଇଥିବାରୁ ସେଥିରେ ମୋର କିଛି ଆଶ୍ଚର୍ଯ୍ୟ ହେବାର ନଥିଲା । କୋଠାବାଡ଼ି, ଧନ-ଦୌଲତ ସହିତ ସୁନ୍ଦରୀ ସ୍ତ୍ରୀ, ପିଲାଛୁଆ ଧରି କୁରୁପା ସୁଖରେ ଥାଉ । ଆଉ ଆମକଥା ମନେପକାଇ ଆମକୁ ଗାଳି ବି ଦେଉଥାଉ, ଏଇ କଥା ମନେପକାଇ ସେଦିନ ଆମୋଦିତ ହୋଇଥିଲି । କାଳେ ସେ ଦିନର କଥା ଉଖୁରାଇବିକିଆଉ ଏଇ କଥା ଭାବି, କାମଅଛି ବୋଲି କହି ସେ ତରତର ହୋଇ ଦୂରେଇ ଗଲା ମୋଠୁ ।

କଲେଜରେ କୁରୁପା ଆମ ଛାଇ ମାଡୁନଥାଏ । ଲୁଚି ଲୁଚି ବୁଲୁଥାଏ ଆମକୁ । ଦିନେ କଲେଜ ନୋଟିସ୍ ବୋର୍ଡରେ ନୋଟିସ୍ ବାହାରିଲା । କଲେଜରେ ନାଟକ ପରିବେଷଣ କରାଯିବ; ଏହାର ବାର୍ଷିକ ଉତ୍ସବ ଦିନ । ଯେଉଁମାନେ ପାର୍ଟ କରିବା ପାଇଁ ଆଗ୍ରହୀ, ସେମାନେ ଡ୍ରାମା ବିଭାଗ ସେକ୍ରେଟାରୀଙ୍କ ପାଖରେ ସେମାନଙ୍କର ନାମ ଦରଜ କରିବା ପାଇଁ କୁହାଯାଇଥିଲା । ଜଗନ୍ନାଥର ଅଭିନୟ କରିବାରେ ପୂର୍ବରୁ ଅଭିଜ୍ଞତା ଥିଲା । ହାଇସ୍କୁଲରେ ସେ ଅଭିନୟ କରିଥିଲା । ମାତ୍ର ମୋର ଆଦୌ ଅଭିଜ୍ଞତା ନଥିଲା । ଜଗନ୍ନାଥ ନାଆଁ ଦେବାରୁ ତା ପରାମର୍ଶରେ ମୁଁ ବି ଦେଇଦେଲି ।

ନାଟକଟିର ନିର୍ଦ୍ଦେଶନା ଦେଉଥାନ୍ତି କୃଷି ମହାବିଦ୍ୟାଳୟର ଆର୍ଟିଷ୍ଟ ପ୍ରମୋଦ ମହାପାତ୍ର । ସେ ଜଣେ ଖୁବ୍ ଉଚ୍ଚ କୋଟିର ନିର୍ଦ୍ଦେଶକ ଥିଲେ । ଏହା ଛଡ଼ା ସେ ମୋର ଜଣେ ସମ୍ପର୍କୀୟ । ତେଣୁ ରୋଲଟିଏ ମିଳିଗଲା । ଜଗନ୍ନାଥ ଓ ମୋତେ ଦୁଇଜଣଙ୍କୁ ଚାକର ରୋଲ୍ ମିଳିଲା । କିଛିଦିନ ରିହାର୍ସାଲ ପରେ ବାଞ୍ଛିତ ମୁହୂର୍ତ୍ତଟି ଆସି ଉପସ୍ଥିତ ହେଲା ।

Digitized by srujanika@gmail.com

ଭରପୂର ଦର୍ଶକ ମଣ୍ଡଳି । ଦେଖିଦେଲା ମାତ୍ରେ ମୋ ହଲକ ଶୁଖିଗଲା । ସେଥିରେ ପୁଣି ସ୍ପଟ ଲାଇଟଟି ମୋ ମୁହଁରେ ପଡ଼ିଥାଏ ଏବଂ ଚକ୍ରାକାରରେ ବୁଲୁଥାଏ । ଆଉ ତା ସହିତ ତାଳ ଦେଇ ମୋ ମଗଜଟିବି ଘୂରିବାକୁ ଲାଗିଲା । ଯେଉଁ ସଂଳାପଗୁଡ଼ିକ ମୁଖସ୍ଥ କରି ଯାଇଥିଲି କିଛି ମନେ ପଡିଲା ନାହିଁ । ଝାଡୁଟାଏ ଧରି ମୁଁ କେବଳ ଷ୍ଟେଜଟିକୁ ଏ ମୁଣ୍ଡ ସେ ମୁଣ୍ଡ ଓଳାଉଥାଏ । ଏଣେ ନିର୍ଦ୍ଦେଶକ ମହୋଦୟ ବି ମୁଁ ପ୍ରମ୍ପଟିଙ୍ଗ୍ ଧରି ପାରୁନଥିବାରୁ ରାଗରେ ଦାନ୍ତ କଡ଼ମଡ଼ କରୁଥାନ୍ତି । ତାଙ୍କର ଏ ରୂପ ଦେଖି, ମୁଁ ଆଉ କାଳ ବିଳମ୍ବ ନ କରି ପ୍ରସ୍ଥାନ ଦ୍ୱାର ଦେଇ ଚମ୍ପଟ ମାରିଲି ଯେ ଷ୍ଟେଜଛାଡି ସିଧା ଘରକୁ । ପଛରୁ ତାଳି ଶୁଭୁଥାଏ । ହାସ୍ୟରୋଳ ବି । ସେଇ ଦିନଠାରୁ ଜୀବନରେ କେବେବି ମୁଁ ଆଉ କୌଣସି ନାଟକରେ ଅଭିନୟ କରିବାକୁ ଦୁଃସାହସ କରିନାହିଁ ।

ଅବଶ୍ୟ ସେହି ଦୃଶ୍ୟରେ ଜଗନ୍ନାଥର ଅଭିନୟ ଥିବାରୁ ସେ ଚମତ୍କାର ଅଭିନୟ କରି ସବୁକିଛି ଚଳେଇ ନେଲା । ଦର୍ଶକମାନେ ବି ଭାବିଲେ ବୋଧହୁଏ, ମୋର ଅଭିନୟ ସେଇତକରେ ସୀମାବଦ୍ଧ । କିନ୍ତୁ ମୁଁ ଯେମିତି ଛାନିଆରେ ପଳାଇଲି, ମୋର ମୁଖଭଙ୍ଗୀ, ପଳାୟନର ଠାଣି ଇତ୍ୟାଦି ଦେଖି ଦର୍ଶକ ଆନନ୍ଦରେ କୁଆଡ଼େ ତାଳି ମାରିଲେ ବୋଲି ପରେ ଦର୍ଶକ କେତେଜଣଙ୍କଠାରୁ ଶୁଣିଲି । ଏମିତି ବେଳେବେଳେ ହୁଏ । ବ୍ୟର୍ଥତାକୁ ସଫଳତା ବୋଲି ମନେକରାଯାଏ, ଯଦି ଈଶ୍ୱରଙ୍କର କରୁଣା ଥାଏ ଅନ୍ତରାଳରେ । ଇଂରେଜ ଶାସନର ପ୍ରବକ୍ତା ଲର୍ଡ କ୍ଲାଇବ୍ ତାଙ୍କ ସୈନିକ ଜୀବନରେ ଦିନେ ହତାଶ ହୋଇ ତାଙ୍କ ନିଜ ଉପରକୁ ଗୁଳିଚଳାଇ ଥିଲେ । ଯଦି ସେ ସେଦିନ ମରିଥାନ୍ତେ ଇତିହାସ ହୋଇଥାନ୍ତା ଭିନ୍ନ ପ୍ରକାରର ।

ଅବଲୀଳା କ୍ରମେ ହେଉ ବା ବଂଧୁଦ୍ୱର ଆକର୍ଷଣରେ ହେଉ, କେତେଗୁଡିଏ ଅନିବାର୍ଯ୍ୟ କାରଣବଶତଃ ମୁ ନନାଙ୍କଠାରୁ ଦୂରେଇ ଆସିଲି ଆଉ ଜଗନ୍ନାଥ ବି ଘନଭାଇନାଙ୍କଠାରୁ ଦୂରେଇ ଆସିଲା । ଆମେ ଦୁହେଁ ଟଙ୍କପାଣି ଆଶ୍ରମରେ ଥିବା ଧାଡ଼ିଏ ଆଜବେଷ୍ଟସ ଘର ମଧ୍ୟରୁ ଛୋଟିଆ ବଖୁରିଏ ଭଡ଼ା ନେଇ ରହିଲୁ । ଆମ ସାମ୍ନାରୁମ୍‌ରେ ବଟବାବୁ ବୋଲି ଜଣେ ଯୁବକ ରହୁଥାନ୍ତି । କେଉଁ ଏକ କଣ୍ଟ୍ରାକ୍ଟର ପାଖରେ ସେ ଚାକିରି କରନ୍ତି ।

ଜଗନ୍ନାଥ ଓ ମୁଁ ହାତରେ ରୋଷେଇ କରୁ । ଜଗନ୍ନାଥଟା ମାଧିଆଟାଏ । ତାକୁ ଆଦୌ ରୋଷେଇ ଆସେନାହିଁ । ମାତ୍ର ସାହାଯ୍ୟ କରେ । ପାଣି ଯୋଗାଇ ଦିଏ । ବାସନ ମାଜିଦିଏ । ଚାଉଳ, ପରିବା, ଡାଲି ଇତ୍ୟାଦି ଧୋଇଦିଏ । ଗପସପ, ଖୁସିମଜା ଭିତର ଦେଇ ରୋଷେଇ ସରିଯାଏ । ଜଣାପଡ଼େ ନାହିଁ ।

Digitized by srujanika@gmail.com

ଏଣେ ବଟବାବୁ ଏକୁଟିଆ ଲୋକ । ଦିନ ଆଠଟା ସୁଦ୍ଧା କାମରେ ବାହାରିଯାନ୍ତି । ତେଣୁ ସକାଳ ରୋଷେଇ ପାଇଁ ବେଳନଥାଏ । ରାତିରୁ ପଖାଳ କରି ରଖିଦେଇ ଥାନ୍ତି । ଆଳୁ ଚକଟି ପଖାଳ ଖାଇ, କାମରେ ବାହାରିଯାନ୍ତି । ମନହେଲେ, ସମୟଥିଲେ, ଭଜା-ଭଜି ଟିକିଏ ବନେଇ ଦିଅନ୍ତି । ରାତିରେ ପରଟା ଆଉ ଡାଲମା କରି ଖାଆନ୍ତି । ରବିବାରଟି ଛୁଟିଦିନ ଥିବାରୁ ମାଛ କିମ୍ବା ମାଂସ ତରକାରୀ କରନ୍ତି । ତେବେ ଅଧିକାଂଶ ରବିବାରରେ ସେ ନିଜ ଗାଁକୁ ଯାଆନ୍ତି । ଯେଉଁ ଦିନ ସେ ମାଂସ ରାନ୍ଧନ୍ତି, ଜଗନ୍ନାଥଟାର ମନ କେଉଁଥିରେ ନଥାଏ । ସେ ଖାଲି ଲୋଭରେ ଆଉଟୁପାଉଟୁ ହେଉଥାଏ । କିନ୍ତୁ ହାୟ, ବଟବାବୁଙ୍କ ନଜରରେ ତାହା ପଡ଼େ ନାହିଁ । ପଡିଲେ ବି, ଭାଗ ଦେବାକୁ ସେ ଉଚିତ ମଣନ୍ତି ନାହିଁ । ଆଉ ମୁଁ ଥିଲି, ସମ୍ପୂର୍ଣ୍ଣ ନିରାମିଷାସୀ । ତେଣୁ ମାଛ, ମାଂସ ରୋଷେଇ ହେଉନଥିଲା ।

ଦାନା ଗଣ୍ଡାଏ ଯୋଗାଡ଼ ପାଁଇ, ବାଧ ହୋଇ କଲେଜ ଛାଡ଼ି ବିନ୍ଦୁସାଗର କୂଳରେ ଥିବା ସଂସ୍କୃତ ଟୋଲରେ ମୁଁ ଗଣିତ ଆଉ ଇଂରାଜୀ ଶିକ୍ଷକ ଭାବରେ ଯୋଗଦେଇଥିଲି । ଜଗନ୍ନାଥ ବି.ଜେ.ବି. କଲେଜରେ ପଢ଼ା ଅବ୍ୟାହତ ରଖିଥାଏ । ସଂଧ୍ୟା ପୂର୍ବରୁ ସେ ଫେରିଆସେ । ଦି ଜଣ ମିଶି ରାତି ରୋଷେଇ ସାରିଦେଉ । ଜଗନ୍ନାଥ ପଢ଼ାପଢ଼ିରେ ଲାଗିଯାଏ । ରାତି ଦଶଟା, ସାଢ଼େ ଦଶଟା ବେଳକୁ ଖାଇଦେଇ ଶୋଇପଡୁ ।

ଏହି ନିତିଦିନିଆ ରୁଟିନ୍ ଲାଇଫ୍‌ରେ ଦିନେ ବ୍ୟତିକ୍ରମ ଦେଖାଗଲା । ଜଗନ୍ନାଥ ରାତି ନଅଟା ବେଳକୁ ଫେରିଲା । ମୁଁ ରୋଷେଇ ସାରି ଦେଇଥାଏ । ଡେରିର କାରଣ ପଚାରିଲି । ହସିଦେଲା, ଉତ୍ତର ଦେଲାନାହିଁ । ଭାବିଲି, ହୁଏତ ସିନେମା ଯାଇଥିବ କାହାସହିତ ମିଶି । ଖରାପ ଭାବି ବି ବୋଲି ଲୁଚଉଛି । ତହିଁ ପରଦିନ ବି ଠିକ୍ ସେଇକଥା । ପଚାରିଲେ କିଛି ସଠିକ ଉତ୍ତର ଦେଉନଥାଏ । ଯାହା ବା ସେ କୈଫିୟତ ଦେଉଥାଏ ବାଧବାଧକତାରେ, ତାର କୌଣସି ଯଥାର୍ଥତା ନଥାଏ, କିମ୍ବା ବିଶ୍ବାସଯୋଗ୍ୟ ବି ହେଉନଥାଏ । ଆସ୍ତେଆସ୍ତେ ମନରେ ବିରକ୍ତି, ସନ୍ଦେହ ଇତ୍ୟାଦି ମାନବିକ ପ୍ରବୃତ୍ତି ଦେଖା ଦେଲା ମୋଠାରେ । ଏତେ ଦିନର ନିବିଡ଼ ବଂଧୁତ୍ୱ ଭିତରେ କାହିଁ କେଉଁଠି ଫାଟଟିଏ ସୃଷ୍ଟିହେଲା । ଆଉ ଅଦିନିଆ ଏଇ ତୋଫାନରେ ମୁଁ ଅସ୍ତବ୍ୟସ୍ତ ହୋଇ ଦିନେ ରୋଷେଇ ନ କରି ସେ ଆସିବାର ଠିକ୍ ପୂର୍ବରୁ ସପ ଖଣ୍ଡିଏ ପାରି ଶୋଇବାର ବାହାନା କଲି ।

ଜଗନ୍ନାଥ ଫେରି ଦେଖିଲା, ମୁଁ ରୋଷେଇବାସ ନ କରି ଶୋଇଛି । ସେ ସବୁ କଥା ବୁଝିଗଲା, ବୁଝି ଗଲା ବି ମୋ ଅଭିମାନର ଉଦ୍ଦେଶ୍ୟ । ଏଣେ ତାକୁ ରୋଷେଇ ଆସେ ନାହିଁ । କିଛି ଉପାୟ ନ ପାଇ, ମୋ ପାଖରେ ଶୋଇଗଲା ତକିଆ ଖଣ୍ଡିଏ ପକେଇ ।

Digitized by srujanika@gmail.com

ଜଗନ୍ନାଥର ଏପରି ଆଚରଣକୁ ବି ବଟବାବୁ ପସନ୍ଦ କରୁନଥାନ୍ତି । ତାପରେ କାହିଁକି କେଜାଣି ଜଗନ୍ନାଥଠୁଁ ସେ ମୋତେ ଅଧିକ ପସନ୍ଦ କରୁଥିଲେ । ସେଦିନ ରାତିରେ ସେ ନିଜପାଇଁ ପରଟା କଲାବେଳେ ମୋ ପାଇଁ ଅଧିକ ଚାରିଖଣ୍ଡ ପରଟା କରି ଖାଇଲା ବେଳେ ଚୁପ୍‌ଚାପ୍ ସେ ମୋତେ ଡାକିନେଲେ ।

ଆମେ ଦୁଇଜଣ ଏକତ୍ର ବସି ଖାଇବା ପାଇଁ ଉପକ୍ରମ କରୁଛୁ, ଅଭାବନୀୟ ଘଟଣାଟିଏ ଘଟିଲା ଆମ ଦୁଇଜଣକୁ ସ୍ତମ୍ଭୀଭୂତ କରି । ଜଗନ୍ନାଥଟା ବେଳରୁ ଖାଦ୍ୟଲୋଭୀ । ଭୋକରେ ତା ପେଟ ଆଉଟୁପାଉଟୁ ହେଉଥାଏ । ସେ କେବଳ ଶୋଇବାର ବାହାନା କରୁଥିଲା । ଅନନ୍ତା ମାଙ୍କଡ଼ଟିଏ ଭଳି ଏକା ଡିଆଁକେ ଆସି ବସି ପଡ଼ିଲା ଆମ ପାଖରେ । ଆଉ କହୁଥାଏ, ତମେ ଦିଜଣ ସଲାସୁତୁରା ହେଇ ଖାଇବ ଆଉ ମୁଁ ଭୋକରେ ଶୋଇବି ? ପରଟା ଛିଡ଼େଇ ସେ ଗାଲୁଗାଲୁ କରି ଖାଇବାକୁ ଲାଗିଲା ଆଉ ଆଠଟାଯାକ ପରଟା ଏକୁଟିଆ ଖାଇ ଶେଷ କରିଦେଲା । ବଟବାବୁ ଆଉ ମୋ ପାଟିରୁ ବାକ୍ୟ ସ୍ଫୁରୁନଥାଏ । ଖାଇ ଦେଇ ଚୁପ୍‌ଚାପ୍ ଯାଇ ଶୋଇ ପଡ଼ିଲା । ଆମେ ଦିଜଣ ଭକୁଆ ହୋଇ ଅନାଇଥାଉ କେବଳ ।

ଅଗତ୍ୟା ଆଉଥରେ ମୁଁ ଅଟା ଦଳିଦେଲି । ବଟବାବୁ ଷ୍ଟୋଭ ଲଗାଇ ପୁଣି ପରଟା ତିଆରି କଲେ । ଜଗନ୍ନାଥ ନିଶ୍ଚିନ୍ତରେ ଶୋଇ ଘୁଙ୍ଗୁଡ଼ି ମାରୁଥାଏ । ବଟବାବୁ ଭାରି କ୍ଷୁବ୍ଧ ମନେହେଉଥାନ୍ତି । ମନେମନେ ହୁଏତ ଭାବୁଥିବେ- ଯାର ମୁଖେ ଲଜ୍ୟା ନାଏଁ, ତାକେ କି ବୋଲି ।

ବଟବାବୁ ସ୍ୱଭାବତଃ ଭାରି ସ୍ଥିର ପ୍ରକୃତିର ଲୋକ । ଯେତେ ମନେମନେ ବିରକ୍ତ ହେଲେ ବି, ମୁହଁ ଖୋଲି କିଛି କହନ୍ତି ନାହିଁ । ପୁଣି ସଂସାରୀ ଲୋକ । ଗାଁରୁ ଆଚାର, ଘି ପିଠା ଇତ୍ୟାଦି ବେଳେବେଳେ ଆଣନ୍ତି । ସେ ଦୁଆରେ ଗୋଟିଏ ଟିପା ଚାବି ପକାନ୍ତି । ଜଗନ୍ନାଥ ଗୋଟିଏ ହାତୁଡ଼ିରେ ତାକୁ ଟିକେ ଜୋରରେ ପିଟିଦେଲେ ତାହା ଖୋଲିଯାଏ । ପୁଣି ଟିପିଦେଲେ ଚାବିଟି ପୂର୍ବବତ୍ ବନ୍ଦହୋଇ ଯାଏ । ଏହି ସୁଯୋଗରେ ସେ ଚୋରେଇ ଖାଇଦିଏ । ବଟବାବୁ ବାରମ୍ବାର ପରିମାଣକୁ ନିଘା କରନ୍ତି । ତାଲାଟିକୁ ବି ପରୀକ୍ଷା କରନ୍ତି । ତାଲାଟି ଠିକ୍‌ଥାଏ ଦେଖି ଚୁପ୍ ରୁହନ୍ତି । ମନର ଭ୍ରମ ବୋଲି ହୁଏତ ମନେ କରନ୍ତି ।

ଦିନେ ଦିନେ ବଟବାବୁ ଡବା ଖୋଲି ଆରିଶା ପିଠା ଖାଇଲା ବେଳେ ଜଗନ୍ନାଥ କେଉଁଠି ଛପି ରହି ନିଘାରଖିଥାଏ, ହଠାତ୍ ଆସି ସାମ୍ନାରେ ହାଜର ହୋଇଯାଏ ଆଉ ଗୀତବୋଲେ-

Digitized by srujanika@gmail.com

ବଟବାବୁହୋ !.... କିଛି ମାଗୁନାଇଁ ମୁ ଆଉ ।

ଆରିଶା ପିଠାରୁ ଯୋଡ଼ିଏ ହେଉ....ବଟବାବୁହୋ,

କିଛି ମାଗୁନାଇଁ ମୁଁ ଆଉ ।

ଇଚ୍ଛା ନଥିଲେବି, ଅଗତ୍ୟା ବଟବାବୁଙ୍କୁ ଆରିଶା ପିଠାରୁ ଯୋଡ଼ିଏ ଦେବାକୁ ପଡ଼େ ଜଗନ୍ନାଥକୁ । ଦିନେ ବଟବାବୁ ନଥିଲା ବେଳେ, ତାଙ୍କ ଘରଖୋଲି କଂସାଏ ପଖାଳ ଆଉ ଭଜା ଖାଇଦେଲା । ରୋଷେଇ ଘର ଝରକାଟି ଖୋଲି ଦେଇଥାଏ । ଭାତ ହାଣ୍ଡିର ଢ଼ାଙ୍କୁଣିବି ବାହାର କରି ଦେଇଥାଏ । ବଟବାବୁ ଫେରିଲା ମାତ୍ରେ, ଜଗନ୍ନାଥ ସଫେଇ ଦେଲା, ବଣଭୁଆଟାଏ ଝରକା ଦେଇ ଯିବାର ସେ ଦେଖିଛି ।

ଏ ଘଟଣାର ଅଳ୍ପଦିନ ପରେ ବଟବାବୁ ଘରଛାଡ଼ି ଦେଲେ । ତା ପରେ ତାଙ୍କ ସହିତ ଆଉ ମୋର ଦେଖା ହୋଇନାହିଁ ।

ଯେଉଁ ଦିନ ଜଗନ୍ନାଥ ଜବରଦସ୍ତ ଆମପାଇଁ ଉଦ୍ଦିଷ୍ଟ ପରଟା ସବୁ ଖାଇଦେଲା, ତହିଁ ପରଦିନ ରାତିରେ ମୋର ବନ୍ଧୁ ଗୋବିନ୍ଦ ଆଉ ତାର ମଉସା ରାତିରେ ଆସି ମୋ ପାଖରେ ପହଞ୍ଚିଲେ । ଗୋବିନ୍ଦର ମଉସା ଜଣେ ଓ.ଏ.ଏସ. ଅଫିସର ଥିଲେ । ସେ ଡେରିରେ ବସାକୁ ଫେରନ୍ତି ଅଫିସକାମରେ ବ୍ୟସ୍ତରହି । କଲେଜର ଛୁଟି ମିଳିବା ପରେ, ଉଭୟ ଜଗନ୍ନାଥ ଆଉ ଗୋବିନ୍ଦ ଏଇ ମଉସାଙ୍କ ଘରେ ଚେସ୍ ଖେଳନ୍ତି । ଜଗନ୍ନାଥ ଏକଥା ମୋତେ ଲୁଚେଇ ଥାଏ । ଏଇ କଥାଟି ଆମ ବନ୍ଧୁତ୍ୱରେ ଅନ୍ତରାୟ ସୃଷ୍ଟି କରିଥିବାରୁ, ମଉସା ସେଦିନ ସେ ଦୁଇ ଜଣକ ଉପରେ ବିରକ୍ତି ପ୍ରକାଶ କରିଥିଲେ । ବନ୍ଧୁତ୍ୱର ଆକାଶରେ ଯେଉଁ କଳା ବାଦଲ ଖଣ୍ଡେ ହଠାତ୍ ଦେଖା ଦେଇଥିଲା, ଅପସରିଯିବାରୁ ଜୋସ୍ନା ପୁଣି ବିଚ୍ଛୁରିତ ହେବାକୁ ଲାଗିଲା-ଆମ ବନ୍ଧୁତ୍ୱର ।

ଅନ୍ନ ସଂଧାନରେ ମୋତେ ପ୍ରଥମେ ଚାକିରି କରିବାକୁ ପଡ଼ିଥିଲା । ଜଗନ୍ନାଥ ବି ସେମିତି ଜେନାପୁର ଡ଼ିଭିଜନରେ ଚାକିରି ପାଇ ଚାଲିଗଲା । ଗୋବିନ୍ଦ ବି ବୁର୍ଲାରେ ଯାଇ ଇଂଜିନିଅରିଂ ପଢ଼ିଲା । ମୁଁ ସଂସ୍କୃତ ଟୋଲଛାଡ଼ି ଭେଟେରିନାରୀ କଲେଜରେ ଲେବୋରିଟୋରୀ ଆସିଷ୍ଟାଣ୍ଡ ପଦବୀରେ ଜଏନ୍ କଲି । ସେଠାରେ ତିନିବର୍ଷ କଟାଇ ସଚିବାଳୟକୁ ପଳାଇ ଆସିଲି । ମୋ ବର୍ଷକ ପରେ, ଜଗନ୍ନାଥ ବି ସଚିବାଳୟରେ ଜଏନ୍ କଲା । ପୁଣି ଆମର ଛାତ୍ର ଜୀବନ ଆରମ୍ଭ ହେଲା ବିଜେବି ସାନ୍ଧ୍ୟ କଲେଜ୍‌ରେ ।

ପୂର୍ବରୁ ଆମ ସହପାଠୀ ଗୋବିନ୍ଦ ଓ କୁରୁପା ଇଂଜିନିଅରିଂ ପଢିବା ପାଇଁ ଯାଇ ସାରିଥିଲେ । କୈଶୋର ଅବସ୍ଥାରୁ ଯୁବାବସ୍ଥାରେ ପଦାର୍ପଣ ଜନିତ ଉଦ୍ଦାମତା ବି

Digitized by srujanika@gmail.com

ଆସ୍ତେଆସ୍ତେ ଉଣା ହୋଇ ଆସୁଥାଏ । ସଂସାର ବନ୍ଧନ ଭିତରକୁ ଧାପେଧାପେ ଅଗ୍ରସର ହେଉଥାଉ କେଉଁ ଏକ ମହାଶକ୍ତିର ପ୍ରଭାବରେ ।

ଏହି ସମୟରେ ଜଗନ୍ନାଥର ବିବାହ ପ୍ରସ୍ତାବଟିଏ ଆସିଲା । ଝିଅଟି ଗ୍ରାମ ସେବିକା ତାଲିମ କେନ୍ଦ୍ରରେ ଚାକିରି କରେ । ଜାତିରେ ବଙ୍ଗାଳୀ । ଜଗନ୍ନାଥ, ମୁଁ, ତାର ପିତୃପ୍ରତିମ ବଡ଼ଭାଇ, ସାନଭାଇ ତଥା ମଧ୍ୟସ୍ଥି ମିଶି ପାଞ୍ଚଜଣ ଝିଅ ଦେଖିବାକୁ ଗଲୁ । ଝିଅଟି ତାଲିମ କେନ୍ଦ୍ର ପରିସରରେ କ୍ୱାର୍ଟର ପାଇଥାଏ । ସେଇଠି ଝିଅଦେଖାର ଆୟୋଜନ ହୋଇଥାଏ । ଝିଅ ତରଫରୁ ଜଣେ ବଙ୍ଗୀୟ ମହିଳା ଉପସ୍ଥିତ ଥାଆନ୍ତି । ଦାମିକା ଶାଢ଼ି, ଗହଣା ପିନ୍ଧିଥିବାରୁ, ଗୋରା ତକତକ ଦେହରେ ତାଙ୍କୁ ଖୁବ୍ ମାନୁଥାଏ । ଏହି ସମୟରେ ଜଣେ ମହିଳା ଖାଦ୍ୟ ସାମଗ୍ରୀ ପରଷି ଦେଇଗଲେ । ଦାମିକା ଶାଢ଼ି ଆଉ ଗହଣା ପରିଧାନ କରିଥିବା ସେଇ ମହିଳା ଜଣଙ୍କ ଠାରି ଦେଲେ ଆମକୁ ଲକ୍ଷ୍ୟକରି ଆଉ ମହିଳା ଜଣକୁ ନିର୍ଦ୍ଦେଶ କରି । ଅର୍ଥାତ୍ ଏଇଟି ହେଉଛି ସେଇ ଝିଅ ଯାହାକୁ ଆମେ ଦେଖିବାକୁ ଆସିଛୁ ।

ପ୍ରଥମେତ ତାର ରୂପ ମୋର ପସନ୍ଦ ହେଲା ନାହିଁ । ଜଗନ୍ନାଥଠାରୁ ସେ ଅଧିକା ବୟସ୍କା ଜଣାଯାଉଥାଏ । କିନ୍ତୁ ଏ ବିଷୟରେ କେହି ପାଟି ଖୋଲୁନଥାନ୍ତି । ଜଗନ୍ନାଥ ବି ନିରବ ଥାଏ । ବୋଧହୁଏ, ବଡ଼ଭାଇ ଆଗରେ ମୁହଁ ଖୋଲିବାକୁ ଲାଜ କରୁଛି ବୋଲି ଭାବିନେଲି । ଖାଦ୍ୟ ପରଷୁଥିବା ମହିଳା ଅର୍ଥାତ୍ ସ୍ୱୟଂ ପ୍ରାର୍ଥିନୀଙ୍କୁ କେବେ କେଉଁ ମସିହାରେ ମାଟ୍ରିକ୍ ପାସ୍ କରିଛ ବୋଲି ପଚାରିଦେଲି ।

ପ୍ରାର୍ଥିନୀଟି ତତ୍‌କ୍ଷଣାତ୍ ହଡ଼ବଡ଼େଇ ଗଲା ମୋର ପ୍ରଶ୍ନ ଶୁଣି । ସେ କି ଉତ୍ତର ଦେବ ଭାବୁଛି, ସେଇ ଦାମିକା ଶାଢ଼ି ଆଉ ଗହଣା ପିନ୍ଧିଥିବା ମହିଳା ଜଣକ ହଠାତ୍ ଉତ୍‌କ୍ଷିପ୍ତ ହୋଇ ଉଠିଲେ ମୋ ଉପରକୁ । ମୋତେ ଶାସନ କଲା ଢଙ୍ଗରେ କହିଲେ - ଶୁଣ ପୁଅ । ତୁମେ ପିଲାଲୋକ । ଝିଅ ଦେଖାର ନିୟମ ତମକୁ ହୁଏତ ଜଣାନାହିଁ । ପୁଅ ପିଲାକୁ ଦରମା ବିଷୟରେ ପଚରାଯାଏ ନାହିଁ କି ଝିଅ ପିଲାକୁ ତା ବୟସ ବିଷୟରେ ।

ମୋ ସମ୍ପର୍କରେ ସେ ଯେଉଁ ମନ୍ତବ୍ୟ ଦେଲେ, ଜଗନ୍ନାଥର ବଡ଼ଭାଇ ସେଥିରେ ନା ପ୍ରତିବାଦ କଲେ, ନା ଜଗନ୍ନାଥ । ମୁଁ ଭାରି ଅପମାନିତ ମନେକରିଥିଲି ସେ ଦିନ । ବଡ଼ ବଡ଼ ରସଗୋଲା ପରଷା ଯାଇଥିଲା । ଅନ୍ୟମାନେ ସମସ୍ତେ ଆନନ୍ଦରେ ଖାଇଲେ । ମୋ ପାଟିକୁ କିନ୍ତୁ ରୁଚିଲା ନାହିଁ । ମୋ ଧୃଷ୍ଟତା ପାଇଁ ମୋତେ ପାନେ ବେଶ୍ ଦେଇଛି ବୋଲି ସେ ମାଇକିନିଆଟା ସେଦିନ ବେଶ୍ ଖୁସି ହୋଇଥିବ । ତେବେ ଆଖିରେ ସବୁ ଦେଖିବା ସତ୍ତ୍ୱେ, ଜାଣିବା ସତ୍ତ୍ୱେ ଜଗନ୍ନାଥର ଭାଇ ଚୁପ୍ ରହିଲେ କାହିଁକି ? ଜଗନ୍ନାଥ ସୁନ୍ଦର ବୋହୂଟିଏ ଘରକୁ ଆଣୁ ତାହା କଣ ସେ ଚାହୁଁନଥିଲେ ?

Digitized by srujanika@gmail.com

କିନ୍ତୁ ପ୍ରକୃତ କଥା ହେଲା, ଜଗନ୍ନାଥର ପିଲାଟି ବେଳୁ ପାଗଳାମି ଦୋଷ ଥିଲା । ହାଇସ୍କୁଲରେ ପଢ଼ିଲା ବେଳେ ଥରେ ତାର ପାଗଳାମି ବାହାରିଥିଲା । ସେଇଦିନଠାରୁ ସେ ନିୟମିତ ଔଷଧ ଖାଏ । ତଥାପି ମଝିରେ ମଝିରେ ବାହାରେ ଔଷଧ ଖାଇବାରେ ଅଣହେଳା କଲେ । ତେଣୁ ସେ ଜଣେ ଚାକିରିଆ ଝିଅ ଖୋଜୁଥିଲେ ଅନ୍ୟ ସବୁ ବିଷୟକୁ ଗୌଣ କରି । ସେତ ସବୁଦିନେ ବଞ୍ଚି ଜଗନ୍ନାଥର ହେପାଜତ କରିବେ ନାହିଁ । ଚାକିରିଆ ଝିଅଟିଏ ହେଲେ ଅନ୍ତତଃ ଜଗନ୍ନାଥ ଯଦି ଚାକିରି ହରେଇ ବସେ, ସ୍ତ୍ରୀଟି ତାର ଚାକିରିଆ ହୋଇଥିବାରୁ ସଂସାର ସମ୍ଭାଳି ନେବ ।

ତାଙ୍କର ଏ ବିଚାର ଜଗନ୍ନାଥ ଜୀବନରେ କେତେ ସତହେଲା ବା ନହେଲା ତା'ର ବିଚାର ନିଷ୍ପ୍ରୟୋଜନ । କାରଣ- ଯାହା ହୋଇଯାଇଛି, ତାକୁ ଆଉ ବଦଳେଇ ହୁଏ ନାହିଁ । ସେଇଟା ଈଶ୍ୱରଙ୍କର ଇଚ୍ଛାବୋଲି ଧରି ନେବାକୁ ହୁଏ, ଭଲ ହେଉ କି ଖରାପ ହେଉ ।

କିନ୍ତୁ ସମସ୍ୟାଟି ଦେଖାଦେଲା ମୋ'ରି କ୍ଷେତ୍ରରେ । କେଉଁ ଝିଅଟି ଭଲା ବାହାଘରରେ ପ୍ରତିବନ୍ଧକ ଆଣୁଥିବା ଲୋକଟିକୁ କ୍ଷମା କରି ପାରିବ ? ଏ ସମସ୍ୟାଟି ବାରମ୍ବାର ଦେଖା ଦେଲା । ଜଗନ୍ନାଥ ଘରେ ଥିବ । ଘରଣୀଙ୍କଠୁଁ ଉତ୍ତର ମିଳିବ, ନାହାଁନ୍ତି ବୋଲି । ବେଳେ ବେଳେ ଜଗନ୍ନାଥ ଆଖିରେ ଏ କଥା ଧରାପଡ଼ିଯାଏ । ଜଗନ୍ନାଥ ସବୁ ସହିବାକୁ ପ୍ରସ୍ତୁତ ଥାଏ କିନ୍ତୁ ମୋର ଅନାଦର ତା ପାଇଁ ଅସହ୍ୟ । ଏଇ ଘଟଣାକୁ ନେଇ ଅନେକ ସମୟରେ ଦାମ୍ପତ୍ୟ କଳହ ବିଷମ ରୂପ ନିଏ । ମୁଁ ନିରୋଳାରେ ଜଗନ୍ନାଥକୁ ଅନେକ ବୁଝାଏ । ସେ ଶାନ୍ତ ହୋଇଯାଏ । ତେଣୁ ନିତାନ୍ତ ଆବଶ୍ୟକ ନ ପଡ଼ିଲେ ମୁଁ ତା ଘରକୁ ଯାଏ ନାହିଁ । ଜଗନ୍ନାଥର ଇଚ୍ଛା ବିରୁଦ୍ଧରେ ମୁଁ ତା ଘରଠାରୁ ଦୂରେଇ ରହିବାକୁ ସର୍ବଦା ଚେଷ୍ଟା କରିଆସିଛି । ମୋ ଉପସ୍ଥିତି ତା ଦାମ୍ପତ୍ୟ ଜୀବନରେ ଯେମିତି କୌଣସି ଅଶାନ୍ତି ନ ଆଣୁ, ଏଇ ଉଦ୍ଦେଶ୍ୟରେ ।

ଜଗନ୍ନାଥ ଯେତେବେଳେ ଅନ୍ତିମ ଶଯ୍ୟାରେ, ସେ ଖବରଟି ବି ମୋତେ ଦିଆଗଲା ନାହିଁ । ତା ସ୍ତ୍ରୀଟି ହୁଏତ ଉଚିତ ମଣିଲା ନାହିଁ ମୋତେ ଖବର ଦେବାକୁ । ଶେଷ ମୁହୂର୍ତ୍ତରେ ସେ ମୋତେ ଖୋଜୁଥିଲା କି ନାହିଁ, କିଏ ସେ ଉତ୍ତର ଦେବ ?

ନିଶ୍ଚୟ ଖୋଜିଥିବ । ଏବେ ବି ଖୋଜୁଥିବ । ଆଉ ଅପେକ୍ଷା କରିଥିବ ମୋର ଆଗମନକୁ । ଦିନଟାଏ ତାକୁ ବର୍ଷଟିଏ ଭଳି ଲାଗୁଥିବ । ଆଉ ବର୍ଷଟିଏ ହୁଏତ ମନ୍ୱନ୍ତରଟିଏ

Digitized by srujanika@gmail.com

ଭଳି ସୁଦୀର୍ଘ ମନେ ହେଉଥିବ ତାକୁ । ଆଉ ପ୍ରତିକ୍ଷା କେତେ ଯନ୍ତ୍ରଣାଦାୟକ ସତେ ! ମୁଁ ଏବେ ମର୍ମେମର୍ମେ ଅନୁଭବ କରୁଛି ତାର ଅବର୍ତ୍ତମାନରେ ।

ଆଉ ଗୋବିନ୍ଦ ? ସେ ଇଂଜିନିଅର ହୋଇଥିଲା ଟେଲିଫୋନ ବିଭାଗରେ । ସେ ବି ଅନେକ ଦିନରୁ ବିଦାୟ ନେଲାଣି । ଛୁଆଟି ବେଳୁ ତାକୁ ଡାଇବେଟିସ୍ ରୋଗ । ଆମେ ସେତେବେଳେ ଡାଇବେଟିସ୍ ଗୋଟେ ରୋଗ ଅଛି ବୋଲି ଜାଣିନଥିଲୁ । ଦୋକାନରେ ଦୋଷା ଖାଇଲା ବେଳେ, ସେ ଆଳୁ ସବୁ ଖୁଣ୍ଟି ବାହାର କରିଦିଏ । ଜଗନ୍ନାଥ ଆଉ ମୁଁ ଥିଲୁ ଭାରି ଆଳୁ ପ୍ରିୟ । ଆଉ ଗୋବିନ୍ଦ ଆଳୁ ନ ଖାଉଥିବାରୁ, ତାକୁ ଆମେ ଘୁଷୁରି ବୋଲି ଆକ୍ଷେପ କରୁ । ତାର ଗୋଟିଏ ବଦ୍‌ଗୁଣ ବି ଥିଲା । ଡ଼ାକ୍ତରଙ୍କର ବାରଣ ସତ୍ୱେ ସେ ବହୁତ ସିଗାରେଟ ଟାଣେ ।

ତା'ର ଜଣେ ସଂପର୍କୀୟର ଶବଦାହ କାର୍ଯ୍ୟରେ ଯୋଗଦେବା ପାଇଁ ମେ' ମାସ ପ୍ରଚଣ୍ଡ ଖରାରେ ସେ ଯାଇଥିଲା । ଦୁର୍ବଳ ଶରୀର ଏତେ ପ୍ରଚଣ୍ଡ ରୌଦ୍ରତାପ ସହି ପାରିଲା ନାହିଁ । 'ସନ୍‌ଷ୍ଟ୍ରୋକ୍'ରେ ଆକ୍ରାନ୍ତ ହୋଇ ସେ ଅକାଳରେ ମରିଗଲା ।

ଯଦି ପୁନର୍ଜନ୍ମ ପାଇନଥିବ ଏ ଭିତରେ, ଦି' ଜଣ ବସି ସ୍ୱର୍ଗରେ ହୁଏତ ଚେସ୍ ଖେଳୁଥିବେ, ଯେମିତି ମଉସାଙ୍କ କ୍ୱାର୍ଟରରେ ଖେଳୁଥିଲେ, ସେ ବଞ୍ଚିଥିଲା ବେଳେ ।

କିନ୍ତୁ ସ୍ୱର୍ଗରେ ଚେସ୍ ଖେଳ ପ୍ରଚଳିତ ଅଛିକି ନାହିଁ, କିଏ କହିବ ? ଆଉ ସ୍ୱର୍ଗ ! ଆମ ମାନବୀୟ ଚେତନାରେ କଳ୍ପନା ବାଳାସର ଉତ୍ସଟିଏ ହୋଇ ବରଂ ସେମିତି ଯୁଗପତ୍ ଉଜ୍ଜୀବିତ ଥାଉ ।...

• • •

Digitized by srujanika@gmail.com

ବିଷାଦବୃତ୍ତର କାହାଣୀ

ତାର ସରଳ ଉଦାସ ମୁହଁଟି ବାରମ୍ବାର ମୋ ଆଖିରେ ନାଚିଯାଏ । ସାରା ଜଗତର ସମସ୍ତ ଶିଷ୍ଟତା, ସରଳତା, ଉଦାରତା ସତେ ଯେମିତି ମୂର୍ତ୍ତିମନ୍ତ ରୂପନେଇଛି ତା'ର ଆଖି ଦୁଇଟିରେ । ଛୁଆ ଦିନରୁ ମୁଁ ତାକୁ ଦେଖି ଆସୁଛି । ସତେ ଯେମିତି ବିଧାତା ଗଢ଼ିଲା ବେଳେ ଏଇ ସବୁ ବୈଶିଷ୍ଟ୍ୟଗୁଡ଼ିକ ତା ପାଖରେ ଅଜାଡ଼ି ଦେଇଛି ।

ବାପା ଓ ମାଆ ଉଭୟେ କର୍ମଜୀବୀ । ତେବେ ବାପାଟି ଥିଲା ତାପାଇଁ ଅଧିକ ସଚେତନ । ଖୁଡୁତା ଜଣେ ବି ରହୁଥିଲେ ପାଖରେ । ଝିଅଟିର ପଢ଼ାପଢ଼ି ପାଇଁ ବିଶେଷ ଯତ୍ନ ନେଉଥିଲେ ସିଏ । ଆଉ ଝିଅଟି ବି ଥିଲା ଅତ୍ୟନ୍ତ ମେଧାବୀ । ପାଠସବୁ ବେଶ୍ ମନେରଖି ପାରୁଥିଲା । ପଢ଼ାପଢ଼ିରେ କେବେ ବି ଅଣହେଳା କରୁନଥିଲା ।

କେବଳ ପାଠପଢ଼ା ନୁହେଁ, କିଶୋରୀ ଅବସ୍ଥାରୁ ସେ ତା ମାଆକୁ ବି ସାହାଯ୍ୟ କରୁଥିଲା । ବାପା ଆଉ କକେଇଙ୍କର ଭଲମନ୍ଦ ବୁଝୁଥିଲା । କେହି ଅତିଥି ଅଭ୍ୟାଗତ ଆସିଲେ ସେମାନଙ୍କର ଯତ୍ନ ନେଉଥିଲା । ସତ କହିଲେ, ସେ ଥିଲା ସୁନାନାକୀ ଝିଅଟିଏ, ପାଠରେ ଯେମିତି, ଚରିତ୍ରରେ ବି ସେମିତି ମାର୍ଜିତା । ସୁନାନାକୀ ଝିଅ ଆଉ କାହାକୁ କହନ୍ତି କି ?

ମାଇନରରେ ସେ ବୃତ୍ତି ପାଇଲା । ବାପା, ମାଆ, ଖୁଡୁତା ଇତ୍ୟାଦି ଆତ୍ମୀୟମାନଙ୍କର ଛାତି କୁଣ୍ଢେମୋଟ ହୋଇଗଲା ।

ମାଇନର ପାସ୍‌କରି ହାଇସ୍କୁଲରେ ପଢ଼ିଲା । ପ୍ରତି କ୍ଲାସରେ ବି ଭଲ ନମ୍ବର ରଖିଲା । ବାପା, ମଆ, ଖୁଡୁତା ସମସ୍ତେ ଭାରି ଖୁସ୍ । ଝିଅଟା ନିଶ୍ଚୟ ଢେର ପାଠ ପଢ଼ିବ, ବଡ଼ ଚାକିରି କରିବ । ବାପା ତାର କହିଲା ଯେତେ ପଢୁଛି ପଢୁ । ଯେତେ ଖର୍ଚ୍ଚ ହେବ ହେଉ । ଝିଅଟିକୁ ସେ ଡାକ୍ତର କରିବ । କକେଇ କହିଲେ, ନାଇଁ, ଡାକ୍ତର ହୋଇ ପଇସା ପଛରେ ଦୌଡ଼ିବ । ସେବା ବଦଳରେ ଶୋଷଣ କରିବ ରୋଗୀକୁ । ବରଂ ସେ ବୈଜ୍ଞାନିକ ହେବ । ନୂଆ ନୂଆ ତଥ୍ୟ ଉଦ୍‌ଭାବନ କରିବ । ଚମତ୍କୃତ କରିଦେବ ଦୁନିଆକୁ ।

ଆଉ ମାଆଟି ତାର ଝିଅଟି କୈଶୋର ଅତିକ୍ରମ କରି ଯୌବନରେ ପଦାର୍ପଣ କରୁକରୁ ତା ବାହାଘର ପାଇଁ ଘରକରଣା ଜିନିଷ ଯୋଗାଡ଼ କରିବାକୁ ଲାଗିଲେ । ଝିଅ-ଘିଅ । କେତେ ଦିନ ଘରେ ରଖିହେବ ? ଭଲ ପାତ୍ରଟିଏ ଦେଖି ତାକୁ ବାହା କରିଦେବା

Digitized by srujanika@gmail.com

ଚାହି । ସେ ସୁଖରେ, ଶାନ୍ତିରେ ସଂସାର କରିବ, ଏଇ ଚିନ୍ତାରେ ବାର ଓପାସ ଡେର ବ୍ରତ କରିବାକୁ ଭୁଲନ୍ତି ନାହିଁ ।

ଆଉ ଘରେ ସେଦିନ ଆନନ୍ଦର ଜୁଆର ଉଠିଲା, ଯେଉଁ ଦିନ ଝିଅଟି ଖୁବ୍ ଭଲ ନମ୍ବର ରଖି ପ୍ରଥମ ଶ୍ରେଣୀରେ ମେଟ୍ରିକ୍ ପାସ୍ କଲା । ବାପା ଖୁଡ୍ଡୁତା ସାଇନସ୍ ପଢ଼ିବା ପାଇଁ କହିଲେ । ଝିଅଟି ମନାକରିଦେଲା । ସେ ଆର୍ଟସ୍ ପଢ଼ିବ । ଅଧ୍ୟାପିକାଟିଏ ହେବ । ସାଇନ୍‌ସ ପ୍ରତି ତାର ରୁଚିନାହିଁ ବୋଲି ଜଣେଇ ଦେଲା । ବାପା ତାର କୁନ୍ଥୁ କୁନ୍ଥୁ ହେଉଥିଲେ । କିନ୍ତୁ ଖୁଡ୍ଡୁତା ସମର୍ଥନ କଲେ । ଯେଉଁ ପାଠରେ ତାର ଶ୍ରଦ୍ଧା, ସେଇ ପାଠ ସିଏ ପଢିଲେ କ୍ଷତି କଣ ?

ରମାଦେବୀ ମହିଳା କଲେଜରୁ ଫର୍ମ ଅଣାଗଲା । ବିଜେବି କଲେଜରୁ ବି ଅଣାଗଲା । ଝିଅଟି କିନ୍ତୁ ପସନ୍ଦ କଲା ରମାଦେବୀ କଲେଜକୁ । ମହିଳା କଲେଜ । ସେ ଦୃଷ୍ଟିରୁ ଝିଅ ପିଲାଟିଏ ପାଇଁ ଭଲ । ମାଆ ବି ସମର୍ଥନ କଲେ ରମାଦେବୀ ମହିଳା କଲେଜକୁ । ଆଉ ଏଇ ଲାଜକୁଳୀ ଝିଅଟିଏ ପାଇଁ, ମହିଳା କଲେଜ ଯେ ଉପଯୁକ୍ତ ଏଥିରେ ସମସ୍ତେ ଏକମତ ହେଲେ ।

ରମାଦେବୀରେ ପ୍ଲସ୍ ଟୁ କ୍ଲାସରେ ତାର ନାମ ଲେଖେଇ ଦିଆଗଲା । ଝିଅଟି ବି ସମସ୍ତ ଶୁଭେଚ୍ଛୁଙ୍କ ଇଚ୍ଛାକୁ ପୂରଣ କରି ପ୍ରଥମ ଶ୍ରେଣୀରେ ପ୍ଲସ୍ ଟୁ ପାସ୍ କଲା । ସେଇ ରମାଦେବୀରେ ପ୍ଲସ -ଥ୍ରୀରେ ନାମ ଲେଖେଇଲା ।

ଝିଅଟି ଥିଲା ପାଠ ପ୍ରତି ଅତୀବ ଅନୁରାଗୀ । କେହି କେବେ ଦେଖିନାହିଁ, ଘର କାମରେ ସଂପୂର୍ଣ୍ଣ ସହଯୋଗ ସତ୍ତ୍ୱେ, କେବେ ସେ ପାଠ ପଢ଼ାରେ ଅଣହେଳା କରିଛି ବୋଲି । ମାଇନର ବୃତ୍ତିଠାରୁ ପ୍ରତି ପାହାଚରେ ସେ ତା ମେଧା ଚରିତ୍ରର ପରିଚୟ ଦେଇ ଆସିଛି । ଯେଉଁ ସମୟରେ ଖେଳାବୁଲା, ସାଙ୍ଗସାଥି ପାଇଁ ମନ ବିଚଳିତ ହୁଏ, ସେତେବେଳେ ବିନା ଆକଟ ସତ୍ତ୍ୱେ, ସେ ଏ ସବୁଠାରୁ ଦୂରେଇ ରହିଛି ।

ଏବେ ସେ ଡିଗ୍ରୀ ଶ୍ରେଣୀର ଛାତ୍ରୀ । ଅଧିକ ଦାୟିତ୍ୱବାନ ହେବାର ବେଳ । ଡେର ରାତି ପର୍ଯ୍ୟନ୍ତ ତାର ଘରେ ଆଲୁଅଟିଏ ଜଳୁଥାଏ । ରାତିରେ ଉଠି ପରିଶ୍ରା ଗଲାବେଳେ ମାଆ ତାର ଚେତେଇ ଦିଅନ୍ତି -ଏବେ ଶୋଇପଡ଼ ଧନ ! ରାତି ଅନେକ ହେଲାଣି । ଘର ଭିତରୁ ଲାଇଟ୍ ଲିଭିଯାଏ । ଅର୍ଥାତ୍ ଝିଅଟି ତାଙ୍କର ଶୋଇବାକୁ ଉପକ୍ରମ କରେ ।

ପ୍ରଥମ ବର୍ଷ ସରିଲା । ଦ୍ୱିତୀୟ ବର୍ଷ ବି । ଚାହୁଁ ଚାହୁଁ ତୃତୀୟ ବର୍ଷଟି ବି ସରିଗଲା । ଏବେ ପରୀକ୍ଷା ଫଳକୁ ଅପେକ୍ଷା ।

Digitized by srujanika@gmail.com

ସେ ଦିନଟି ବି ଉପସ୍ଥିତ ହେଲା । ପରୀକ୍ଷା ଫଳ ବାହାରେ ପ୍ରକାଶିତ ହେବା ପୂର୍ବରୁ, ତାର ଏକ ନକଲ ବିଭାଗୀୟ ମନ୍ତ୍ରୀଙ୍କ ଗୋଚରାର୍ଥେ ସଚିବାଳୟରେ ଥିବା ତାଙ୍କର କାର୍ଯ୍ୟାଳୟକୁ ପଠାଯାଏ । ବାପା ତାର ଥିଲେ ଜଣେ ସଚିବାଳୟ କର୍ମଚାରୀ । ତେଣୁ ମନ୍ତ୍ରୀଙ୍କ ଦପ୍ତରରୁ ଝିଅଟିର ପରୀକ୍ଷା ଫଳ ଜାଣିବାରେ କିଛି ଅସୁବିଧା ନଥିଲା । ତେଣୁ ଅଫିସ ଯିବା ପୂର୍ବରୁ ଝିଅର ରୋଲ ନମ୍ବରଟି ସେ ଟିପି ନେଇଥିଲେ ।

ଯଥା ସମୟରେ, ମନ୍ତ୍ରୀଙ୍କ ଦପ୍ତରକୁ ପରୀକ୍ଷା ଫଳ ଆସିଗଲା । ଆଶାୟୀମାନଙ୍କ ଭିଡ଼ ଭିତରେ ବେଶ୍ କସରତ କରି, ବାପା ତାର ପରୀକ୍ଷା ଫଳ ଦେଖି ଆନନ୍ଦରେ କୁରୁଳି ଉଠିଲେ । ସେ ତାହା ହିଁ ଆଶା କରୁଥିଲେ ଗୁଣବତୀ ଝିଅଟିଠାରୁ । କେବେ ବି ସେ ତାଙ୍କୁ ନିରାଶ କରିନାହିଁ । ଆଜି ତାର ପୁନରାବୃତ୍ତି କେବଳ । ଝିଅଟି ତାଙ୍କର ପ୍ରଥମ ଶ୍ରେଣୀରେ ଅନର୍ଶ ରଖି ପାସ୍ କରିଛି ।

ସବୁଠୁ ବେଶି ଖୁସିହେବ ତାର ମାଆ । ସେ ଫୋନ କରି ଆଗ ତାକୁ ଜଣେଇଦେଲେ । ସହକର୍ମୀମାନଙ୍କୁ ବି ଜଣେଇଲେ । ଅଫିସରେ ମିଠା ବାଣ୍ଟିଲେ । ଅନ୍ତରଙ୍ଗମାନଙ୍କୁ ବି ମିଠା ଖୁଆଇଲେ ।

ମାଆ ବି ତାର ଖବର ପାଇ ଖୁସିରେ ଫାଟି ପଡ଼ିଲେ । ସେ ବି ମିଠା ବାଣ୍ଟିଲେ ଅଫିସରେ । ବଂଧୁମାନେ କି ଏତିକିରେ ତୃପ୍ତ ରହନ୍ତେ ? ଖୁବ୍ ଶୀଘ୍ର ଭଲ ଭୋଜି ଭାତର ପ୍ରତିଶ୍ରୁତିଟିଏ ଆଦାୟ କରିନେଲେ ସେମାନେ । ସେ ଦିନଟି ଏମିତି ସମ୍ଭାଷଣ ପ୍ରତିସମ୍ଭାର୍ଷଣ ଭିତର ଦେଇ କଟିଗଲା । ତହିଁ ପରଦିନ ମାର୍କସିଟ୍ ଆଣିବାର ବେଳ । ରୋଲ ନମ୍ବରଟି ଧରି କକେଇ ଜଣକ ବାଣୀବିହାର ଦୌଡ଼ିଲେ । ମାଆ ଆଉ ବାପା ନିଜ ନିଜ କର୍ମକ୍ଷେତ୍ରକୁ ଚାଲିଗଲେ । ଝିଅଟି ଘରେ ରହିଲା ଏକୁଟିଆ ।

ଖରାଦିନ, ସଂଧ୍ୟା ହେବାକୁ ଆହୁରି ଦି ଘଡ଼ି ବାକି । ଝିଅଟିର ମାଆ ଅଫିସରୁ ଫେରି ଦେଖିଲେ ଘର ଭିତରୁ କବାଟ ବନ୍ଦ ଅଛି । ଝିଅଟି ଶୋଇଯାଇଥିବ ଭାବି ସେ କବାଟ ବାଡ଼େଇ ଡାକିଲେ । କିଛି ଉତ୍ତର ମିଳିଲା ନାହିଁ । ସେ ଆହୁରି ଜୋର୍‌ରେ ଡାକିଲେ, ଜୋର୍‌ରେ ବି କବାଟ ବାଡ଼େଇଲେ । ବାରମ୍ବାର କବାଟ ବାଡ଼େଇଲେ । କିଛି ବି ଉତ୍ତର ମିଳିଲା ନାହିଁ ।

ଅଫିସ ଛୁଟିବେଳ । କେତେ ଜଣ ସହକର୍ମୀ ଧାଇଁ ଆସିଲେ । ପଡ଼ୋଶୀ ଘରର ମାଇପି କେତେଜଣ ବି କଥା କଣ ଜାଣିବା ପାଇଁ ଆସି ରୁଣ୍ଡ ହୋଇଗଲେ । ଜନଗହଳି ବଢ଼ୁଥାଏ । ନାନା ପ୍ରକାର ଦୁଃଶ୍ଚିନ୍ତା ମନରେ ଆସୁଥାଏ ସମସ୍ତଙ୍କର । ମାଆଟି ବ୍ୟସ୍ତହୋଇ

Digitized by srujanika@gmail.com

ଆତୁର କଣ୍ଠରେ ଡାକ ଛାଡ଼ିଥାଏ । ଛୋଟ ଛୁଆଗୁଡ଼ାକ ଗହଳି ଲଗେଇ ଥାନ୍ତି । କିଛି ବୁଝିନପାରି ମାଆମାନଙ୍କ ଲୁଗାଧରି ଟାଣୁଥାନ୍ତି ବା କେହି ସୁଧାର ପିଲା ବାପା ପାଖରେ ଚୁପ୍‌ଚାପ୍ ଠିଆହୋଇ ଦେଖୁଥାଏ ।

ଝରକା କବାଟ ସବୁ ବି ଭିତରୁପଟୁ ବନ୍ଦଥାଏ । ଏତିକି ବେଳେ ଝିଅଟିର ବାପା ଆସି ପହଞ୍ଚିଗଲା । ଏ ସବୁ ଘଟଣା ଦେଖି ତା ହଂସା ଉଡ଼ିଯିବା ଉପରେ । ପଡ଼ୋଶୀ ଜଣେ ଶାବଳଟାଏ ଆଣି କବାଟ ତାଡ଼ି ଫାଙ୍କକରି ଦେଲେ ଭିତରୁ ଦେଖିବା ପାଇଁ । ଅନ୍ଧାରରେ କିଛି ଦେଖାଯାଉନଥାଏ । କିଛି ଆଲୋକ କବାଟ ଫାଙ୍କରେ ଯିବାରୁ ଦେଖାଗଲା, ଝିଅଟିର ଅସ୍ପଷ୍ଟ ଶରୀରଟି ଘର ମଝିରେ ଝୁଲୁଛି । ସେ ଦିର୍ଘନିଶ୍ୱାସ ଛାଡ଼ି ଅନ୍ୟମାନଙ୍କୁ ବାଟ ଛାଡ଼ିଦେଲେ ଦେଖିବା ନିମନ୍ତେ । ଏ କଥାଟି ଜଣାପଡ଼ିବା ପରେ, ବାପା ମାଆଙ୍କ ଅବସ୍ଥା ଯେଉଁ ପର୍ଯ୍ୟାୟରେ ଉପନୀତ ହେଲା, ସେମାନଙ୍କୁ ଆୟତ୍ତରେ ରଖିବା ନିମନ୍ତେ ଅର୍ଦ୍ଧାଧିକ ଜନତା ଉଦ୍ୟମ କରିବାକୁ ଲାଗିଲେ ।

କାଳେ ଝିଅଟି ପିଣ୍ଡରେ ପ୍ରାଣ କେଉଁଠି ଟିକିଏ ଥିବ, ଏଇ ସମ୍ଭାବନା ନେଇ, ପୋଲିସକୁ ଅପେକ୍ଷା ନକରି କବାଟଟିକୁ ତାଡ଼ି ଦିଆଗଲା । ଝିଅଟି ବେକରେ ପଡ଼ିଥିବା ଓଢ଼ଣୀର ଗଣ୍ଠିଟିକୁ ବି ଖୋଲିଦିଆଗଲା । ସେତେବେଳେକୁ ପାଖରେ ରହୁଥିବା ଜଣେ ଡାକ୍ତରଙ୍କୁ ଅଣାଯାଇଥାଏ । ସେ ପରୀକ୍ଷା କରି କହିଲେ -ସବୁ ଶେଷ ହୋଇଯାଇଛି, ଅର୍ଥାତ୍ ପ୍ରାଣହୀନା ତାର ଶରୀରଟି ।

ବାପା ମାଆ ଦିଜଣ ଛୁଟି ଆସିଲେ ଝିଅଟି ପାଖକୁ । ଜନତା ବାଟ ଛାଡ଼ି ଦେଲା । ମାଆଟି ତାର ଝିଅଟିର ଆଲୁଳାୟିତ କେଶ ରାଶିକୁ, ତା ସୁନ୍ଦର ମୁହଁଟିରୁ ଆଡ଼େଇ ଦେଇ ଅତି ଆଦରରେ ଡ଼ାକୁଥାଏ, ଉଠ୍ ଧନ ! ଉଠ୍ । ଉଠ୍ ଏବେ !

ପୁଣି ସେ କହୁଥାଏ, ମୋ ଧନର କିଛି ହୋଇନାହିଁ । ସେ ଉଠିବ, ବସିବ, କଥା କହିବ । ତା ମୁଣ୍ଡଟିକୁ ସଯତ୍ନରେ ଟେକି ନିଜ କୋଳରେ ଥୋଇ ଦେଲା ଯେମିତି ଝିଅଟି ସତରେ ଶୋଇଛି, ଅପେକ୍ଷା କରିଛି ତାକକୁ ।

ପୋଲିସ୍ ଆସି ପହଞ୍ଚିଲା । ଦୁଇଜଣ ଲେଡ଼ି କନେଷ୍ଟବଳ ତା ମାଆର ଦୁଇଡେଣା ଧରି ଭିଡ଼ିଭିଡ଼ି ନେଇଗଲେ । ପୋଲିସ୍ ପାଖକୁ ଦୌଡ଼ିଯାଇ ବାପା ତାର ଅନୁନୟ କରୁଥାଏ ତାର ଝିଅଟିକୁ ଚଞ୍ଚଳ ଡାକ୍ତରଖାନା ନେଇଯିବା ପାଇଁ । ସେ କହୁଥାଏ, ଝିଅ ମୋର ବଞ୍ଚିବ, କଣ ଟିକେ ଭୁଲଭଟକାରେ କରିଦେଇଛି । କ'ଣ ତାର ମରିବା ବୟସ ହୋଇଛିଯେ ସେ ମରିଯିବ ? କେତେ ସ୍ୱପ୍ନ ତା ମନରେ ? ଏମ.ଏ.ପଢ଼ିବ, ପି.ଏଇଚ.ଡ଼ି

Digitized by srujanika@gmail.com

କରିବ । ଲେକଚର୍‌ରଟିଏ ହେବ । ପାଠ ପଢ଼େଇବ ଛୁଆଙ୍କୁ । ସେଇଥି ପାଇଁ ସେ ବୈଜ୍ଞାନିକଟିଏ ହେବାକୁ ଚାହିଁଲା ନାହିଁ । ଡ଼ାକ୍ତର ହେବାକୁ ବି ଚାହିଁଲା ନାହିଁ । ଆପଣ ଟିକେ ଚଞ୍ଚଳ ଡାକ୍ତରଖାନାକୁ ନେବାକୁ ବନ୍ଦୋବସ୍ତ କରିଦିଅନ୍ତୁ ! ସେ ନିଶ୍ଚୟ ଭଲ ହୋଇଯିବ । ଏମିତି କଣ ନାଇଁ କଣ ସ୍ୱଗତୋକ୍ତି କରୁଥାଏ । ପୋଲିସର ହାତ ଧରି ଅଳି କରୁଥାଏ ।

ସନ୍ତାନହରା ପିତାମାତାଙ୍କୁ ସାନ୍ତ୍ୱନା ଦେବାପାଇଁ କେଉଁ ଭାଷା ଅବା ଅଛି ଯେ ଜଣେ କହିପାରିବ ? ତଥାପି କର୍ତ୍ତବ୍ୟର ଦାୟରେ ପୋଲିସ ଅଫିସର ଜଣଙ୍କ ତାଙ୍କୁ ବୁଝାଉଥାନ୍ତି- ଆପଣ ଧୈର୍ଯ୍ୟ ଧରନ୍ତୁ । ଯାହା କରିବା କଥା ମୁଁ କରୁଛି । ସେଗୁଡ଼ିକ ସରିଲା ପରେ ଝିଅଟିକୁ ଆମେ ନିଶ୍ଚୟ ଡାକ୍ତରଖାନା ନେଇଯିବୁ । ସେ ପର୍ଯ୍ୟନ୍ତ ଆପଣଙ୍କୁ ଅପେକ୍ଷା କରିବାକୁ ପଡ଼ିବ ।

ତାଙ୍କ ନିର୍ଦ୍ଦେଶରେ ଶୁଭେଚ୍ଛୁ କେତେଜଣ ହାତ ଧରି ଭିଡ଼ିଭିଡ଼ି ଆଉ ଏକ ରୁମ୍‌କୁ ନେଇଗଲେ । ବାପା ତା'ର ଚିତ୍କାର କରୁଥାଏ ଅନୁଚ୍ଚ କଣ୍ଠରେ । ଆରେ ମୋତେ ପାଖରେ ରହିବାକୁ ଦିଅରେ ! ମୋତେ ଏଠୁ ଟାଣିଟାଣି କୁଆଡ଼େ ନେଉଛରେ...... ?

ପୋଲିସ ଅଫିସର ଜଣକ ଝିଅଟିର ମୃତ ଦେହକୁ ପରୀକ୍ଷା କରିବାକୁ ଆରମ୍ଭ କଲେ । ବେକ ମୂଳକୁ ଭଲ ଭାବରେ ଲକ୍ଷ୍ୟକଲେ । ପଣତଟିର ଦାଗ ବସିଥାଏ ବେକରେ । କେମେରାଟିଏ ବାହାର କରି ଫଟ ଉଠାଇଲେ ଦାଗଟିର । ଅର୍ଦ୍ଧ ନିମିଳିତ ତାର ଆଖି ଦୁଇଟିର ପତାକୁ ମେଲାଇ ଦେଖିଲେ । ଡୋଳା ଦୁଇଟିର ଅର୍ଦ୍ଧେକ ଲୁଚିଯାଇଥାଏ ଉପର ପତା ଭିତରେ । ପାଟିଦେଇ ଗରଳ ଧାରଟିଏ ଦୁଇକଡ଼ ଦେଇ ବହିଯାଇଥାଏ । ଶ୍ୱାସରୁଦ୍ଧ ଜନିତ ସମସ୍ତ ଲକ୍ଷଣ ପରିଷ୍କାର ଦେଖାଯାଉଥାଏ ତା ମୃତଦେହଟିରେ ।

କେଉଁ ଅବସ୍ଥାରେ କବାଟଟି ତଡ଼ାଗଲା, କେଉଁକେଉଁମାନେ ଉପସ୍ଥିତ ଥିଲେ, ତାର ଏକ ବିସ୍ତୃତ ବିବରଣୀ ପୋଲିସ ସଂଗ୍ରହ କଲା । ଝିଅଟିର ମୃତ୍ୟୁର ସମ୍ଭାବ୍ୟ କାରଣ ବି ପୋଲିସ ପଚାରିଲା । ସମସ୍ତେ ନିରବ । ଏତେ ଭଲ ପାଠ ପଢୁଥିବା ଝିଅଟି, ବାପା ମାଆଙ୍କର ଗେହ୍ଲାଝିଅଟି, ପରିବାରର ଅତି ଆଦରଣୀୟ ଶାନ୍ତ ସରଳ ଝିଅଟି, କେବେ କାହା ମନରେ ଦୁଃଖ ଦେଇନଥିବା ଝିଅଟି, ମାଇନର ବୃତ୍ତିଠାରୁ ସଦାସର୍ବଦା ପ୍ରଥମ ଶ୍ରେଣୀରେ ପାସ୍ କରୁଥିବା ଝିଅଟି, ବି.ଏ.ରେ ଅନର୍ସ ସହିତ ପ୍ରଥମ ଶ୍ରେଣୀ ପାଇଥିବା ଝିଅଟିର କେଉଁ ଅଭାବବୋଧ ତାକୁ ମୃତ୍ୟୁର ଗହ୍ୱର ମଧ୍ୟକୁ ପେଲିନେଲା ? କେଉଁ ସଫଳ ବିଦ୍ୟାର୍ଥୀ, ସଫଳତାର ପାହାଚ ଗୋଟିଏ ପରେ ଗୋଟିଏ ଆହୋରଣ କରୁଥିବା ବେଳେ

Digitized by srujanika@gmail.com

ଏପରି ଏକ ଅଭାବନୀୟ କାଣ୍ଡ କରିବସିବ ? ପୋଲିସ ନିରାଶ ହେଲା, ଏ ଦିଗଟିକୁ ଅନୁସନ୍ଧାନ କରି ।

ଆଉ ଗୋଟିଏ ଦିଗ, ପ୍ରେମ । କୈଶୋରରେ ସେଇଟିର ଅଙ୍କୁରୋଦ୍‌ଗମ ହୁଏ ଆଉ ନିଭୃତରେ ଧାପେ ଧାପେ ବଢୁଥାଏ । ଯୌବନର ପଦାର୍ପଣରେ ସେ ହୁଏ ପୁଷ୍ପ ମଣ୍ଡିତା । ମନର କୋଣ ଅନୁକୋଣରେ ସୌରଭ ଭରିଯାଏ ଆଉ ପ୍ରଜାପତିଟିଏ ଭଳି ଡ଼େଣା ଲାଗିଯାଏ ସେଥିରେ । ସେ ସ୍ୱପ୍ନ ଦେଖେ, କେତେ କେତେ ରଙ୍ଗିନ୍ ସ୍ୱପ୍ନ । ମନ ଖୋଜି ବୁଲେ ସାଥିଟିଏ, ଝିଅ ନୁହେଁ ପୁଅ । ଖୋଜୁଖୋଜୁ ବେଳେବେଳେ ବାଟ ହୁଡି ଯାଏ । ଅଣ୍ଡାଳି ବସେ ବାଟ । ମିଳେ ନାହିଁ । ଅପରିଣତ ବୟସରେ, ସମସ୍ତଙ୍କ ଅଜ୍ଞାତରେ,ଏହି ନିଶିଦ୍ଧ ଇଲାକାକୁ ପ୍ରବେଶ ତାକୁ ବେଳେବେଳ ମୃତ୍ୟୁ ମୁଖକୁ ଠେଲିଦିଏ । ସେମିତି କିଛି ହୋଇନାହିଁ ତ ଝିଅଟିର ଜୀବନରେ ?

ପୋଲିସ୍ ବି ଏ ଦିଗଟିକୁ ଜାଣିବାକୁ ଚାହିଲା, ପରିବାରଠୁଁ, ପଡ଼ିଶାଠାରୁ, ଆଉ ଉପସ୍ଥିତ ତା ସାଙ୍ଗମାନଙ୍କଠାରୁ । କିଛି ସୁରାକ ମିଳିଲା ନାହିଁ । ସମସ୍ତଙ୍କର ସେଇ ଗୋଟିଏ ଉତ୍ତର-ଅସମ୍ଭବ । ଏମିତି ସୁଧାର ଝିଅଟିଏ ଏମିତି କରନ୍ତା କେମିତି ?

ପୋଲିସ ତା ବହି ଅଣ୍ଡାଳିଲା, ଖାତା ଅଣ୍ଡାଳିଲା । ସବୁ ସମ୍ଭାବ୍ୟ ସ୍ଥିତି ଅଣ୍ଡାଳିଲା । କିଛି ବି ସୁରାକ ମିଳିଲା ନାହିଁ । ନା ମିଳିଲା ମୃତ୍ୟୁକାଳୀନ ଚିଠି, ଯାହା ସଚରାଚର ମିଳିଥାଏ ଆତ୍ମହତ୍ୟା କ୍ଷେତ୍ରରେ । ଏ ଦିଗରୁ ବି ପୋଲିସ ନିରାଶ ହେଲା ।

ଝିଅଟିର ଶବଟିକୁ ବ୍ୟବଚ୍ଛେଦ ନିମନ୍ତେ ପୋଲିସ କ୍ୟାପିଟାଲ ହସ୍‌ପିଟାଲକୁ ପଠାଇ ଦେଲା । ଗୋଟାଏ ଦିନ ଶବ ପଡ଼ିରହିଲା ଏଠାରେ । ବହୁ ଅନୁନୟ,ବିନୟ ଆଉ ହାତଗୁଞ୍ଜା ପରେ ଶବଟିକୁ ପୋଷ୍ଟମର୍ଟମ କରାଗଲା । ସେଇ ଏକା ପଦ୍ଧତି ଅବଲମ୍ବନ କରି ଡେଥ୍ ସାର୍ଟିଫିକେଟ୍ ମିଳିଲା । ସେଇଟି ଅପରିହାର୍ଯ୍ୟ, ମୃତ ଦେହଟିର ସଂସ୍କାର ପୂର୍ବରୁ । ନଚେତ୍ ସଂସ୍କାର କରାଯାଇ ପାରିବ ନାହିଁ । ସେଇଟି ବିନା ପୋଲିସ ହସ୍ତାନ୍ତର କରିବ ନାହିଁ ତା ମୃତ ଶରୀରଟିକୁ । ଶ୍ମଶାନ ଜଗୁଆଳି ବି ଅନୁମତି ଦେବନାହିଁ ଦାହ ନିମନ୍ତେ । କି ଦୟନୀୟ ଚିତ୍ର ! ଯାହା କହନ୍ତି ବୋଝ ଉପରେ ନଳିତା ବିଡ଼ା । ଏଥିପାଇଁ ସେଇ ଝିଅଟି କଣ ଦାୟୀ ? ନା ବ୍ୟବସ୍ଥା ? ଏଇ କଥାଟି ଆନ୍ଦୋଳିତ କରୁଥାଏ ମନକୁ ।

ଝିଅଟିର ଦଶାହକ୍ରିୟା ସରିଗଲା । ସବୁକିଛି ଆସ୍ତେଆସ୍ତେ ଏଇ ଗତିଶୀଳ ଦୁନିଆରେ ସହଜ ହୋଇ ଉଠିଲା । ସେତେବେଳେ ମନେ ହେଉଥିଲା, ତାର ବାପା ଆଉ ବଞ୍ଚିବ ନାହିଁ । ମାଆ ବି । ଏମିତି ସୁନାନାକୀ ଝିଅକୁ ହରାଇ କେଉଁ ବାପାମାଆ ବଞ୍ଚନ୍ତେ ଅବା !

Digitized by srujanika@gmail.com

ଦୁଃଖର ଝଡ଼ ଆସେ । ମନେ ହୁଏ ସବୁକିଛି ଉଡ଼େଇ ନେବ । ଦୁଃଖର ପାହାଡ ବି ଅଜାଡ଼ି ପଡ଼େ ବେଳେବେଳେ ମୁଣ୍ଡରେ । ଦୂବ ଘାସଟିଏ ଭଳି ଏଇ କ୍ଷୁଦ୍ର ମଣିଷଟି ମୁଣ୍ଡପାତି ଦିଏ ତଳକୁ । ସେ ମରେ ନାହିଁ ବଞ୍ଚିଯାଏ । ସମୟ ପୁଣି ତା ଅଣ୍ଟାକୁ ସଳଖ କରିଦିଏ, ଯାହା ସଚରାଚର ଦୃଶ୍ୟମାନ ।

ଝିଅଟିର ମାର୍କସିଟ୍ ଅଣାଗଲା । ଦେଖାଗଲା, ସେ ଦ୍ୱିତୀୟ ବର୍ଷ ଡିଗ୍ରୀ ପରୀକ୍ଷାରେ ଦୁଇଟି ବିଷୟରେ ପରୀକ୍ଷା ଦେଇନଥିଲା । ଅନ୍ୟ ସବୁ ବିଷୟରେ ପ୍ରଥମଶ୍ରେଣୀ ନମ୍ବର ରଖିଛି । ତୃତୀୟ ବର୍ଷ, ସେ ବ୍ୟାକ୍ ଲାଗିଥିବା ବିଷୟ ଦୁଇଟିକୁ କ୍ଲିୟର୍ କରିଛି ପ୍ରଥମ ଶ୍ରେଣୀ ନମ୍ବର ରଖି ।

ତୃତୀୟ ବର୍ଷ, ଅର୍ଥାତ୍ ଫାଇନାଲ ପରୀକ୍ଷାରେ ସମାନ ଭୁଲ କରିଛି । ଗୋଟିଏ ବିଷୟରେ ପରୀକ୍ଷା ଦେଇନାହିଁ । ଅନ୍ୟ ଯେଉଁ ବିଷୟରେ ପରୀକ୍ଷା ଦେଇଛି, ସେଥିରେ ପ୍ରଥମ ଶ୍ରେଣୀ ନମ୍ବର ରଖିଛି । ତେଣୁ କିଛି ଅସୁବିଧା ହୋଇନଥାନ୍ତା । ସେଇ ଗୋଟିଏ ବିଷୟରେ ପରୀକ୍ଷା ଦେଇଥିଲେ, ଫେଲ୍ ହେବାର କୌଣସି ସମ୍ଭାବନା ନଥିଲା । ପ୍ରଥମ ଶ୍ରେଣୀ ନମ୍ବର ରଖିଥିବାରୁ, ଏମ.ଏ. ପଢିବାରେ କୌଣସି ଅସୁବିଧା ହୋଇନଥାନ୍ତା ।

କିନ୍ତୁ ଘଟଣାଟି ମୋଡ଼ ନେଲା ଅନ୍ୟପ୍ରକାର । ପିଲାଟି ବେଳୁ ଝିଅଟିର ଚରିତ୍ରର ବୈଶିଷ୍ଟ୍ୟ ହେଉଛି, ନିଜ ଦୁଃଖ, କଷ୍ଟ, ଅନ୍ୟଠାରୁ ଦୂରେଇ ରଖିବା । ବି.ଏ. ଦ୍ୱିତୀୟ ବର୍ଷରେ ତା ମୁଣ୍ଡବିନ୍ଧା ରୋଗଟିଏ ବାହାରିଥିଲା । ବେଳେବେଳେ ପ୍ରବଳ ମୁଣ୍ଡ ବିନ୍ଧେ, ପୁଣି ଭଲହୋଇଯାଏ । ଝିଅଟି ସେତେ ଗୁରୁତ୍ୱ ଦେଲାନାହିଁ ରୋଗଟିକୁ ଯାହା ଫଳରେ ଏଇ ପ୍ରବଳ ମୁଣ୍ଡବିନ୍ଧା ଯୋଗୁ ବି.ଏ. ଦିତୀୟ ବର୍ଷରେ ସେ ଦୁଇଟି ପେପରରେ ପରୀକ୍ଷା ଦେଇ ପାରିନଥିଲା । ପରେପରେ ଅବଶ୍ୟ ରୋଗଟି ଆପେଆପେ ଭଲ ହୋଇଗଲା ଭଳି ଲାଗିଲା । ସେ ବି ପରୀକ୍ଷା ଦେଇନଥିବା, ଏହି ବିଷୟ ଦୁଇଟିକୁ ପ୍ରଥମ ଶ୍ରେଣୀ ନମ୍ବର ରଖି କ୍ଲିଅର କରିଦେଇଥିଲା । ତେଣୁ ଏ ବିଷୟଟିକୁ ସେ ଘରେ ଜଣେଇ ନଥିଲା । ମାତ୍ର ଫାଇନାଲ ବି.ଏ ପରୀକ୍ଷା ବେଳକୁ ପଢ଼ାପଢ଼ିର ଚାପ ଯୋଗୁ, ଏଇ ମୁଣ୍ଡ ବିନ୍ଧା ରୋଗଟି ପୁନଶ୍ଚ ହଠାତ୍ ବାହାରିଲା, ଯାହା ଫଳରେ ସେ ଗୋଟିଏ ବିଷୟରେ ପରୀକ୍ଷା ଦେଇପାରିଲା ନାହିଁ । କିନ୍ତୁ ଏ ବିଷୟ ବି ସେ ଜଣେଇବ ଜଣେଇବ ବୋଲି ଜଣେଇ ପାରିଲା ନାହିଁ ! ଦୁନିଆଯାକର ସବୁ ଲାଜ, ତା ପ୍ରତିଷ୍ଠା ଉପରେ ଆଞ୍ଚ ଆସିବାକୁ ବାଟ ଛାଡ଼ିଲାନାହିଁ । ଯେଉଁ ବିଷୟଟିରେ ପରୀକ୍ଷା ଦେଇପାରିନାହିଁ,ଏଇଟିକୁ ସେ ପରବର୍ତ୍ତୀ ପର୍ଯ୍ୟାୟରେ କ୍ଲିଅର କରିଦେବ ଏବଂ ଖୁବ୍ ଭଲ ନମ୍ବର ରଖି ଏମ.ଏ.ରେ ନାମ ଲେଖାଇ ପାରିବ ବୋଲି ତାର ଦୃଢ଼ ବିଶ୍ୱାସ ଥିଲା ।

Digitized by srujanika@gmail.com

ଯେଉଁ ରୋଲ ନମ୍ବରଟି ସେ ପରୀକ୍ଷା ଫଳ ପ୍ରକାଶ ପୂର୍ବରୁ ଜଣେଇଥିଲା, ତାହା ଥିଲା ତା'ର ଜଣେ ଅନ୍ତରଙ୍ଗ ସହପାଠୀର । ସେ ବି ଏହି ଝିଅଟି ଭଳି ଭଲ ପଢୁଥିଲା । ତା ସହିତ ପରାମର୍ଶ କରି , ତାର ରୋଲ ନମ୍ବରଟିକୁ ତାର ନିଜର ବୋଲି ଜଣେଇଥିଲା । ମାର୍କସିଟ୍ କଲେଜକୁ ଆସିଲା ପରେ ମିଳେ । ଶିକ୍ଷାର୍ଥୀ ତାହା ନିଜେ ସଂଗ୍ରହ କରେ କଲେଜରୁ । ଝିଅଟି ପ୍ରତି ପିତା,ମାତା, କକେଇ ଇତ୍ୟାଦିଙ୍କର ଯେଉଁ ଦୃଢ଼ ବିଶ୍ୱାସ, ସେମାନେ କେବଳ ପରୀକ୍ଷା ଫଳ ଶୁଣି ସନ୍ତୁଷ୍ଟ ହେବେ, ମାର୍କସିଟ୍ ପାଇଁ ଅଳିକରିବେ ନାହିଁ ବୋଲି ତାର ଦୃଢ଼ ବିଶ୍ୱାସ ଥିଲା । ବାପା ମାଆଙ୍କ ଅଜ୍ଞାତସାରରେ ସେ ବେକ୍ ପେପରଟି କ୍ଲିଅର କରିଦେବ ଏବଂ ଯଥା ସମୟରେ ଏମ.ଏ. ରେ ଆଡମିସନ ନେଇଯିବ । କେହି ଅସଲ କଥାର ସୁରାକ ପାଇବେ ନାହିଁ ବୋଲି ଝିଅଟି ଭାବିଥିଲା । ତାର ବାନ୍ଧବୀଟି ଆବଶ୍ୟକ ପଡ଼ିଲେ ଏ କ୍ଷେତ୍ରରେ ସହଯୋଗ କରିବ ବୋଲି ପ୍ରତିଶ୍ରୁତି ବି ଦେଇଥିଲା ।

କିନ୍ତୁ ସବୁ ଯୋଜନା ଫସର ଫାଟିଗଲା, ଯେତେବେଳେ ପରୀକ୍ଷା ଫଳ ଜଣାପଡ଼ିବାର ହିଁ ପରଦିନ ସକାଳେ କକେଇ ତାର ବାଣୀବିହାର ବାହାରିଲେ ମାର୍କସିଟ୍ ଆଣିବା ପାଇଁ । ତାଙ୍କ କଥାରୁ ଜଣାଗଲା, ବାଣୀବିହାର ପରୀକ୍ଷାଫଳ ଉପବିଭାଗରେ ତାଙ୍କର ଜଣେ ବଂଧୁ ଅଛନ୍ତି ଯାହାଙ୍କ ସାହାଯ୍ୟରେ ସେ ଅକ୍ଲେଶରେ ମାର୍କସିଟ୍‌କୁ ଆଣିପାରିବେ ।

ଏ କଥା ଜାଣି ଝିଅଟିର ମୁଣ୍ଡ ଘୂରିଗଲା । ବାପା, ମାଆ ଅଫିସ୍ ଚାଲିଗଲେ । କକେଇ ଚାଲିଗଲେ ମାର୍କସିଟ୍ ଆଣିବାକୁ ବାଣୀବିହାର । ଏହା ପରେ ସବୁ କିଛି ଧରା ପଡ଼ିଯିବ । କି କୈଫତ୍ ଝିଅଟି ଦେବ ? କାହାକୁ ମୁହଁ ଦେଖେଇବ ? ବାପା, ମାଆ, କକେଇଙ୍କ ମନର ଅବସ୍ଥା କଣ ହେବ ? ମୁଣ୍ଡ ଟେକି ସେମାନେ ବାଟ ଚାଲି ପାରିବେତ ? ଆଉ ତା ନିଜ ଅବସ୍ଥା ? ବହୁତ ଭାବିଲା । କେବଳ ଅନ୍ଧାର, ଚତୁର୍ଦିଗ ଅନ୍ଧାର ଦେଖାଗଲା । ସେଇ ଅନ୍ଧାର ଭିତରେ, ଏସବୁରୁ ମୁକ୍ତି ପାଇଁ କେବଳ ଗୋଟିଏ ମାତ୍ର ପଥ - ଏବଂ ସେଇଟିକୁ ସେ ବାଛି ନେଇଥିଲା ଶେଷରେ ।

ମଣିଷ ଭୁଲ କରେ । ଭୁଲ ସୁଧାରିବାର ଉପାୟ ବି ତା ପାଖରେ ତତ୍‌କ୍ଷଣାତ୍ ଉପସ୍ଥିତ ଥାଏ । ତାହା ହେଲା, ସ୍ୱୀକାର କରିବା । ବେଳେବେଳେ ଅହଙ୍କାରବଶତଃ ହେଉ ବା ଲାଜରେ, ସେ ଭୁଲ୍‌କୁ ଲୁଚେଇବା ପାଇଁ, ଆଉ ଗୋଟିଏ ଭୁଲ କରିବସେ । ଏମିତି ଗୋଟିଏ ପରେ ଗୋଟିଏ ଭୁଲ ସେ କରି ଚାଲିଥାଏ । କିନ୍ତୁ ଭୁଲ କେତେକାଳ ଲୁଚି ପାରେ ? ଦିନେ ସେଗୁଡ଼ିକ ପ୍ରକାଶିତ ହୁଅନ୍ତି । ଲଜ୍ଜା ଆଉ ଅପମାନରେ ଲୋକଟି

Digitized by srujanika@gmail.com

କେବଳ ସହୁଥାଏ ଆଉ ସମ୍ବେଦନଶୀଳ ବ୍ୟକ୍ତିଟି ହୁଏତ ଚରମ ପଦକ୍ଷେପଟିଏ ନିଏ ନିଜକୁ ଏ ସବୁରୁ ମୁକ୍ତି ନିମନ୍ତେ- ଯାହା ଏଇ ସୁଶୀଳା ଝିଅଟି କ୍ଷେତ୍ରରେ ଘଟିଲା । ଝିଅଟି ନିଜର ଭାରସାମ୍ୟ ହରେଇ ବସିଲା ଶେଷରେ । ଭାବିଲା ନାହିଁ, ତାର ଏଇ କ୍ଷଣିକ ଭ୍ରାନ୍ତି ପାଇଁ ତା ବାପା, ମାଆଙ୍କ ଅବସ୍ଥା କଣ ହେବ ?

ଗୋଟିଏ ଛୋଟିଆ ଭୁଲ ଜଣକୁ ନେଇ କେଉଁ ଅବସ୍ଥାରେ ପହଞ୍ଚାଇ ଦିଏ, ତାହାକୁ ଲୁଚାଇ ରଖିଲେ, ଏହାଠାରୁ ବଳି କି ଦାରୁଣ ଉଦାହରଣ ଅଛି ସଂସାରରେ ?

ରହସ୍ୟଟା ସେମିତି ଗୋପନରେ ରହିଯାଇଥାନ୍ତା ଯଦି ଝିଅଟିର ଅନିସନ୍ଧିତ୍ସୁ କେଇଟି, ସଂଧାନ ନେଇ ରୋଲ ନମ୍ବରଧାରୀ ଝିଅଟି ପାଖରେ ପହଞ୍ଚି ନଥାନ୍ତେ ପ୍ରକୃତ ସମସ୍ୟାର ଅନ୍ତର୍ନିହିତ ମର୍ମ ସଂପର୍କରେ ସମସ୍ତେ ଅବଗତ ହେବା ଆବଶ୍ୟକ ମଣି ।

ନିଜ ସନ୍ତାନର ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ମାତ୍ରାଧିକ ସଚେତନତା, ପୁଣି ତାର ସଫଳତାରେ ସୀମାହୀନ ଆନନ୍ଦ ଏବଂ ତଦ୍‌ଜନୀତ ଆତ୍ମ ପ୍ରଚାର- ତାହା ମିଠା ବାଣ୍ଟିବାରେ ହେଉ ବା ଉତ୍ସବ, ମହୋତ୍ସବଟିଏ ଆୟୋଜନ କରିହେଉ, ବେଳେବେଳେ ଅହେତୁକ ବିପଦ ବରଣ କରିଆଣେ, ଯେତେବେଳେ କୌଣସି ପ୍ରତିକୂଳ ଅବସ୍ଥାରେ ସନ୍ତାନଟି ନିଜର ସଫଳତା ଦୋହରାଇ ପାରେ ନାହିଁ । ପାଠର ଲକ୍ଷ୍ୟ ସର୍ବଦା ଜ୍ଞାନର ଉତ୍କର୍ଷ ହେଉ,ଜୀବନ-ଜୀବିକାର କେବଳ ମାତ୍ର ଅବଲମ୍ବନଟିଏ ଭାବରେ ବିଚାର କରାନଯାଉ- ଆଉ ଏ ଚିନ୍ତାଧାରାଟି ଉଭୟ ବିଦ୍ୟାର୍ଥୀ ଆଉ ତା'ର ଅଭିଭାବକ ମାନେ ଯେତେ ଶୀଘ୍ର ଜ୍ଞାତ ହେବେ- ଏମିତି ଅବସ୍ଥାର ଆଉ ପୁନରାବୃତ୍ତି ଘଟିବ ନାହିଁ ।

ମନର ନିଭୃତ କୋଣରେ ଛପିରହିଥିବା ଏଇ ହତଭାଗିନୀ ଝିଅଟିର କଥା ବେଳେବେଳେ ମନେ ପଡ଼ିଯାଏ । ଦୁଃଖ ହୁଏ, ଅକାଳରେ ଝରିପଡ଼ିଥିବା ଏଇ ସୁନାନାକୀ, ହତଭାଗିନୀ, ସ୍ୱାଭିମାନୀ ଝିଅଟି ପାଇଁ ! ତାର ଦୁଃଖଦ ମୃତ୍ୟୁପାଇଁ ! ଅତଳ ଗହ୍ୱର ଭିତରକୁ ଅନିଚ୍ଛା ସତ୍ତ୍ୱେ ସେ ଠେଲିହୋଇଗଲା । ଆଉ ବେଳେବେଳେ ଭାବେ- ଆକାଶର ଜହ୍ନଟିଏ ସେ, ଅଳ୍ପ କେଇଟି ଦିନ ଉଇଁଥିଲା ! ପୂର୍ଣ୍ଣତା ପ୍ରାପ୍ତିର ବହୁ ପୂର୍ବରୁ ଅନ୍ତରୀକ୍ଷରେ ଲୀନ ହୋଇଗଲା । ପୂର୍ଣ୍ଣମୀର ଚାନ୍ଦଟିଏ ହେବାପାଇଁ କାଳ ତାକୁ ଅବକାଶ ଦେଲାନାହିଁ ।

• • •

Digitized by srujanika@gmail.com

ଶୂନ୍ୟ ସଂହିତା

ବଂଧୁ ତ୍ରିନାଥ ଦାସର ନୂତନ ଗୃହ ପ୍ରତିଷ୍ଠା ଉତ୍ସବରେ ଆମେ ଅନେକ ବଂଧୁ ଉପସ୍ଥିତ ଥିଲୁ । ତ୍ରିନାଥ ମୋର ଅନ୍ତରଙ୍ଗ ବଂଧୁ । ଆମେ ଏକାଠି ଭୁବନେଶ୍ୱର ରାତ୍ରିକଲେଜରେ ପଢୁଥିଲୁ । ପରିଚୟ, ପରିଚୟରୁ ବନ୍ଧୁତା ଆଉ ବନ୍ଧୁତାରୁ ଅନ୍ତରଙ୍ଗତା । କୈଶୋର ଅତିକ୍ରମ କରି ଯୁବକତ୍ୱରେ ପଦାର୍ପଣ କରିବାର ଏଇ ବୟସରେ ସଂସାରର କୌଣସି ଆବିଳତା ଆମକୁ ସ୍ପର୍ଶ କରିନଥାଏ । ସେତେବେଳେ ସିଏ ଡ଼େଲଟା ଡ଼ିଭିଜନରେ ଚାକିରି କରୁଥିଲା ଆଉ ମୁଁ ଭେଟେରିନାରୀ କଲେଜରେ । ପରେ ଆମେ ଦୁଇଜଣ ସଚିବାଳୟରେ ଯୋଗଦେଲୁ । ବଂଧୁତ୍ୱ ଆହୁରି ସୁଦୃଢ଼ ହୋଇଗଲା ପରସ୍ପରକୁ ନିକଟରେ ପାଇ ।

ଘରପ୍ରତିଷ୍ଠା ଉତ୍ସବରେ ଆମେ ସବୁବନ୍ଧୁ ଏକତ୍ରିତ ହୋଇ ଖୁସିମନାଇବା ଅବସରରେ, ବଂଧୁ ତ୍ରିନାଥ ଖେଦ ପ୍ରକାଶ କଲା- ଆମ ସମସ୍ତ ବଂଧୁମାନଙ୍କର କେପିଟାଲରେ ଘର ଖଣ୍ଡିଏ ଖଣ୍ଡିଏ ହୋଇଗଲା, ଏକା ଶରତକୁ ଛାଡ଼ି ।

ସମସ୍ତେ ଏକମତ ହେଲେ ତ୍ରିନାଥ କଥାରେ । ଦୁଃଖ ବି ପ୍ରକାଶ କଲେ । ବଂଧୁ ପବିତ୍ରବାବୁ କହିଲେ - ଆମ ଶରତବାବୁଙ୍କ କଥା ତ ! ତାଙ୍କ ଦେଇ କିଛି ହେବନାହିଁ । କଥାଟା ନିହାତି ସତ । ହସିଦେଇ, ସର୍ବତୋଭାବେ ଗ୍ରହଣ କରିନେଲି ପବିତ୍ରବାବୁଙ୍କ ଖେଦୋକ୍ତିକୁ ।

ପବିତ୍ରବାବୁଙ୍କ ଟିପ୍ପଣୀଟି ସମ୍ପୂର୍ଣ୍ଣ ସତ ଏବଂ ଅନେକ କ୍ଷେତ୍ରରେ ପରୀକ୍ଷିତ । ତେଣୁ ମୋ ପ୍ରତି ତାଙ୍କର ଭରସା ବହୁତ କମ୍, ବିଶେଷ କରି କୌଣସି କାମକୁ ନେଇଆଣି ଥୋଇପାରିବା କ୍ଷେତ୍ରରେ ।

ଏକେତ ମୁଁ ଜଣେ ଅର୍ଥଶୂନ୍ୟ ବ୍ୟକ୍ତି । ଦରମା ଗଣ୍ଡାକ ଛଡ଼ା ଅଧିକ କମେଇବା କଳାକୌଶଳ ମୋ ଦ୍ୱାରା ହୋଇପାରେ ନାହିଁ । ପୁଣି ବାପ, ମାଆ, ଭାଇ, ଭଉଣୀ ସମନ୍ୱିତ ପରିବାରର ଦାୟିତ୍ୱ ଉତ୍ତୁଙ୍ଗ ଶୀଖରଭଳି ମୋ ଉପରେ ନ୍ୟସ୍ତ । ପଇସା କେଉଁଠୁ ବଳିବ ଯେ ଭୁବନେଶ୍ୱର ଭଳି ମହଙ୍ଗା ସହରରେ ଜାଗା ଖଣ୍ଡିଏ କିଣି ଘରଟିଏ ବନେଇବି ? ଅବଶ୍ୟ ଲୋଭ ସମ୍ବରଣ କରିପାରେ ନାହିଁ । ଖୋଲା ବଜାରରେ ବିକ୍ରି ହେଉଥିବା ଦୁର୍ମୂଲ୍ୟ ଜାଗାକଥା କେବେ ଚିନ୍ତା କରିନଥିଲେବି, ସରକାରଙ୍କ ତରଫରୁ ଅଳ୍ପ ମୂଲ୍ୟରେ ଯୋଗାଇ

Digitized by srujanika@gmail.com

ଦିଆଯାଉଥିବା ଜାଗାଗୁଡ଼ିକ ପାଇଁ ଯେତେବେଳେ ବିଜ୍ଞାପନମାନ ବାହାରେ, ତତ୍‌କ୍ଷଣାତ୍ ପେଟ ଆଉ ପାଟିରୁ କାଟି ଆବଶ୍ୟକୀ ଫର୍ମ, ଶପଥପତ୍ର କିଣି ଦାଖଲ କରିଛି ମୋର ବଂଧୁମାନଙ୍କ ସହିତ । ସେମାନଙ୍କୁ ମିଳିଯାଏ । ମୋତେ କିନ୍ତୁ ମିଳେନାହିଁ କାହିଁକି ? ଅଯୋଗ୍ୟ ବ୍ୟକ୍ତିଟିଏ ବୋଲି ନା ଭାଗ୍ୟ ମୋତେ ସହାୟତା କରେନାହିଁ ବୋଲି ?

ଭାଗ୍ୟ ସହାୟତା କରିନାହିଁ, କହିଲେ କଥାଟା କେବଳ ଅର୍ଦ୍ଧସତ୍ୟ ହେବ । ଚାକିରି ଜୀବନ ପ୍ରାରମ୍ଭରେ ଭୁବନେଶ୍ୱର ବ୍ରହ୍ମେଶ୍ୱର ପାଟଣାର ପୂର୍ବତନ ସର୍ବରାକାରଙ୍କ ଘରେ ମୁଁ ଟିଉସନ କରୁଥିଲି । ଭୁବନେଶ୍ୱରରେ ତାଙ୍କର ଅନେକ ଜମିଜମା ଥିଲା । ତାଙ୍କର ଏକମାତ୍ର ପୁଅର ଅକାଳ ବିୟୋଗ ପରେ ତାଙ୍କର ବିଧବା ପତ୍ନୀଙ୍କ ଅନୁରୋଧରେ ତାଙ୍କ ଘରେ ରହି ବାପଛେଉଣ୍ଡ ବାଳୁତ ପିଲା ତିନୋଟିଙ୍କୁ ମୁଁ ଟିଉସନ କରୁଥିଲି । ସଂପର୍କ ଗାଢ଼ତର ହୋଇ ପାରିବାରିକ ରୂପନେଲା । ସେ ମୋତେ ଟିଉସନ ମାଷ୍ଟରଟିଏ ନ ଭାବି, ପୁତ୍ରବତ୍ ସ୍ନେହ କରୁଥିଲେ । ଭଦ୍ରମହିଳା ଜଣକ ଭାରି ସରଳ ଆଉ ଦୟାଳୁ ହୃଦୟର । ତାଙ୍କୁ ଯେଉଁ ବ୍ୟକ୍ତିଟି ରିକ୍ସାରେ ବସାଇ ନେବା ଆଣିବା କରୁଥିଲା, ତାକୁ ସେ ମାଗଣାରେ ଅଧମାଣେ ଜମି ପଟ୍ଟାକରି ଦେଇଥିଲେ । ଅବଶ୍ୟ ପଟ୍ଟାଟି ହାସଲ କଲା ପରେ, ସେ ଆଉ ତାଙ୍କୁ ରିକ୍ସାରେ ନେବା ଆଣିବା କଲାନାହିଁ । ମୋ ପୂର୍ବରୁ ଜଣେ ପ୍ରାଇମେରୀ ଶିକ୍ଷକ ତାଙ୍କ ପିଲା ତିନୋଟିଙ୍କୁ ପଢ଼ାଉଥିଲେ । ତାଙ୍କୁ ବି ସେ ନାମମାତ୍ର ମୂଲ୍ୟରେ ଘର କରିବା ପାଇଁ କିଛି ଜାଗା ରେଜେଷ୍ଟ୍ରି କରିଦେଇଥିଲେ ।

ତାଙ୍କ ଘରର କେତେଗୁଡ଼ିଏ ପାରିବାରିକ କାରଣ ଯୋଗୁ ମୁଁ ଟିଉସନ ଛାଡ଼ିଦେଲି । କିନ୍ତୁ ସମ୍ପର୍କ ଅତୁଟ ରହିଲା ପୂର୍ବବତ୍ । ସେ ଅନେକ ଥର ମୋତେ ଜାଗା ଖଣ୍ଡିଏ ଦେବାପାଇଁ ଇଚ୍ଛାପ୍ରକାଶ କରିଛନ୍ତି, ତାହା ପୁଣି ବିନାମୂଲ୍ୟରେ । ମୋତେ ମନେଇବା ପାଇଁ ମୁଁ ପାଇଥିବା ସରକାରୀ ଘରକୁ ଅନେକବାର ଆସିଛନ୍ତି । ଅସଫଳ ହେବାରୁ, ମୋ ଅଫିସଯାଇ, ମୋ ସହକର୍ମୀମାନଙ୍କ ସାହାଯ୍ୟ ବି ଲୋଡ଼ିଛନ୍ତି ମୋତେ ପ୍ରବର୍ତ୍ତାଇବା ପାଇଁ ।

କିନ୍ତୁ କାହିଁକି, କାହିଁକି ମୁଁ ହାତ ପାଆନ୍ତାରେ ମିଳୁଥିବା ସୁଯୋଗକୁ ହାତଛଡ଼ା କଲି ? କଥାହେଲା, ମୋ ବିବେକ ମୋତେ ପ୍ରଶ୍ରୟ ଦେଲାନାହିଁ, ବାଳୁତ ବାପଛେଉଣ୍ଡ ପିଲା ତିନୋଟିଙ୍କର ସମ୍ପତ୍ତି କରାୟତ କରିବାକୁ । ମୁଁ ସେମାନଙ୍କର ଗୁରୁ ଥିଲି; ପିତୃତୁଲ୍ୟ । ସେମାନେ ସେତେବେଳେ ଅଜ୍ଞାନ । ତାଙ୍କ ସମ୍ପତ୍ତି ନେବା ଅନ୍ୟାୟ ହେବ । କାଲି ସେମାନେ ବଡ଼ ହେବେ । କି ଦୃଷ୍ଟିରେ ମୋତେ ଦେଖିବେ ?

Digitized by srujanika@gmail.com

ଅବଶ୍ୟ ମୋ ଆଖି ଆଗରେ, ସେ ପ୍ରାୟ ସମସ୍ତ ସମ୍ପତ୍ତି ବିକିଦେଲେ ବା ହସ୍ତାନ୍ତର କରିଦେଲେ । କାହିଁ, ସେମାନେ ତ ନିନ୍ଦିତ ହେଲେ ନାହିଁ ବାଲୁତ ସମ୍ପତ୍ତି କରାଗତ କରିଥିବାରୁ ? ମୋ ବଂଧୁମାନେ, ମୋ ହିତାକାଂକ୍ଷୀମାନେ ଏ ପ୍ରଶ୍ନ ଉଠାଇଛନ୍ତି । ମୁଁ ନିରବ ରହିଛି ସେମାନଙ୍କୁ କୌଣସି ଉତ୍ତର ନଦେଇ । ଆଦର୍ଶ ଏକ ବ୍ୟକ୍ତିଗତ ସଂସ୍କାରର କଥା । ଏହା ସାର୍ବଜନୀନ ନୁହେଁ । ଏହା ନିଜର ଅନ୍ତର୍ବୋଧରୁ ସୃଷ୍ଟିହୁଏ । ତେଣୁ ଠିକ୍ ଭୁଲ ବିଚାର ଅପେକ୍ଷିକ; ବ୍ୟକ୍ତି ବିଶେଷରେ ଅଲଗା ଅଲଗା ହେବାକୁ ବାଧ୍ୟ ।

ଏବେ ହୁଏତ ସେ ମାଉସୀ ଜୀବିତ ନଥିବେ । ତାଙ୍କ ଘରକୁ ମୁଁ ଅନେକ ଥର ଯାଇଛି । ସରୁ ଚକୁଳି ପିଠାକୁ ମୁଁ ଭଲପାଏ ବୋଲି, ପ୍ରତ୍ୟେକଥର ସେ ମୋତେ ସରୁଚକୁଳି ତିଆରିକରି ଖାଇବାକୁ ଦେଉଥିଲେ । ଜାଗାବାଡ଼ି ପ୍ରାୟ ତାଙ୍କର ବିକ୍ରି ହେଇଗଲା । ଶେଷରେ, ଶେଷଥର ପାଇଁ ଆସିଥିଲେ ମୋ ପାଖକୁ ପ୍ରସ୍ତାବଟିଏ ନେଇ । ତାଙ୍କର ବକ୍ତବ୍ୟଥିଲା- ସବୁ ଜାଗା ସରିଗଲା । ବଇଆ ରିକ୍ସା ଟାଣୁଥିଲା ମୋତେ ବସାଇ । ତାକୁ ଅଧମାଣେ ଦେଇଦେଲି । ପଦମାଷ୍ଟ୍ରେ ପିଲା ତିନୋଟିକୁ ପଢ଼ାଉଥିଲେବୋଲି ତାଙ୍କୁ ବି ଜାଗାଟିଏ ଦେଲି । ତୁମେ କାହିଁକି ନେଲନାହିଁ ?

ତେବେ, ଏଇଟା ତୁମ ପାଇଁ ଶେଷ ସୁଯୋଗ । ଲକ୍ଷ୍ମୀସାଗର ଇଲାକାରେ ଦେଢ଼ ଏକର ଜମିର ପଟ୍ଟା ଏବେ ନୂଆ ସେଟଲମେଣ୍ଟରୁ ମିଳିଛି । ତାହା କିନ୍ତୁ ଅନ୍ୟର ଦଖଲରେ ଅଛି । ମୁଁ ତୁମ ନାମରେ ବିକ୍ରିକବଲା କରି ଦେଉଛି । ତୁମେ ତାକୁ ଦଖଲରେ ନିଅ । ମୁଁ ସାହାଯ୍ୟ କରିବି ।

ସରଳା ଭଦ୍ରମହିଳା । ଜାଗାବାଡ଼ି ଅନ୍ୟର ଦଖଲରେ ଥିଲେ, ତାକୁ ହସ୍ତଗତ କରିବା, ବିଶେଷକରି ମୋ ପରି ଜଣେ ବିଦେଶୀ ଅଧମ ପକ୍ଷରେ, କି ପରି ମାରାତ୍ମକ ତାହା ସେ କେମିତି ଜାଣିବେ ?

ମାଗଣା ମିଳୁଥିଲା, ମାତ୍ର ନେଲି ନାହିଁ । ସରକାରୀ ଜାଗା ଖଣ୍ଡିଏ ପାଇଁ ବାରମ୍ବାର ଦରଖାସ୍ତ କରି ଫେଲ୍ ମାରିଲି । ପ୍ରାଇଭେଟ୍ ଜାଗା ସେତେବେଳକୁ ଯାହାକୁ ଯେତେ । ମାତ୍ର ଦାମ୍ ଦେଇ କିଣିବାକୁ ତାକତ୍ ନାହିଁ । ତେଣୁ ଜାଗା ଖଣ୍ଡିଏ କିଣିବା କଥା ମନରୁ ପାସୋରି ଦେଇଥିଲି ।

ଗାଁରେ ଜେଜେବାପାଙ୍କ ଅମଳରୁ ପୁରୁଣାକାଳିଆ ଚାଳଘର ଥିଲା । ସେଇ ଘରର ଅର୍ଦ୍ଧେକରେ ବାପା ବୋଉ ଆଉ ମୋର ସାନଭାଇମାନେ ରହୁଥିଲେ । ବାକି ଅର୍ଦ୍ଧେକରେ ମୋର କକାଙ୍କ ପରିବାର ରହୁଥିଲେ । ଧୋଇଆ ଅଞ୍ଚଳ । ବର୍ଷେ ଧାନ ହେଲେ ଦି' ବର୍ଷ

Digitized by srujanika@gmail.com

ଧୋଇ ଯାଉଥିଲା । ତେଣୁ ଛପର ନିମନ୍ତେ ବାହାରୁ ନଡ଼ା କିଣିବାକୁ ହେଉଥିଲା । ସେଥିରେ ପୁଣି ବାଉଁଶକୁ କେଉଁ ଏକ ରୋଗ ଧରିଲା ଯେ ବୁଦାସବୁ ମରି ପଦା ହୋଇଗଲା । ପୁରୁଣାକାଳିଆ ମଉଡମରା ଘର । ଦାଣ୍ଡପ୍ରସ୍ଥରେ ତିନୋଟି କୋଠରୀ ଆଉ ଅଗଣା । ପଛପ୍ରସ୍ଥରେ ବି ସେମିତି ତିନୋଟି କୋଠରୀ, ଧାନ ଅମାର ଆଉ ରୋଷେଇ ଘର ଆଉ ଅଗଣାଟିଏ । ଘରର ଗୋଟିଏ ପାଖରେ ସୁବୃହତ ଚାଳିଆଟିଏ ଲମ୍ବିଥାଏ ଚଳପ୍ରଚଳର ସୁବିଧା ପାଇଁ । ଏତେ ବଡ଼ ବୃହତ ଚାଳ ଘରଟିକୁ ଛାଉଣି କରିବା ପାଇଁ ପ୍ରତ୍ୟେକ ବର୍ଷ ବହୁ ଅର୍ଥଶ୍ରାଦ୍ଧ କରିବାକୁ ପଡ଼େ ।

ଯାହା ଯେମିତି ଚଳୁଥିଲେ କଷ୍ଟେମଷ୍ଟେ ମାତ୍ର ବାଉଁଶର ଅଭାବ ସବୁ କିଛି ଓଲଟ ପାଲଟ କରିଦେଲା ? ବାଉଁଶ ଗାଁ ଗହଳର ଏକ ଅତ୍ୟାବଶ୍ୟକ ପଦାର୍ଥ । ଘର ତିଆରିଠାରୁ ଆରମ୍ଭକରି ନିତ୍ୟ ବ୍ୟବହାର୍ଯ୍ୟ କୁଲା,ବାଉଁଶିଆ ପ୍ରଭୃତିରେ ଏହା ବ୍ୟବହାର କରାଯାଏ । ଗୋରୁ ଗାଈଙ୍କ କବଳରୁ ଫସଲ ରକ୍ଷା ପାଇଁ ଯେଉଁ ବାଡ଼ ବୁଜାଯାଏ ସେଥିରେ ବି ଏହା ବ୍ୟବହୃତ ହୁଏ ।

ଆମ ଘରବାଡ଼ି ନଈକୂଳକୁ ଲାଗିଛି । ଉର୍ବର ମାଟି ଯୋଗୁଁ ଇଲାକାଟି ବାଉଁଶ ବଣରେ ପୂର୍ଣ୍ଣ । ସେଥିରେ ପୁଣି ଅରମା ଗଛ ସବୁ ଛାଇ ହୋଇ ରହିଛି । ଏଇ ଅନ୍ଧାରୁଆ ବଣ ଭିତରକୁ ଆମ ପରିବାରର ଝିଅବୋହୂମାନେ ପୋଖରୀପାଣି ଯିବା କାର୍ଯ୍ୟରେ ବ୍ୟବହାର କରନ୍ତି । ବାଉଁଶ ପତର ସବୁ ବୁଦା ମୂଳରେ କୁଢ଼େଇ ପଡ଼ିଥାଏ । ବେଙ୍ଗଟାଏ କି ଚମେଇ ନେଉଳଟିଏ ଚାଲିଗଲେ, ଖସ୍‌ଖସ୍ ଶବ୍ଦ ସାପ ଚାଲି ଯାଉଥିବାର ଭ୍ରମ ସୃଷ୍ଟିକରେ । ଅନ୍ଧାର ରାତିରେ, ଅନ୍ଧାର ସବୁ ଜମାଟ ବାନ୍ଧିଥାଏ ବାଉଁଶ ବୁଦା ମୂଳରେ । ଆଉ ଜହ୍ନ ରାତିରେ ତରଳ ଜୋସ୍ନା, ପତ୍ର ଗହଳିର ସନ୍ଧି ଅନୁସନ୍ଧି ଦେଇ ଝରିପଡ଼େ ଆଉ ସିରିସିରି ପବନରେ ଦୋଳାୟମାନ ଚନ୍ଦ୍ରାଲୋକିତ ଡାଳ ପତ୍ର ଭୌତିକ ଭ୍ରମ ସୃଷ୍ଟିକରେ ମନରେ । ନଈରେ ସେତେବେଳେ ବର୍ଷସାରା ପାଣି । ଖରା ଦିନରେ ଗଣ୍ଡସ୍ଥାନମାନଙ୍କରେ ପାଣି ଶୁଖେ ନାହିଁ । ତେଣୁ ଝିଅବୋହୂମାନଙ୍କୁ ସୌଚ ହେବାକୁ ସୁବିଧା ହୁଏ । ଏଇ ଘଞ୍ଚ ବାଉଁଶ ବାଡ଼ିରେ ପଶି ବାଉଁଶ କାଟିବା ସୁବିଧା ହୁଏ ନାହିଁ ଏହାର ଅପରିଷ୍କୃତ ସ୍ଥିତି ଯୋଗୁ । ବାଉଁଶ ଗଛ ସବୁ ବୁଢ଼ା ହୋଇ ମରେ । ନାନା ପ୍ରକାର ବଣୁଆ କୋଳି ପାଚେ ପୁଣି ଝଡ଼ିପଡ଼େ । ଝିଅବୋହୂମାନେ ଝାଡ଼ାଝପଟ ଯାଉଥିବାରୁ, ଆମେ ପିଲାମାନେ କେହି କେବେ ଏହା ଭିତରେ ପଶି କୋଳି ତୋଳିବାକୁ ମନ ବଳାଉ ନାହିଁ ।

Digitized by srujanika@gmail.com

ଗ୍ରାମଠାରୁ ପ୍ରାୟ ମାଇଲିଏ ଦୂରରେ କୁମ୍ଭାର ସାଇଟିଏ ଥାଏ । ସେତେବେଳେ ମାଟିହାଣ୍ଡିକୁଣ୍ଡେଇର ପ୍ରଚଳନ କାଳ । ଏଇ ମାଟିହାଣ୍ଡି ପୋଡ଼ିବା ପାଇଁ ପ୍ରଚୁର ଜାଳ ଆବଶ୍ୟକ ହୁଏ । ବର୍ଷର ଅଧିକାଂଶ ସମୟରେ, ଏଇ କୁମ୍ଭାର କୁମ୍ଭାରୁଣୀମାନେ ଆସି ଆବଶ୍ୟକ ଜାଳ ସଂଗ୍ରହ କରି ନିଅନ୍ତି ଏଠାରୁ । କେହି ପ୍ରତିବାଦ କରନ୍ତି ନାହିଁ । ସେତେବେଳର ଉଦାରତା ଏବେ କାହିଁ? ଆମର କାମରେ ଲାଗୁନାହିଁ । ସେମାନଙ୍କର ଆବଶ୍ୟକ -ନିଅନ୍ତୁ ସେମାନେ ।

ଆଉ ଖଳା ବାଡ଼ିରେ ଥିବା ବାଉଁଶ ବୁଦା ଗୁଡିକ ଆମ ତିନୋଟି ପରିବାରର ଆବଶ୍ୟକତା ପୂରଣ କରିଦିଏ ।

ଏବେ କିନ୍ତୁ ଅବସ୍ଥା ବଦଳିଗଲା । ବାଉଁଶ ବୁଦା ଗୁଡ଼ିକର ଅର୍ଦ୍ଧାଧିକ ମରିଯାଇଥିଲା । ଦୁର୍ମୂଲ୍ୟ ହୋଇଗଲା ବାଉଁଶ । ଘରଛାଉଣୀ ପ୍ରତ୍ୟେକ ବର୍ଷ ଏକ ସମସ୍ୟା ରୂପେ ଠିଆହେଲା ଆଗରେ । ଶେଷରେ ବାପାଙ୍କ ସହିତ ବିଚାର ବିମର୍ଶ କରି ଆମେ ଭୁବନେଶ୍ୱରରେ ଚାକିରି କରୁଥିବା ଦୁଇଭାଇ, ଠିକ୍ କଲୁଯେ-ପୁରୁଣା ଘର ଭାଙ୍ଗି ଦିଆଯିବ । ଆମ ଆବଶ୍ୟକତା ଅନୁଯାୟୀ ଛୋଟିଆ ପକ୍କାଘର ଚାରିବଖରା ତିଆରି କରାଯିବ ପୁରୁଣା ଘର ସ୍ଥାନରେ ।

ପ୍ରସ୍ତୁତି ସ୍ୱରୁପ, ଛୁଟିନେଇ, ଗାଁକୁ ଆସି ଘରତିଆରି ପାଇଁ ପଚିଶି ହଜାର ଇଟା ପୋଢ଼େଇ ଦେଲି । ପୁରୁଣା ଘରକୁ ଭାଙ୍ଗି ଦିଆଗଲା । ଚଳିବା ପାଇଁ ଦୁଇବଖରା ଚାଳ ଘର ତିଆରି କରାଗଲା । ଜିନିଷପତ୍ର ରଖିବା ପାଇଁ ଘରଟିକୁ ଆଟୁ କରାଗଲା । ଧୂଳିମଳିରୁ ରକ୍ଷାପାଇଁ ତଳି ପକ୍କା କରାଗଲା । ପୁରୁଣା କୂଅଟିକୁ ପକ୍କାକୂଅରେ ପରିଣତ କରାଗଲା । ସାନଭାଇ ଅଫିସରୁ ଛୁଟି ନେଇ, ଏସବୁ କରିଥିଲା ।

ଏ ଭିତରେ ବର୍ଷେ, ଦି'ବର୍ଷ ବିତିଗଲା । ଇଟାସବୁ ଚୋରି ହେବାକୁ ଲାଗିଲା । ବାପା ଗାଁରୁ ଚିଠି ଲେଖି ମୋତେ ଅସ୍ତବ୍ୟସ୍ତ କଲେ । ପୂର୍ବରୁ ବାଇଶି ହଜାର ଟଙ୍କା ଜିପିଏଫ୍‌ରୁ ଉଠାଇ ଇଟାପୋଡା ଓ ଆଉଟ୍‌ହାଉସ୍ ନିର୍ମାଣରେ ବିନିଯୋଗ କରିଥିଲି । ବାକି ସମ୍ବଳତକ ପଚିଶି ହଜାର ଟଙ୍କା ଉଠାଇ ଛୁଟିନେଇ ଗୃହନିର୍ମାଣ ନିମନ୍ତେ ଘରକୁ ଗଲି ।

ଦୁର୍ଯୋଗକୁ ସେତେବେଳେ ସିମେଣ୍ଟ ଦୁଷ୍ପ୍ରାପ୍ୟ ମୋତେ ହତବାକ୍ କରିଦେଲା । କୌଣସି ବ୍ରାଣ୍ଡେଡ୍ କମ୍ପାନିର ସିମେଣ୍ଟ ମିଳିଲା ନାହିଁ । ଆନ୍ଧ୍ର ପ୍ରସ୍ତୁତ ବିଜୟା ସିମେଣ୍ଟ, ତାହା ପୁଣି ଅଧିକ ମୂଲ୍ୟରେ କିଣି ନାନା ଘାତପ୍ରତିଘାତ ମଧ୍ୟରେ ଘରତୋଳା ଆରମ୍ଭ କଲି । ଘରେ ରହୁଥିବା ସାନଭାଇ ମଧ୍ୟ ଆଶାଜନକ ସହଯୋଗ କଲାନାହିଁ । ଏହି ସରଳ ବିଶ୍ୱାସୀ ପିଲାଟିକୁ ମଝିଆ ବୋହୂ ବୁଝାଇ ଦେଲେ ଯେ ନନାଙ୍କ ଅବସର ଗ୍ରହଣ ପରେ ସେ ଆସି ଏଠାରେ ରହିବା ନିମନ୍ତେ ପକ୍କାଘର ନିର୍ମାଣ ଚାଲିଛି । ଆମର ଯେଉଁ ଚାଳ ଘର ରହଣିକୁ ସେଇ ଚାଳଘର ।

Digitized by srujanika@gmail.com

ଗାଁରେ ମୋର ଜନ୍ମ । ତାରି କୋଳରେ ଖେଳିବୁଲି ମୁଁ ମାଇନର ପଢ଼ିଛି । ଯେଉଁମାନେ ମୋତେ ଦେଖିଲେ ଆନନ୍ଦରେ ଫାଟିପଡୁଥିଲେ, ସେମାନେ ଏବେ ମୁହଁକୁ ଚାହୁଁନାହାନ୍ତି, ସତେ ଯେମିତି ଜାଣନ୍ତି ନାହିଁ ମୋତେ । ପଦେ ପଚାରିଲେ ପଦଟିଏ ଉତ୍ତର ମିଳୁଛି । କାହାରି ସହିତ କାହାର ସମ୍ପର୍କ ନାହିଁ । ଆଉ ଯଦି ଅଛି, ତାହା ରାଜନୈତିକ ସମ୍ପର୍କ । ସେମାନଙ୍କ ମଧ୍ୟରେ ବିଭାଜନ ରାଜନୈତିକ ସମ୍ପର୍କକୁ ନେଇ । ମୁଁ ତ କାଉଟାଏ । କେଉଁ ଦଳର ନୁହେଁ । ମୋ ମୁହଁ କିଏ କାହିଁକି ଚାହିଁବ ?

କେଇଟା ବର୍ଷ ଭିତରେ ସବୁକିଛି ପରିବର୍ତ୍ତିତ ହୋଇଯାଇଛି । ପରିବର୍ତ୍ତିତ ହୋଇ ଯାଇଛି ସରଳ ସୁନ୍ଦର ସୁମଧୁର ଗ୍ରାମ୍ୟଜୀବନ, ରାଜନୈତିକ ପୃଷ୍ଠଭୂମିରେ ତାହା ଆଜି ବିଷାକ୍ତ । ସହରୀ ସଭ୍ୟତା, ବଜାର ଅର୍ଥନୀତିର କୁଟିଳ ଫାଶରେ ସେମାନେ ବନ୍ଦି । ବାହା ପୁଆଣିରେ ସେମାନେ ମିଳିମିଶି ବେଦୀ ସଜାଉନାହାନ୍ତି । ଦେବଦାରୁ ତାଳ ଆମ୍ବଡାଳ ଆଣି ଗୌରୀବାନ୍ଧି ଝୁଲାଉ ନାହାନ୍ତି । ସହରୀ ଟେଣ୍ଟ ହାଉସ ବ୍ୟବସ୍ଥା ଏବେ ଗାଁକୁ ଖେପି ଗଲାଣି । ସଶ୍ରଦ୍ଧ ଗ୍ରାମ୍ୟ ଭୋଜିଭାତ ବଦଳରେ ଉପହାର ନାମରେ ପଇସା ଦେଇ ହୋଟେଲ ଭଳି ଭୋଜିଭାତ କିଣିବାକୁ ପଡୁଛି । ମାଇକ୍ ବାଜୁଛି କାନ ଫଟାଇ, ନିଜର ପ୍ରଶସ୍ତି ପ୍ରଚାର କରି । ଏସବୁ ଦେଖି ଦୁଃଖରେ ମନ ଭାରାକ୍ରାନ୍ତ ହୋଇଗଲା ।

ମାସେକାଳ ଲାଗି ଘରର ନିଣ୍ଢାଳ ପକେଇ ଦେଲି । ଶେଷରେ ସିମେଣ୍ଟ ସମ୍ପୂର୍ଣ୍ଣ ଦୁଷ୍ପ୍ରାପ୍ୟ ହେବାରୁ ବାଧ ହୋଇ କାମ ବନ୍ଦ ରଖିବାକୁ ପଡ଼ିଲା ।

ଦୁର୍ଯୋଗକୁ, ସେଇବର୍ଷ ପ୍ରବଳ ଝଡ଼ ତୋଫାନରେ ଆମ ଦାଣ୍ଡରେ ଥିବା ଏକ ଆକାଶଚୁମ୍ବୀ ନଡ଼ିଆ ଗଛ ଅଧଗଡ଼ିରୁ ଭାଙ୍ଗିପଡ଼ି ଏକଣରୁ ସେ କଣ ପର୍ଯ୍ୟନ୍ତ ଘରଉପରେ ପଡ଼ିବାରୁ ନିଣ୍ଢାଳର ବହୁଅଂଶ ଛିଡି ପଡିଲା । ମନ ମୋର ପିତା ହୋଇଗଲା । ଗାଁରେ ପକ୍କାଘର କରିବାର ନିଶା ପୂରା ଛାଡ଼ିଗଲା । ପିଲାବେଳର ଗ୍ରାମ୍ୟ ଜୀବନର ସଂସ୍କୃତି ମୋ ମନ ପ୍ରାଣକୁ ସର୍ବଦା ଉଲ୍ଲସିତ କରି ରଖିଥିଲା । ବର୍ତ୍ତମାନର ପରିବର୍ତ୍ତିତ ଗ୍ରାମ୍ୟ ଜୀବନ ଦେଖି ବୀତସ୍ପୃହ ହୋଇଗଲି । ବାପାଙ୍କର ବି ଦେହାନ୍ତ ହୋଇଗଲା । ଘରକାମ ସେହିପରି ଭଗ୍ନ ଅବସ୍ଥାରେ ପଡ଼ିରହିଲା । ଭାବିଲି ଘରଟିଏ ତୋଳିବା ବୋଧହୁଏ ମୋ ଜାତକରେ ନାହିଁ ।

ଅବୁଝା ଘରଣୀଟିଏ ମୋର,ଜୀବନ ଦର୍ଶନର ଏଇ ବିଚାରଟିକୁ ଜମା ଗ୍ରହଣ କରି ପାରେନାହିଁ । ଦିନେ ସେ ବ୍ୟସ୍ତହୋଇ କହିଲା- ଚାକିରି ତୁମର ସରିସରି ଆସୁଛି । ତମ ସାଙ୍ଗସାଥୀମାନେ ନିଜନିଜ ଶକ୍ତିକୁ ଚାହିଁ ଘର ଖଣ୍ଡେଖଣ୍ଡେ କଲେ, କିନ୍ତୁ ତମ ନିଦ

Digitized by srujanika@gmail.com

ଭାଙ୍ଗୁନାହିଁ । ଶେଷରେ ଆମକୁ ନେଇ ରାସ୍ତାରେ ଠିଆ କରାଇବ ନା କଣ ?

ଅନେକ ଦିନ ତଳେ ସୁପ୍ରଶିଦ୍ଧ ଲେଖକ ତଥା ଚଳଚ୍ଚିତ୍ର ନିର୍ଦ୍ଦେଶକ- କେ.ଏ. ଆବାସଙ୍କର ଜୀବନ-ଦର୍ଶନ ସମ୍ବଳିତ ଜନପ୍ରିୟ, ରାଷ୍ଟ୍ରପତି ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର "ସଲାମ ବମ୍ବେ" ଦେଖିଥିଲି । ଏଥିରେ ଗୋଟିଏ ଦରିଦ୍ର, ଅସହାୟ ପରିବାର ଘର ଖଣ୍ଡିଏ ଅଭାବରେ କିପରି ଏକ ପରିତ୍ୟକ୍ତ ସୁବୃହତ ସିମେଣ୍ଟ ପାଇପ୍ ଭିତରେ ବର୍ଷ ବର୍ଷ ରହି ବଞ୍ଚିବା ପାଇଁ ସଂଘର୍ଷ କରୁଥିଲେ, ତାର ଏକ ବାସ୍ତବ ଚିତ୍ର ପ୍ରଦର୍ଶନ କରିଥିଲେ । ଏ ଚଳଚ୍ଚିତ୍ରଟି ମୋ ମନରେ ଗଭୀର ରେଖାପାତ କରିଥିଲା । ଘରଣୀଙ୍କର ଏତାଦୃଶ ଅଭିଯୋଗରେ ମୋର ଅନ୍ତର୍ହୃଦୟରେ ଅଙ୍କିତ ସେଇ ଚଳଚ୍ଚିତ୍ରର ଦୃଶ୍ୟଟି ସଜୀବ ହୋଇ ଉଠିଲା । ମୁଁ ମୋ ଅକ୍ଷମତାକୁ ଲୁଚେଇବାକୁ ଯାଇ, କଥାଟାକୁ ହାଲୁକା କରିବା ଉଦ୍ଦେଶ୍ୟରେ ବୁଝେଇ ଦେଲି- ବ୍ୟସ୍ତ ହୁଅନି । ପରିତ୍ୟକ୍ତ ସରକାରୀ ଜାଗାରେ, ଶହଶହ ପରିବାର ରହୁଛନ୍ତି । ସରକାରୀ ଚାକିରିରୁ ଅବସର ନେଲାବେଳେ, କିଛି ଅବସରକାଳୀନ ପ୍ରାପ୍ୟ ଅବଶ୍ୟ ମିଳିବ । ସେଥିରେ ଦୁଇଟି ବଖରା ଥାଇ ଗୋଟିଏ କେବିନ୍ ବନେଇ ଦେବା । ତଳେ ଚକା ଲାଗିବ, ଆବଶ୍ୟକସ୍ଥଳେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଗଡ଼େଇ ନେଇଯିବା ପାଇଁ । ସରକାର ତଡ଼ିଦେଲେ, କେବିନ୍‌ଟିକୁ ଗଡ଼େଇଗଡ଼େଇ ନେଇ ଆଉଗୋଟିଏ ପରିତ୍ୟକ୍ତ ଯାଗାଦେଖି ଥୋଇଦେବା । ବାସ୍, ସମସ୍ୟାର ସାମାଧାନ ହୋଇଗଲା ।

ଗୃହିଣୀ ନିରବ ରହିଲେ । ବୋଧହୁଏ ସିଏ ଭାବିଲେ- ବେହିଆ ହେଲେ ଏମିତି କହନ୍ତି ।

ଦିନେ ଅଫିସର ସହକର୍ମୀ ଟି.ସାବିତ୍ରୀ ମୋର ହାତଦେଖି କହିଲା- ଆପଣଙ୍କର ଜାଗା ଖଣ୍ଡିଏ ପ୍ରାପ୍ୟର ଯୋଗଅଛି । ଆଁ- ଯୋଗଅଛି ! ମଉଳି ଯାଇଥିବା ଆଶା ପୁଣି କଅଁଳି ଉଠିଲା ।

ସେଇ ଆଶାକୁ ଧରି ମୁଁ କିଛି କମ୍ ହଇରାଣ ହରକତ ହୋଇନାହିଁ । ଟଲଷ୍ଟୟଙ୍କର କାଳଜୟୀ କାହାଣୀ "ଜଣଙ୍କର କେତେ ଜମି ଲୋଡା"ରେ ବର୍ଣ୍ଣିତ ବିଚରା କୃଷକଟି କେତେ ହଜାର ଏକର ଜମିର ମାଲିକ ବନିବାର ଦୁର୍ବାର ଆଶାରେ ଦୌଡି ଦୌଡି ପ୍ରାପ୍ତିର ଅବ୍ୟବହିତ ମୁହୂର୍ତ୍ତରେ ପ୍ରାଣତ୍ୟାଗ କଲାଭଳି ମୁଁ ବି ରାଜଧାନୀର ଏମୁଣ୍ଡରୁ ସେ ମୁଣ୍ଡକୁ ଢେର ଧାଇଁଛି ଏବଂ କରଜରେ ବୁଡ଼ି ଦୁଇଖଣ୍ଡ ଜମିକିଣି ପୁଣି ବିକିଛି ଦାୟରେ ପଡି । ମୋଟାମୋଟି ଭାଗ୍ୟ ସହାୟ କରୁନଥିବା ବ୍ୟକ୍ତିଟି ପାଇବା ପଦାର୍ଥ ବି ହାତଛଡ଼ା କରେ ଏବଂ ପୁନଃ ପ୍ରାପ୍ତି ଆଶାରେ ପୁଣି ଧାଏଁ ଯାହା ବାରମ୍ବାର ଘଟିଛି ମୋ କ୍ଷେତ୍ରରେ ।

Digitized by srujanika@gmail.com

ଦିନେ କୌଣସି ଏକ ସରକାରୀ କାମରେ ସଚିବାଳୟ ପଛଗେଟ୍ ଦେଇ ମୁଁ ରାଜୀବ ଭବନ ଯାଉଛି, ଆଇ.ଜି.ପ୍ରିଜନ୍ସ୍ ଅଫିସର ଅଫିସ୍ ସୁପରିଣ୍ଟେଣ୍ଡେଣ୍ଟ ମୋର ବନ୍ଧୁ ରାହାସ ବାବୁଙ୍କ ସହିତ ଦେଖାହେଲା । ତାଙ୍କ ସହିତ ଦି'ପଦ ସୁଖ ଦୁଃଖ ହେବାଭିତରେ ଜାଗା ଖଣ୍ଡିଏ ପାଇଁ କିପରି କଳବଳ ହେଉଛି ଜଣେଇଲି । ମୋର ଆର୍ଥିକ ସ୍ଥିତି ତାଙ୍କୁ ଭଲଭାବରେ ଜଣାଥିଲା । ଜାଗା ଖଣ୍ଡିଏ କିଣି ଘରକରିବା ମୋ ଦ୍ୱାରା ଅସମ୍ଭବ ବୋଲି ଜଣେଇ ବି.ଡି.ଏ ବିକ୍ରିକରୁଥିବା ଛୋଟଘରଟିଏ କିଣିବା ପାଇଁ ପରାମର୍ଶ ଦେଲେ । ସଙ୍ଗରେ ଅଫିସ ଡ଼ାକିନେଇ, ଘରଟିର ନକ୍ସା ବି ଦେଖାଇଲେ । ପଚାଶ ଫୁଟ୍‌ରେ ପଚିଶି ଫୁଟ ଜାଗାଟିରେ ଚାରିଶହ ପନ୍ଦର ବର୍ଗଫୁଟର ଦୁଇବଖରା ଘର । ସାମ୍ନାକୁ କୋଡ଼ିଏ ଫୁଟ୍ ଛଡା ଯାଇଛି ଛୋଟିଆ ଦାଣ୍ଡଘରଟିଏ ଆଉ ଶିଡ଼ି ଘର ନିର୍ମାଣ ପାଇଁ । ଦାମ ରଖାଯାଇଥାଏ ଦୁଇଲକ୍ଷ ଛବିଶ ହଜାର ଟଙ୍କା । ଦାମ ଶୁଣି ଚମକି ପଡ଼ିଲି ।

କେଉଁଠୁ ଆଣିବି ଏତେଟଙ୍କା ? ମୋ ଜୀବନର ଏହା ଏକ ଅସମାହିତ ସମସ୍ୟା । ତଥାପି ରଥ କେଉଁଠି ଅଟକି ନାହିଁ । ଚାଲିଛି ତା' ବାଟରେ; ସମୟ ଆଉ ମୋ ଜୀବନ ଚକ୍ର ପରସ୍ପର ପରିପୁରକ ହୋଇ ।

ମୋର ପଦ ପଦବୀ ଦେଖି ବିଡିଏ କର୍ତ୍ତୃପକ୍ଷ ଉଚ୍ଚ ଆୟକାରୀ ଅଭାବେ ମଧ୍ୟମ ଆୟକାରୀ ଘରଟିଏ ନେବାକୁ ଏକ ପ୍ରକାରେ ବାଧ୍ୟ କରୁଥିଲେ । ଭିତରଟା ଯେ ଫମ୍ପା ସେମାନେ ଅବା କେମିତି ଜାଣନ୍ତେ ?

ଶେଷରେ ନିମ୍ନ ଆୟକାରୀ ଘରଟିଏ କିସ୍ତିରେ କିଣିଲି ବି.ଡି.ଏ ପାଖରୁ । ଏଥିପାଇଁ ବି କମ୍ ହରକତ୍ ହେବାକୁ ପଡ଼ିନାହିଁ । ମୋ ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ବି.ଡି.ଏ ସେକ୍ରେଟାରୀ ମହାଶୟ ଡିଲିଂ ଆସିଷ୍ଟାଣ୍ଟଙ୍କୁ ଡାକି କହିଲେ ଯେ ଯେଉଁ ନିମ୍ନଆୟକାରୀ ଘର ଖାଲି ଅଛି ତାର ତାଲିକା ମୋତେ ଦେଖେଇବାକୁ । ମୁଁ ଦକ୍ଷିଣକୁ ମୁହଁ କରୁଥିବା ଘରର ତାଲିକା ଦେଖାଇବାକୁ କହିବାରୁ ରେଜିଷ୍ଟରଟିଏ ବାହାର କରି ପୃଷ୍ଠା ପରେ ପୃଷ୍ଠା ଓଲଟାଇଲା ବେଳେ ଗୋଟିଏ ଦକ୍ଷିଣମୁହାଁ ଘର କାହାକୁ ଦିଆଯାଇନଥିବାର ଦେଖିଲି । ଏ ଘରଟି ମୁଖ୍ୟ ଶାସନ ସଚିବଙ୍କ ପ୍ରାଇଭେଟ୍ ସେକ୍ରେଟାରୀଙ୍କ ପାଇଁ ଉଦ୍ଦିଷ୍ଟ ଥିବାରୁ ଦିଆଯାଇ ପାରିବନାହିଁ ବୋଲି ସେ ଜଣେଇ ଦେଲେ । ରାୟ ବି ଶୁଣେଇ ଦେଲେ- କସ୍ମିନ୍ କାଳେ ନୁହେଁ ।

ତାଙ୍କ ସହି ଯୁକ୍ତି ନକରି ସେକ୍ରେଟାରୀଙ୍କୁ କଥାଟି ଜଣେଇଲି । ସେ ତତ୍‌କ୍ଷଣାତ୍ ବାବୁଙ୍କୁ ଡ଼କାଇ ପଠାଇଲେ । ମୁଁ ନିରବରେ ଦେଖୁଥାଏ । ବାବୁଜଣକ ତାଙ୍କ କାନ ପାଖରେ

Digitized by srujanika@gmail.com

ଫୁସ୍‌ଫୁସ୍ କରି କଣ ସବୁ କହିଲେ । ବୋଧହୁଏ ଏହି ଘରଟିକୁ ମୋତେ ଦିଆନଯିବା ପାଇଁ ବୁଝେଇଲେ । ସେ କିନ୍ତୁ ବିରକ୍ତି ପ୍ରକାଶ କରି, ତୁରନ୍ତ ଘରଟିକୁ ମୋତେ ଆଲଟ୍ କରିଦେବା ପାଇଁ ଆଦେଶ ଦେଲେ । ମୋତେ ବି ବାବୁଙ୍କ ପାଖରେ ବସି କାମଟି କରେଇନେବା ପାଇଁ କହିଲେ ।

ବାବୁଙ୍କ ପଛେପଛେ ମୁଁ ଆସିଲି । ସେ ସିଟ୍‌ରେ ବସି ଗୁଡ଼ାଏ ତୁମ୍ବି ତୋଫାନ ଦେଖେଇଲେ । ମୁଁ ନିରବରେ ବସି ସବୁ ଶୁଣୁଥାଏ । ତାଙ୍କ କଥା ରହିଲା ନାହିଁ, ଏଇ କଥାଟିକୁ ସେ ଗ୍ରହଣ କରିପାରୁନଥାନ୍ତି ।

ଅଧଘଣ୍ଟାଏ ଗର୍ଜନ ତର୍ଜନରେ ବିତିଗଲା । ସିଗାରେଟ୍ ଖଣ୍ଡିଏ ବାହାର କରି ସେ ଟାଣିଲେ ମନଟିକୁ ଶାନ୍ତ କରିବା ନିମନ୍ତେ । ତାପରେ ଫାଇଲଟିଏ ଖୋଲି କଣ ଦିପଦ ଲେଖିଲେ ସେଥିରେ । ତାପରେ ଫାଇଲଟିକୁ ଟେବୁଲ ଉପରେ ଥୋଇ ଦେଇ କୁଆଡ଼େ ଗଲେ ଯେ, ଘଣ୍ଟାଟିଏ ବିତିଗଲା ପରେ ବି ଫେରିଲେ ନାହିଁ । ମୁଁ ନିଜେ ଜଣେ ସରକାରୀ କର୍ମଚାରୀ । ଏପରି ଅନମନୀୟତା ମୁଁ ପୂର୍ବରୁ କେଉଁଠି ଦେଖିନଥିଲି ।

ବାଧ ହୋଇ ନିକଟବର୍ତ୍ତୀ ଲେଣ୍ଡ ଅଫିସରଙ୍କୁ ଜଣାଇଲି । ଏ ଭିତରେ ତାଙ୍କ ସହିତ ପରିଚିତ ହୋଇ ସାରିଥାଏ । ସେ ପିଅନ ହାତରେ ଫାଇଲଟିକୁ ମଗେଇ ନେଇ ଆଲଟମେଣ୍ଟ ଅର୍ଡରରେ ଦସ୍ତଖତ୍ କରିଦେଲେ ।

ବାବୁ ଅବଶ୍ୟ ଫେରିଲେ ତାଙ୍କ ସିଟ୍‌କୁ ବହୁତ ଡେରିରେ । ନିଶ୍ଚିନ୍ତ ମନରେ ସିଟ୍‌ରେ ବସି ସିଗାରେଟ ଖଣ୍ଡିଏ ବାହାର କରି ପୁଣି ଟାଣିଲେ । ମନେମନେ ହୁଏତ ସନ୍ତୋଷ ପାଉଥାନ୍ତି- ମୋତେ ଦୀର୍ଘ ସମୟ ଅଯଥାରେ ବସେଇ ରଖି ଦଣ୍ଡ ଦେଇଥିବାରୁ । ମୋର ଧୃଷ୍ଟତା ପାଇଁ ଏପରି ଦଣ୍ଡଟିଏ ଆବଶ୍ୟକ ବୋଲି ତାଙ୍କ ବିଧାନରେ ବ୍ୟବସ୍ଥାଟିଏ ସେ ରଖିଥାନ୍ତି ବୋଧହୁଏ ।

ପୁଣି ଅଧଘଣ୍ଟାଏ ବିତିଗଲା । ଲେଣ୍ଡ ଅଫିସରଙ୍କ ପିଅନ ଆସି ତାଗିଦା କରିଦେଇ ଗଲା - ମୋତେ ତୁରନ୍ତ ଅର୍ଡରଟି ହସ୍ତାନ୍ତର କରିବା ପାଇଁ । ଏହା ପରର ଘଟଣା ନଲେଖିବା ମୁଁ ଉଚିତ ମନେ କରୁଛି । କ୍ଷମତା ନଥାଇ କ୍ଷମତା ଜାହିରି କରୁଥିବା ବ୍ୟକ୍ତିର ମାନସିକ ବିକଳତା କେତେ ବିଡ଼ମ୍ବିତ, ଏହାଠାରୁ ସୁନ୍ଦର ଦୃଷ୍ଟାନ୍ତ ଆଉ ବୋଧେ କିଛିନାହିଁ ।

ସଲାମ ବମ୍ବେ- ଚିତ୍ରଟିର ଗୃହହୀନ ଦମ୍ପତିଟିର ଯନ୍ତ୍ରଣାକ୍ଲିଷ୍ଟ କାହାଣୀ ଶୁଣାଇ ପ୍ରବୋଧନା ଦେଉଥିବା ବ୍ୟକ୍ତିଟି ନିମନ୍ତେ ଭୁବନେଶ୍ୱର ସହରରେ ଗୃହଲାଭ ଘଟଣା,

Digitized by srujanika@gmail.com

ଯେତେ ଛୋଟିଆ ହେଉନା କାହିଁକି, ତା' ପାଇଁ କିଛି କମ୍‌କଥା ନୁହେଁ । ଶୂନ୍ୟକୁ ଅଣ୍ଡାଳୁଥିବା ବ୍ୟକ୍ତିଟି ପାଇଁ, ପ୍ରାପ୍ୟଟି ଅତୁଳନୀୟ ନିଶ୍ଚୟ । ମୋର ଏଇ ଜୀବନ ସଂଘର୍ଷରେ ସଂଶ୍ଳିଷ୍ଟ ପ୍ରତ୍ୟେକ ଚରିତ୍ର - ହୋଇପାରନ୍ତି ସେମାନେ ଘଟଣା ଚକ୍ରରେ ମୋର ହିତାକାଂକ୍ଷୀ କିମ୍ବା ଅହିତାକାଂକ୍ଷୀ, କିନ୍ତୁ କି ଫରକ ଅଛି ସେଥିରେ ? ସେମାନେତ ଚରିତ୍ରଟିଏମାନ ଆମ ସମାଜର ।

ଭାସି ଯାଉଥିବା ମୋର ଜୀବନ ତରୀଟି କୂଳରେ ଅବଶ୍ୟ ଦିନେ ଲାଗିବ ନିଶ୍ଚୟ । କେହି ହୁଏତ ଯୁକ୍ତି କରିପାରେ-ଯଦି କୂଳରେ ନ ଲାଗି ବୁଡ଼ିଯାଏ ମଝିନଈରେ ?

ଯାଉ ! ଶୂନରୁ ଶୂନ ଫେଡ଼ିବା ଯାହା ତାକୁ ମିଶାଇବା ବି ତାହା । ହରଣ ଗୁଣନ ବି ସେଇଆ ।

• • •

Digitized by srujanika@gmail.com

ପରିଚୟ

ଭଦ୍ରକ ଜିଲ୍ଲା ଅନ୍ତର୍ଗତ ଗୁହାଳିପାଳ ଗ୍ରାମରେ ୧୯୪୨ ମସିହାରେ ଜନ୍ମ । ରାଜ୍ୟ ସଚିବାଳୟର ଅନୁଶାସନ ସଚିବ ପଦବୀରୁ ସେବା ନିବୃତ୍ତ । ବିଗତ ଚାରି ଦଶନ୍ଧିର ନିରବତା ପରେ ନିକଟରେ ଗଳ୍ପ ଦୁନିଆରେ ପୁନଃ ପ୍ରବେଶ । କେତେଗୁଡ଼ିଏ ଗଳ୍ପ ବିଭିନ୍ନ ପତ୍ରପତ୍ରିକାରେ ପ୍ରକାଶିତ ଏବଂ ପ୍ରଶଂସିତ ।

ବର୍ତ୍ତମାନ ଠିକଣା

ଏଲ୍‌ଆଇଜି-୯୯୭, କଳିଙ୍ଗ ବିହାର, ପାତ୍ରପଡ଼ା

ଭୁବନେଶ୍ୱର - ୭୫୧ ୦୧୯

ଫୋନ୍ : ୯୦୯୦୪୦୨୧୯୭

Digitized by srujanika@gmail.com